# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୧୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 13/2025 | Page 16 | ₹ 7.00

୫୧ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 228 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୩/୨୦୨୫ | Bhubaneswar, Sunday, July 13/2025 | ପୃଷ୍ଠା-୧




**ରାହୁଲଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର କେ.ଏଲ୍. ରାହୁଲ।

୧୪

୦୨

**ଖଳନାୟକ ଭୂମିକାରେ କରନ୍‌ବୀର**
ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଶିଲା' ଫିଲ୍ମରେ ଅଭିନେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ।



# ନ୍ୟାୟ ମିଳିଲାନି, ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୌନ ନିର୍ଯାତନା: ଅଧକ୍ଷ, ଅଧାପକ ନିଲମ୍ବିତ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ସମୀର କୁମାର ସାହୁ ଅନୁଚିତ ଅନୁଗ୍ରହ(ଫେବର) ଦେଖାଇବା ଆଳରେ ଜଣେ ଛାତ୍ରୀଙ୍କଠାରୁ ଶାରୀରିକ ସମ୍ପର୍କ ଚାହୁଁଥିଲେ। ଏଥିରେ ଛାତ୍ରୀ ରାଜି ନ ହେବାରୁ ତାଙ୍କୁ ଏଚ୍‌ଓଡି ବାରମ୍ବାର ମାନସିକ ନିର୍ଯାତନା ଦେବା ସହ ଅସଦାଚରଣ କରୁଥିଲେ। ଏହା ଅସହ୍ୟ ହେବାରୁ ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରି କି ୧୦ ଦିନ ତଳେ ଛାତ୍ରୀ ଥାନାର ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଅଧାପକ (ଏଚ୍‌ଓଡି) ସାହୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହେଲେ କଲେଜ ପକ୍ଷରୁ ଇଣ୍ଟରନାଲ କମିଟି ଗଠନ କରାଯାଇଛି କହି କେହି କିଛି ଶୁଣିଲେ ନାହିଁ। ନ୍ୟାୟ ନ ମିଳିବାରୁ ଛାତ୍ରୀ ଶନିବାର ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ ଘୋଷ ଏବଂ ଅଧାପକ ସାହୁଙ୍କୁ ନିଲମ୍ବନ କରାଯାଇଛି। ଏଥିସହିତ ଘଟଣାର ତଦନ୍ତ ପାଇଁ ଯୁଗ୍ମ ସଚିବସ୍ତରୀୟ କମିଟି ଗଠନ କରାଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।



ଅଧକ୍ଷ ଦିଲୀପ ଘୋଷ



ଅଧାପକ ସମୀର କୁମାର ସାହୁ

**ବାଲେଶ୍ୱର, ୧୨।୭ (ବାଞ୍ଛାନିଧି ଦେ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରୀ ଗତ ୧ ତାରିଖରେ ଉକ୍ତ ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତ ୬ ମାସ ତଳେ ଅଧାପକ ସାହୁ ଛାତ୍ରୀଙ୍କ ସହ ମନ୍ଦ ଉଦ୍ଦେଶ୍ୟରେ ସମ୍ପର୍କ ରଖିବା ପାଇଁ ଚାହିଁଥିଲେ। ମାତ୍ର ଛାତ୍ରୀଜଣକ ଏଥିରେ ଅରାଜି ହେବାରୁ ଅଧାପକ ସାହୁ ତାଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ପ୍ରଥମେ କ୍ଲାସ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ। ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ମାତାପିତାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଛାତ୍ରୀଜଣକ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ସରକାରୀ ପ୍ରଶିକ୍ଷଣ ଶିବିର ଓ ବ୍ୟକ୍ତିଗତ କାରଣରୁ ସେ ବହୁ ସମୟରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ଉଠାଇ ଅଧାପକ ଜଣକ ବାରମ୍ବାର ଛାତ୍ରୀଙ୍କୁ ଅପମାନ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏଥିରେ ଅତିଷ୍ଠ ☞ପୃଷ୍ଠା-୯



ଛାତ୍ରୀଙ୍କ ଦେହରେ ନିଆଁ ଲାଗିଥିବା ସମୟର ସିସିଟିଭି ଫୁଟେଜ୍।

## ତଦନ୍ତ ପାଇଁ ୩ ଜଣିଆ କମିଟି ଗଠିତ: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୨।୭ (ରବିନାରାୟଣ ଜେନା)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ରାଜ୍ୟ ସରକାର ତଥା ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ଅଧାପକ ସମୀର କୁମାର ସାହୁ ଏବଂ ପ୍ରିନ୍ସିପାଲ ଦିଲୀପ କୁମାର ଘୋଷଙ୍କୁ ଶନିବାର ନିଲମ୍ବନ କରାଯାଇଛି। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ ଏବଂ ବିଜେବି କଲେଜର ପ୍ରଫେସର ଝୁମ୍‌କି ରଥ ସଦସ୍ୟ ରହିଛନ୍ତି। ଏହି କମିଟି କଲେଜ ଅଧକ୍ଷ ଏବଂ ଅଭିଯୁକ୍ତ ଅଧାପକ ସାହୁଙ୍କ ସମ୍ପୃକ୍ତି ନେଇ ତଦନ୍ତ କରିବ। ଏଥିସହିତ ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଆତ୍ମାହୂତି ଉଦ୍ୟମ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**
ସମାଜବାଦର ବିଜୟ

ଆଇଆଇଏମ୍ କଲିକତାରେ ଛାତ୍ରୀଙ୍କୁ ବଳାତ୍କାର ୧୦






No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.14.07.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0169/2526


DSPL-168

ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ପୋଷଣ ଅଭିଯାନ**
**ଓଜନ ଉତ୍ସବ ୨୦୨୫-୨୬ (ପ୍ରଥମ ପର୍ଯ୍ୟାୟ)**
**୧-୨୫ ଜୁଲାଇ ୨୦୨୫**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ **"ଓଜନ ଉତ୍ସବ"** ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯାଉଛି।
- ୬ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ଓଜନ ଏବଂ ଉଚ୍ଚତା ମାପ କରାଇବାକୁ ଅନୁରୋଧ।
- ଉତ୍ସବରେ ଶିଶୁଙ୍କ ପୌଷ୍ଟିକ ସ୍ଥିତି ଚିହ୍ନଟ ହେବାପରେ ଆବଶ୍ୟକୀୟ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ନିଆଯିବ।
- ବାଦ୍ ପଡ଼ିଯାଇଥିବା ତଥା ଅପହଞ୍ଚ କିମ୍ବା ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବ।

**ସହାୟତା ନମ୍ବର**

ପୋଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଶିଶୁ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-33001/13/0098/2526

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

## ଦୁର୍ବୃତ୍ତଙ୍କ ଆକ୍ରମଣରେ ୱେବ୍ ଚ୍ୟାନେଲ ଖବରଦାତାଙ୍କ ମୃତ୍ୟୁ

ମାଲକାନଗିରି,୧୨।୭(ନୃସିଂହ ଚରଣ ମହାନ୍ତି): ମାଲକାନଗିରି ଜିଲାରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସି.ଏଚ୍.ନରେଶ। ମୋଟୁ ଥାନା ମୁରଲୀଗୁଡା ଗ୍ରାମ ନିକଟରେ ନରେଶ ଓ ଅନ୍ୟ କେତେଜଣ ଖବରଦାତା ଏକ କାର ପାଖରେ ଠିଆହୋଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଆସି ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲେ। ନରେଶଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଖବରଦାତା ସମ୍ମିଳନୀ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ପ୍ରତିଭା ସମ୍ମାନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା।

### କଟକ
- ୪୨ ମୌଜା ଅନ୍ତର୍ଗତ ଭଗବତୀ ପୀଠରେ ବିଷ୍ଣୁପ୍ରିୟା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ବନ ମହୋତ୍ସବ, ସ୍ଥାନ: ଶ୍ରୀରାମ ଭଗବତୀ ପୀଠ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- କୁମ୍ଭକାର ମହାସଂଘ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ରୁଦ୍ର ମହାରାଜ ଦକ୍ଷ ପ୍ରଜାପତିଙ୍କ ଜୟନ୍ତୀ, ସ୍ଥାନ: କୁମ୍ଭକାରସାହି ଦୁର୍ଗାମଣ୍ଡପ, ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଓ କ୍ଷୁଦ୍ର କବିତା ଆସର, ସ୍ଥାନ: ମଧୁସୂଦନ ଜେନା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ କଟକ ସେଣ୍ଟ୍ରାଲର ୩୩ତମ ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ରଶ୍ମି ପ୍ୟାଲେସ, ଚହଟା, ବିଡ଼ାନାସୀ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଣୀହାଟ ହାଇସ୍କୁଲ ୧୯୮୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ଆଶୁତୋଷ ମଣ୍ଡପ, ଶଙ୍କରପୁର ଉପରସାହି, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗିରିନାରି ବନ୍ତ, ଲୋକନାଥ ରୋଡ, ସମୟ: ପୂର୍ବାହ୍ନ ୧୧ଟା।
- କବି କୁମାର ମହାନ୍ତିଙ୍କ ସ୍ୱନକ୍ଷତ୍ର ଦିବସ ସମାରୋହ, ସ୍ଥାନ: ପୋଲିସ କ୍ଲବ, ଦର୍ଜିପୋଖରି ଛକ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ହେରିଟେଜ ୱାକ୍, ସ୍ଥାନ: ବିଭିନ୍ନ ମଠ ପରିସର, ସମୟ: ଅପରାହ୍ନ ୪ଟା।
- ଶିଶୁ ସମାଚାରର ଅଷ୍ଟାଦଶ ଶିଶୁପ୍ରତିଭା ମହୋତ୍ସବର ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର
- ମେଘମହ୍ଲାର କବିତା ପାଠ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ:ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ:ଗୁରୁଶକ୍ତି ହୋଟେଲ ସମ୍ମିଳନୀ କକ୍ଷ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦର କବିତା ଆସର, ସ୍ଥାନ:ଗଡ଼ପୋଖରୀ ୟୁପି ସ୍କୁଲ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା,ସ୍ଥାନ:ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷ, ରୂପସା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ଅଧ୍ୟାପକ ସ୍ୱର୍ଗତଃ କୀର୍ତ୍ତନ ବିହାରୀ ଦାଶଙ୍କ ସ୍ମୃତିସଭା,ସ୍ଥାନ:ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ମାର୍କୋଣା, ସିମୁଳିଆ, ସମୟ:ଅପରାହ୍ନ ୪ଟା।

### ଭଦ୍ରକ
- ଟାଇମପାସ୍ ପୁସ୍ତକ ପର୍ବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

### ମୟୂରଭଞ୍ଜ
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ, ବାରିପଦା,ସମୟ: ସକାଳ ୮ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ,ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କେନ୍ଦ୍ରର ସଂଲଗ୍ନ କକ୍ଷ,ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା-୨୦୨୫ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ସିପ୍ରୋନ ଇନ ହୋଟେଲ ବିବାହ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଷୁଦ୍ର ଚଳଚ୍ଚିତ୍ର 'ପ୍ରକୃତି' ଲୋକାର୍ପଣ ଉତ୍ସବ,ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ,ସମୟ: ଅପରାହ୍ନ ୨ଟା୧୫।
- ଜାତୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

### ଢେଙ୍କାନାଳ
- ସନ୍ଧ୍ୟାତାରା ପକ୍ଷରୁ ମାସିକ ବିଶେଷ ଆସର, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଢେଙ୍କାନାଳ ଲକ୍ଷ୍ମୀପୂଜା ପାଇଁ ଜରୁରୀ ବୈଠକ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କେନ୍ଦ୍ରାପଡ଼ା
- ବନ ମହୋତ୍ସବ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଚ୍ଚାମୁଣ୍ଡାଇ, ସମୟ:ପୂର୍ବାହ୍ନ ୧୦ଟା।

### ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବୈଠକ, ସ୍ଥାନ: ରାୟଗଡ଼ା କିସ୍ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଆର୍‌ଏସ୍‌ଏସ୍‌ର ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଝରିଗାଁ ମାଉସୀମା ମନ୍ଦିର ପରିସର, ସମୟ: ପୂର୍ବାହ୍ନ୧୦ଟା।
- ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

### କୋରାପୁଟ
- କିଶୋରୀ ବାଳିକାଙ୍କ ତାଲିମ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ଏସ୍‌ଆର ମଲ୍ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସମ୍ବଲପୁର
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗୀତା କେନ୍ଦ୍ର, ସମୟ : ସକାଳ ୯ଟା।

### ବଲାଙ୍ଗୀର
- ନବନୀତା ଯୁବ ସାହିତ୍ୟ ସମାବେଶ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ଏମ୍ କଲେଜର ଗ୍ରାଜୁଏଶନ୍ ଡେ ୨୦୨୫ ପାଳନ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଅଫ୍ ଇଲିଟର ଇନ୍‌ଷ୍ଟାଲେଶନ୍ ସେରେମନି, ସ୍ଥାନ: ସରୋଜିନୀ ରେସିଡେନ୍ସି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

### ରାଉରକେଲା
- ଗୃହରକ୍ଷୀ ପଦବୀ ପାଇଁ ଦକ୍ଷତା ପରୀକ୍ଷା, ସ୍ଥାନ: ରିଜର୍ଭ ପଡ଼ିଆ, ସମୟ: ପ୍ରାତଃ ୫ଟା।
- ସମ୍ଭାବନା ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ବରଟୋଲି, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ରାଉରକେଲା ଅର୍ବାନର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୯, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଲାୟନ୍ସ କ୍ଲବର ବାର୍ଷିକ ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

### କଳାହାଣ୍ଡି
- କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ ଉଇସ୍‌ଡମ୍ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ଖଣ୍ଡୁରା ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଛକ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବଳହୀନ ରାଶ୍ୟାଧିପ କେତୁ ଯୁକ୍ତ ଯୋଗୁ ସ୍ୱାସ୍ଥ୍ୟହାନି ସହ ପାରିବାରିକ କଳହର କାରଣ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପରିବହନ, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ବାଧା ରହିବ ନାହିଁ। ବନ୍ଧୁ ଆସିବେ, ମାତ୍ର ଫେରିବା ସମୟକୁ ବହୁତ କଥା ଶୁଣେଇ ପାରନ୍ତି । ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ।

**ବୃଷ** ଶୁକ୍ର ନିଜ ଗୃହରେ ରହିଥିବାରୁ ଅର୍ଥ ଲାଭ ସହିତ ମଜାମଉଜରେ ଦିନଟି କଟିବ। ବୁଧାଦିତ୍ୟ ଯୋଗଜନିତ ସୁନ୍ଦର ମାଦକତାଭରା ପାରିବାରିକ ଜୀବନକୁ ଉପଭୋଗ କରିବେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** କର୍ମାଧିପ ରାଶିରେ ଅବସ୍ଥାନ କରି ସ୍ଥଗିତ କାର୍ଯ୍ୟ ସମୂହକୁ ପୂର୍ଣ୍ଣାଙ୍ଗ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଂକୋଚବଶତଃ ବନ୍ଧୁଙ୍କୁ ମନ କଥା କହିପାରିବେ ନାହିଁ। ମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଆତ୍ମୀୟଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ରହିପାରନ୍ତି।

**କର୍କଟ** ଶୁକ୍ରଙ୍କ ସୁପ୍ରଭାବରେ ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା, ପ୍ରତିବନ୍ଧକ ସାଙ୍ଗକୁ ବ୍ୟସ୍ତତା ବଢ଼ିଯିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ ; କିନ୍ତୁ ନିର୍ମାଣ, ପରିବହନରେ ସମସ୍ୟା ଦେଖାଦେବ। କଚେରି ମାମଲାରେ ବିଜୟୀ ହେବେ ଏବଂ ସମ୍ପର୍କୀୟଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** କର୍ମସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ କର୍ମାରମ୍ଭ ସକାଶେ ମନ ବଳାଇବେ। କିନ୍ତୁ ଜୀବିକା ନିର୍ବାହଜନିତ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପାପଗ୍ରହଦୃଷ୍ଟ ଗୁରୁଜନିତ ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜିହିଁ ସକ୍ଷମ ହେବେ।

**ତୁଳା** କର୍ମାଧିପ ଚନ୍ଦ୍ର ଭାଗ୍ୟାଧିପ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଲାଭ କରିବେ। ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଚାକିରିରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲକାମ କଲେ ସୁଦ୍ଧା ପରିବାରରେ ସ୍ନେହ, ଶ୍ରଦ୍ଧା, ଆଦର ଦୁର୍ଲଭ ହୋଇପଡ଼ିବ।

**ବିଛା** ଭାଗ୍ୟାଧିପ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଅଭିଳାଷ ପୂରଣ ହେବାରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇଯିବ।

**ଧନୁ** ରାଶ୍ୟାଧିପଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଆପଣଙ୍କ ସୁସ୍ଥ ବିଚାରଧାରା ହିଁ ସୁଫଳର ପରିଚାୟକ ହେବ। ଏତଦ୍ ବ୍ୟତୀତ ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ସଫଳତା ମିଳିବ। ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାର ଆବଶ୍ୟକତା ଅନୁଭବ କରିବେ।

**ମକର** ସପ୍ତମାଧିପତି ରାଶିରେ ଅବସ୍ଥାନ କରି ପାରିବାରିକ ଏବଂ ବ୍ୟବସାୟିକ ଉନ୍ନତି ସହ ଯାତ୍ରାରେ ଲକ୍ଷ୍ୟପୂରଣ କରିବେ। ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ, ମାତ୍ର ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ। ଭ୍ରମଣ ପରିପ୍ରେକ୍ଷୀରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ।

**କୁମ୍ଭ** ରାଶିରେ ରାହୁ ଥିବାରୁ ପରୋକ୍ଷ ଶତ୍ରୁତାଜନିତ ସମସ୍ୟାରେ ମନକୁ ଭାରାକ୍ରାନ୍ତ କରାଇବ। ବାଣିଜ୍ୟ, ନିର୍ମାଣ, ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ବନ୍ଧୁମାନଙ୍କ ମଧ୍ୟସ୍ଥତାରେ ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଶନିଙ୍କ ପ୍ରଭାବରେ ଆଜି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତାପ କରିପାରନ୍ତି। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ପରିଲକ୍ଷିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ବିବାଦ ଭିତରକୁ ଟାଣି ହୋଇଯିବେ। କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୧୩ ତାରିଖ, କର୍ମବୀର ଗୌରୀ ଶଙ୍କରଙ୍କ ଜୟନ୍ତୀ, ଶ୍ରାବଣ କୃଷ୍ଣ ତୃତୀୟା ରବିବାର। ରାଶିନକ୍ଷତ୍ର- ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୪ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୭ମି. ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

# ଖଳନାୟକ ଭୂମିକାରେ କରନ୍‌ବୀର

ମୁମ୍ବାଇ: ଅଭିନେତା ହର୍ଷବର୍ଦ୍ଧନ ରାଣେଙ୍କ ଆଗାମୀ 'ଶିଳା' ଫିଲ୍ମରେ ଅଭିନେତା ତଥା ବିଗବସ୍ ୧୮ର ବିଜେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କର ପ୍ରଥମ ଲୁକ୍ ଉପରୁ ଶନିବାର ପରଦା ଉଠିଛି। 'ଶିଳା'ରେ କରନ୍‌ବୀର 'ଜହରାକ୍' ନାମରେ ଏକ ଖଳନାୟକ ଚରିତ୍ରକୁ ନିଭାଇବେ। ନିଜର ଏହି ଲୁକ୍‌କୁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଲୁକରେ ତାଙ୍କୁ ଆଦୌ ଚିହ୍ନି ହେଉନି। ଏହି ପୋଷ୍ଟରରେ କରନ୍‌ବୀରଙ୍କ ଭୟଙ୍କର ଅନ୍ଦାଜକୁ ସିନେପ୍ରେମୀ ବେଶ୍ ପସନ୍ଦ କରିଛନ୍ତି। ପୋଷ୍ଟରରେ ସେ ରକ୍ତାକ୍ତ ଶରୀର, ଲମ୍ବା କେଶ, ହାତରେ ଖଣ୍ଡା ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳିଛି। ଓମଙ୍ଗ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସାଦିଆ ଖତିବ ନଜରକୁ ଆସିବେ। ୨୦୨୬ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମର କାହାଣୀକୁ ସମୀର ଯୋଶୀ ଏବଂ ଆରମ୍ଭ ଏମ୍ ସିଂ ଲେଖିଛନ୍ତି।


କରନ୍‌ବୀର ମେହରା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରୁଷି ଯାଇ ବାଡ଼ି ପଟରେ ବସୁ**
**କେହି ନ ଡାକିଲେ ମନକୁ ଆସୁ ।**

ସାଧାରଣତଃ ମାନ ଅଭିମାନ ବା ରାଗ ରୁଷା ନିଜ ଲୋକଙ୍କ ଉପରେ ହିଁ କରାଯାଇଥାଏ। ତେବେ ହରଘଡ଼ି ରୁଷୁଥିବା ବ୍ୟକ୍ତିଙ୍କୁ କେହି ଖୋସାମତ କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରାତି ପାହିଲାଣି ରାବଇ କାଉ**
**ଉଠ ଉଠ ମଠ ନ କର ଆଉ ।**

ରାତି ନ ପାହୁଣୁ କାଉ କା' କରେ। ଉଷାକାଳେ ବା ପ୍ରାତଃକାଳେ କାଉର ରାବ ନିଦ୍ରିତ ଲୋକଙ୍କୁ ଜାଗ୍ରତ କରାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁହଁ ଖୋଲିଲେ ଅର୍ଚ୍ଚନା ନାଗ

## ବିଜେଡି ନେତା, ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ

- ଟଙ୍କାରେ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିଲା
- 'ଜେଲରେ ଦିଆଯାଉଥିଲା ନିର୍ଯାତନା'

ଭୁବନେଶ୍ୱର,୧୨।୭(ସତ୍ୟଜିତ୍ ରାଉତ)

ବ୍ଲାକମେଲ୍ କରି ଟଙ୍କା ମାଗିବା ମାମଲାରେ ଜେଲ ଯାଇଥିବା ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଗୁମର ଖୋଲିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବାବେଳେ ଶନିବାର ଖବରଦାତା ସମ୍ମିଳନୀ କରି ଅର୍ଚ୍ଚନା ବିଜେଡି ନେତା ଓ ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ରୋଟାରି କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ସହ ବାପା ସୁରେନ୍ଦ୍ର ନାଗ, ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

ଅର୍ଚ୍ଚନାଙ୍କ କହିବା ହେଲା 'ବିଜେଡିର କିଛି ଆଗଧାଡ଼ିର ନେତା ଓ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ପଛରୁ ଛୁରି ମାରିଥିଲେ।' ଟଙ୍କା ଦେଇ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିବାର ପ୍ରମାଣ ତାଙ୍କୁ ମିଳିଛି ବୋଲି ଅର୍ଚ୍ଚନା କହିଛନ୍ତି। ଅର୍ଚ୍ଚନା ଆହୁରି କହିଛନ୍ତି ଯେ, ତାଙ୍କୁ ନେଇ ବହୁତ କାହାଣୀ ଉପସ୍ଥାପନା କରାଯାଇଥିଲା। ସେ ଦୋଷୀ କି ନିର୍ଦ୍ଦୋଷ, କୋର୍ଟ ଏହାର ପ୍ରମାଣ କରିବେ। ୨୦୨୨ ଅକ୍ଟୋବର ୬ରେ ତାଙ୍କୁ ଗିରଫ କରାଯାଇଥିବା ଦେଖାଗଲା। ଅକ୍ଟୋବର ୪ରୁ ବାଲିଅନ୍ତା ଥାନାରେ ତାଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ସମସ୍ତେ ସାଦା ପୋଷାକରେ ଥିବାରୁ ସେମାନଙ୍କୁ ସେ ଚିହ୍ନି ପାରି ନ ଥିଲେ। ଅଭିଯୋଗକାରିଣୀ କିଏ ଏବଂ ଅଭିଯୋଗ ବାବଦରେ ସେ ୬ଦିନ ପରେ ଜେଲରେ ଜାଣିଥିଲେ। ଖଣ୍ଡଗିରି ଥାନାରେ ମାମଲା ହୋଇଥିବା ବେଳେ ବାଲିଅନ୍ତା ଥାନାକୁ ତାଙ୍କୁ କାହିଁକି ଅଣାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ପରିବାର ସଦସ୍ୟମାନଙ୍କୁ ୪୮ଘଣ୍ଟା ଅଟକ ରଖାଯାଇଥିଲା। ପୋଲିସ ତାଙ୍କ ଘରର ସିସିଟିଭି ହାର୍ଡ ଡିସ୍କକୁ ନଷ୍ଟ କରିଦେଇଥିଲା। କିଛି ବଡ଼ବଡ଼ିଆ, ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱମାନେ ଏହି ଘଟଣାରେ ସମ୍ପୃକ୍ତ ଥାଇ ତାଙ୍କୁ ପଛରୁ ଛୁରି ମାରିଛନ୍ତି। ଗିରଫ ହେବାର ବହୁତ ଦିନ ପରେ ସେ ଏନେଇ ଜାଣିବାକୁ ପାଇଥିଲେ। ବିଜେଡି ନେତା ବବି ଦାସ, ମାନସ ମଙ୍ଗରାଜ, କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆ, ଡିସିପି ପ୍ରତୀକ ସିଂ, ଏସିପି ହିମାଂଶୁ ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀମାନେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ଏହା ଅଭିଯୋଗକାରିଣୀ ତାଙ୍କୁ କହିଥିବା ବେଳେ ତାଙ୍କ ପାଖରେ କଲ୍ ରେକର୍ଡିଂ ରହିଛି। ଏପରିକି ସେମାନେ କ୍ଷମତାର ଅପବ୍ୟବହାର କରି ଜେଲକୁ କିଣି ଦେଇଥିଲେ। ରାତାରାତି ଜଣେ ଜେଲରଙ୍କୁ ତାଙ୍କ ପାଇଁ ବଦଳି କରାଯାଇଥିଲା। ଜେଲ ଭିତରେ ତାଙ୍କୁ ବିଷ ଇଞ୍ଜେକ୍ସନ ଦେଇ ହତ୍ୟା କରିବାକୁ ଚେଷ୍ଟା ହୋଇଥିବାବେଳେ କିଛି ବିଚାରାଧୀନ କଏଦୀଙ୍କ ସାହାଯ୍ୟରେ ସେ ବଞ୍ଚିଥିଲେ। ଜେଲ ଭିତରକୁ ଡିସିପି ସିଂ, ଅତିରିକ୍ତ ଡିସିପି ପ୍ରକାଶ ପାଲ, ଏସିପି ହିମାଂଶୁ ବାରମ୍ବାର ଯାଉଥିଲେ। ତାଙ୍କୁ ପାଗଳୀ ବୋଲି ସ୍ୱୀକାର କରିବାକୁ ବାଧ୍ୟ କରାଯାଇଥିଲା। ଏପରିକି ରାଜ୍ୟ ଛାଡ଼ି ଯିବାକୁ ଚାପ ମଧ୍ୟ ପକାଯାଉଥିଲା ବୋଲି ଅର୍ଚ୍ଚନା କହିଛନ୍ତି। ତେବେ ବିଜେଡି ସରକାର ଯିବା ପରେ ଆଉ ଟଙ୍କା ଦିଆଯାଉ ନ ଥିବା ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ବେହେରା କଲ୍‌ରେ କହିଥିବା ସେ କହିଛନ୍ତି। ଅର୍ଚ୍ଚନାଙ୍କ ଏଭଳି ଅଭିଯୋଗ ପରେ ବିଜେଡି ନେତା ମାନସ ମଙ୍ଗରାଜ କହିଛନ୍ତି, ଅର୍ଚ୍ଚନା କିଏ ସେ ଜାଣିନାହାନ୍ତି। ଷଡ଼ଯନ୍ତ୍ର କରି ତାଙ୍କ ନାଁ କୁହାଯାଉଛି ବୋଲି ସେ କହିଛନ୍ତି। ଏନେଇ ସମ୍ପୃକ୍ତ ଅନ୍ୟ ନେତା ଓ ପୋଲିସ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



# ଚାଷଜମିରେ ଗଛ ଲଗାଇଲେ ଚାଷୀଙ୍କ ଆୟ ଦ୍ୱିଗୁଣ ହେବ

## ମାର୍ଗଦର୍ଶିକା କାର୍ଯ୍ୟକାରୀ ପାଇଁ କେନ୍ଦ୍ରର ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

କୃଷକଙ୍କ ଆୟ ଦ୍ୱିଗୁଣ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଚାଷ ଜମିରେ ଗଛ ଲଗାଇବା ପରେ ଏହାକୁ କାଟିବା ଏବଂ ପରିବହନ କରିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଗୁରୁବାର ଅବଗତ କରାଯାଇଛି।

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଫରେଷ୍ଟ ଡିଆଇଜି ଅମିତ ଆନନ୍ଦ ପ୍ରଦାନ କରିଥିବା ପତ୍ରରେ ଏକ ନିୟମାବଳୀକୁ ନେଇ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ବିଶେଷ ପ୍ରଜାତି ଗଛ ପାଇଁ ପୂର୍ବରୁ ଦିଆଯାଇଥିବା ଗଛ କାଟିବା ବା ପରିବହନ ପାଇଁ ଏହି ନିୟମ ଲାଗୁ କରିପାରିବେ। ରାଜ୍ୟ ସରକାର ଚାହିଁଲେ କେନ୍ଦ୍ରର ନିୟମାବଳୀକୁ ପରିବର୍ତ୍ତନ କରିପାରିବେ। ଏହି ନୀତି ଦ୍ୱାରା କୃଷକ, ଉଦ୍ୟୋଗୀ ଓ ନିବେଶକମାନଙ୍କ ପାଇଁ ବ୍ୟବସାୟର ଅନୁକୂଳ ପରିବେଶ ସୃଷ୍ଟି କରାଯାଇପାରିବ । ଏହା ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି, ମାଟିର ଜୈବ କାର୍ବନ ସଂରକ୍ଷଣ, ଜଳ ସଂରକ୍ଷଣ ଏବଂ କାର୍ବନ ଅବଶୋଷଣ ଲକ୍ଷ୍ୟ ହାସଲ କରାଯାଇପାରିବ। ଏହା ସହିତ କାଠ, ଜାଳେଣି ଓ ପଶୁଖାଦ୍ୟ ଚାହିଦା ପୂରଣ କରି ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରାଯାଇ ପ୍ରାକୃତିକ ଜଙ୍ଗଲ ଉପରୁ ଚାପ କମା ଯାଇପାରିବ।

ନିୟମାବଳୀ ଅନୁସାରେ, ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଉଦ୍ଦେଶ୍ୟରେ ବର୍ଗୀକୃତ ଜମିରେ ବନୀକରଣ ପାଇଁ ପ୍ରୋତ୍ସାହନ ମିଳିବ। କୃଷି ଜମିର ମାଲିକ ବା ସଂସ୍ଥା ଯେଉଁମାନେ ଜାତୀୟ କାଠ ପରିଚାଳନା ପ୍ରଣାଳୀ (ଏନ୍‌ଟିଏମ୍‌ଏସ୍)ରେ ପଞ୍ଜୀକରଣ କରିବେ। ରାଜ୍ୟସ୍ତରୀୟ କମିଟି (ଏସ୍‌ଏଲ୍‌ସି)୨୦୧୬ର କାଠ ଆଧାରିତ ଶିଳ୍ପ ନିର୍ଦ୍ଦେଶାବଳୀ ଅନୁଯାୟୀ ଗଠିତ ରାଜ୍ୟସ୍ତରୀୟ କମିଟି ଏହି ନିୟମ ଅଧୀନରେ କାର୍ଯ୍ୟ କରିବ। କୃଷି ବନୀକରଣ ପ୍ରୋତ୍ସାହନ, କାଠ ଉତ୍ପାଦନ ବୃଦ୍ଧି ଓ ଗଛ କାଟିବା ତଥା ପରିବହନ ପ୍ରକ୍ରିୟା ସରଳୀକରଣ ନେଇ ପରାମର୍ଶ ଦେବା ରାଜ୍ୟସ୍ତରୀୟ କମିଟିର ଦାୟିତ୍ୱ ରହିବ। ଆଧୁନିକ ନର୍ସରି ମାଧ୍ୟମରେ ଉଚ୍ଚମାନର ଚାରା ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ। ଏହି ନିୟମାବଳୀ କୃଷକମାନଙ୍କୁ ଉଚ୍ଚମୂଲ୍ୟର କାଠ ଉତ୍ପାଦନ କରି ଆର୍ଥିକ ଲାଭ ପାଇବାକୁ ସହାୟକ ହେବ। ଏହା ସହିତ, କାଠ ଆଧାରିତ ଶିଳ୍ପ ସହିତ ବଜାର ସଂଯୋଗ ସ୍ଥାପନ କରି କୃଷକମାନଙ୍କୁ ନିୟମିତ ଆୟର ସୁଯୋଗ ପ୍ରଦାନ କରାଯିବ। ଏହା ଭାରତକୁ କାଠ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ସହ ବିଶ୍ୱ ବଜାରରେ ସ୍ଥାୟୀ କାଠ ଉତ୍ପାଦନରେ ନେତୃତ୍ୱ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ନିୟମାବଳୀରେ କୁହାଯାଇଛି।

# ମଦ ପିଇ ୨ ଜଣଙ୍କର ମୃତ୍ୟୁ ନେଇ ଚର୍ଚ୍ଚା

ଢେଙ୍କାନାଳ,୧୨।୭ (ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବମ୍ପା ଗ୍ରାମରେ ମଦ ପିଇ ଗତ ୨୪ଘଣ୍ଟା ମଧ୍ୟରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ଚର୍ଚ୍ଚା ଜୋର ଧରିଛି। ମୃତ ବ୍ୟକ୍ତିମାନେ ହେଲେ ମନ୍ମଥ ସାମଲ ଓ ପ୍ରଫୁଲ୍ଲ ସାମଲ। ଗୁରୁତର ଅସୁସ୍ଥ ଥିବା ୨ଜଣଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସପ୍ତାହକ ମଧ୍ୟରେ ପ୍ରାୟ ୪ ଜଣଙ୍କର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି। ମଦ ପିଇବା ପରେ ଛାତିରେ ଯନ୍ତ୍ରଣା ହେବା ସହିତ ଅଣନିଶ୍ୱାସୀ ହୋଇ ପ୍ରବଳ ବାନ୍ତି ହେଉଥିବା ଅସୁସ୍ଥ ସୁଶାନ୍ତ ମାଝୀ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଅବକାରୀ ବିଭାଗ ଉପ ଅଧୀକ୍ଷକ ଦାୟିତ୍ୱରେ ଥିବା ଆରିୟା ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା । ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦିଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଉଭୟଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି।

# ଆଉ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବି ନାହିଁ: ଜୁଏଲ

ସମ୍ବଲପୁର,୧୨।୭
(ପ୍ରମୋଦ ବହିଦାର)

ଆଗକୁ ଆଉ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ହେବିନାହିଁ। ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ରୋଜଗାର ମେଳା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ସେ କହିଛନ୍ତି, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ୬ ଥର ଏମ୍‌ପି ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ସାରିଛି। ପ୍ରତ୍ୟେକ ଥର ମତେ ଦିଆଯାଇଥିବା ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରି ଆସିଛି। ତେଣୁ ଜୀବନରେ କୌଣସି ପରିସ୍ଥିତିରେ ମଧ୍ୟ ମୋର ପଶ୍ଚାତ୍ତାପ କରିବାର କିଛି ନାହିଁ। ବର୍ତ୍ତମାନ ମୋର ରାଜନୈତିକ ଜୀବନରେ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ। ତେଣୁ ଆଗକୁ ଆଉ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମୋର ଇଚ୍ଛା ନାହିଁ। ନୂତନ ପିଢ଼ିଙ୍କୁ ସୁଯୋଗ ଦେବା ମୋର ଇଚ୍ଛା। ତେବେ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ନ ହେଲେ ମଧ୍ୟ ଦଳ ଛାଡ଼ିବି ନାହିଁ। ଦଳ ପାଇଁ କାର୍ଯ୍ୟ ଅବ୍ୟାହତ ରଖିବି। ପ୍ରତ୍ୟକ୍ଷ ନିର୍ବାଚନ ପରିବର୍ତ୍ତେ ରାଜ୍ୟ ସଭା ସଦସ୍ୟ ବା ରାଜ୍ୟପାଳ ହେବାରେ କୌଣସି ଅସୁବିଧା ନାହିଁ। ପ୍ରତ୍ୟକ୍ଷ ନିର୍ବାଚନରୁ ଦୂରେଇ ରହିବା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି।



ଜୁଏଲ ଓରାମ

ମାତ୍ର ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ବା ଦଳ ପକ୍ଷରୁ ବାଧ୍ୟ କରାଗଲେ ଅନିଚ୍ଛା ସତ୍ତ୍ୱେ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ୍ୟ ହେବି ବୋଲି ଜୁଏଲ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୯୮ ମସିହାରେ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ପ୍ରଥମ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ ଜୁଏଲ ଓରାମ। ୧୯୯୯ ମସିହାରେ ଗଠିତ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ନୂତନ ଭାବେ ଗଢ଼ା ଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସେ ନିଯୁକ୍ତ ହୋଇଥିଲେ।

# ବଜ୍ରପାତରେ ୨ ମହିଳାଙ୍କ ସମେତ ୩ ମୃତ

**ନୀଳଗିରି, ୧୨।୭(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ରିଷିଆ ଡ୍ୟାମର ରାଇପାଳସ୍ଥିତ ଶାଖା କେନାଲ ମରାମତି କାମ ଚାଲିଥିବା ବେଳେ ଶନିବାର ବଜ୍ରପାତ ହେବାରୁ ୨ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ନଳବାହାର ଅଞ୍ଚଳର ଜେସିବି ଚାଳକ ଅଜିତ କୁମାର ହାଜିରା(୨୮)।

ସୂଚନା ଅନୁଯାୟୀ, କେନାଲ ମରାମତି କାର୍ଯ୍ୟରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିଲେ। ବର୍ଷାହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲିଆସିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ସମସ୍ତେ ବସି ଖାଉଥିବା ବେଳେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ୩ଜଣ ଚେତାଶୂନ୍ୟ ହୋଇପଡିଥିଲା ବେଳେ ଆଉ ଦୁଇଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶ୍ରମିକମାନେ ୩ଜଣଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ଏବଂ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।










ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ସମାଜବାଦର ବିଜୟ



ଆକାର ପଟେଲ

ଚଳିତ ମାସରେ ଆମେରିକାର ନ୍ୟୁୟର୍କ ସହରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଘଟଣା ସାମ୍ନାକୁ ଆସିଛି। ୩୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମାମଦାନି ସହରର ମେୟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥିତ୍ୱ (ନୋମିନେସନ) ହାସଲ କରିଛନ୍ତି। ଉକ୍ତ ନୋମିନେସନ ହେଉଛି ଏକ ପ୍ରକାର ସେମିଫାଇନାଲ ମ୍ୟାଚ୍। କିନ୍ତୁ ନ୍ୟୁୟର୍କ ଡେମୋକ୍ରାଟିକ୍ ପାର୍ଟି ସମର୍ଥକଙ୍କ ସହର ହୋଇଥିବା ଯୋଗୁ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଦୌଡ଼ରେ ସେ ଆଗରେ ରହିଛନ୍ତି ଏବଂ ଜିତିବା ସମ୍ଭାବନା ମଧ୍ୟ ଅଛି। ଜୋହରାନ ହେଉଛନ୍ତି ଜଣେ ଗୁଜରାଟୀ ମୁସଲମାନ ପରିବାରର ସଦସ୍ୟ। ତାଙ୍କ ପିତା ଜଣେ ବିଶ୍ୱବିଦ୍ୟାଳୟ ପ୍ରଫେସର ଏବଂ ସେ ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ 'ଗୁଡ୍ ମୁସଲିମ, ବ୍ୟାଡ୍ ମୁସଲିମ' ପୁସ୍ତକ ଲେଖିଥିଲେ। ଜୋହରାନଙ୍କ ମା' ହେଉଛନ୍ତି 'ମନ୍ସୁନ୍ ୱେଡ଼ିଂ' ଏବଂ 'ସଲାମ ବମ୍ବେ'ର ନିର୍ଦ୍ଦେଶିକା ମୀରା ନାୟାର। କିନ୍ତୁ ଜୋହରାନଙ୍କ ସଫଳତା ପଛରେ ଏହି ପାରିବାରିକ ପୃଷ୍ଠଭୂମି ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେ ତାଙ୍କ ପାର୍ଟିର ଚାଣ୍ଡୁଆ ସମର୍ଥକ ନୋ ଆଣ୍ଡ୍ର୍ୟୁ କ୍ୟୋମୋଙ୍କୁ ପରାସ୍ତ କରିଛନ୍ତି, ଯିଏ ନ୍ୟୁୟର୍କ ରାଜ୍ୟର ଗଭର୍ନର ଥିଲେ। ଜୋହରାନଙ୍କ ଏଭଳି ସଫଳତା ଗୁରୁତ୍ୱପୂର୍ଣ୍ଣ, କାରଣ ନ୍ୟୁୟର୍କ ମେୟରଙ୍କର ବହୁତ କ୍ଷମତା ଅଛି। ମେୟର ୧୦୦ ବିଲିୟନ ଡଲାରରୁ ଅଧିକ ବଜେଟର ତଦାରଖ କରିଥାନ୍ତି, ଯାହା ଅଧିକାଂଶ ଦେଶର ବଜେଟଠାରୁ ବେଶି। ବିଚାରପତି, ପୋଲିସ କମିଶନର ଏବଂ ସହରର ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ମୁଖ୍ୟ, ବୋର୍ଡ ଓ କମିଶନଗୁଡ଼ିକର ସଦସ୍ୟଙ୍କୁ ମଧ୍ୟ ମେୟର ନିଯୁକ୍ତ କରନ୍ତି।

ଜୋହରାନଙ୍କ ସଫଳତା ପଛର ପ୍ରଥମ ବିଷୟ ହେଉଛି, ତାଙ୍କ ବିଚାରଧାରା ସମାଜବାଦ ଓ ନିଜକୁ ସମାଜବାଦୀ ଭାବେ ଉପସ୍ଥାପନ କରନ୍ତି। ଆମେରିକାରେ ଏହି ଶବ୍ଦକୁ କେହି ଗ୍ରହଣ କରନ୍ତି ନାହିଁ, କାରଣ ସାମ୍ୟବାଦ ବିରୋଧରେ ସମାଜବାଦର ଇତିହାସ ରହିଆସିଛି। କିନ୍ତୁ ଜୋହରାନ ସମାଜବାଦର ସମର୍ଥକ ବୋଲି ଗର୍ବ କରନ୍ତି ଏବଂ ସେ ଶ୍ରମିକଶ୍ରେଣୀ ଓ ନ୍ୟୁୟର୍କ ପ୍ରବାସୀଙ୍କ ପ୍ରତିନିଧିତ୍ୱ କରିବା ପାଇଁ ସେଠାରେ ଅଛନ୍ତି ବୋଲି କହନ୍ତି, କିନ୍ତୁ ଧନୀଙ୍କ ପାଇଁ ନୁହେଁ। ପ୍ରଚାର ବେଳେ କହିଥିଲେ, ଜଣେ ମେୟର ଭାବେ ସେ ୨୦ ଲକ୍ଷ ଘରର ଭଡ଼ା ବୃଦ୍ଧି ବନ୍ଦ କରିବେ, ସିଟି ବସ୍‌ଭଡ଼ା ଛାଡ଼ କରିବେ, ମାଗଣାରେ ଶିଶୁ ଯତ୍ନ (ସେବା) ଯୋଗାଇଦେବେ ଏବଂ ପରୀକ୍ଷା ଭିତ୍ତିରେ ରାଜ୍ୟ ଦ୍ୱାରା ନ୍ୟୁୟର୍କର ୫ଟି ସହରାଞ୍ଚଳରେ ଗୋଟିଏ ଲେଖା ଗ୍ରୋସେରି ଦୋକାନ ଆରମ୍ଭ କରିବେ। ଏହା ସମ୍ଭବତଃ ଆମ ଦେଶର ରାଶନ କେନ୍ଦ୍ର ଭଳି ଏବଂ ଏହାର ଲକ୍ଷ୍ୟ ରିହାତିରେ ଖାଦ୍ୟଶସ୍ୟ ଯୋଗାଇବା। ଆୟକର ସାମାନ୍ୟ ବୃଦ୍ଧିକରି ସେ ଏହି ସବୁ କରିବେ, କିନ୍ତୁ ନ୍ୟୁୟର୍କରେ ବର୍ଷକୁ ୧ ମିଲିୟନ ଡଲାର (୮ କୋଟି ଟଙ୍କାରୁ ବେଶି)ରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ କେବଳ ଏହି ଟିକସ ଲାଗୁହେବ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଜୋହରାନଙ୍କ ପ୍ରଚାର ଶୈଳୀ। ପ୍ରାୟତଃ ଟିକ୍‌ଟକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ସେ ପ୍ରଚାର କରିଥିଲେ। ନ୍ୟୁୟର୍କ ପ୍ରବାସୀଙ୍କ ସହରରେ ସମ୍ମୁଖୀନ ହେଉଥିବା ବାସିନ୍ଦାଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ବିଷୟ ରହିଥିବା ଜୋହରାନଙ୍କ ଶର୍ଟ ଭିଡିଓଗୁଡ଼ିକ ତାଙ୍କୁ ଜଣେ ଆକର୍ଷଣୀୟ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଛି। ଦକ୍ଷିଣ ଏସିଆ ଓ ଲାଟିନ୍ ଆମେରିକୀୟଙ୍କୁ ଉଦ୍ଦେଶ୍ୟକରି ହିନ୍ଦୀ, ସ୍ପାନିଶ ଓ ବଙ୍ଗଳା ଭାଷାରେ ସ୍ପଷ୍ଟ ଭାବେ ଏଥିରେ ସମ୍ବୋଧିତ କରିଛନ୍ତି। ଆମେରିକାରେ ଥିବା ଅନ୍ୟ ଭାରତୀୟ ବଂଶୋଦ୍ଭବ ରାଜନୈତିକ ବ୍ୟକ୍ତିଙ୍କ ତୁଳନାରେ ଜୋହରାନ ନିଜକୁ ଜଣେ ଦକ୍ଷିଣ ଏସୀୟ ବୋଲି ସାଧାରଣରେ ପ୍ରକାଶ କରିବାକୁ ଦ୍ୱିଧା ପ୍ରକାଶ କରିନାହାନ୍ତି।

ତୃତୀୟ ତଥା ଉଲ୍ଲେଖନୀୟ ବିଷୟ ହେଉଛି, ଜୋହରାନ୍ ପାଲେଷ୍ଟାଇନୀୟଙ୍କ ଅଧିକାର ପାଇଁ କହୁଥିବାବେଳେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଛନ୍ତି। ଏପରିକି ନିର୍ବାଚନ ଦୌଡ଼ରେ ଜୋହରାନ୍ ତାଙ୍କର ଏଭଳି ଦୃଷ୍ଟିକୋଣକୁ କୋହଳ କରିବା କିମ୍ବା ସେଥିରୁ ଓହରି ଆସିବା ପାଇଁ ମନାକରିଦେବା ତାଙ୍କ ସାହସକୁ ଦର୍ଶାଉଛି। ବାସ୍ତବରେ ହେଉଛି, ନ୍ୟୁୟର୍କ ଟାଇମ୍ସ ସମେତ ବହୁ ମିଡିଆ ଜୋହରାନଙ୍କୁ ଅନ୍ୟାୟଭାବେ ଭୟଙ୍କର ଆକ୍ରମଣ କରିବା ସତ୍ତ୍ୱେ ସେ ଆକର୍ଷଣୀୟ ବିଜୟ ହାସଲକଲେ। ଏହି ବିଜୟ ଦର୍ଶାଉଛି, ତାଙ୍କ ସାହସକୁ ନ୍ୟୁୟର୍କବାସୀ ସମ୍ମାନ ଦେଇଛନ୍ତି, ଗ୍ରହଣ ଓ ସମର୍ଥନ ମଧ୍ୟ କରିଛନ୍ତି। ତାଙ୍କ ସପକ୍ଷରେ ଏବେ କ୍ଲିଣ୍ଟନ୍, ବାଇଡେନ୍ କିମ୍ବା ଓବାମା ନାହାନ୍ତି, କାରଣ ଜୋହରାନ୍ ଯାହା କହୁଛନ୍ତି ଓ କରୁଛନ୍ତି ତାହାକୁ ସମର୍ଥନ କରିବାରେ ସେମାନଙ୍କର ଭୟ ରହିଛି। ଅତୀତରେ ବେର୍ନି ସାଣ୍ଡର୍ସଙ୍କ ଭଳି ଯେଉଁ ଡେମୋକ୍ରାଟ୍‌ମାନେ ସମାଜବାଦୀ ରାଜନୀତିକୁ ଉତ୍ସାହିତ କରିଛନ୍ତି, ସେମାନେ ପସନ୍ଦୀୟ ହେଲେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ଗୌଣ ହୋଇଯିବା ଦେଖାଯାଇଛି। କିନ୍ତୁ ଜୋହରାନଙ୍କ ବ୍ୟକ୍ତିତ୍ୱ ନିଆରା ବୋଲି ସୂଚାଇଛି ଯେ, ତାଙ୍କ ପାର୍ଟି ତାଙ୍କଠାରୁ କିଛି ଶିକ୍ଷାକରିବା ଦରକାର, କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ଥାନ ପରେ ଡେମୋକ୍ରାଟ୍‌ମାନେ ଅବ୍ୟବସ୍ଥିତ ହୋଇଯାଇଛନ୍ତି ଓ ଦ୍ୱନ୍ଦ୍ୱରେ ରହିଛନ୍ତି। ନିକଟରେ ରିପବ୍ଲିକାନ୍‌ମାନେ ସରକାରଙ୍କ ତିନୋଟି ଶାଖା ହ୍ୱାଇଟ ହାଉସ, ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ ଏବଂ ସିନେଟ୍‌କୁ ନିୟନ୍ତ୍ରଣ କରିଛନ୍ତି। ଟ୍ରମ୍ପଙ୍କ ବିଜୟକୁ ନେଇ ଡେମୋକ୍ରାଟ୍‌ଙ୍କ ପାଖରେ କୌଣସି ସ୍ପଷ୍ଟ ଜବାବ ନାହିଁ। ତେବେ ଆମେରିକୀୟ ଶ୍ରମିକ ଶ୍ରେଣୀଙ୍କ ପାଇଁ ଜୋହରାନଙ୍କ ସଶକ୍ତ ଓ ସ୍ପଷ୍ଟ ନୀତିଗୁଡ଼ିକ କ୍ଷମତାକୁ ଫେରିବା ପାଇଁ ଡେମୋକ୍ରାଟ୍‌ଙ୍କୁ ଏକ ରାଷ୍ଟ୍ରୀୟ ମାର୍ଗ ଦେଖାଇଛି। ପ୍ରକୃତରେ ଗାଜାରେ ଜାରି ରହିଥିବା ଗଣହତ୍ୟା ଯୋଗୁ ପାଲେଷ୍ଟାଇନ୍ ଘଟଣା ଉପରେ ଅଧିକାଂଶ ଆମେରିକୀୟଙ୍କ ଦୃଷ୍ଟିକୋଣ ବଦଳିଯାଇଛି। ଡେମୋକ୍ରାଟିକ୍ ପାର୍ଟିରେ ସ୍ୱର ନିଶ୍ଚିତ ହୋଇରହିଥିବା ଏହି ସଂଖ୍ୟାବହୁଳଙ୍କର ପ୍ରତିନିଧିତ୍ୱ କରିଛନ୍ତି ଜୋହରାନ୍। ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ଯଦି ସେ ଜିତିବାକୁ ସକ୍ଷମ ହୁଅନ୍ତି ଏବଂ ପରେ କମ୍ ସମୟରେ ତାଙ୍କ ନୀତିଗୁଡ଼ିକ କାର୍ଯ୍ୟକାରୀ କରିବାରେ ସକ୍ଷମ ହୁଅନ୍ତି, ତେବେ ତାଙ୍କ ଦଳ ତାଙ୍କ କଥାକୁ ବିଚାର କରିବ, ତାଙ୍କୁ ଅଧିକ ସମର୍ଥନ ଦେବ। ତେବେ ଆମେରିକାରେ ଆସନ୍ତା ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ପାଖରେ ଏବେ ଜଣେ ଭାରତୀୟ ବା ଦେଶୀ ହିରୋ ଅଛନ୍ତି, ଯିଏ ସେମାନଙ୍କୁ ଶିକ୍ଷା ଦେବେ କେଉଁ ପ୍ରସଙ୍ଗରେ କେମିତି ଲଢ଼ିବାକୁ ହେବ।

Email:aakar.patel@gmail.com

# ବିପଦରେ ଶ୍ରମିକଙ୍କ ଅଧିକାର



ଡ. ସନ୍ତୋଷ କୁମାର ମହାପାତ୍ର

ଦେଶର ୬୦ କୋଟି ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୧୦% ସଂଗଠିତ ଓ ଅବଶିଷ୍ଟ ୯୦% ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଚାକିରି ଅସୁରକ୍ଷିତ ଏବଂ ନିର୍ଦ୍ଦିଷ୍ଟ ମଜୁରି, ସାମାଜିକ ସୁରକ୍ଷା, ପେନ୍‌ସନ୍ ଆଦିର ସେପରି ସୁଯୋଗ ନ ଥାଏ। ସଂଗଠିତ କ୍ଷେତ୍ରର ଶ୍ରମିକଙ୍କଙ୍କ କ୍ଷେତ୍ରରେ ଏହି ସୁବିଧା ଥିଲାବେଳେ ତାହା ଆଜିର ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଯୁଗରେ ବିପନ୍ନ ହେବାକୁ ବସିଛି। ଶ୍ରମିକଙ୍କ ସ୍ୱାର୍ଥ, ଅଧିକାର ଆଜି ବିପନ୍ନ ହୋଇଥିଲାବେଳେ ପେନ୍‌ସନ ସୁନିଶ୍ଚିତ ନୁହେଁ। ସାମାଜିକ ନ୍ୟାୟ ବିପନ୍ନ।

ଘରୋଇକରଣ ପ୍ରକ୍ରିୟା ଆହୁରି ଚାକିରିର ନିରାପତ୍ତା ବିପନ୍ନ କରିଛି। ଠିକା ଶ୍ରମିକ ବ୍ୟବସ୍ଥା, ଗିଗ ଅର୍ଥନୀତିର ବୃଦ୍ଧି, ଶ୍ରମିକଙ୍କ ବଦଳରେ ଯନ୍ତ୍ରପାତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ପୁଞ୍ଜିର ବହୁଳ ବ୍ୟବହାର ଯୋଗୁ ଶ୍ରମିକମାନେ ଅଧିକ କ୍ଷତିଗ୍ରସ୍ତ ଓ ଶୋଷିତ ହେଉଛନ୍ତି, କର୍ମସଂସ୍ଥାନ ହରାଉଛନ୍ତି, ବେକାରି ବୃଦ୍ଧି ପାଉଛି। ଅପରପକ୍ଷରେ ଶିଳ୍ପପତିମାନେ ପ୍ରଚୁର ଲାଭର ପାହାଡ଼ ସୃଷ୍ଟି କରୁଛନ୍ତି। ପୁଞ୍ଜି କେବଳ ଶ୍ରମ-ଶକ୍ତିକୁ ଶୋଷଣ କରିବାକୁ ଚେଷ୍ଟା କରେ ନାହିଁ, ବରଂ ବିକାଶ ପ୍ରକ୍ରିୟାରେ ଏହାର ଅବଦାନକୁ ମଧ୍ୟ ଅଣଦେଖା କରେ। ପୁଞ୍ଜିପତିମାନେ ସେହି ପ୍ରକ୍ରିୟାରେ ଶ୍ରମିକଙ୍କ ଅବଦାନକୁ ଲୁଚାଇବାକୁ ଚାହାନ୍ତି। ଅପରପକ୍ଷରେ ଶ୍ରମିକମାନେ ସେମାନଙ୍କର ଅବଦାନକୁ ସମ୍ପୂର୍ଣ୍ଣ ସ୍ୱୀକୃତି ପାଇବାକୁ ଚେଷ୍ଟା କରନ୍ତି, ଯାହା ଆନ୍ଦୋଳନର ରୂପ ନିଏ।

ବାସ୍ତବରେ ଶିଳ୍ପପତି, ପୁଞ୍ଜିପତି କେବଳ ସମ୍ପଦ ସୃଷ୍ଟିକାରୀ ନୁହନ୍ତି, ବରଂ ଶ୍ରମିକମାନେ ସମ୍ପଦର ପ୍ରକୃତ ସୃଷ୍ଟିକର୍ତ୍ତା। କିନ୍ତୁ ଶ୍ରମିକଙ୍କ ସ୍ୱାର୍ଥ କ୍ୱଚିତ ସୁରକ୍ଷିତ। ପ୍ରକୃତରେ ଶ୍ରମିକମାନଙ୍କ ବାସ୍ତବ ମଜୁରି (ନାମମାତ୍ର ମଜୁରି ମୁଦ୍ରାସ୍ଫୀତି) ଶ୍ରମିକଙ୍କ କଲ୍ୟାଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚକାଙ୍କ ମଧ୍ୟରୁ ଗୋଟିଏ। ଯଦି ଦେଶର ଜିଡିପି ବୃଦ୍ଧି ସହିତ ପ୍ରକୃତ ମଜୁରି ବୃଦ୍ଧି ନ ପାଏ କିମ୍ବା ସମୟ ବିତିବା ସହିତ ବାସ୍ତବ ମଜୁରିରେ କୌଣସି ଯଥେଷ୍ଟ ବୃଦ୍ଧି ନ ପାଏ, ତେବେ ଶ୍ରମିକମାନେ ଶୋଷିତ ବୋଲି ଧରାଯାଏ। ଆଜି ଭାରତୀୟ ଅର୍ଥନୀତିରେ ଠିକ୍ ଏହା ଘଟୁଥିବା ପରି ମନେ ହେଉଛି। ବାସ୍ତବ ମଜୁରିରେ ଅଭୂତପୂର୍ବ ହ୍ରାସ ପାଇଛି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ମଜୁରି ସଙ୍କଟକୁ ଘୋଡାଇ ଦେଉଛି। ୨୦୨୫ ମସିହାର ଅର୍ଥନୈତିକ ସର୍ଭେ ଅନୁଯାୟୀ, ଭାରତର ଅଭିବୃଦ୍ଧି ସତ୍ତ୍ୱେ, ପୁରୁଷମାନଙ୍କ ବାସ୍ତବ ମଜୁରି ହ୍ରାସ ପାଇଛି, ଯାହା ଅସମାନତାକୁ ବୃଦ୍ଧି କରୁଛି। ମୁଦ୍ରାସ୍ଫୀତି ଯୋଗୁ ମଧ୍ୟ କ୍ରୟ ଶକ୍ତି ହ୍ରାସ ଘଟୁଛି ଏବଂ ସମ୍ପଦର ସୁଷମ ବଣ୍ଟନ ନ ହେବା ଯୋଗୁ ଆର୍ଥିକ ଅସମାନତା ବୃଦ୍ଧି ପାଉଛି। ୨୦୨୩-୨୪ ମସିହାରେ ପୁରୁଷ ବେତନଭୋଗୀ ଶ୍ରମିକଙ୍କ ପ୍ରକୃତ ମାସିକ ମଜୁରି ୨୦୧୭-୧୮ ତୁଳନାରେ ୬.୪% କମ୍ ଥିଲା, ଯାହା କ୍ରୟ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦର୍ଶାଉଛି। ଆତ୍ମନିଯୁକ୍ତି ପୁରୁଷଙ୍କ ପାଇଁ ସମାନ ସମୟ ମଧ୍ୟରେ ବାସ୍ତବ ଆୟ ୯.୧% ହ୍ରାସ ପାଇଛି। ଗ୍ରାମୀଣ ଭାରତରେ ଏହି ସଙ୍କୋଚନ ଆହୁରି ସ୍ପଷ୍ଟ।



ପୁଞ୍ଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥସାଧନ ପାଇଁ ଶାସକ ଶ୍ରେଣୀ ଅଧିକ ଗୁରୁତ୍ୱ ଦେଲାବେଳେ ଶ୍ରମିକ ଓ କର୍ମଚାରୀଙ୍କ ଅଧିକାର କ୍ଷୁଣ୍ଣ କରିବା ସହ ଶୋଷଣ ବିରୋଧରେ ପ୍ରତିବାଦ କରିବାର ସେମାନଙ୍କ ଅଧିକାରକୁ ଦୁର୍ବଳ କରୁଛନ୍ତି। ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ବୃଦ୍ଧି କରାଯାଉଛି। ଇଂରେଜ ଶାସନ କାଳରୁ ଆଜିଯାଏ କର୍ମଚାରୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସମୁଦାୟ ୪୪ଟି ଶ୍ରମ ଅଧିନିୟମରୁ ୧୫ଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ବାକି ୨୯ଟି ଅଧିନିୟମକୁ କେନ୍ଦ୍ର ସରକାର ଶିଳ୍ପପତି, ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ୪ଟି ଶ୍ରମ ସହିଂତାରେ ପରିଣତ କରିସାରିଛନ୍ତି। ସେଗୁଡିକ ହେଉଛି 'ମଜୁରି ସଂହିତା ୨୦୧୯'; 'ଔଦ୍ୟୋଗିକ ସମ୍ପର୍କ ସଂହିତା ୨୦୨୦' ;'ସାମାଜିକ ସୁରକ୍ଷା ସଂହିତା ୨୦୨୦'; ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା ୨୦୨୦। ଯାହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ଏବଂ ସେମାନେ ଆନ୍ଦୋଳନ ଭିତରକୁ ଯାଉଛନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ଦୈନିକ ୮ ଘଣ୍ଟା କାର୍ଯ୍ୟ ଦିବସକୁ ଅନୁମୋଦନ କରିଥିଲା, ଯାହା ବିଶ୍ୱ ଶ୍ରମ ଆନ୍ଦୋଳନର ଗୁରୁତ୍ୱକୁ ଦୃଢ଼ କରିଥିଲା। ଭାରତର କାରଖାନା ଆଇନ ୧୯୪୮ ଅନୁଯାୟୀ ପ୍ରତି ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟରେ ସୀମିତ କରିବା ସତ୍ତ୍ୱେ, ସହରାଞ୍ଚଳରେ ଅନେକ କର୍ମଚାରୀ ପ୍ରାୟତଃ ପର୍ଯ୍ୟାପ୍ତ କ୍ଷତିପୂରଣ ବିନା ଅଧିକ ସମୟ କାମ କରନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଶ୍ରମ ଆଇନଗୁଡ଼ିକ ସର୍ବଦା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରାଯାଏ ନାହିଁ, ଯାହା ଫଳରେ ସେମାନେ ଶୋଷଣର ଶିକାର ହୁଅନ୍ତି। ଦୁର୍ଭାଗ୍ୟବଶତଃ, ନିଯୁକ୍ତିଦାତାଙ୍କ ଲାଭ ବୃଦ୍ଧି କରିବା ପାଇଁ ସପ୍ତାହକୁ ୪୮ ଘଣ୍ଟାରୁ ୭୦ ଘଣ୍ଟା ପର୍ଯ୍ୟନ୍ତ, ଏପରିକି ୯୦ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ସମୟ ବୃଦ୍ଧି କରିବା ବିଷୟରେ ଆଲୋଚନା ହେଉଛି। ନୂତନ ଭାରତୀୟ ଶ୍ରମ ସଂହିତା ୪-ଦିନର କାର୍ଯ୍ୟ ସପ୍ତାହକୁ ଅନୁମତି ଦିଏ, କିନ୍ତୁ ସର୍ବାଧିକ ପୂର୍ବପରି ୪୮ ଘଣ୍ଟାର ସାପ୍ତାହିକ କାର୍ଯ୍ୟନିର୍ଘଣ୍ଟ ପୂରଣ କରିବା ପାଇଁ ଦୈନିକ ୧୨-ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡ଼ିବ। ପ୍ରକୃତରେ ଶିଳ୍ପପତି ୪ ଦିନର କାର୍ଯ୍ୟ ସପ୍ତାହ ନୁହେଁ ବରଂ ୬ଦିନ ଅର୍ଥାତ ୭୨ ଘଣ୍ଟା କାର୍ଯ୍ୟ କରିବାକୁ ଶ୍ରମିକମାନଙ୍କୁ ବାଧ୍ୟ କରିବେ।

ପୁନଶ୍ଚ ଆଉ ଦୈନିକ ୩ଟା ସିଫ୍ଟ ନରହି ୨ଟା ସିଫ୍ଟ ହେବ ଏବଂ ଅଧିକାଂଶ ନିଯୁକ୍ତି ବା କର୍ମ ସଂସ୍ଥାନ ହରାଇବେ। ସପ୍ତାହରେ ୬ ଦିନ ବା ୪ ଦିନ କାର୍ଯ୍ୟ କରିବା ଯେତିକି ଚିନ୍ତାଜନକ ନୁହେଁ ଦୈନିକ ୧୨ ଘଣ୍ଟା କାର୍ଯ୍ୟ କଲେ, ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ। ମହିଳାମାନଙ୍କ ଜୀବନ ବିପର୍ଯ୍ୟସ୍ତ ହେବ। ବୈବାହିକ ତଥା ପାରିବାରିକ ଜୀବନରେ ଝଡ଼ଝଞ୍ଜା ଆସିବ । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ମିଳିତ ଅଧ୍ୟୟନ ଅନୁଯାୟୀ, ଓଭର୍‌ଟାଇମ ସହିତ ଜଡିତ ମୃତ୍ୟୁ ଭାରତରେ ପ୍ରାୟ ସର୍ବାଧିକ। ଏହି ସମୟରେ ଗୁଜରାଟ ସରକାର କାରଖାନା କାର୍ଯ୍ୟ ଆଇନରେ ସଂଶୋଧନ କରିଛନ୍ତି। ମହିଳାମାନଙ୍କ ପାଇଁ ୧୨ ଘଣ୍ଟା ସିଫ୍ଟ ଏବଂ ରାତି ଡ୍ୟୁଟିକୁ ଅନୁମତି ଦେଇଛନ୍ତି। ଏହି ପଦକ୍ଷେପ କାରଖାନା (ଗୁଜରାଟ ସଂଶୋଧନ) ଅଧ୍ୟାଦେଶ, ୨୦୨୫ର ଏକ ଅଂଶ, ଯାହାକୁ ରାଜ୍ୟ ବିଧାନସଭା ଅଧିବେଶନ ଅନୁପସ୍ଥିତିରେ ଶ୍ରମ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ବିଭାଗ ଦ୍ୱାରା ୧ଜୁଲାଇରେ ଜାରି କରାଯାଇଥିଲା। ପୁନଶ୍ଚ ନୂତନ ଶ୍ରମ ସଂହିତା ଅନୁସାରେ ଦୈନିକ ମଜୁରି ପ୍ରଦାନ ବ୍ୟବସ୍ଥା ବଦଳରେ ଘଣ୍ଟା ପ୍ରତି ମଜୁରି ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବର୍ତ୍ତମାନ କାମ ସମ୍ପୂର୍ଣ୍ଣ ଦିନର ହୋଇନଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦିନ ପାଇଁ ମଜୁରି ଦେବାକୁ ପଡୁଛି। ତେବେ ଏବେ ନିଯୁକ୍ତିଦାତା ଘଣ୍ଟା ହିସାବରେ ଅଳ୍ପ ମଜୁରି ଦେଇ ଅଧିକ କାମ କରାଇପାରିବେ। ପରୋକ୍ଷରେ ଶୋଷଣ କରିବେ।

ସେହିପରି ସ୍ଥାୟୀ ନିଯୁକ୍ତି ବଦଳରେ ଏକ ନିର୍ଦ୍ଦିଷ୍ଟ ଅବଧି ଯଥା ୧ ବା ୨ ବା ୪ ବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରାଯିବ। ଏହାର ବାର୍ଷିକ ନବୀକରଣ ନିଯୁକ୍ତିଦାତାଙ୍କ ଇଚ୍ଛା ଉପରେ ନିର୍ଭର କରିବ। ଏହା ଶ୍ରମିକଙ୍କୁ ସଂଗଠିତ ହେବା ଏବଂ ନିଜ ଦାବି ପାଇଁ ଆନ୍ଦୋଳନ କରିବାରୁ ନିବୃତ୍ତ କରିବ। ଚାକିରି ହରାଇବା ଭୟ ସର୍ବଦା ଘାରିବ। ପୁନଶ୍ଚ ଆଗରୁ ୧୦୦ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଥିବା ଏକ ସଂସ୍ଥା ବନ୍ଦ କରିବା ପାଇଁ ମାଲିକଙ୍କୁ ସରକାରଙ୍କ ଅନୁମତି ଆବଶ୍ୟକ ପଡୁଥିଲା। କିନ୍ତୁ ସେହି ସୀମାକୁ ୩୦୦କୁ ବୃଦ୍ଧି କରାଯାଇଛି। ଫଳସ୍ୱରୂପ ୭୦% ବ୍ୟବସାୟିକ ପ୍ରତିଷ୍ଠାନ ଶ୍ରମ ଆଇନ ପରିସର ବାହାରେ ରହିବ। ନୂତନ ନିୟମରେ ବନ୍ଦ ପାଇଁ କୌଣସି କ୍ଷତିପୂରଣ ଉଲ୍ଲେଖ କରାଯାଇ ନାହିଁ। ପୁନଶ୍ଚ ବର୍ତ୍ତମାନ ଧର୍ମଘଟ ପୂର୍ବରୁ ୧୪ ଦିନର ନୋଟିସ ଅବଧି ଆବଶ୍ୟକ, ଯାହାକୁ ୬୦ ଦିନକୁ ବୃଦ୍ଧି କରାଯାଇଛି। ଏହା ଯୋଗୁ ସାମୂହିକ ମୂଲଚାଲ ଅଧିକାର ଏକ ସ୍ୱପ୍ନ ହୋଇରହିଯିବ। ଶ୍ରମିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ଏବଂ ନ୍ୟାଯ୍ୟ ଦାବି ପାଇଁ ସେମାନଙ୍କର ଧର୍ମଘଟ କରିବାର ଶକ୍ତି ଏବଂ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିବ।

ମୋ:୯୪୩୭୨୦୮୭୬୨

# ତ୍ରୁଟି ସଂଶୋଧନ



ଦେବେନ୍ଦ୍ର କର

ତ୍ରୁଟି ଏକ କ୍ଷୁଦ୍ର ଶବ୍ଦ ହେଲେ ମଧ୍ୟ ଏହାର ଅର୍ଥ ବ୍ୟାପକ। ତ୍ରୁଟି ମଧ୍ୟରେ ଲୁକ୍କାୟିତ ରହିଛି ଆମ ଦୋଷ, ଦୁର୍ବଳତା ଓ ଅକ୍ଷମତା। ତ୍ରୁଟି ଆମକୁ ତର୍ଜମା କରିବାକୁ ଏକ ସୁଯୋଗ ପ୍ରଦାନ କରେ। ଆମେ ଚାହିଁଲେ ନିଜ ତ୍ରୁଟିକୁ ଲୁଚାଇ ମୁହଁ ଟାଣକରି ଯୁକ୍ତି ବାଢ଼ିପାରିବା ଆଉ ଚାହିଁଲେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା। ଉଭୟ ଆମ ଉପରେ ନିର୍ଭର। ବିବେକୀ ଦାୟିତ୍ୱବାନ୍ ଲୋକଟି ନିଜ ଦୋଷତ୍ରୁଟି ଦେଖିଲେ ସଙ୍ଗେ ସଙ୍ଗେ ନୀରବି ଯାଏ ଆଉ ଅବିବେକୀ ଅଳସୁଆ ଲୋକଟି ପ୍ରମାଣ ମାଗିବା ସହିତ ଉଚ୍ଚ ସ୍ୱରରେ ଯୁକ୍ତି ବାଢ଼େ। ଏ ଦୁନିଆରେ ସମ୍ପୂର୍ଣ୍ଣ ନିର୍ଭୁଲ ମଣିଷ ମିଳିବା ଆଦୌ ସମ୍ଭବ ନୁହେଁ କାରଣ ମଣିଷ ମାତ୍ରକେ ଭୁଲ୍। ତ୍ରୁଟିକୁ ସ୍ୱୀକାର ସତ୍ୟତାର ମାର୍ଗ ଆଉ ତ୍ରୁଟି ଲୁଚାଇବା ମିଥ୍ୟାର ମାର୍ଗ। ପ୍ରତ୍ୟେକ ଘଟଣା ଦୁର୍ଘଟଣା ପଛରେ କିଛି ନା କିଛି ତ୍ରୁଟି ରହିଥାଏ। ସମୟ ପୂର୍ବରୁ ସଂଶୋଧନ କରିନେଲେ ବଡ଼ ବିପତ୍ତି ଟଳି ଯାଏ । ଅନେକ ସମୟରେ ଆମେ ଅଘଟଣା ପୂର୍ବର ଆଭାସ ପାଇ ସୁଦ୍ଧା ଅଣଦେଖା କରିଦେଉ ଆଉ ଏହାର ପରିଣାମ ଆଖି ସାମ୍ନାରେ ରୂପାନ୍ତରିତ ହୋଇଯାଏ ସ୍ୱଳ୍ପ ସମୟରେ। ତ୍ରୁଟିକୁ ଅବିଳମ୍ବେ ସ୍ୱୀକାର କରୁଥିବା ବ୍ୟକ୍ତି ଦାୟିତ୍ୱବାନ୍ ଓ କର୍ତ୍ତବ୍ୟପରାୟଣର ପରିଚୟ ଦିଏ। ଭୁଲ୍ ହେବ ପୁଣି ଠିକ୍ କରାଯିବ। ଜୀବନର ଏହା ଏକ ନିରନ୍ତର ପ୍ରକ୍ରିୟା। ଆବଶ୍ୟକସ୍ଥଳେ ବଡ଼ ଗୁରୁଜନ ଓ ପୁରୁଖା ଲୋକଙ୍କ ପରାମର୍ଶ ଜରୁରୀ ହୁଏ। ଯେପରି ଆଗାମୀ ଦିନରେ ସେଇ ସମାନ ଭୁଲ୍‌ର ପୁନରାବୃତ୍ତି ନ ଘଟେ ସେଥି ଲାଗି ପ୍ରୟାସ କରିବାକୁ ହୁଏ। ନିଜ ତ୍ରୁଟିକୁ ଯିଏ ସ୍ୱୀକାର କରେ ଓ ନିରାକରଣ କରେ ସେ ହୁଏ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ଯିଏ ପାଲଟା ଦୋଷ ଲଦେ ଆଉ ନିଜ ଦୋଷ ତ୍ରୁଟିକୁ ଘୋଡ଼ାଏ ସେ କଦାପି ଜୀବନରେ ସଫଳ ହୋଇ ପାରେନି। ନିଜ ତ୍ରୁଟିର ଅନ୍ୟ କେହି ନୁହେଁ ବରଂ ନିଜେ ହିଁ ଏହାର ସମାଧାନ ଦିଗରେ ଯତ୍ନବାନ୍ ହେବା ବଡ଼ କଥା। ମୂଳ କଥା ହେଲା ନିଜ ତ୍ରୁଟିରୁ ତୁମେ କ'ଣ ଶିକ୍ଷା ପ୍ରାପ୍ତ କଲ। ସେଇ ଶିକ୍ଷାରୁ ଆଗାମୀ କାଲି ପାଇଁ ଏକ ସହଜ, ସରଳ ଆଉ ସୁନ୍ଦର ସୂତ୍ର ମିଳିପାରିବ। ଏ ଦୁନିଆରେ ତିନି ପ୍ରକାର ଲୋକ ଅଛନ୍ତି। ଜଣେ ଯିଏ ବହୁ ବୁଝିଲାବାଲା, ଆଉ ଜଣେ ବୁଝିଲାବାଲା, ଆଉ ଜଣେ ଯିଏ ମୂର୍ଖ। ବହୁ ବୁଝିଲାବାଲା ଅନ୍ୟର ଦୋଷ ତ୍ରୁଟି ଦେଖି ନିଜକୁ ଆଗୁଆ ସଂଶୋଧନ କରେ, ଆଉ ବୁଝିଲାବାଲା ନିଜ ଭୁଲ୍‌ରୁ ଶିକ୍ଷା ପାଇ ଆଉ ନ ଦୋହରାଇବାକୁ ତତ୍ପର ହୁଏ। ଆଉ ଶେଷରେ ମୂର୍ଖ ଯିଏ ନା ନିଜ ଦୋଷ ତ୍ରୁଟିରୁ କିଛି ଶିଖେ ନା ଅନ୍ୟର। କେବଳ ଅବାନ୍ତର ଯୁକ୍ତିରେ ତା' ସମୟ ବିତେ। ତ୍ରୁଟି ଆମ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟ ହେବ ଏଥିଲାଗି ଲୋଡ଼ା କେବଳ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କରିବାର ସତ୍‌ସାହସ। କିଏ



କ'ଣ କହିଲା ନ କହିଲା ସେଆଡ଼େ କାନ ଡେରିବାର ନାହିଁ। ବଡ଼ବଡ଼ ସମସ୍ୟା ବି ସତ୍ ସାହସ ଆଗରେ ହାର୍ ମାନିଯିବ ଏଥିରେ ଆଦୌ ଦ୍ୱିମତ ନାହିଁ।

ଗୋଟେ ମନ୍ଦିରରେ ଜଣେ ବୟୋଜ୍ୟେଷ୍ଠ ପୂଜକ ଥିଲେ। ମନ୍ଦିରର ଦୈନନ୍ଦିନ ପୂଜାପାଠ ନୀତିକାନ୍ତି ନିୟମରେ ସେ ନିଷ୍ଠା ରଖୁଥିଲେ। ଏଣୁ ଭକ୍ତ ଓ ଆଖପାଖ ଲୋକଙ୍କର ତାଙ୍କ ପ୍ରତି ଗଭୀର ଆସ୍ଥା ବିଶ୍ୱାସ ଥିଲା। ବୟସ ବଢିବାରୁ ମନ୍ଦିର ଦାୟିତ୍ୱ ତୁଲାଇବା ତାଙ୍କ ପକ୍ଷେ କଷ୍ଟକର ହେଲା। ଏଣୁ ସେ ଜଣେ ଯୁବ ପୂଜକଙ୍କୁ ଦାୟିତ୍ୱ ଦେଇ ବିଶ୍ରାମ ନେବାକୁ ସ୍ଥିର କଲେ। ମନ୍ଦିରକୁ ମାତ୍ର ସ୍ୱଳ୍ପ ସମୟ ପାଇଁ ଆସିଲେ। ଯୁବ ପୂଜକ ଖୁବ୍ ମନ ଲଗେଇ ସବୁ କାମ କଲେ। ନୂଆ ନୂଆ ଯୁବକଙ୍କ କାମ ଦେଖି ବୃଦ୍ଧ ପୂଜକ ବହୁତ ପ୍ରଶଂସା କଲେ ଆଉ ନିଶ୍ଚିତ ହେଲେ ସେ ଦାୟିତ୍ୱବାନ ଓ ସଚ୍ଚୋଟ ମଧ୍ୟ। ଏପଟେ ଯୁବ ପୂଜକ ସୁଯୋଗର ଅପବ୍ୟବହାର କରିବାକୁ ଲାଗିଲେ। ଧୂପ, ଫୁଲ, ଭୋଗ ସାମଗ୍ରୀ ମୂଲ୍ୟ ବଢ଼େଇ ଦେଲେ। ଦାନ ଦକ୍ଷିଣା ଆଡ଼କୁ ତାଙ୍କର ଖୁବ୍ ଧ୍ୟାନ ରହିଲା। ମନ୍ଦିରର ଯତ୍ନ ପରିଷ୍କାର ଆଗପରି ଆଉ ନିୟମିତ ହେଲା ନାହିଁ। ଧୀରେ ଧୀରେ ଠାକୁରଙ୍କ ନୀତିକାନ୍ତିରେ ବ୍ୟତିକ୍ରମ ଘଟିଲା। ଭକ୍ତ ଅସନ୍ତୁଷ୍ଟ ହେଉଥିଲେ ବି ମୁହଁ ଖୋଲିଲେ ନାହିଁ। ଦିନେ ଯୁବ ପୂଜକଙ୍କ ହାତଘଣ୍ଟା କେଉଁଠି ହଜିଗଲା। ଆଖପାଖ ଲୋକଙ୍କ ଉପରେ ମିଥ୍ୟା ଆକ୍ଷେପ କରି ଗାଳିମନ୍ଦ କଲେ। ବୃଦ୍ଧ ପୂଜକ ତାଙ୍କୁ ବୁଝାଇଲେ ଜିନିଷ ହଜିବାର ମୂଳ କାରଣ ତୁମ ଅସାବଧାନତା। ତ୍ରୁଟି ପ୍ରଥମେ ନିଜ ପାଖରୁ ଦେଖିବାକୁ ହୁଏ। ନିଜ ଦୋଷ ତ୍ରୁଟି ସୁଧାରେ ଆଉ ନିଜକୁ ବଦଳାଏ ଦେଖିବ ସବୁ ଠିକ୍ ହେବ। ବୃଦ୍ଧ ପୂଜକଙ୍କ ଉପଦେଶଗୁଡ଼ିକ ତାଙ୍କ ଉପରେ ଆଦୌ ପ୍ରଭାବ ପକାଇଲା ନାହିଁ। ସେ ତାଙ୍କର ଇଚ୍ଛାରେ କାମ କରୁଥାନ୍ତି। ଆଉ ଦିନେ ଯୁବ ପୂଜକଜଣଙ୍କ ମନ୍ଦିର ପାହଚ ଓହ୍ଲେଇଲା ବେଳେ ପାଦ ଖସିଗଲା ଆଉ ତାଙ୍କ ଗୋଡ଼ମାଡ଼ ହେଲା। ଡାକ୍ତର କହିଲେ ଗୋଡ଼ହାଡ଼ ଭାଙ୍ଗିଛି ପ୍ଲାଷ୍ଟର କରି ଗୋଟେ ମାସ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ହେବ। ବୃଦ୍ଧ ପୂଜକଙ୍କୁ ପୁନର୍ବାର ମନ୍ଦିର କାମରେ ଯୋଗ ଦେବାକୁ ପଡ଼ିଲା। କିଛିଦିନ ପରେ ଦିନେ ବୃଦ୍ଧ ପୂଜକ ଯୁବକଙ୍କ ହାଲଚାଲ ବୁଝିବାକୁ ତାଙ୍କ ଗୃହକୁ ଗଲେ। ଯୁବକ ଧୀରେ ଧୀରେ ସୁସ୍ଥ ହେଉଥିଲେ। ବୃଦ୍ଧ ପୂଜକ କହିଲେ ମୁଁ ଆଗରୁ କହିଥିଲି ଏବେ ବି କହୁଛି ତୁମ ନୀତି ନିୟମରେ କେଉଁଠି ତ୍ରୁଟି ରହିଛି। ଯାହା ଲାଗି ଆଜି ଏଭଳି ସମୟର ସାମ୍ନା ହେଲା। ତୁମ ଘଡ଼ି ହଜିବା ଆଉ ଆଜିଏ ଅବସ୍ଥା ଏ ସବୁ ତୁମ ତ୍ରୁଟିର କାରଣ। ଭଗବାନ୍‌ଙ୍କୁ ଧନ୍ୟବାଦ ଦିଏ ଯେ ତୁମ ସହିତ ସେପରି କିଛି ବଡ଼ ଅଘଟଣ ଘଟି ନାହିଁ। ଯଥାଶୀଘ୍ର ନିଜକୁ ସଂଶୋଧନ କର ଆଉ ଆଗାମୀ କାଲି ପାଇଁ ପ୍ରସ୍ତୁତ ରୁହ। ମନୁଷ୍ୟ ପାଖରେ ବୁଦ୍ଧି, ଜ୍ଞାନ ଓ କ୍ଷମା ସାଇତା ହୋଇଥାଏ, ନିଜ ବିବେକକୁ ପଚାରି କର୍ମ କଲେ ପ୍ରମାଦ ନ ପଡ଼େ କେବେ। ଯୁବକ ଜଣଙ୍କ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କଲେ ଆଉ ବୃଦ୍ଧ ପୂଜକଙ୍କ ନିକଟରେ କ୍ଷମାପ୍ରାର୍ଥନା କଲେ।

ମଙ୍ଗଳାବାଗ, ନିୟୋଗି କଲୋନି, କଟକ,
ମୋ: ୯୯୩୭୯୬୩୯୧୦

## ଏଇ ଭାରତରେ

ସମସ୍ତେ ଜାଣନ୍ତି ମହୁଲ ଫୁଲ କେବଳ ମହୁଲି ପାଇଁ। ଝାଡ଼ଖଣ୍ଡର ବୋକାରୋ ଜିଲା ଉଦମାଝଲିତଣ୍ଡ, ଗାଁରେ ଆଉ ମହୁଲ ଫୁଲରୁ ମହୁଲି ପ୍ରସ୍ତୁତ ହେଉନି, ବରଂ ସେଥିରୁ ଲଡୁ, କୁକିଜ ଓ ଆଚାର ତିଆରି ହେଉଛି। ଗ୍ରାମବାସୀ ଗ୍ରାମସଭା ମାଧ୍ୟମରେ ଏଭଳି ନିଷ୍ପତ୍ତି ନେଇ ନିଜର ତଥା ପିଲାମାନଙ୍କ ଭବିଷ୍ୟତ ପାଇଁ ପଦକ୍ଷେପ ନେଇଛନ୍ତି। ଦିନଥିଲା ଏହି ଗାଁରେ ମହୁଲ ଫୁଲ ସଂଗ୍ରହକୁ ନେଇ ଝଗଡ଼ା ହେଉଥିଲା, କିନ୍ତୁ ଏବେ ଏହି ଗଛର ସୁରକ୍ଷା ଓ ତା' ଫୁଲର ସଦ୍‌ବ୍ୟବହାରରେ ସେମାନେ ଏକତା ଭାବ ପ୍ରଦର୍ଶନ କରିବା ସହ ନିଯୁକ୍ତି ସୃଷ୍ଟି କରିପାରିଛନ୍ତି। ଗାଁରେ ଆର୍ଥିକ ସମୃଦ୍ଧି ଆଣିପାରିଛନ୍ତି। ଗ୍ରାମବାସୀଙ୍କୁ ଏହି ପଥ ଦେଖାଇବାରେ ସ୍ଥାନୀୟ ଏନ୍‌ଜିଓ ସାମ୍ବାଦ ମୁଖ୍ୟ ଭୂମିକା ନେଇଛି। ଗାଁର ସୀମାରେ ଥିବା ପାଖାପାଖି ୧୨,୮୦୦ ମହୁଲ ଗଛକୁ ପରିବାର ମଧ୍ୟରେ ବାଣ୍ଟି ଦିଆଯାଇଛି। ପ୍ରତି ପରିବାର ସେହିସବୁ ଗଛରୁ ଫୁଲ ସଂଗ୍ରହ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ କୌଣସି ବିବାଦ ଉପୁଜୁନାହିଁ। ସେମାନେ ଫୁଲ ସଂଗ୍ରହ କରିବା ପରେ ଏନ୍‌ଜିଓ ମାଧ୍ୟମରେ ସେଥିରୁ ଲଡୁ, କୁକିଜ ଓ ଆଚାର ପ୍ରସ୍ତୁତ କରି ରୋଜଗାର ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଜୁଲାଇ ୧୯୭୬

- ଭିଏତ୍‌ନାମର ମୁକ୍ତିଦାତା ତଥା ସ୍ୱର୍ଗତ ରାଷ୍ଟ୍ରପତି ହୋ-ଚି-ମିନ୍‌ଙ୍କ ସମ୍ମାନାର୍ଥେ ସାଇଗନ୍ ସହରକୁ ସରକାରୀ ଭାବେ 'ହୋ-ଚି-ମିନ୍ ନଗରୀ' ରୂପେ ନାମିତ କରାଯାଇଛି।
- ଭାରତୀୟ ତୁଳା କର୍ପୋରେସନ ହଂକଂ ଓ ବ୍ୟାଙ୍କକ୍‌କୁ ୪ କୋଟି ୭୪ ହଜାର ଟଙ୍କା ମୂଲ୍ୟର ୩୦ ହଜାର ଗାଣ୍ଠି ତୁଳା ରପ୍ତାନି କରିଛି।
- କେନ୍ଦ୍ର ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ ୫୦ ଜଣ ତରୁଣତର ଶିଳ୍ପୀଙ୍କୁ ମାସିକ ବୃତ୍ତି ଦେବା ନିମନ୍ତେ ଚୟନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 6 | | 2 | | |
| 1 | | | 2 | | | | | 9 |
| | | | 1 | | | | | |
| | | 6 | 3 | | | | | |
| | | | 5 | | | | 6 | |
| 2 | | | | | | 8 | 7 | |
| | 2 | 1 | | | 3 | 4 | | 5 |
| | | 5 | | 1 | | | 8 | 7 |
| 4 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 3 | 6 | 2 | 1 | 9 | 4 |
| 2 | 3 | 4 | 8 | 1 | 9 | 5 | 6 | 7 |
| 9 | 6 | 1 | 4 | 7 | 5 | 2 | 8 | 3 |
| 8 | 2 | 5 | 7 | 9 | 4 | 6 | 3 | 1 |
| 6 | 7 | 3 | 1 | 5 | 8 | 9 | 4 | 2 |
| 1 | 4 | 9 | 2 | 3 | 6 | 7 | 5 | 8 |
| 4 | 9 | 8 | 5 | 2 | 7 | 3 | 1 | 6 |
| 7 | 1 | 6 | 9 | 8 | 3 | 4 | 2 | 5 |
| 3 | 5 | 2 | 6 | 4 | 1 | 8 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପାସ୍ ବନ୍ଦ ହେଉ

ମହାଶୟ,

ଭଲ ହେଉ କି ମନ୍ଦ ହେଉ, ଶ୍ରୀଗୁଣ୍ଡିଚା ଯାତ୍ରା ସରିଛି। ଦୋଷୀ ଦଣ୍ଡ ପାଇଲେ । ସରକାରୀ କର୍ମଚାରୀ ତାଙ୍କ ମୁଣ୍ଡରେ ଦୋଷ ଲଦି ଅଧୁନା ସରକାର ବାହୁସ୍ଫୋଟ ମାରୁଛନ୍ତି। ତେବେ ପତିତପାବନ ଯାତ୍ରାରେ ପାସ୍ ପାଇଥିବା ଭିଆଇପିମାନେ ନିଶ୍ଚିତ ପତିତ ନୁହନ୍ତି। ମନ୍ଦିର ଓ ଯାତ୍ରାରେ ଏମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାରେ ସରକାର ଓ ସରକାରୀ କର୍ମଚାରୀ ବ୍ୟସ୍ତ ଏବଂ ସାଧାରଣ ପତିତ ଜନତା କ୍ଷୁବ୍ଧ। ସାଧାରଣତଃ ଦଉଡ଼ିଘେର ମଧ୍ୟରେ ରଥ ରଖି ଆଗକୁ ନେଇଯିବା ହିଁ ଶୃଙ୍ଖଳା। ଏହି ଶୃଙ୍ଖଳାକୁ ଅଣଦେଖା କରି ପର୍ଯ୍ୟାପ୍ତ ପରିମାଣରେ ପାସ୍ କରି ରଥ ଓ କର୍ଡନ ମଧ୍ୟକୁ ନେଇଯିବାରେ ପ୍ରଭୁ ଅସନ୍ତୁଷ୍ଟ। ସେବାୟତମାନେ ପ୍ରଭୁଙ୍କୁ ସେବା କରିବା ପାଇଁ ପ୍ରଚୁର ପାରିଶ୍ରମିକ ମନ୍ଦିର ପକ୍ଷରୁ ପାଇଥାନ୍ତି। ଡେପୁଟେଶନରେ ଆସିଥିବା କର୍ମଚାରୀଙ୍କୁ ମଧ୍ୟ ସୁବିଧା ମିଳେ। ମାତ୍ର ଏମାନେ ଭିଆଇପି ପାସ୍‌ଧାରୀଙ୍କୁ ସେବା ଯୋଗାଇ ଅନ୍ୟ କର୍ତ୍ତବ୍ୟକୁ ହେଳା କରିଦିଅନ୍ତି, ଯାହାପାଇଁ ବିଶୃଙ୍ଖଳା ହୁଏ। ଏଣୁ ଆଗାମୀ ବର୍ଷ ପାସ୍ ବ୍ୟବସ୍ଥା ସଂପୂର୍ଣ୍ଣ ଉଠାଇ ଦିଆଯାଉ।

**- ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା**

## ଚିରନ୍ତନୀ

ମୋର ପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମମ୍ମୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ !
(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶାଳ ଯୁବ ଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି



ପୂର୍ବତଟ ରେଳପଥ ପକ୍ଷରୁ ରେଳ ଅଡିଟୋରିୟମରେ ଅନୁଷ୍ଠିତ ରୋଜଗାର ମେଳାରେ ନବନିଯୁକ୍ତଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

## ୧୬ତମ ରୋଜଗାର ମେଳାରେ ୫୧ ହଜାରଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୨।୭
(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ୧୬ଶ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବିଭିନ୍ନ ବିଭାଗ ପାଇଁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ରୋଜଗାର ମେଳାର ଆୟୋଜନ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ୨୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ରେଳ ମନ୍ତ୍ରଣାଳୟରେ ସର୍ବାଧିକ ୧୪୩ଜଣ ନିଯୁକ୍ତିପତ୍ର ପାଇଥିବାବେଳେ ପୋଷ୍ଟାଲ ବିଭାଗରେ ୩୬ଜଣ, ଆର୍ଥିକ ସେବା ବିଭାଗରେ ୯ଜଣ, ଏମ୍ସ ଭୁବନେଶ୍ୱରରେ ୭ଜଣ, ଗୃହ ମନ୍ତ୍ରଣାଳୟ ଓ ରେଭିନ୍ୟୁ ବିଭାଗରେ ୨ଜଣ ଲେଖାଏ ଏବଂ ଶିକ୍ଷା ମନ୍ତ୍ରଣାଳୟ ଓ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚରେ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ମୋଦି ଭର୍ଚ୍ଚୁଆଲରେ ସମାବେଶକୁ ସମ୍ବୋଧିତକରି କହିଲେ, ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଏବଂ ସର୍ବବୃହତ୍ ଗଣତନ୍ତ୍ର ସହ ଭାରତ ଘରୋଇ ଏବଂ ବିଶ୍ୱସ୍ତରରେ ଭବିଷ୍ୟତକୁ ଗଢ଼ିତୋଳିବାର ଅନନ୍ୟ ସମ୍ଭାବନା ରଖିଛି। ଏହି ବିଶାଳ ଯୁବଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି ଏବଂ ସରକାର ଏହି ପୁଞ୍ଜିକୁ ରାଷ୍ଟ୍ରର ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁବିନିଯୋଗ କରିବା ନିମନ୍ତେ ନିରନ୍ତର ପ୍ରୟାସରତ। ବିଶ୍ୱର ସର୍ବବୃହତ୍ ଲୋକୋମୋଟିଭ ଉତ୍ପାଦକ ଭାବରେ ଭାରତର ଉଦୟ ଏବଂ ଲୋକୋମୋଟିଭ, ରେଳ କୋଚ୍ ଏବଂ ମେଟ୍ରୋ କୋଚ୍ କ୍ଷେତ୍ରରେ ଦେଶର ଦୃଢ଼ ରପ୍ତାନି ପ୍ରଦର୍ଶନକୁ ସେ ପ୍ରଶଂସା କରିଥିଲେ। ଅଟୋମୋବାଇଲ କ୍ଷେତ୍ର ମାତ୍ର ୫ ବର୍ଷ ମଧ୍ୟରେ ୪୦ ବିଲିୟନ ଡଲାରର ଏଫ୍‌ଡିଆଇ ଆକର୍ଷିତ କରିଛି, ଯାହାଫଳରେ ନୂତନ କାରଖାନା, ନୂତନ ନିଯୁକ୍ତି ସୁଯୋଗ ଏବଂ ରେକର୍ଡ ଯାନବାହନ ବିକ୍ରୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ 'ନାଗରିକ ଦେବୋ ଭବ' ଭାବେ ଅଭିହିତ କରିବା ସହ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ, ଦେଶ ଯୁବପିଢ଼ିଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ଦିଗରେ ଆଗକୁ ବଢ଼ୁଛି। ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ଆର୍ଥିକ ବିକଶିତ ଦେଶ ହେବ। ଏହି ବିକାଶ ଯୁବପିଢ଼ିଙ୍କ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ସେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମାତୃଭାଷାର ବ୍ୟବହାର ସହ ବହୁଳ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲଙ୍କ ସହିତ ଡାକ ବିଭାଗ, ଆଇସିଏମ୍‌ଆର୍, ଏମ୍ସ ଭୁବନେଶ୍ୱର, ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଆଇଜର, ଏସ୍‌ଏଲ୍‌ବିସି ଏବଂ ସିଆର୍‌ପିଏଫ୍‌ର ଅଧିକାରୀ ଯୋଗଦେଇଥିଲେ।

# ପ୍ଲାଟଫର୍ମରୁ ୨ ମୃତଦେହ ଜବତ

ବ୍ରହ୍ମପୁର, ୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଲ୍‌ୱେ ପୋଲିସ (ଜିଆରପି) ଶନିବାର ଅପରାହ୍ନରେ ପ୍ଲାଟଫର୍ମରୁ ୨ ଅଚିହ୍ନା ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଉଭୟଙ୍କ ବୟସ ୫୫ରୁ ୬୦ ବର୍ଷ ହେବ। ଏ ସଂକ୍ରାନ୍ତରେ ପୋଲିସ ନଂ. ୬୬/୨୫ ଓ ୬୭/୨୫ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି।

ବ୍ରହ୍ମପୁର ରେଳଷ୍ଟେଶନ ୪ନଂ. ପ୍ଲାଟଫର୍ମ ଛତ୍ରପୁର ପଟରେ ଥିବା ଫୁଟ୍ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ିରହିଥିବା ଜିଆରପି ଖବର ପାଇଥିଲା। ପୋଲିସ ପହଞ୍ଚି ଦେଖିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ସେମାନଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ଉଭୟେ ବିଷପାନ କରିଥିବା ସନ୍ଦେହ କରାଯାଉଛି। ପରିଚୟ ଜାଣିବା ଲାଗି ଉଭୟ ମୃତଦେହ ସଂରକ୍ଷିତ ରଖାଯାଇଛି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ସେମାନେ ବିଷପାନ କରିଥିଲେ ନା ଅନ୍ୟ କେହି ଖାଦ୍ୟରେ କିଛି ମିଶାଇ ଉଭୟଙ୍କୁ ଦେଇଥିଲେ ସେ ନେଇ ତଦନ୍ତ କରାଯାଉଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ କହିଛନ୍ତି।

# ୨୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୨।୭
(ଦୁର୍ଯ୍ୟୋଧନ ପାତ୍ର/
ଗୌରୀ ଶଙ୍କର ପଣ୍ଡା)

ଛତିଶଗଡ଼ର ସୁକ୍‌ମା ଜିଲାରେ ଶନିବାର ୨୩ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଅନେକ ହିଂସା ଘଟଣାରେ ଜଡ଼ିତ ଥିଲେ। ଦିନକୁ ଦିନ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ଜଣ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ୨୩ ଜଣଙ୍କ ନାମରେ ୧ କୋଟି ୧୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ସୁକ୍‌ମା ଏସ୍‌ପି କିରଣ ଚୌହାନ ଏବଂ ସିଆର୍‌ପିଏଫ୍ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ପାଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ୫୦ ହଜାର ଲେଖାଏ ସହାୟତା ରାଶି ସହ ଏମାନଙ୍କୁ ଆଗକୁ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ସୁକ୍‌ମାର ପୂର୍ବତନ ଜିଲାପାଳ ଆଲେକ୍ସ ପଲ ମେନନ୍‌ଙ୍କ ଅପହରଣରେ ଜଡ଼ିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଛନ୍ତି।

# ମାଲବାହୀ ଟ୍ରେନ୍‌ର ୧୧ ବଗି ଲାଇନଚ୍ୟୁତ

କୁଆଁରମୁଣ୍ଡା, ୧୨।୭
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ସହରରେ ଶନିବାର ଟ୍ରେନ ଦୁର୍ଘଟଣା ଘଟିଛି। ସହରର ଜଗନ୍ନାଥ ବାଟିକା ନିକଟରେ ଏକ ମାଲବାହୀ ଟ୍ରେନର ୧୧ ବଗି ଲାଇନଚ୍ୟୁତ୍ ହୋଇଯାଇଛି। ଏହି ଟ୍ରେନ୍ ବୀରମିତ୍ରପୁର ବିଏସ୍‌ଏଲ୍ ଖଣିରୁ ଡୋଲୋମାଇଟ ନେଇ ପଶ୍ଚିମବଙ୍ଗ ଦୁର୍ଗାପୁର ଇସ୍ପାତ କାରଖାନାକୁ ଯାଉଥିଲାବେଳେ ଲାଇନଚ୍ୟୁତ ହୋଇଯାଇଛି। ଏ ନେଇ ବିଏସ୍‌ଏଲ୍ କମ୍ପାନୀର ଜଣେ ଅଧିକାରୀ ଏସ୍.ସି ଜେନାଙ୍କୁ ପଚାରିବାରୁ ସେ କହିଲେ, ମଧ୍ୟାହ୍ନ ୧୨ଟାରେ କମ୍ପାନୀ ସାଇଡିଂରୁ ଡୋଲୋମାଇଟ ନେଇ ଏହି ଟ୍ରେନ ଦୁର୍ଗାପୁର ଅଭିମୁଖେ ବାହାରିଥିଲା। ହେଲେ ୧୨ଟା ୪୦ରେ ଜଗନ୍ନାଥ ବାଟିକା ନିକଟରେ ଏହା ଲାଇନଚ୍ୟୁତ ହୋଇଯାଇଥିଲା। ଏଭଳି ଘଟଣା ଏହି ଅଞ୍ଚଳରେ ଆଗରୁ କେବେ ବି



ବୀରମିତ୍ରପୁରରେ ମାଲବାହୀ ଟ୍ରେନର ୧୧ ବଗି ଲାଇନଚ୍ୟୁତ ହୋଇଛି।

ଘଟି ନ ଥିଲାବେଳେ ଚଳିତ ଲଗାଣ ବର୍ଷା ଯୋଗୁ ଟ୍ରେନ ଲାଇନ ଦବି ଯାଇଥିବା ଏହାର କାରଣ ବୋଲି ଜେନା କହିଛନ୍ତି। ଏହି ଘଟଣା ପରେ ରେଳ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ ଲାଇନ ପୁନରୁଦ୍ଧାର କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦକ୍ଷିଣ-ପୂର୍ବ ରେଳପଥର ରାଉରକେଲା ବୀରମିତ୍ରପୁର ସେକ୍‌ସନରେ ଏହି ଦୁର୍ଘଟଣା ଘଟିଛି। ଏହି ସେକ୍‌ସନରେ କାଁଭାଁ ଗୋଟିଏ/ଦୁଇଟି ମାଲବାହୀ ଟ୍ରେନ୍ ଚଳାଚଳ କରେ। ଏହି ଦୁର୍ଘଟଣାରେ କୌଣସି ଜୀବନହାନି ଘଟି ନାହିଁ। ମାତ୍ର ଟ୍ରେନଲାଇନ ପାର୍ଶ୍ୱରେ କେତେକ ବ୍ୟକ୍ତି ଦୋକାନ କରିଥିଲାବେଳେ ସେମାନଙ୍କୁ ଗତ ୧ ତାରିଖରେ ଦୋକାନ ଉଠାଇବା ପାଇଁ ନୋଟିସ ହୋଇଥିଲା। ହେଲେ ସେମାନେ ଦୋକାନ ହଟାଉ ନ ଥିବାରୁ ରେଳ ଲାଇନ ମରାମତି କାମ ହୋଇପାରିନାହିଁ ବୋଲି ଜଣାପଡିଛି।

# ମୁମ୍ବାଇରୁ ଫେରିଲେ ନବୀନ, ନେତା କର୍ମୀ ଉତ୍ସାହିତ

ଭୁବନେଶ୍ୱର, ୧୨।୭
(ରବିନାରାୟଣ ଜେନା)

ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ମୁମ୍ବାଇ ଗସ୍ତ କରିଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ପହଞ୍ଚିବା ପରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶତାଧିକ ନେତୃବୃନ୍ଦ, କର୍ମୀ, ଶୁଭେଚ୍ଛୁ ତାଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନବୀନଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ବିଜେଡି କର୍ମୀ, ନେତା ଓ ଜନତାଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଜୁନ୍ ୨୦ରେ ନବୀନ ମୁମ୍ବାଇ ଯାଇଥିଲେ। ୨୨ ତାରିଖରେ ତାଙ୍କର ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ



ନବୀନ ପଟ୍ଟନାୟକଙ୍କୁ ବିମାନ ବନ୍ଦରରୁ ନବୀନ ନିବାସକୁ ପାଛୋଟି ନେଉଛନ୍ତି ନେତା, କର୍ମୀ ଓ ସମର୍ଥକ।

ହସ୍ପିଟାଲରେ ସଫଳତାର ସହ ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେଶନ ହୋଇଥିଲା। ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଅସ୍ତ୍ରୋପଚାର କରିଥିଲେ। ଚଳିତମାସ ୭ରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ ହେଁ ୪ଦିନ ଧରି ଅବଜରଭେଶନରେ ରହିଥିଲେ। ନବୀନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ରାଜ୍ୟରେ ଦଳୀୟ ନେତାଙ୍କଠାରୁ ଆରମ୍ଭ କରି କର୍ମୀ ଏବଂ ଶୁଭେଚ୍ଛୁମାନେ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।

# ହରିଶଙ୍କରକୁ ଯୋଡ଼ିବ ରେଳପଥ

ଯାଜପୁର, ୧୨।୭(ହର୍ଷବର୍ଦ୍ଧନ ବେହେରା)

**ବଲାଙ୍ଗୀର-ନୂଆପଡ଼ା ଭାୟା ପାଟଣାଗଡ଼ ରେଳପ୍ରକଳ୍ପ ଆଶା ଉଜ୍ଜୀବିତ**

- ରାଜ୍ୟ ସରକାରଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ଅନୁରୋଧ କରିଛି ରେଲ୍‌ୱେ ବୋର୍ଡ
- ଡିପିଆର୍ ମାଗିଲା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ

ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ୧୦୦ କି.ମି. ନୂତନ ରେଳଲାଇନ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ରେଲ୍‌ୱେ ବୋର୍ଡର ଅତିରିକ୍ତ ସଦସ୍ୟ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ମାଗଣାରେ ଆବଶ୍ୟକ ଜମି ଯୋଗାଇ ଦେବା ସହ ସମୁଦାୟ ଖର୍ଚ୍ଚର ୫୦% ଅଂଶୀଦାର ହେବାକୁ ଅନୁରୋଧ କରିଛନ୍ତି। ବୋର୍ଡର ଏହି ପ୍ରସ୍ତାବ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେବା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର), ପ୍ରକଳ୍ପ ବାବଦ ଖର୍ଚ୍ଚ ନିର୍ଦ୍ଧାରଣ ସମ୍ପର୍କିତ ରେଲ୍‌ୱେ ଗାଇଡ୍‌ଲାଇନ୍ ଆବଶ୍ୟକ। ଏ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପୂର୍ବତଟ ରେଲ୍‌ୱେର ଜେନେରାଲ ମ୍ୟାନେଜରଙ୍କୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସରୋଜ କୁମାର ରାଉତ (ପତ୍ରସଂଖ୍ୟା ୮୨୭୦/୭।୭।୨୦୨୫) ଅନୁରୋଧ କରିଛନ୍ତି। ଦୀର୍ଘଦିନ ହେଲା ସର୍ଭେ ହୋଇ ଅଟକି ରହିଥିବା ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ସମେତ ନୃସିଂହନାଥକୁ ରେଳ ଯୋଗାଯୋଗ ସମ୍ଭବ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

ଓଡ଼ିଶାରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ରହିଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ସେ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପୁଣି ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ଆଦି ରହିଛି। ଏହିକ୍ରମରେ ଗତ ୩୦ ବର୍ଷ ହେବ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତାଲାଭ କରିପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି। ଏହିକ୍ରମରେ ଗୋଟିଏ ପରେ ଗୋଟିଏ ରେଳ ପ୍ରକଳ୍ପ ପାଇଁ ଜମି ଓ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ରେଲ୍‌ୱେ ବୋର୍ଡ ପକ୍ଷରୁ ଅନୁରୋଧ ହେଉଥିବାବେଳେ ରାଜ୍ୟ ସରକାରଙ୍କ ତତ୍ପରତାର ଆବଶ୍ୟକତା ରହିଛି। ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ରେଳ ପ୍ରକଳ୍ପ ନିର୍ମାଣ ହେଲେ ରାୟପୁରକୁ ସିଧାସଳଖ ରେଳଲାଇନ ସଂଯୋଗ ହୋଇପାରିବ। ଏଥିସହ ବଲାଙ୍ଗୀର ଜିଲାର ଅର୍ଦ୍ଧାଧିକ ଅଞ୍ଚଳବାସୀ ରେଳ ସୁବିଧା ପାଇପାରିବେ।

# ମାନବ ଅଧିକାର କମିଶନରେ ମାମଲା ରୁଜୁ

### ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ହଳ କରାଇବା ଘଟଣା

ରାୟଗଡ଼ା, ୧୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ଗୁରୁବାର ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ବଳଦ ବଦଳରେ ହଳ କରାଯାଇଥିଲା। ଶୁକ୍ରବାର ଏହା ଜଣାପଡ଼ିବା ପରେ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ନେଇ ଶନିବାର ମାନବ ଅଧିକାର କମିଶନରେ ମାମଲା ରୁଜୁହୋଇଛି। ନିଖୋଜ ପ୍ରେମୀଯୁଗଳଙ୍କ ସ୍ଥିତି ନେଇ କଲ୍ୟାଣସିଂହପୁର ପୋଲିସ ଓ ପ୍ରଶାସନ ତନାଘନା ଆରମ୍ଭ କରିଛି। କଙ୍ଗାରୁକୋର୍ଟ ଯାହା ମୂଳତଃ ପକ୍ଷପାତିତା କିମ୍ବା ଅନ୍ୟାୟର ଅନେକ ସମୟରେ ମାନବ ଅଧିକାର ଉଲ୍ଲଂଘନ କରେ। ଏହା ଭାରତୀୟ ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରୁଛି। ଏହାସହ ଧାରା ୧୪ (ଆଇନ ସମ୍ମୁଖରେ ସମାନତା), ୧୫ (ଭେଦଭାବ ନିଷେଧ) ଏବଂ ୧୯ (ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା)ର ଉଲ୍ଲଂଘନ ମଧ୍ୟ କରୁଛି। ଏହାକୁ ନେଇ କୋରାପୁଟ ଜିଲା ଜୟପୁର ସହରର ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ଅନୁପ କୁମାର ପାତ୍ର ଏହି ପ୍ରସଙ୍ଗଟି ସମ୍ବିଧାନର ଧାରା ୨୧,୧୪, ୧୫ ଏବଂ ୧୯ ଅନୁଯାୟୀ ମାନବ ଅଧିକାର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ କରିଛନ୍ତି। ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ପୀଡ଼ିତଙ୍କୁ ନ୍ୟାୟଦେବା ପାଇଁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଶନିବାର ପାତ୍ର ଅଭିଯୋଗ କରିଛନ୍ତି। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ପାଇଁ କମିଶନଙ୍କ ନିକଟରେ ସେ ଦାବି କରିଛନ୍ତି।

# ହଷ୍ଟେଲ୍ ଛାତରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ, ୧୨।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ହୃଦୟ ବିଦାରକ ଘଟଣା ଘଟିଯାଇଛି। ସ୍କୁଲ ହଷ୍ଟେଲର ୪ ମହଲା ଛାତରୁ ପୂର୍ବାହ୍ନ ୧୦ଟାରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଷଢ଼େଇକଳା ଅଞ୍ଚଳର ସୁଧାଂଶୁ ଶେଖର ପ୍ରଧାନଙ୍କ ପୁଅ କ୍ରିଷ୍ଣା ପ୍ରଧାନ। ପରିବାର ଲୋକେ ପୁଅକୁ ନିର୍ଯାତନା ତଥା ମାଡ଼ ମରାଯାଇଥିବା ଅଭିଯୋଗ କରିଛନ୍ତି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍କୁଲ ଓ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ଛାତ୍ର ଜଣଙ୍କ ସ୍କୁଲ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ। ଶନିବାର ସକାଳେ ପ୍ରାର୍ଥନା ସାରି ନିଜ ରୁମ୍‌କୁ ଯାଇଥିଲେ। କିଛି ସମୟ ପରେ ଏକ ଖୋଲା ଝରକା ଦେଇ ତଳକୁ ଡେଇଁ ପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଚମ୍ପୁଆ ପୋଲିସ ଓ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ଅଭିଭାବକ ଚମ୍ପୁଆ ଡାକ୍ତରଖାନାରେ ପହଞ୍ଚି ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ। ପୁଅକୁ ସ୍କୁଲରେ ମାଡ଼ ମାରାଯାଇଥିବା ନେଇ ଅଭିଯୋଗ କରିବା ସହିତ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ପାଇଁ ପୋଲିସକୁ ଅନୁରୋଧ କରିଥିଲେ। ପରିବାରର ୩ ସଦସ୍ୟଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ମାତ୍ର ପରିବାର ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନାକୁ ଆସନ୍ତୁ ବୋଲି ଦାବି କରିଥିଲେ। ଏନେଇ ବିଦ୍ୟାଳୟ ଓ ଡାକ୍ତରଖାନା ଆଗରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପରିବାର ଲୋକେ ମୃତହେଦ ବ୍ୟବଚ୍ଛେଦ କରିବାକୁ ଛାଡ଼ି ନ ଥିଲେ। ପରିସ୍ଥିତି ଅଣାୟତ ହେବାରୁ ଆଡିଶିନାଲ ଏସ୍‌ପି, ଚମ୍ପୁଆ ଏସ୍‌ଡିପିଓ, ଚମ୍ପୁଆ ଆଇଆଇସି, ବଡ଼ବିଲ ଆଇଆଇସି, ତୁରୁମୁଙ୍ଗା ଆଇଆଇସି, ପ୍ରୋବେସନାଲ ଏସ୍‌ଡିପିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ସଜତ ମାର୍କେ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପହଞ୍ଚି ବୁଝାଶୁଝା କରିବା ପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ.୧୮୭/୨୫)ରୁଜୁ କରିଛି।



## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଆମ ବସ୍

**ବାରଙ୍ଗ, ୧୨।୭(ଲିଙ୍ଗରାଜ ରାଉତ):** ବାରଙ୍ଗ ମୁଖ୍ୟରାସ୍ତାର ଫୁଲପୋଖରୀ ଛକ ହମ୍ପ୍‌ସ ନିକଟରେ ଭାରସାମ୍ୟ ହରାଇ ଆମ ବସ୍ ଏକ ବାଇକ୍‌କୁ ଧକ୍କା ଦେଇଛି। ବାଇକ୍ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ବାଇକ୍‌ଟି ଭାଙ୍ଗିରୁଜି ଯାଇଛି। ଆମ ବସ୍‌ର ବେପରୁଆ ଗାଡ଼ି ଚାଳନାକୁ ବିରୋଧକରି ଚାପା ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବାରଙ୍ଗ ପୋଲିସ ପହଞ୍ଚି ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପ୍ରକାଶ ଯେ, ଶନିବାର ଅପରାହ୍ନରେ କଟକରୁ ଭୁବନେଶ୍ୱର ଅଭିମୁଖେ ୯୩ନଂ. ରୁଟ୍‌ରେ ଯାଉଥିବା ଆମ ବସ୍ (ଓଡି ୦୬ ବିଜେ ୯୪୦୨) ତ୍ରିଶୂଳିଆ ପଟୁ ବାରଙ୍ଗ ଅଭିମୁଖେ ଆସୁଥିଲା। ଫୁଲପୋଖରୀ ଛକ ନିକଟ ହମ୍ପ୍‌ସ ପାଖରେ ଏକ ବାଇକ୍(ଓଡି ୦୬ ଏନ ୧୧୬୪)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଆହତ ହୋଇଥିଲେ।

### ପାଇକବୀରଙ୍କୁ ସମ୍ବର୍ଦ୍ଧନା

**କୃଷ୍ଣପ୍ରସାଦ, ୧୨।୭(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଗୁରୁପୂର୍ଣ୍ଣିମା ଅବସରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ରେବେଣା ନୂଆଗାଁ ପାଇକ ଆଖଡ଼ାଠାରେ ପାଇକ ବୀରମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ ସଭାରେ ବିଧାୟିକା ମହାପାତ୍ର କହିଥିଲେ ଯେ, ଏହି ମାଟିର ଗର୍ବ ଏବଂ ଗୌରବ ହେଉଛି ପାଇକ ସଂସ୍କୃତି। ପାଇକ ଆଖଡ଼ା ମାଧ୍ୟମରେ ସେମାନଙ୍କ ପ୍ରୟାସ, ପାଇକବୀର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହର ଇତିହାସକୁ ଯୁବବର୍ଗଙ୍କ ନିକଟରେ ପହଞ୍ଚାଇବା ସହ ସେମାନଙ୍କୁ ପ୍ରେରିତ କରିବାରେ ସହାୟକ ହେଉଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପାଇକ ମହାସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ପାଇକଗୁରୁ ଗଙ୍ଗାଧର ସୁନ୍ଦରାୟ, ଅମିନ ଦଳେଇ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବରାଳ, ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ବାରଙ୍ଗ/ତ୍ରିଶୂଳିଆ, ୧୨।୭ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):** ମହାନଦୀର ମୁଣ୍ଡଳି ବ୍ୟାରେଜ୍ ଉପରେ ବାଇକ୍ ସହ କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଆଠଗଡ଼ ଥାନା ଅଧୀନ ରାଧାପ୍ରସନ୍ନପୁର ଗ୍ରାମର ବଳିଆ ନାୟକ (୩୬)। ଏନେଇ ବାରଙ୍ଗ ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ୧୧ଟାରେ ବଳିଆ ଓ ତାଙ୍କ ସାଥୀ ମାନସ ବେଉରା(୨୫) ଏକ ବାଇକ୍ (ଓଡି ୩୩ଏଡି ୦୭୬୨)ରେ ମୁଣ୍ଡଳି ବ୍ୟାରେଜ୍ ଉପରେ ବିପରୀତ ପଟୁ ଆସୁଥିବା ଏକ କାର୍(ଓଡି ୦୨ସିଭି ୩୮୧୪) ସହ ସେମାନଙ୍କ ଧକ୍କା ହୋଇଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାରଙ୍ଗ ଓ ଆଠଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଆହତଙ୍କୁ ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଳିଆଙ୍କ ମୃତ୍ୟୁ ଘଟିଛି।

# ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

**ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟିର ସଜବାଜ**

**ବାଣପୁର, ୧୨।୭(ଦିଲୀପ କୁମାର ସ୍ୱାଇଁ)**

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳର ଜନସାଧାରଣ ଦାବିକରି ଆସୁଛନ୍ତି। ଅନେକ ସମୟରେ ବାଣପୁର-ବାଲୁଗାଁ-ଚିଲିକା କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ଶୋଭାଯାତ୍ରା, ବାଲୁଗାଁ ବାଣପୁର ବନ୍ଦ, ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅନ୍ଦୋଳନ ପାଇଁ ଦାନା ବାନ୍ଧୁଛି।



ବୈଠକରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଅନ୍ୟପକ୍ଷରେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମସୁଧା କେତେଦୂର ଯଥାର୍ଥ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପଖଣ୍ଡ ଦାବିକୁ ପ୍ରାଥମିକତା ଦେବା ନେଇ ପ୍ରତିଶ୍ରୁତି ସତ୍ତ୍ୱେ ନିର୍ବାଚନ ପରେ କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଏନେଇ ବାଣପୁର, ବାଲୁଗାଁ ଓ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଶନିବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ମା' ମେଘାମ୍ବରୀଙ୍କ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ନିକଟରେ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ଉପସ୍ଥାପନା କରାଯାଇଛି। ଆଗାମୀ ଦିନରେ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ନ ମିଳେ ଆମରଣ ଅନଶନ ସହ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ନଳିନୀ କାନ୍ତ ପଟ୍ଟନାୟକ. ସମ୍ପାଦକ ମୁରଲିଧର ସାମନ୍ତସିଂହାର, ସମାଜସେବୀ ପ୍ରଦୀପ କୁମାର ସ୍ୱାଇଁ, ଆର୍ତ୍ତତ୍ରାଣ ଜାଲି, ପ୍ରକାଶ ପ୍ରଧାନ, ଶିବ ଶଙ୍କର ପଣ୍ଡା, ମହେଶ୍ୱର ଜେନା, ଅମିତାଭ ପଟ୍ଟଯୋଶୀ, ଆଇନଜୀବୀ ବିକ୍ରମ କେଶରୀ ମହାରଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମିଥ୍ୟା କେସ୍‌ରେ ବାପାଙ୍କୁ ଫସାଯାଇଛି : ବିଶ୍ୱଜିତ୍

**ମିକ୍ସଚର ପ୍ୟାକେଟ୍‌ରୁ ବ୍ରାଉନ୍‌ସୁଗାର ଜବତ ଘଟଣା**

**ଖୋର୍ଦ୍ଧା, ୧୨।୭(ପ୍ରଭାତ ପାଣିଗ୍ରାହୀ)**

ମିକ୍ସଚର ପ୍ୟାକେଟ୍‌ରୁ ବ୍ରାଉନ୍‌ସୁଗାର ଜବତ ଘଟଣାରେ ଖୋର୍ଦ୍ଧା ଅବକାରୀ ପୋଲିସ ପକ୍ଷରୁ ସଦର ଥାନା କୁଞ୍ଜାରୀ ପଞ୍ଚାୟତ ପୋଡ଼ାପାଟଣା ଗ୍ରାମର ମାଲିକ ପଦ୍ମନାଭ ସାହୁ ଓ କର୍ମଚାରୀ ରଞ୍ଜନ କୁମାର ମହାପାତ୍ରଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏହି ଘଟଣାକୁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗିରଫ ପଦ୍ମନାଭଙ୍କ ପୁଅ ବିଶ୍ୱଜିତ୍ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ତାଙ୍କ ବାପାଙ୍କୁ ଫସାଇ ଦିଆଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଜଣେ ବ୍ୟକ୍ତିଙ୍କ ଏଥିରେ ହାତ ରହିଥିବା ଏବଂ ସେ ଷଡ଼ଯନ୍ତ୍ରପୂର୍ବକ ତାଙ୍କ ବାପାଙ୍କୁ ଫସାଇଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ବିଶ୍ୱଜିତ୍ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ କୌଣସି ସୂତ୍ରରୁ ଖବରପାଇ ପୋଡ଼ାପାଟଣା ଗ୍ରାମର ଏକ ମିକ୍ସଚର ଫ୍ୟାକ୍ଟ୍ରି ଆଗରୁ ମିକ୍ସଚର ଭର୍ତ୍ତି ଅଖା ଯାଞ୍ଚ କରିବା ବେଳେ ସେଥିରୁ ୬ଟି ପ୍ୟାକେଟ୍‌ରେ ଛୋଟ ଛୋଟ ଜରି ପ୍ୟାକେଟ୍‌ରୁ ମୋଟ ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏନେଇ ଶୁକ୍ରବାର ସ୍ଥାନୀୟ ଗ୍ରାମବାସୀ ଦୀର୍ଘସମୟ ଧରି ଅବକାରୀ କାର୍ଯ୍ୟାଳୟକୁ ଘେରାଉ କରିଥିବା ବେଳେ ଅବକାରୀ ପୋଲିସ ଏବଂ ଗ୍ରାମବାସୀ ମୁହାଁମୁହିଁ ମଧ୍ୟ ହୋଇଥିଲେ। ଏପରିକି ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଏହାର ନିରପେକ୍ଷ ତଦନ୍ତ ଲାଗି ଅବକାରୀ ଅଧୀକ୍ଷକଙ୍କୁ କହିଥିଲେ। ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ତଦନ୍ତ କରାଗଲେ ଏହାର ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି।



ରେବେଣା ନୂଆଗାଁ ପାଇକ ଆଖଡ଼ାଠାରେ ପାଇକ ବୀରଙ୍କୁ ସମ୍ବର୍ଦ୍ଧନା ଅବସରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ଅନ୍ୟମାନେ।

## ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ

**ବୋଲଗଡ଼, ୧୨।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକର କବିତୀର୍ଥ ସାନପଦର ଗ୍ରାମରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଗ୍ରାମର ଗଙ୍ଗାଧର ଭବନଠାରେ ଆୟୋଜିତ ସଭାରେ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ ସାହୁ, ସୁରେଶ ମହାପାତ୍ର, ଅର୍ଜୁନ ପଟ୍ଟନାୟକ, ବିଜୟ ଗୁମାନ୍‌ସିଂହ, ଅଜୟ ଦଳବେହେରା, କୈଳାସ ଚମ୍ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଇକରାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ସ୍ୱର୍ଗତ ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ସମାଜସେବୀ ଅଜୟ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପିତୁକୁଳି, ରାସୋଳ, ଚମ୍ପାଇଲୋ, ବାୟାପଲ୍ଲୀ, ସାନପଦର ଗ୍ରାମର ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଭୂଷଣ୍ଡପୁରରେ ଥମୁନି ଝାଡ଼ାବାନ୍ତି, ଆଉ ୪ ଆକ୍ରାନ୍ତ



ମେଡିକାଲ ଟିମ୍ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି।

**ନିରାକାରପୁର, ୧୨।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତ ଅଞ୍ଚଳରେ ଥମୁନି ଝାଡ଼ାବାନ୍ତି। ଏହାର ନିରାକରଣ ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଜାରି ରହିଥିଲେ ମଧ୍ୟ ପ୍ରତ୍ୟେକ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଶନିବାର ଆଉ ୪ ଆକ୍ରାନ୍ତ ଚିକିତ୍ସା ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଜଗନ୍ନାଥପୁର ଗ୍ରାମର ପୁଷ୍ପାଞ୍ଜଳି ବେହେରା(୯), କଟିଆ ସାହିର ଗଗନି ବେହେରା(୬୨), ବିଧାରପୁରର ହୁଲ୍ଲାସ ବେହେରା(୬୪) ଏବଂ ମାମାଲି ନାୟକ (୨୩)। ଏବେ ମୋଟ୍ ୧୪ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ଭୂଷଣ୍ଡପୁର ପଞ୍ଚାୟତ ଚିଲିକା କୂଳରେ ରହିଛି। ଅଧିକାଂଶ ପରିବାର ମତ୍ସ୍ୟଜୀବୀ ସମ୍ପ୍ରଦାୟର। ଚିଲିକାରେ ମାଛଧରି ଜୀବିକା ନିର୍ବାହ କରିଥାନ୍ତି। ତେବେ ଭୂଷଣ୍ଡପୁର ମଙ୍ଗଳାସାହିରେ ପ୍ରଥମେ କେତେଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଏହାପରେ ବିଭିନ୍ନ ୱାର୍ଡରେ ଆକ୍ରାନ୍ତ ହୋଇଥିଲେ। ତେବେ ଏ ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି। ଅନ୍ୟପଟେ ଆଉ କେତେଜଣ ଆକ୍ରାନ୍ତ ଘରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପ୍ରାୟ ୩୮୭ କୂଅ ତିନିଥର ବିଶୋଧନ ହୋଇସାରିଥିବା, ଟ୍ୟାଙ୍କର ଯୋଗେ ଜଳଯୋଗାଣ ବଳବତ୍ତର ରହିଥିବା, ବାହାର ଖାଦ୍ୟ ଖାଇବାକୁ ବାରଣ, ପୋଖରୀରେ ଗାଧୋଇବାକୁ ବାରଣ, ସିଝାପାଣି ବ୍ୟବହାର ଆଦି ସଚେତନତା ସତ୍ତ୍ୱେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି।

## ଦଳିତ ମହିଳାଙ୍କୁ ଫାଣ୍ଡି ଅଧିକାରୀଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ

**ଟାଙ୍ଗୀ, ୧୨।୭(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ଫାଣ୍ଡି ଅଧିକାରୀ ହାଟବରଡ଼ି ଅଞ୍ଚଳର ଜଣେ ଦଳିତ ମହିଳାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗତ ୧୦ତାରିଖ ରାତିରେ କୁହୁଡ଼ି ଫାଣ୍ଡି ଅଧିକାରୀ ଅନିରୁଦ୍ଧ ସାମନ୍ତରାୟ ହାଟବରଡ଼ି ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ଜାତିଆଣ ଆକ୍ଷେପ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ସମୟରେ ମହିଳା ଜଣଙ୍କ ସମ୍ପର୍କୀୟଙ୍କୁ ଫୋନ୍ କରିବାରୁ ଅଧିକାରୀ ଜଣଙ୍କ ଫୋନ ଛଡ଼ାଇ ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳା ଜଣଙ୍କ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କୁହୁଡି ଫାଣ୍ଡି ଅଧିକାରୀ ସାମନ୍ତରାୟ କହିଛନ୍ତି, ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଜଣେ ଲୋକଠାରୁ ଟଙ୍କା ଧାର ନେଇ ଫେରାଇ ନ ଥିଲେ। ଗତ ମେ' ମାସରେ ଫାଣ୍ଡିରେ ଉଭୟ ପକ୍ଷ ଭଦ୍ରଲୋକଙ୍କ ଉପସ୍ଥିତିରେ ଆଲୋଚନା ପରେ ଅଳ୍ପଦିନ ମଧ୍ୟରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଟଙ୍କା ଫେରାଇବାକୁ କହିଥିଲେ। ଦୀର୍ଘଦିନ ପରେ ଟଙ୍କା ନ ଦେବାରୁ ପ୍ରତିପକ୍ଷ ବାରମ୍ବାର ଫାଣ୍ଡିକୁ ଆସି ଅଭିଯୋଗ କରୁଥିଲେ। ଦିନେ ଫେରିବା ବେଳେ ସମ୍ପୃକ୍ତ ପରିବାରକୁ ଟଙ୍କା କାହିଁକି ଦେଉନାହଁ ବୋଲି ପଚାରିବାରୁ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ।

# ୨ ଭାଜପା ଗୋଷ୍ଠୀଙ୍କ ଏତଲା, ତଦନ୍ତ ଦାବି

**ଭାଜପା ନେତା-ବିଡିଓଙ୍କ ଅଡିଓ ଭାଇରାଲ ଘଟଣା**

**ବେଗୁନିଆ/ବୋଲଗଡ଼, ୧୨।୭ (ହରପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)**

୨୦୨୪ ନିର୍ବାଚନରେ ବେଗୁନିଆ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ପ୍ରକାଶ ବିଜୁଳି ଏବଂ ସ୍ଥାନୀୟ ବିଡିଓଙ୍କ ଏକ ଅଡିଓ ବାର୍ତ୍ତାଳାପ ଗତ ଚାରିଦିନ ପୂର୍ବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଏହି ଅଡିଓ କେବେକାର ତାହା ଜଣାପଡ଼ି ନ ଥିଲେ ହେଁ ଏଥିରେ ପ୍ରକାଶ ଅଶାଳୀନ ମନ୍ତବ୍ୟ ଦେବା ସହ ବିଡିଓଙ୍କୁ ଧମକ ଦେଉଥିବା ଶୁଣିବାକୁ ମିଳିଥିଲା। ଏପରିକି ଭୁବନେଶ୍ୱର ଏମ୍‌ପି ଏବଂ ଖୋର୍ଦ୍ଧା ବିଧାୟକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିଡିଓଙ୍କ ସହ ପ୍ରକାଶ କଥା ହେଉଥିବା ଅଡିଓରେ ଶୁଣିବାକୁ ମିଳିଥିଲା। ଏହି ଅଡିଓ ଭାଜପା ନେତା ପ୍ରକାଶ ଏବଂ ବେଗୁନିଆ ବିଡିଓଙ୍କର ବୋଲି ସ୍ଥାନୀୟ ଅଞ୍ଚଳରେ କୁହାଯାଉଥିବା ବେଳେ ବିଡିଓ ସନ୍ତୋଷ ଜେନା କିନ୍ତୁ ଏହାକୁ ଖଣ୍ଡନ କରିଥିଲେ। ତେବେ ଏହି ଅଡିଓ ବାର୍ତ୍ତାଳାପକୁ ନେଇ ସ୍ଥାନୀୟ ଭାଜପା କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଶନିବାର ବେଗୁନିଆ ଥାନାରେ ଭାଜପା କର୍ମୀଙ୍କ ପକ୍ଷରୁ ଏତଲା ଦାଏର କରାଯାଇଛି। ଏମ୍‌ପି ଏବଂ ବିଧାୟକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଏକ ନିନ୍ଦନୀୟ ଘଟଣା। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଯୁବମୋର୍ଚ୍ଚା ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ବେଗୁନିଆ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ବିଭୂତି ଭୂଷଣ ମହାନ୍ତି, ବସନ୍ତ କୁମାର ମହାପାତ୍ର, ଧୀରେନ୍ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପ୍ରମାଣ ମିଳିବା ପରେ ମାମଲା ରୁଜୁ କରାଯିବ।

ଅନ୍ୟପକ୍ଷରେ ଉକ୍ତ ଅଡିଓ ବାର୍ତ୍ତାଳାପ ନକଲି ବୋଲି ପ୍ରକାଶଙ୍କ ସମର୍ଥକ ତଥା କେତେଜଣ ଭାଜପା କର୍ମୀ ଅଭିଯୋଗ ଆଣିବା ସହ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ବୋଲଗଡ଼ ଥାନା ଏସ୍‌ଆଇ ଲିଲି ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶଙ୍କୁ ବଦ୍‌ନାମ କରିବା ପାଇଁ ଏଭଳି ଅଡିଓ ଭାଇରାଲ କରାଯାଇଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଏହି ଅଡିଓ କ୍ଲିପ୍ ସମ୍ପର୍କରେ ତଦନ୍ତ ସହ ଏହାକୁ ପ୍ରସ୍ତୁତ ଓ ପ୍ରସାର କରିଥିବା ବ୍ୟକ୍ତି କିମ୍ବା ଦଳଙ୍କୁ ଚିହ୍ନଟକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ଏହି ଅଭିଯୋଗପତ୍ର ପ୍ରଦାନବେଳେ ଭାଜପା କର୍ମୀ ବନ୍ଧୁକୁମାର ଭୋଳ, ସୁଦର୍ଶନ ଜେନା, ମିଥୁନ ପାଇକରାୟ, ଶୁଭେନ୍ଦୁ ମଣ୍ଡଗଜସିଂହ, ଆଲୋକ କୁମାର ରାଉତ, ଆର୍ତ୍ତବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଲ୍ ତାଡ଼ି ଟଙ୍କା, ସୁନାଅଳଙ୍କାର ନେଇଗଲେ

**ଖୋର୍ଦ୍ଧା, ୧୨।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ମଙ୍ଗଳାନଗର କୃଷ୍ଣମୋହନ ଦାସଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା ସହ ସୁନାଅଳଙ୍କାର ନେଇଯାଇଛନ୍ତି। ଏନେଇ କୃଷ୍ଣମୋହନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ପଛପଟ ଝରକା ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ। ଘର ଭିତରେ ଥିବା ଗଡ୍‌ରେଜ୍, ଟ୍ରଙ୍କ୍, ଖଟ, ବାକ୍ସ, ଡ୍ରେସିଂଟେବୁଲ ଫିଙ୍ଗା ଫୋପଡ଼ା କରିଥିଲେ। ଏଥିସହ ୩ ଭରିର ସୁନା ମୁଦି, ଗୋଟିଏ ଲେଖାଏ ମଙ୍ଗଳସୂତ୍ର, ସୁନାଚେନ ଏବଂ ୫୩୦୦ ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଛନ୍ତି ବୋଲି କୃଷ୍ଣ ଅଭିଯୋଗରେ ଦର୍ଶାଇଛନ୍ତି।

## ଚାରା ରୋପଣକରି ବନ୍ଧୁ ବାନ୍ଧିବାକୁ ଆହ୍ୱାନ




**ବେଗୁନିଆ, ୧୨।୭(ହରପ୍ରସନ୍ନ ପଣ୍ଡା)**

ବାୟୁ ପ୍ରଦୂଷଣ ଏବଂ ସ୍ୱଳ୍ପ ବୃଷ୍ଟିପାତ ଏବେ ସଭିଙ୍କୁ ଚିନ୍ତା ପ୍ରକଟ କରିଛି। ଦ୍ରୁତ ଶିଳ୍ପାୟନ ଓ ଗଛକଟା ଏହାର ମୂଳ କାରଣ ହୋଇଛି। ତେଣୁ ପ୍ରଦୂଷଣମୁକ୍ତ ପାଇଁ ଧରାପୃଷ୍ଠକୁ ସବୁଜମୟ କରିବା ଜରୁରୀ ହୋଇପଡ଼ିଛି। ତେବେ ଆସନ୍ତୁ ସଭିଏ ମିଳିତଭାବେ ଚାରା ରୋପଣ କରି ତା' ସହ ବନ୍ଧୁତା ବାନ୍ଧିବାକୁ ଆହ୍ୱାନ ଦିଆଯାଇଛି। ଏଭଳି ଜନଜାଗରଣ ବାର୍ତ୍ତା ବେଗୁନିଆ ସଦର ମହକୁମା ସ୍ଥିତ ମହାବିଦ୍ୟାଳୟ ପକ୍ଷରୁ ଦିଆଯାଇଛି। ବେଗୁନିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶନିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଷ୍ୟ ଗ୍ରାମଭାବେ ସ୍ଥିରୀକୃତ ହୋଇଥିବା ସ୍ଥାନୀୟ ଭୂଇଁପୁର ଗ୍ରାମରେ ଅନୁଷ୍ଠିତ ଉତ୍ସବରେ ଆୟୋଜକ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧ୍ୟାପକ ବିଧୁଭୂଷଣ ରାଉତ, ଜାତୀୟ ସେବା ଯୋଜନାର ଅଧିକାରିଣୀ ତଥା ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ଅଧ୍ୟାପକ ସଲିଳ କୁମାର ବଡ଼ଜେନା ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ଏଥିରେ ୱାର୍ଡସଭ୍ୟ ବାବୁଲି ନାୟକ ଏବଂ ସ୍ୱେଚ୍ଛାସେବୀ ବିଶ୍ୱରଞ୍ଜନ, ବିଷ୍ଣୁପ୍ରସାଦ, ଯୋଗେଶ୍ୱର, ଶିବପ୍ରସାଦ, ଜୟନ୍ତୀ, ଜ୍ୟୋତିନା, ଦିବ୍ୟଜ୍ୟୋତି, ଶ୍ରାବଣୀ, ମଧୁସ୍ମିତା, ଅଳକା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନିଷ୍କାସନ ହୋଇପାରୁନି ଡ୍ରେନ୍ ପାଣି

**■ ସଫେଇ ହେଲାନି ଅଳିଆ ଆବର୍ଜନା**
**■ ପୌର ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

**ଖୋର୍ଦ୍ଧା, ୧୨।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୌସୁମୀ ପ୍ରବେଶ ପୂର୍ବରୁ ଡ୍ରେନ ସଫେଇ ପ୍ରତି ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଗଲା ନାହିଁ। ନିକଟରେ ତରବରିଆ ଭାବେ ଡ୍ରେନ୍ ସଫେଇ କରାଗଲା। ଅଳିଆଆବର୍ଜନା ଉଠା ନ ଯିବାରୁ ବର୍ଷାରେ ପୁଣି ଡ୍ରେନ୍‌ରେ ପଶୁଥିବା ଦେଖିବାକୁ ମିଳିଛି। ସେପଟେ ସପ୍ତାହ ହେବ ବର୍ଷା ଯୋଗୁ ସହରର ଏକାଧିକ ଖାଲୁଆ ସ୍ଥାନରେ ପାଣି ଜମି ରହୁଛି। ଫଳରେ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନରେ ବର୍ଷାଜଳ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ସେଠାରେ ମଧ୍ୟ ପାଣି ଜମି ରହୁଛି। ରାସ୍ତାଠାରୁ ଡ୍ରେନ୍ ଉପରେ ରହିଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହୁଛି। ରାସ୍ତାକଡରେ ଗଦା ହୋଇ ରହିଥିବା ଆବର୍ଜନା ବର୍ଷାପାଣିରେ ଭାସୁଥିବା ଦେଖିବାକୁ ମିଳିଛି।

ପଲ୍ଲା ଛକ, ନୂଆବସଷ୍ଟାଣ୍ଡ ରୋଡର ଏକାଧିକ ସ୍ଥାନ, ନୟାଗଡ ରୋଡ, ପୁରୁଣା ଦମକଳ ଛକ, ତଳ, ଉପର ସାହି, ଖ୍ରୀଷ୍ଟିଆନ ସାହି, ବରୁଣେଇ ସାହି, ଗୋପୀନାଥ ସାହି, ରାଧାବଲ୍ଲଭ ସାହିରେ ବର୍ଷାପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ବର୍ଷା ପୂର୍ବରୁ ଡ୍ରେନ୍ ସଫା କରାଗଲା ନାହିଁ। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ବର୍ଷାଜଳରେ ଡ୍ରେନର ଅଳିଆ ଆର୍ବଜନା ଭାସି ପୂର୍ତ୍ତଗନ୍ଧମୟ ସୃଷ୍ଟି ହୋଇଛି। ଏପରିକି ପୌର କାର୍ଯ୍ୟାଳୟ ନିକଟରେ ରହିଥିବା ବିଦ୍ୟାଳୟ ସମ୍ମୁଖ ଡ୍ରେନ ପୋତି ହୋଇଗଲାଣି। ଏହାକୁ ସଫା କରାଯାଉନାହିଁ। ଫଳରେ ଡ୍ରେନରେ ପାଣି ଭର୍ତ୍ତି ହୋଇ ରାସ୍ତାରେ ଜମି ରହୁଛି। ସରକାରୀ ବାଳିକା ହାଇସ୍କୁଲ ଭିତରେ ଦେଇ ଯାଇଥିବା ଡ୍ରେନ ପୁରୁଣା ମେଡିକାଲକୁ ସଂଯୋଗ କରୁଛି। ତେବେ ଡ୍ରେନ ଉପରେ ଅସ୍ଥାୟୀ ଦୋକାନ ଗଢ଼ିଉଠିଛି। ସେହିଭଳି ଟ୍ରାଫିକ ଛକଠାରୁ



ଗୀତାଭବନଠାରେ ଡ୍ରେନ୍‌ରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଜମିରହିଛି।

ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଡ୍ରେନ ପୋତି ହୋଇ ତା'ଉପରେ ଦୋକାନ ଘର ରହିଛି। ପୁରୁଣା ଦମକଳ ଛକ ପରେ ଗୋଡ଼ିପୋଖରୀ ଛକଠାରୁ ଆଗକୁ ଡ୍ରେନ ନାହିଁ। ବର୍ଷା ପାଣି ନିଷ୍କାସନ ହେବାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ରାସ୍ତା ଉପରେ ବର୍ଷାଜଳ ଜମି ରହୁଛି। ଷ୍ଟେଟ ବ୍ୟାଙ୍କ ଛକଠାରୁ ଗୀତା ଭବନ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଡ୍ରେନ ପୋତି ହୋଇଗଲାଣି। ଗୀତାଭବନ ନିକଟରେ ରହିଥିବା ଷ୍ଟାଡିୟମ ବାହାରେ ନିର୍ମାଣ ହୋଇଥିବା ଡ୍ରେନ ଅଧପନ୍ତରିଆ ହୋଇରହିଛି। ନୂଆ ବସଷ୍ଟାଣ୍ଡ ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଡ୍ରେନ ରହିଛି। ଦୀର୍ଘ ଦିନ ହେବ ଏହାର ପୁନରୁଦ୍ଧାର କରାଯାଇନାହିଁ। ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏନେଇ ସାମାଜିକ କର୍ମୀ ଶୁଭ୍ର ରଞ୍ଜନ ଦାସ କହିଛନ୍ତି ଯେ, ମୌସୁମୀ ପ୍ରବେଶ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସେହିପରି କଂଗ୍ରେସ ପିସିସି ସଦସ୍ୟ ଶିଶିର ପରିଡା କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଭାଙ୍ଗିରୁଜି ଯାଇଥିବା ଏକାଧିକ ଡ୍ରେନ ମରାମତି ଏବଂ ପୋତି ହୋଇ ରହିଥିବା ଡ୍ରେନକୁ ସଫା କରାଯାଇନାହିଁ। ଫଳରେ ଏଭଳି ସ୍ଥିତି ରହିଛି। ଆଗକୁ ବର୍ଷାପାଣିରେ ସହର ଅବସ୍ଥା ଏହାଠାରୁ ଅଧିକ ଖରାପ ସ୍ଥିତି ହେବ। ଯୁବ ସାମାଜିକ କର୍ମୀ ପ୍ଲାବନ ପଟ୍ଟନାୟକ କହିଛନ୍ତି, ଖୋର୍ଦ୍ଧା ସହରରେ ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି। ବର୍ଷାଦିନ ଆସିଲେ କେବଳ ଲୋକେ ଦେଖାଣିଆ ଭାବେ ସଫାକରି ଛାଡି ଦିଆଯାଉଛି। ବଳକା ଦିନ ସମାନ ସମସ୍ୟା ରହୁଛି। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ସବୁ ସରକାରୀ କାଗଜ କଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ। ଅପରପକ୍ଷରେ ଏ ସମ୍ପର୍କରେ ପୌର ଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି କହିଛନ୍ତି ଯେ, ଡ୍ରେନ୍ ସଫା ଲାଗି ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସହରର ମୁଖ୍ୟ ଡ୍ରେନ ସଫା କରାଯାଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ପୌର ପ୍ରଶାସନ ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଗୁରୁତ୍ୱ ଦିଆଯାଉଛି।

## ବ୍ୟାରିକେଡ୍ ଉପରେ ଶେଡ୍ ନାହିଁ

ପୁରୀ,(ଅଜିତ୍ କୁମାର ମହାନ୍ତି)-ସମ୍ପ୍ରତି ଦାରୁବିଅଁ ଶ୍ରୀମନ୍ଦିର ରତ୍ନସିଂହାସନରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହେଉଛି। ମାସର ଦ୍ୱିତୀୟ ଶନିବାର ଥିବାରୁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଖରାରେ ଭକ୍ତମାନେ ସମସ୍ୟା ଭୋଗିଥିଲେ। ରଥଯାତ୍ରା ପୂର୍ବରୁ ଶେଡ୍ ଉପରୁ ପାଲ କଢ଼ାଯାଇଥିଲା, ତାହାକୁ ଏପର୍ଯ୍ୟନ୍ତ ଲଗାଯାଇନାହିଁ। ତେଣୁ ବ୍ୟାରିକେଡ ଦେଇ ଯାଉଥିବା ଭକ୍ତ ଅନେକ ସମୟ ଧରି ଖରାରେ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ବହୁ ଭକ୍ତ ଖୋଲା ଆକାଶ ତଳେ ଖରାରେ ଛିଡ଼ା ହୋଇ ଦର୍ଶନ ପାଇଁ ପ୍ରବେଶ କରିଛନ୍ତି। ଶ୍ରୀମନ୍ଦିର ଭିତରେ ଦର୍ଶନ ପାଇଁ ନାକେଦମ ହେବାକୁ ପଡ଼ିଥିଲା। ଏ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଶେଡ୍ ନିର୍ମାଣ କରାଯିବାକୁ ଦାବି ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୭।୨୦୨୫

| | |
|---|---|
| ୫,୧୯,୯୮୬ ଟଙ୍କା | |
| ସୁନା | ୯୫୦ ମିଲିଗ୍ରାମ୍ |
| ରୁପା | ୪୮.୨୦୦ ଗ୍ରାମ୍ |

# ପୁରୀରେ ବଢ଼ୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

### ଦୂଷିତ ଭୂତଳ ପାଣି ଓ ନିମ୍ନମାନର ଖାଦ୍ୟରୁ ବ୍ୟାପୁଥିବା ଆଶଙ୍କା

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଝାଡ଼ାବାନ୍ତି କାୟା ବିସ୍ତାର କରିବାରେ ଲାଗିଛି। ବିଭିନ୍ନ ବ୍ଲକ୍ ପରେ ଏବେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଛି। ପ୍ରଥମେ ଅସ୍ତରଙ୍ଗ, ପରେ କଣାସ ଏବଂ ଏବେ ଅନ୍ୟ ବ୍ଲକ୍‌ରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ପୁରୀ ସହରସ୍ଥ ଟି.ବି ଓ ଆଇ.ଡି ହସ୍ପିଟାଲରେ ଗତ ୧୦ ତାରିଖରେ ମୋଟ ୪୭ ଜଣ ଆକ୍ରାନ୍ତ ହସ୍ପିଟାଲକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେହିପରି ଗତ ୧୧ ତାରିଖରେ ୪୮ ଜଣ ଆକ୍ରାନ୍ତ ହସ୍ପିଟାଲକୁ ଆସିଥିବା ବେଳେ ୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଅନ୍ୟପଟେ ଶନିବାର ସକାଳ ୮ରୁ ଅପରାହ୍ନ ୪ଟା ମଧ୍ୟରେ ୨୫ଜଣ ଆକ୍ରାନ୍ତ ଆସିଥିବା ବେଳେ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ବାକି ୧୪ଜଣ ପୁରୀ ଟି.ବି ଓ ଆଇ.ଡି ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପୁରୀରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ପାଇଁ ମୋଟ ୩୫୧ ବେଡ୍ ରହିଛି। ତେବେ ଗତ ୩ଦିନରେ ୧୪୪ ଜଣ ଆକ୍ରାନ୍ତ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସାଧାରଣ ଦିନ ଅପେକ୍ଷା ଶତକଡ଼ା ୨୦ ପ୍ରତିଶତ ଅଧିକ ଲୋକ ଆକ୍ରାନ୍ତ ହେଉଥିବା ସୂଚନା ମିଳିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି ଯେ, ଡାଇରିଆ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ବେଡ୍ ଅଛି। ଏପର୍ଯ୍ୟନ୍ତ ଅନେକ ଆକ୍ରାନ୍ତ ସୁସ୍ଥ ହେଲେଣି। ଆମର ମୋଟ ୩୫୧ ବେଡ୍ ରହିଛି। ଭଲରେ ହାତ ଧୋଇବାକୁ, ଅପରିଷ୍କାର ପାଣି ନ ପିଇବାକୁ, ବାସି ଖାଦ୍ୟ, ବାହାର ଖାଦ୍ୟ ନ ଖାଇବାକୁ ସଚେତନ କରାଯାଉଛି। ସହରର ଯେଉଁ ଅଞ୍ଚଳରେ ଜଣେ ବି ରୋଗୀ ଆକ୍ରାନ୍ତ ହେଉଛନ୍ତି, ଡାକ୍ତର ସେଠାକୁ ଯାଇ କ୍ଲୋରିନେଶନ କରି ସଚେତନ କରିବା ସହ ହାଲୋଜେନ ବଟିକା, ଓଆର୍ଏସ୍ ଦେଉଛନ୍ତି। ନିମାପଡ଼ା, ବ୍ରହ୍ମଗିରି, ଗୋପ, ସତ୍ୟବାଦୀରୁ କେତେଜଣ ଆକ୍ରାନ୍ତ ଆସି ଏଠାରେ ଚିକିତ୍ସିତ ହୋଇଛନ୍ତି। ଆକ୍ରାନ୍ତଙ୍କ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖାଯାଇଛି। ଝାଡ଼ାବାନ୍ତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତଥାପି ସତର୍କ ରହିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ଦୂଷିତ ପାଣି ଓ ବାହାର ଖାଦ୍ୟ ଖାଇବା ଦ୍ୱାରା ଝାଡ଼ାବାନ୍ତି ବ୍ୟାପୁଥିବା ଆଲୋଚନା ହେଉଛି। ବର୍ଷା ଦିନେ ବର୍ଷାପାଣି ଡ୍ରେନ ଓ ନାଳ ପାଣି ସହ ମିଶି ମୁଖ୍ୟତଃ ଭୂତଳକୁ ଯାଉଛି। ବର୍ଷାଦିନେ ପାଣି ସ୍ଥିର ନ ଥିବାରୁ ଭୂତଳ ପାଣିରେ ଦୂଷିତ ପଦାର୍ଥ ମିଶି ରହିଥାଏ, ଯାହାକୁ ଲୋକେ ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପାଇପ ଯୋଗେ ଆସୁଥିବା ଭୂତଳ ଫୁଟାଇ ଥଣ୍ଡା କରି ପିଅନ୍ତୁ। ବିଶେଷକରି ଆକୁଆଗାର୍ଡ ପାଣି ବ୍ୟବହାର କରନ୍ତୁ। ସେହିପରି ବଜାରରେ ବିଭିନ୍ନ ଖାଦ୍ୟ ବିକ୍ରି କରାଯାଉଛି। ମାତ୍ର ସେଗୁଡ଼ିକର ମାନ ଠିକ୍ ରହୁନାହିଁ। ଖାଦ୍ୟ ପରିଷ୍କାର କରି ରଖାଯାଉନି। ତେଣୁ ଉକ୍ତ ଖାଦ୍ୟକୁ ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି ବୋଲି କୁହାଯାଉଛି। ପ୍ରଶାସନ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଲେ ଜିଲାରେ ଝାଡ଼ାବାନ୍ତି କମିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଆଉ ୧୮ ଆକ୍ରାନ୍ତ

### କଣାସରେ ପିଛା ଛାଡୁନି ଝାଡ଼ାବାନ୍ତି

କଣାସ,୧୨।୭(ବିଭୂତି ଭୂଷଣ ତ୍ରିପାଠୀ)

ଦୟାନଦୀର ଜଳ ଦୂଷିତ ଯୋଗୁ ୨ ମାସ ତଳେ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଦୀର୍ଘ ମାସେ ଲାଗି ରହିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଝାଡ଼ାବାନ୍ତି କମିବାର ଏକ ମାସ ପରେ ପୁନଶ୍ଚ ଝାଡ଼ାବାନ୍ତି ୧୦ ଦିନ ହେଲା ଲାଗିରହି ଶତାଧିକ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇଥିଲେ। ଶନିବାର ହରଷପଡ଼ା ଗ୍ରାମର ବ୍ରଜବନ୍ଧୁ ବିଶ୍ୱାଳ(୭୦), କୋଟକଣାର ରାକେଶ ହରିଚନ୍ଦନ(୧୩), କଖାରୁବସ୍ତର ମନୋରଞ୍ଜନ ପ୍ରଧାନ(୧୨), ସିରେଇର ରାଜକିଶୋର ଜେନା(୭୪), ସୁଧାନଗରର ଟିକିନା ମହାପାତ୍ର(୩୬), ଭାଟପଡ଼ାର ସତ୍ୟରଞ୍ଜନ ବେହେରା(୧୮), ତିପୁରୀ ନୂଆଗାଁର ପାର୍ବତୀ ଭୋଇ(୫୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତେବେ ଦୋକନ୍ଦା, ବଡ଼ାସ, ଗୋଲରା, ଗଡ଼ସାହି, ଜଙ୍କିଆ, ବସନ୍ତପୁର, ତୁଳସୀପୁର, ବାଲିପଡ଼ା, ଖଣ୍ଡହତା ଗ୍ରାମର କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ଅଭାବରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତି କ୍ରମାଗତ ଭାବେ ଲାଗିଥିବାରୁ ପୁରୀ ଜିଲାପାଳ ଚଞ୍ଚଳ ରାଣା, ପୁରୀ ମୁଖ୍ୟ ଚିକିତ୍ସାଧିକାରୀ, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତିରିକ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ସୁଧାଂଶୁ ପ୍ରଧାନ କଣାସ ଅଞ୍ଚଳ ଓ ଝାଡ଼ାବାନ୍ତି ଲାଗିଥିବା ଗ୍ରାମ ବୁଲି ଫେରିଯାଇଥିଲେ।

## ‘ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହିଁ ସର୍ବୋତ୍ତମ’



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ପୂର୍ଣ୍ଣଦାସ ଫାଉଣ୍ଡେଶନ ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଶନିବାର ୟୁଥ ହଷ୍ଟେଲରେ ଶ୍ରୀକ୍ଷେତ୍ର ହିଁ ଜଗନ୍ନାଥ ଧାମ ସ୍ତୁତିଗାନ ଆସର ସହ ପ୍ରତିଭମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବାଣିଜ୍ୟକର ଆୟୁକ୍ତ (ଅପିଲ କମିଶନର) କାନନବାଳା ନାୟକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥି ଭାବେ ଡାକ୍ତର ଦିଲ୍ଲୀପ ସେନାପତି ଏବଂ ସ୍ୱତନ୍ତ୍ର ଅତିଥିଭାବେ ପୁରୀ ମଣ୍ଡଳ ଯୁଗ୍ମ କମିଶନର (ବାଣିଜ୍ୟକର ଓ ଦ୍ରବ୍ୟ ସେବାକର) ଡ. ପଦ୍ମଲୋଚନ ରାଉତ ଯୋଗଦେଇଥିଲେ। ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହିଁ ସର୍ବୋତ୍ତମ ବୋଲି ନୀଳାଦ୍ରିମହୋଦୟ ଗ୍ରନ୍ଥରେ ଉଲ୍ଲେଖ ରହିଛି। ମୁକ୍ତିଦାତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅବସ୍ଥାନ କ୍ଷେତ୍ର ହେତୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଆକାଶ, ଜଳ, ଭୂମି ଅଥବା ଯେକୌଣସି ସ୍ଥାନରେ ଯେଉଁମାନେ ମୃତ୍ୟୁବରଣ କରନ୍ତି ସେମାନେ ମୁକ୍ତିଲାଭ କରନ୍ତି। କପିଳ ସଂହିତା ଅନୁଯାୟୀ, ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର ଓ ସାକ୍ଷାତ ବୈକୁଣ୍ଠ ସ୍ୱରୂପ। ତେଣୁ ଶ୍ରୀକ୍ଷେତ୍ର ହିଁ ଜଗନ୍ନାଥ ଧାମ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କବି ଓ ଗବେଷକ ଭକ୍ତ ଭାରତ ଭୂଷଣଙ୍କୁ ଚଳିତ ବର୍ଷର ‘ଅଲଭ୍ୟ ପୂର୍ଣ୍ଣବ୍ରହ୍ମ ସମ୍ମାନ-୨୦୨୫’ ଏବଂ କଳା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚନ୍ଦ୍ରଶେଖର ମହାରଣାଙ୍କୁ ‘ଶିଳାବ୍ରହ୍ମ ପୂର୍ଣ୍ଣବ୍ରହ୍ମ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଅଧ୍ୟକ୍ଷ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସାହିତ୍ୟିକ ଶିବସୁନ୍ଦର ମିଶ୍ର ପରିଚାଳନା କରିଥିଲେ। କବି ପୁରୁଷୋମ ନନ୍ଦ ଧନ୍ୟବାଦ ଦେଇଥିଲେ।

## ମନ୍ଥନ ପ୍ରାନ୍ତୀୟ ଆୟୁଷ ଛାତ୍ର ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ପ୍ରାନ୍ତୀୟ ଆୟୁଷ ଛାତ୍ର ସମ୍ମିଳନୀ ଶନିବାର ଉଦଯାପିତ ହୋଇଯାଇଛି। ସମସ୍ତ ଛାତ୍ର ପ୍ରତିନିଧି ଏକତ୍ରିତ ହୋଇ ରାଜ୍ୟରେ ନୂତନ ଆୟୁଷ ବିଭାଗ ଏବଂ ନୂତନ ଆୟୁଷ ଡାକ୍ତରୀ ପଦବୀ ସୃଷ୍ଟି ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ବ୍ୟାଧି ନିରାକରଣ ଦିଗରେ ଆୟୁଷ ଚିକିତ୍ସା ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗବେଷକ ଡା. ଆନନ୍ଦ ଜୀ, ଡା. କେଦାରନାଥ ନାୟକ, ଡା. ଉମା ଶ୍ରୀନିବାସ, ଡା. ଅଜିତ କୁଲକର୍ଣ୍ଣୀ ଏବଂ ଡା. କାବ୍ୟଶ୍ରୀ ଯୋଗଦେଇ ନିଜ ମତ ରଖିଥିଲେ। ଅପରାହ୍ନରେ ବିଶେଷଜ୍ଞମାନଙ୍କ ସହ ଛାତ୍ରୀଛାତ୍ରଙ୍କ ସିଧାସଳଖ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଆୟୁଷ ଉପନିର୍ଦ୍ଦେଶକ ଡା. ପ୍ରସନ୍ନ କୁମାର, ଡା. ଗାର୍ଗୀ ବାନାର୍ଜୀ, ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ, ବୁଦ୍ଧଦେବ, ପ୍ରଫେସର ଡା. ସୁରମା ମିଶ୍ର, ଡା. ତ୍ରିସାଲ ରଓଡ, ଡା. ବୁଲୁ ମେହେର ଆଦି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୁଷ ଚିକିତ୍ସା କ୍ଷେତ୍ରର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ବାରମ୍ବାର ଆୟୋଜନ ହେବ ବୋଲି ରାଜ୍ୟ ଜିଜ୍ଞାସା ସଂଯୋଜକ ଗିରିଧାରୀ ବିଶ୍ୱାଳ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଇନରହୁଇଲ କ୍ଲବ ଶ୍ରୀଜଗନ୍ନାଥ ଧାମର ସଂସ୍ଥାପନ ଦିବସ

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ଇନରହୁଇଲ କ୍ଲବ ଶ୍ରୀଜଗନ୍ନାଥଧାମ ପୁରୀ ପକ୍ଷରୁ କ୍ଲବର ସଂସ୍ଥାପନ ଦିବସ ଏକ ହୋଟେଲରେ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବର ନୂତନ ସଭାପତି ଜ୍ୟୋତିର୍ମୟୀ ମହାନ୍ତି ଓ ସମ୍ପାଦିକା କଲ୍ୟାଣୀ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଥିଲେ। ୩୨୬୨ ରୋଟାରୀ ଜିଲାର ପ୍ରାନ୍ତପାଳ ରୋଟାରୀଆନ ମନୋଜ କୁମାର ତ୍ରିପାଠୀ ଏବଂ ଇନରହୁଇଲ ୩୨୬ ଜିଲାର ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦୁଇଜଣ ନୂତନ ସଭ୍ୟଙ୍କୁ କ୍ଲବର ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ପୂର୍ବତନ ସଭାପତି ଝୁନ୍‌ଝୁନ ଦାସଗୁପ୍ତା, ସମ୍ପାଦିକା ମିତାଲି ଦାସଗୁପ୍ତା ନୂତନ ସଭାପତି ଓ ସମ୍ପାଦିକାଙ୍କୁ କ୍ଲବର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସଭାପତି କ୍ଲବ ସଭ୍ୟମାନଙ୍କୁ ଉପହାର ପ୍ରଦାନ କରିଥିଲେ। ନିରୂପମା ଷଡ଼ଙ୍ଗୀ, ବନ୍ଦିତା ସାହୁ, କୋମଳ ରାଜ ପାତ୍ର, ଦୀପ୍ତିମୟୀ ଦାସ କ୍ଲବ କାର୍ଯ୍ୟକର୍ତ୍ତା ଭାବେ ଦାଇତ୍ୱ ଗ୍ରହଣ କରିଥିଲେ। ମହିଳା ସଶକ୍ତୀକରଣ ପାଇଁ କବିତା ସାହୁଙ୍କୁ ଏକ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦିକା ଧନ୍ୟବାଦ ଦେଇଥିଲେ।

### ମାଙ୍କଡ଼ ଉପଦ୍ରବ: ବିଲରେ ରହୁନି ପନିପରିବା, ଚିନ୍ତାରେ ଚାଷୀ

ଯୋଗେଶ୍ୱରପୁର,୧୨।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରେ ମାଙ୍କଡ଼ ଉପଦ୍ରବ ଯୋଗୁ ବିଲବାଡ଼ିରେ କୌଣସି ଫସଲ ରହୁନି। ମାଙ୍କଡ଼ଗୁଡ଼ିକ ଫସଲ କିଆରିରେ ପଶି ବାଇଗଣ, କୋବି, ଭେଣ୍ଡି, କଦଳୀ, ବାଦାମ, ମୂଳା, ବିରି, କୋଳଥ ଇତ୍ୟାଦି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚକରି ପରିବା ଚାଷ କରୁଥିବାବେଳେ ସେଥିମଧ୍ୟରୁ ୭୦ ଭାଗ ମାଙ୍କଡ଼ ନଷ୍ଟ କରୁଥିବାବେଳେ ୩୦ ଭାଗ ହାଟ ବଜାରକୁ ବିକ୍ରି ପାଇଁ ନେଉଛନ୍ତି। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏଥିସହ ମାଙ୍କଡ଼ ଘରେ ପଶି ପନିପରିବା ଓ ରନ୍ଧାଖାଦ୍ୟ ଖାଇ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କୁ ଆବଶ୍ୟକ ପରିମାଣ ଖାଦ୍ୟ ମିଳୁ ନ ଥିବାରୁ ସେମାନେ ଭୋକ ବିକଳରେ ସାଧାରଣ ଲୋକଙ୍କୁ ଆକ୍ରମଣ ବା କାମୁଡ଼ିବା ନଜିର ରହିଛି। ମାଙ୍କଡ଼ ଚାଷୀଙ୍କ ବହୁ କ୍ଷତି କରୁଥିବା ନେଇ ବନ୍ୟପ୍ରାଣୀ ବିଭାଗରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସଫଳ ହେଉନାହିଁ। ମାଙ୍କଡ଼ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ସେମାନେ ଧରା ଦେଉ ନ ଥିବାରୁ ସେମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏ ଦିଗରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜର ଦୃଷ୍ଟିଦେବାକୁ ଦାବି ହେଉଛି।

# ଚାନ୍ଦୁଆ କାରିଗରଙ୍କ ବିକାଶ ଉପରେ ଗୁରୁତ୍ୱ



ଉଚ୍ଚସ୍ତରୀୟ ଅଫିସର କମିଟି ପିପିଲିର ପ୍ରସ୍ତାବିତ ଚାନ୍ଦୁଆ ବଜାର ପରିଦର୍ଶନ କରୁଛନ୍ତି।

### ଉଚ୍ଚସ୍ତରୀୟ ଅଫିସର କମିଟିର ପିପିଲି ପରିଦର୍ଶନ

ପିପିଲି,୧୨।୭(ପ୍ରଭାତ କୁମାର ମହାପାତ୍ର)

ପିପିଲି ଚାନ୍ଦୁଆ ଗ୍ରାମ ଓ ଚାନ୍ଦୁଆ ହସ୍ତଶିଳ୍ପ ବଜାରର ଉନ୍ନତୀକରଣ ନିମନ୍ତେ ଶନିବାର ଏକ ଉଚ୍ଚସ୍ତରୀୟ ଅଫିସର କମିଟି ପିପିଲି ପରିଦର୍ଶନରେ ଆସି ପିପିଲିର ବିଭିନ୍ନ ଚାନ୍ଦୁଆ ସ୍ଥାନ ପରିଭ୍ରମଣ କରିବା ସହ ଚାନ୍ଦୁଆ କାରିଗରଙ୍କ ସହ ବିଶଦ୍ ଆଲୋଚନା କରିଛନ୍ତି। ଏହି ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ କେନ୍ଦ୍ର ସରକାରଙ୍କ ଡେଭେଲପ୍‌ମେଣ୍ଟ କମିଶନର ଆଇଏଏସ୍ ଅନୁ ଗର୍ଗ, ଓଡ଼ିଶା ସରକାରଙ୍କ ବୟନ ଓ ହସ୍ତଶିଳ୍ପ ସଚିବ ଗୁହା ପୁନମ ତାପସ କୁମାର, ହସ୍ତଶିଳ୍ପ ସହନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା, ଉପନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ମାରାଣ୍ଡି, ପୁରୀ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଉମାପତି ବେହେରା, ପୁରୀ ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ମୌସୁମୀ ମିଶ୍ର ଓ କୀର୍ତ୍ତିଶୁଭ ବେହେରା ପ୍ରମୁଖ ସାମିଲ ହୋଇ ପରିଦର୍ଶନ ସହ ଅନେକ ତଥ୍ୟ ଗ୍ରହଣ କରିଥିଲେ।

ପ୍ରକାଶଥାଉ କି, ଜୁନ୍ ୨୬ରେ ପିପିଲି ଚାନ୍ଦୁଆ ଗ୍ରାମରେ ରାଜ୍ୟସ୍ତରୀୟ ଚାନ୍ଦୁଆ ଦିବସ ପାଳନ ହେବା ପରେ ଚାନ୍ଦୁଆ ଗ୍ରାମ ଘୋଷଣା, ନୂତନ ବିକଶିତ ଚାନ୍ଦୁଆ ବଜାର ନିର୍ମାଣ, ଚାନ୍ଦୁଆ ହବ୍ ନିର୍ମାଣ ଓ କାରିଗର ବିକାଶ ଶୀର୍ଷକ ଦାବିକୁ ଗ୍ରହଣକରି ସରକାରୀ ତଥା ପ୍ରଶାସନିକ ସ୍ତରରେ ଦ୍ରୁତ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରତିନିଧି ମଣ୍ଡଳ ଚାନ୍ଦୁଆ ଗ୍ରାମର କାରିଗର, ବିଭିନ୍ନ ସମବାୟ ସମିତି ଏବଂ ପରିକଳ୍ପିତ ଚାନ୍ଦୁଆ ବଜାର ଅଧିକୃତ ଜମି ବୁଲି ଦେଖିଥିଲେ। କାରିଗରମାନେ ପିପିଲିର ୩ଟି ସୋସାଇଟି ପିପିଲି ଚାନ୍ଦୁଆ କାରିଗର ସମବାୟ ସମିତି, ଭାରତୀ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍ ସମବାୟ ସମିତି ଏବଂ ସର୍ବୋଦୟ ସମବାୟ ସମିତିକୁ ନୂତନ ଧାରାରେ ପୁନଃ ବିକାଶ କରାଇ କାରିଗରଙ୍କ ବିକାଶ ପାଇଁ ଦାବି କରିଛନ୍ତି। ଚାନ୍ଦୁଆ କାରିଗର ସଂଗୋଷ୍ଠୀର କର୍ମକର୍ତ୍ତା ରମେଶ ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, ଜବାର ଖାଁ, ଉମେଶ ମହାପାତ୍ର, ସୁଜିତ୍ ମହାପାତ୍ର, ପ୍ରଦୀପ ମହାପାତ୍ର, ଅଜୟ ମହାପାତ୍ର, ଗଜେନ୍ଦ୍ର ମହାରଣା, ଅଚ୍ୟୁତାନନ୍ଦ ମହାନ୍ତି ଓ ୟୁମା ଖାଁ ପ୍ରମୁଖ ଉକ୍ତ ପ୍ରତିନିଧିମଣ୍ଡଳ ସହ ସାମିଲ ଥିଲେ।



ପୁରୀ: ତିନି ରଥରୁ କପଡ଼ା ଖୋଲାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ହରଚଣ୍ଡୀ ରାମ ନାଟକ ଉଦ୍‌ଘାଟିତ

କଣାସ,୧୨।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର ସାନଓରା ଗ୍ରାମରେ ଶୁକ୍ରବାର ମଧ୍ୟରାତ୍ରରେ ହରଚଣ୍ଡୀ ରାମନାଟକ ସଂଘର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ତିନୋଟି ଗ୍ରାମପଞ୍ଚାୟତର କଳାକାରଙ୍କୁ ନେଇ ଗଠିତ ରାମନାଟକ ସଂଘକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ବେଣୁଧର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ହେମନ୍ତ ପ୍ରଧାନ, ସୁବ୍ରତ ସାମନ୍ତରାୟ, ଅଜୟ ସେଠୀ, ଦିଲୀପ ଶ୍ରୀଚନ୍ଦନ, ପଞ୍ଚାନନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ବିଜନ ରାୟଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହୀରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା।

## ‘ପାରମ୍ପରିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଦରକାର’



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

କୁଳମଣି ଭବନରେ ସାଥୀ ପ୍ରତାପ ଚିନରାଙ୍କ ପ୍ରଥମ ବାର୍ଷିକୀ ସ୍ମୃତିସଭା ଶନିବାର ପରିବେଶବିତ୍ ସୁରେନ୍ଦ୍ର ତପସୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ‘ଜଳବାୟୁ ସଙ୍କଟ ଓ କୃଷି ସମସ୍ୟା’ ଶୀର୍ଷକ ସ୍ମାରକୀ ବକ୍ତୃତାରେ ପରିବେଶବିତ୍ ଶ୍ରୀକୁମାର ଯୋଗଦେଇ କହିଲେ, ପରିବେଶ ବିପର୍ଯ୍ୟୟ ଯୋଗୁ ସାଧାରଣ ଜନତା ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଡିପି ଅଭିବୃଦ୍ଧି ଏକ ପ୍ରହେଳିକା। ଯେତେ ଏହାର ଅଭିବୃଦ୍ଧି ହାର ବଢ଼ିବା ଯୁକ୍ତି ଆସିବ ସେଇ ଅନୁଯାୟୀ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ପାନୀୟଜଳ ଆଜି ବଜାରରେ ଏକ ପଣ୍ୟ ହୋଇଛି। ବିନା ରାସାୟନିକ ସାରରେ ଖାଦ୍ୟ ଉତ୍ପାଦନ ହୋଇପାରୁନାହିଁ। ଏଭଳି ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଦରକାର। ପାରମ୍ପରିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଓ ପ୍ରୟୋଗଶାଳା ଖୋଲିବା ଦରକାର ବୋଲି ସେ କହିଥିଲେ। ପ୍ରତାପଙ୍କ ସ୍ମୃତିରେ ପ୍ରକାଶ ପାଇଥିବା ‘ସଂଗ୍ରାମ ପଥେ ସ୍ମୃତିରେ ପଦଚିହ୍ନ’ ସ୍ମରଣିକାକୁ ନବକିଶୋର ମହାରଣା, ଚିରଞ୍ଜନ ବାରିକ୍, ସୁରେନ୍ଦ୍ର ତପସୁ ଓ ଶ୍ରୀକୁମାର ଉନ୍ମୋଚନ କରିଥିଲେ। ବାମପନ୍ଥୀ ନେତା ଜଗନ୍ନାଥ ଦେଓ ଏବଂ ବ୍ରଜବନ୍ଧୁ ପ୍ରଧାନ ଦରଦାମ୍ ବୃଦ୍ଧି, ବେରୋଜଗାରୀ, ଶ୍ରମିକ ମାରଣ ଶ୍ରମ ନୀତି, ନାରୀ ନିର୍ଯାତନା, ଯୁଦ୍ଧଭୟ ଇତ୍ୟାଦି ଯୋଗୁ ସାଧାରଣ ଜନତା ଦୁର୍ଦ୍ଦିନକୁ ଠେଲି ହୋଇଯାଉଛନ୍ତି ବୋଲି କହିଥିଲେ। ବିଶ୍ୱପ୍ରିୟ କାନୁନଗୋ, ପ୍ରମୋଦିନି ପ୍ରଧାନ, ଦଣ୍ଡପାଣି ମହାନ୍ତି, ସୁରେନ୍ଦ୍ର ଜେନା, ମୃଗାଙ୍କ ପଟ୍ଟନାୟକ, ସୁନୀଲ ମହାରଣା, ବନମାଳି ସାହୁ, ବଟକୃଷ୍ଣ ସ୍ୱାଇଁ, ଦେବୀପ୍ରସନ୍ନ ରଥ, ଜ୍ୟୋତ୍ସ୍ନାମୟୀ ମିଶ୍ର, ଲୋକନାଥ ନାୟକ, କିଶନ ପଟ୍ଟନାୟକ, ପୁରୀ ବାର ଆସୋସିଏଶନ ସମ୍ପାଦକ ଶରତ ରାୟଗୁରୁ, ନରେନ୍ଦ୍ର ମହାନ୍ତି, ନାରାୟଣ ମିଶ୍ର, ସାଥୀ ପ୍ରମିଳା, ବନବାସୀ ମହାପାତ୍ର, କୃଷ୍ଣମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ହରିହର ସେନାପତି ଧନ୍ୟବାଦ ଦେଇଥିଲେ।

# ପ୍ରତି ବ୍ଲକରେ ଶିଶୁ ଯତ୍ନ ଅନୁଷ୍ଠାନ ଖୋଲାଯାଉ

### ଶିଶୁଭବନରେ ପ୍ରତିଭା ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୧୨।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁ ଭବନରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ରଥଯାତ୍ରା ପଲିଶ୍ରୀ ମେଳାରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଆଣିଥିବା ଆଚାର୍ଯ୍ୟ ହରିହର ଶିଶୁ ଭବନର ପ୍ରତିଭାମାନଙ୍କୁ ଅତିଥିମାନେ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ। ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଉଥିବା ଚାଇଲ୍ଡ ଲାଇନକୁ ବନ୍ଦ କରିବା ସହ ଶିଶୁ ଯତ୍ନ ଅନୁଷ୍ଠାନ ସଂଖ୍ୟା ହ୍ରାସ କରାଯିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଜିଲା ଶିଶୁ ମଙ୍ଗଳ କମିଟିସଦସ୍ୟ ଆଡ୍‌ଭୋକେଟ ଉପେନ୍ଦ୍ର ବିଶ୍ୱାଳ କ୍ଷୋଭ ପ୍ରକାଶ କରିଥିଲେ। ପ୍ରତି ବ୍ଲକସ୍ତରରେ ଶିଶୁ ଯତ୍ନ ଅନୁଷ୍ଠାନ ଖୋଲିବା ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଶିଶୁ ଭବନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଶିଶୁମାନଙ୍କ ନ୍ୟାଯ୍ୟ ଏବଂ ମୌଳିକ ଅଧିକାର ହାସଲ କରିବା ନିମନ୍ତେ ରାଜ୍ୟସ୍ତରରେ ଏକ କମିଟି ଗଠନ କରାଯାଇଛି ଏବଂ ଖୁବ୍‌ଶୀଘ୍ର କମିଟି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ସେ ସୂଚନା ଦେଇଥିଲେ। ନୀଳାଚଳ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ଖବରଦାତା କିଶୋର ମହାପାତ୍ର ଅନ୍ୟତମ ଅତିଥି ରୂପେ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ନାମରେ ନାମିତ ହୋଇଥିବା ଅନୁଷ୍ଠାନର ଅନ୍ତେବାସୀମାନେ ସେହି ମହାପୁରୁଷଙ୍କ ବାଣୀ ‘ଭଲ ମଣିଷ ହୁଅ’ ବାର୍ତ୍ତାକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ଶିଶୁ ଅଧିକାର ସମ୍ପର୍କରେ ବକ୍ତୃତା ଦେଇ ଜିଲାରେ ୩ୟ ସ୍ଥାନ ହାସଲ କରିଥିବା ବିଷ୍ଣୁ ପ୍ରସାଦ ସାହୁ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନରେ ଭାଗ ନେଇଥିବା ଶିବୁନା ପଣ୍ଡା, ରୁଦ୍ରନାରାୟଣ ପାଟଶାଣୀ, ଓମ୍ ସ୍ୱାଇଁ ଏବଂ ଦୀପକ ଭୋଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁଭବନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ମୀନାକ୍ଷୀ ବାରିକ, ଜ୍ୟୋତିରାଣୀ ମିଶ୍ର, କବିତା ପାତ୍ର, ଶାନ୍ତିଲତା ଚୌଧୁରୀ, ଲକ୍ଷ୍ମୀଧର ସାହୁ, ଶାନ୍ତନୁ କୁମାର ସାହୁ ଓ ପ୍ରମୋଦ ଜେନା ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ଶିଶୁପ୍ରତିଭା।

# ସୁଲଭ ଶୌଚାଳୟରେ ୭ ମାସ ହେଲା ତାଲା

ନିମାପଡ଼ା,୧୨।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗଜଲକ୍ଷ୍ମୀ ମଣ୍ଡପଠାରେ ନିର୍ମିତ ସୁଲଭ ଶୌଚାଳୟଟି ଏବେ ଦୀର୍ଘ ଦିନ ହେଲା ଲୋକଙ୍କ କାମରେ ଆସୁନି। ଏହି ଶୌଚାଳୟ ଉପରେ ଦୈନିକ ଶହଶହ ଯାତ୍ରୀ, ପର୍ଯ୍ୟଟକ, କଲେଜ ଛାତ୍ରୀଛାତ୍ର, ସାଧାରଣ ଜନତା ନିର୍ଭର କରୁଥିଲେ। ହେଲେ ଏହି ସୁଲଭ ଶୌଚାଳୟଟି ଏବେ ଜରାଜୀର୍ଣ୍ଣ, ବ୍ୟବହାର ଅନୁପଯୋଗୀ ଅବସ୍ଥାରେ ପଡ଼ିରହିଛି। ଶୌଚାଳୟ ଛାତରୁ କଂକ୍ରିଟ୍ ଖପରାଖଣ୍ଡ ଖସି ପଡୁଥିବାବେଳେ କବାଟ ଝରକା ଭାଙ୍ଗିରୁଜି ଯାଇଛି। ଟ୍ୟାପ ମଧ୍ୟ ଅଚଳ ହୋଇପଡ଼ିଛି। ଅତି ଅସ୍ୱାସ୍ଥ୍ୟକର ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବାରୁ ତାହା ଲୋକଙ୍କ ସେବାରେ ଆଉ ଆସୁନାହିଁ। ଏବେ ଏହି ସୁଲଭ ଶୌଚାଳୟଟିରେ ଦୀର୍ଘ ୭ ମାସ ହେଲା ତାଲା ଝୁଲୁଛି। ଫଳରେ ନିମାପଡ଼ାକୁ ବାହାରୁ ଦୈନିକ ଯାତାୟାତ କରୁଥିବା ଶହଶହ ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ, ମହିଳା, କଲେଜ ଛାତ୍ରୀମାନେ ଶୌଚାଳୟରେ ତାଲା ଝୁଲୁଥିବାରୁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଏନ୍ଏସି ପକ୍ଷରୁ ଏହି ସୁଲଭ ଶୌଚାଳୟର ସୁପରିଚାଳନା ପାଇଁ ସୁଲଭ ଇଣ୍ଟରନ୍ୟାଶନାଲ ନାମକ ଏକ ସଂସ୍ଥାକୁ ଦିଆଯାଇଥିଲା। ହେଲେ ଏହି ସଂସ୍ଥାର ଚରମ ଅବହେଳା, ଅବ୍ୟବସ୍ଥା, ଅପାରଗତା, ଖାମଖିଆଲ ନୀତି ଯୋଗୁ ଏହି ସୁଲଭ ଶୌଚାଳୟ ଏବେ ଜୀରାଜୀର୍ଣ୍ଣ ପାଲଟିଯାଇଛି। ଏହାର ପୁନରୁଦ୍ଧାର, ମରାମତି, ରକ୍ଷଣାବେକ୍ଷଣା ପାଇଁ ଏନ୍ଏସି ପକ୍ଷରୁ ସୁଲଭ ଇଣ୍ଟରନ୍ୟାଶନାଲ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଚିଠି ଦିଆଯାଇ ଅବଗତ କରାଯାଇଥିଲେ ମଧ୍ୟ ଏହି ସଂସ୍ଥା ଏ ଦିଗରେ ଆଦୌ କର୍ଣ୍ଣପାତ କରୁ ନ ଥିବା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏବେ ଏନ୍ଏସି ପକ୍ଷରୁ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣା ବସ୍‌ଷ୍ଟାଣ୍ଡ ଓ ଦୋଳବେଦୀ ଛକଠାରେ ୨ଟି ନୂତନ ଅତ୍ୟାଧୁନିକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଏହି ନୂତନ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଟେଣ୍ଡର ସରିଛି। ଖୁବ୍‌ଶୀଘ୍ର ଏହି ନୂତନ ପ୍ରକଳ୍ପର କାର୍ଯ୍ୟାରମ୍ଭ ହେବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଧରିତ୍ରୀକୁ କହିଛନ୍ତି। ଏହି ୨ଟି ନୂତନ ସୁଲଭ ଶୌଚାଳୟ ନିର୍ମିତ ହୋଇ କାର୍ଯ୍ୟକ୍ଷମ ହେଲେ ଯାତ୍ରୀ, ପର୍ଯ୍ୟଟକ, ମହିଳା, ଛାତ୍ରୀଛାତ୍ର, ବ୍ୟବସାୟୀ ଓ ସାଧାରଣ ଜନତା ବହୁଳ ଭାବେ ଉପକୃତ ହେବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।





ପୁରୁଣା ବସ୍‌ଷ୍ଟାଣ୍ଡଠାରେ ତାଲା ପଡ଼ିଥିବା ସୁଲଭ ଶୌଚାଳୟ।

# 'ବିଦ୍ୟୁତ୍‌ପ୍ରଭା ଦେବୀ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ'

## ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ପାଳିତ



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ 'ବାଜିରାଉତ' ଏବଂ ପତ୍ରିକା 'କୋଣାର୍କ' ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୨।୭ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କଥା ମନେପଡେ। ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତ୍‌ପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ। ତାଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଆଜିର କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ଉଚିତ। ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଆବଶ୍ୟକ। ସମ୍ମାନିତ ଅତିଥିଭାବେ ଯୋଗଦେଇ ପଦ୍ମଭୂଷଣ ଡ. ପ୍ରତିଭା ରାୟ କହିଲେ, ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି ବୋଲି ସେ କହିଛନ୍ତି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ଓ ନାରୀଶକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କବି ବିଦ୍ୟୁତ୍‌ପ୍ରଭା। ତାଙ୍କ ଲେଖନୀରେ ପ୍ରସ୍ଫୁଟିତ ହୋଇଥିବା କବିତା ନାରୀ ସଶକ୍ତୀକରଣର କଥା କହିଛି। ଏକ ସଶକ୍ତ ରାଷ୍ଟ୍ର ଓ ସଶକ୍ତ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ ପୁସ୍ତକ 'ବାଜିରାଉତ' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା 'କୋଣାର୍କ' ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଦେଇଥିଲେ।



ଶନିବାର ଅପରାହ୍ନରେ ଭୁବନେଶ୍ୱରରେ ହୋଇଥିବା ବର୍ଷା ପରେ ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଜମିଥିବା ପାଣିରେ ପଶି ଗାଡିମୋଟର ଚଳାଚଳ କରୁଛି।

## ସଂକ୍ଷେପରେ

### ଗାଳିଗୁଲଜ, ମାଡ଼ ମାରିବା ଅଭିଯୋଗରେ ୩ ଗିରଫ

**ବାଲିଅନ୍ତା, ୧୨।୭ (ନୀଳମାଧବ ସାହୁ)**

ଜଣେ ଯୁବକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ପାହାଳ ଥାନା ପୋଲିସ ୩ ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅଞ୍ଚଳର ପପୁ ବେହେରା(୨୫) ଓ ବିକ୍ରମ କୁମାର ଭୋଇ(୩୦) ଏବଂ ବାଲିଅନ୍ତା ଥାନା ଅଞ୍ଚଳର ବିକାଶ ଜେନା(୨୩)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପାହାଳ ଥାନା ଅଧୀନ ହଂସପାଳ ତ୍ରିନାଥ ମନ୍ଦିର ନିକଟ ଏକ ଗ୍ରୋସରି ଦୋକାନ ନିକଟରେ ପପୁ, ବିକ୍ରମ ଓ ବିକାଶ ଓ ତାଙ୍କ ଅନ୍ୟ ସହଯୋଗୀ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ନହରକଣ୍ଟା ଗ୍ରାମର ଅମିୟ କୁମାର ଜେନା ଉକ୍ତ ଦୋକାନକୁ ଯାଇଥିବାବେଳେ ସେଠାରେ ବିଶୃଙ୍ଖଳା ସୃଷ୍ଟି ନ କରିବାକୁ ସେମାନଙ୍କୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାରୁ ଅମିୟ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପପୁ ତାଙ୍କ ମୁଣ୍ଡକୁ ଏକ ଥଣ୍ଡାପାଣି ବୋତଲରେ ଆକ୍ରମଣ କରିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଓ ତାଙ୍କ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବାରୁ ବିଶୃଙ୍ଖଳାସୃଷ୍ଟିକାରୀ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାରୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଅମିୟଙ୍କୁ ପରିବାର ଲୋକେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପାହାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାରକରି ତଦନ୍ତ ଆରମ୍ଭ କରି ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

### ବାଇକ୍‌କୁ ପିଟିଲା ଆମ ବସ୍

**ବାରଙ୍ଗ, ୧୨।୭ (ଲିଙ୍ଗରାଜ ରାଉତ)**

ବାରଙ୍ଗ ମୁଖ୍ୟରାସ୍ତାର ଫୁଲପୋଖରୀ ଛକ ହମ୍ପସ ନିକଟରେ ଭାରସାମ୍ୟ ହରାଇ ଆମ ବସ୍ ଏକ ବାଇକ୍‌କୁ ଧକ୍କା ଦେଇଛି। ସୌଭାଗ୍ୟବଶତଃ ବାଇକ୍ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ବାଇକ୍‌ଟି ଭାଙ୍ଗିରୁଜି ଯାଇଛି। ଏହି ଘଟଣା ପରେ ଆମ ବସ୍‌ର ବେପରୁଆ ଗାଡ଼ି ଚାଳନାକୁ ବିରୋଧକରି ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପ୍ରକାଶ ଯେ, ଶନିବାର ଅପରାହ୍ନ ୪ଟାରେ କଟକରୁ ଭୁବନେଶ୍ୱର ଅଭିମୁଖେ ୯୩ ନଂ. ରୁଟ୍‌ରେ ଯାଉଥିବା ଆମ ବସ୍ (ଓଡି ୦୬ବିଜେ ୯୪୦୨) ତ୍ରିଶୂଳିଆ ପଟୁ ବାରଙ୍ଗ ଆଡ଼କୁ ଦ୍ରୁତଗତିରେ ଆସୁଥିଲା। ଫୁଲପୋଖରୀ ଛକ ନିକଟ ହମ୍ପସ ପାଖରେ ଯାଉଥିବା ଏକ ବାଇକ୍(ଓଡି ୦୬ ଏନ ୧୧୬୪)କୁ ଆମ ବସ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ସାମାନ୍ୟ ଆହତ ହୋଇଥିବାବେଳେ ବାଇକ୍‌ଟି ଭାଙ୍ଗିରୁଜି ଯାଇଥିଲା।





ଭୁବନେଶ୍ୱର ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ହେଲ୍‌ମେଟ୍‌ର ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିମାନେ ପୁସ୍ତିକା 'ବନ୍ଧୁତା'କୁ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ 'ଆମ ଭାଷା ଓ ସଂସ୍କୃତି ଆମ ସ୍ୱାଭିମାନ' ଶୀର୍ଷକ ରାଜ୍ୟସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ମୂଳଗ୍ରନ୍ଥ ବେଦ, ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଗଳ୍ପ, କବିତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

# ମଣିଷ ସଭ୍ୟତା ବଞ୍ଚିବା ପାଇଁ ଚାରାରୋପଣ ଜରୁରୀ

**ବାଲିଅନ୍ତା, ୧୨।୭ (ନୀଳମାଧବ ସାହୁ)**

ଭୁବନେଶ୍ୱର ମହାନଗର ନିଗମର ୧୮ ନଂ. ୱାର୍ଡ ପଳାଶୁଣୀ ପ୍ରାଚୀ ବିହାରସ୍ଥିତ ଶ୍ରୀ ମା' ବିଦ୍ୟାପୀଠ ପରିସରରେ ଭାଜପା ଗୋପୀନାଥ ମଣ୍ଡଳ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ ଅବସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଚାରାରୋପଣ କରିଥିଲେ। ମା' ଯେପରି ଆମକୁ ଅଯାଚିତ ଭାବରେ ସ୍ନେହ, ଶ୍ରଦ୍ଧା ଭଲ ପାଇବା ସହିତ ଖାଦ୍ୟ ଦେଇ ଆମକୁ ବଞ୍ଚାନ୍ତି, ଗଛ ମଧ୍ୟ ସେହିପରି ଆମକୁ ବଞ୍ଚାଇ ରଖୁଛି। ତେଣୁ ପରିବେଶ ସୁରକ୍ଷା ସହିତ ମଣିଷ ସଭ୍ୟତା ବଞ୍ଚିବାକୁ ବ୍ୟାପକ ଚାରାରୋପଣ ଜରୁରୀ ବୋଲି ସେ କହିଥିଲେ। ଏ ଦିଗରେ ଛାତ୍ରୀଛାତ୍ର ଆଗେଇ ଆସି ନିଜ ଘର ବଗିଚାରେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରାଯିବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପୀନାଥ ମଣ୍ଡଳର ସଭାପତି ଜଳନ୍ଧର ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାକ୍ଷର ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଏଥିରେ ନିରଞ୍ଜନ ରାଉତରାୟ, ନବଘନ ବେହେରା, ଅନୁରାଧା ଦାସ, ସ୍ମରଣିକା ଶତପଥୀ, ପ୍ରିୟା ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।





ପ୍ରାଚୀ ବିହାରସ୍ଥିତ ଶ୍ରୀ ମା' ବିଦ୍ୟାପୀଠ ପରିସରରେ ଭାଜପା ଗୋପୀନାଥ ମଣ୍ଡଳ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ।

# ଋଣ ଶୁଝି ନ ପାରି ମୁଣ୍ଡଳି ବ୍ରିଜ୍‌ରୁ ଡେଇଁ ଯୁବକ ନିଖୋଜ

## ବାଇକ୍ ଜବତ

**ବାରଙ୍ଗ/ତ୍ରିଶୂଳିଆ, ୧୨।୭ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ଋଣଭାର ସହି ନ ପାରି ଜଣେ ଯୁବକ ବାରଙ୍ଗ ଥାନା ଅଧୀନ ମହାନଦୀ ମୁଣ୍ଡଳି ବ୍ୟାରେଜ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଗାଡ଼ି ରଖି ନଦୀକୁ ଡେଇଁପଡ଼ିଥିବା ଥାନାରେ ଅଭିଯୋଗ ହୋଇଛି। ବାରଙ୍ଗ ଅଗ୍ନିଶମ କର୍ମଚାରୀ ବୋଟ୍ ସାହାଯ୍ୟରେ ଶନିବାର ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ରବିବାର ପୁନର୍ବାର ଖୋଜାଖୋଜି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଯୁବକ ଜଣଙ୍କ ସେକ୍ଟର-୧୦ରେ ରହି ବତୀ ବ୍ୟବସାୟ କରୁଥିବା ଖୋର୍ଦ୍ଧା ଅଞ୍ଚଳର ହେମନ୍ତ କୁମାର ସାହୁ (୩୮) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୋଲିସ ପାଟ୍ରୋଲିଂ କରିବା ସମୟରେ ମୁଣ୍ଡଳି ବ୍ୟାରେଜ ଉପରେ ଏକ ବାଇକ୍ (ଓଡି ୦୫ଏଏକ୍ସ ୩୬୦୩) ଥୁଆ ହୋଇଥିବା ଦେଖିଥିଲା। କିଛି ସମୟ ପର୍ଯ୍ୟନ୍ତ କେହି ନ ଆସିବାରୁ ବାଧହୋଇ ପୋଲିସ ଗାଡ଼ି ନମ୍ବରରୁ ଯାଞ୍ଚ କରି ବାଇକ୍ ଚାଳକଙ୍କ ପରିଚୟ ପାଇଥିଲା। ବାଇକ୍‌ଟି ହେମନ୍ତଙ୍କର ବୋଲି ପୋଲିସ ଜାଣିବା ପରେ ସିଡିଏ ଫେଜ୍-୨ ଥାନାକୁ ଜଣାଇଥିଲା। ତେବେ ହେମନ୍ତ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକ ସିଡିଏ ଫେଜ୍-୨ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଥିଲା। ଶନିବାର ସକାଳୁ ଅଭିଯୋଗ ଆଧାରରେ ଫେଜ୍-୨ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ହେମନ୍ତ ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରୁଥିବାବେଳେ କିସ୍ତି ଶୁଝି ନ ପାରିବାରୁ ବ୍ୟାଙ୍କ କର୍ମଚାରୀ ଆସି ତାଙ୍କୁ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ଲଜ୍ଜା ସହି ନ ପାରି ସେ ମୁଣ୍ଡଳି ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରୁଥିବା ନେଇ ତାଙ୍କ ସ୍ତ୍ରୀଙ୍କୁ ଏକ ଭଏସ୍ ରେକର୍ଡିଂ ପଠାଇଥିବା ଜଣାପଡ଼ିଛି।

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ବାରଙ୍ଗ/ତ୍ରିଶୂଳିଆ, ୧୨।୭ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ମହାନଦୀର ମୁଣ୍ଡଳି ବ୍ୟାରେଜ୍ ଉପରେ ବାଇକ୍ ସହ କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଆଠଗଡ଼ ଥାନା ଅଧୀନ ରାଧାପ୍ରସନ୍ନପୁର ଗ୍ରାମର ବଳିଆ ନାୟକ (୩୬)। ଏନେଇ ବାରଙ୍ଗ ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ନଂ.୩୪୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ୧୧ଟାରେ ବଳିଆ ଓ ତାଙ୍କ ସାଥୀ ମାନସ ବେଉରା(୨୫) ଏକ ବାଇକ୍ (ଓଡି ୩୩ଏଡି ୦୭୬୨) ଯୋଗେ ମୁଣ୍ଡଳି ଅଞ୍ଚଳରୁ ଘରକୁ ଫେରୁଥିଲେ। ମହାନଦୀର ମୁଣ୍ଡଳି ବ୍ୟାରେଜ୍ ଉପରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର୍(ଓଡି ୦୨ସିଭି ୩୮୧୪) ସହ ସେମାନଙ୍କ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ଆହତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠୁ ଖବରପାଇ ବାରଙ୍ଗ ଓ ଆଠଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବାରଙ୍ଗ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହ ଗୁରୁତର ଆହତ ୨ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଳିଆଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ





ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)**

ସ୍ୱାଧୀନତା ସଂଗ୍ରାମୀ କମ୍ରେଡ଼ ଗଙ୍ଗାଧର ପାଇକରାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଶନିବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ସଭାପତିତ୍ୱ କରି ସ୍ୱର୍ଗତ ପାଇକରାୟଙ୍କ ସ୍ମୃତିଚାରଣ କରିଥିଲେ। ସମାରୋହରେ ସିପିଆଇ ରାଜ୍ୟ ସହ-ସମ୍ପାଦକ କ୍ଷୀରୋଦ ସିଂହଦେଓ, ସିପିଆଇ(ଏମ୍) ରାଜ୍ୟସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡ. ପ୍ରଶାନ୍ତ ମିଶ୍ର, ରମଣୀରଞ୍ଜନ ରାଉତରାୟ, ଏଆଇଟିୟୁସି ରାଜ୍ୟ ସାଧାରଣସମ୍ପାଦକ ବିଜୟ ଜେନା, ସ୍ମୃତି କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଗଙ୍ଗାଧରଙ୍କ ଅବଦାନ, ଜମିଦାରୀ ବ୍ୟବସ୍ଥାର ଉଚ୍ଛେଦ, ଭୂସଂସ୍କାର, ଭାଗଚାଷୀ ସମସ୍ୟା ସମାଧାନ ପାଇଁ କୃଷକଙ୍କ ଆନ୍ଦୋଳନର ନେତୃତ୍ୱ ନେଇ ଅନେକ କୃତିତ୍ୱ ହାସଲ କରିଥିଲେ ବୋଲି ମତ ପ୍ରକାଶ କରିଥିଲେ। ଦେଶର ଶାସକ ଶ୍ରେଣୀ କର୍ପୋରେଟ ପୁଞ୍ଜିପତିଙ୍କ ସପକ୍ଷରେ କୃଷକ ବିରୋଧୀ ନୀତି ଗ୍ରହଣ କରୁଛନ୍ତି। କୃଷି ଓ କୃଷକମାନଙ୍କୁ ତଳିତଳାନ୍ତ କରୁଥିବା ହେତୁ ଗଙ୍ଗାଧରଙ୍କ ସଂଗ୍ରାମୀ ପଥରେ କୃଷକମାନଙ୍କୁ ସଂଗଠିତ କରି ଐକ୍ୟବଦ୍ଧ ପ୍ରତିରୋଧ ଆନ୍ଦୋଳନ ଗଢ଼ିତୋଳିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ସମାରୋହର ଉଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ।

# ଲବଣଗିରିରେ ଚାରାରୋପଣ

**ପୁରୁଣା ଭୁବନେଶ୍ୱର, ୧୨।୭ (ସୁବାସ ଚନ୍ଦ୍ର ପ୍ରଧାନ)**

ବନମହୋତ୍ସବ ପାଳନ ଅବସରରେ ଶନିବାର ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୁନ୍ଦରପଦା ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ପାଞ୍ଚଗାଁ ନିକଟସ୍ଥ ଲବଣଗିରି ପାହାଡ଼ର ପାଦଦେଶରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଚାରାରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ବରିଷ୍ଠ ନାଗରିକମାନେ ଏହି କାର୍ଯ୍ୟକ୍ରମ କରିଛନ୍ତି। ବରିଷ୍ଠ ନାଗରିକ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ସଭାପତି ହୃଷିକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ କେ. ଏମ୍. ମୁନିସ୍, ସମ୍ପାଦକ ଧିରେନ ପଟ୍ଟନାୟକ ଓ ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବୈଠକରେ ସକଳେଶ୍ୱର ପଟ୍ଟନାୟକଙ୍କ କାବ୍ୟ ଜନନୀ, ଅଲେଖ ରାଉତଙ୍କ କବିତା ବୃକ୍ଷ, ସୁଧାଂଶୁ ମିଶ୍ରଙ୍କ କବିତା ପଳାଶ ଫୁଲ ଆବୃତ୍ତି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଡ. ନୀତି ରଞ୍ଜନ ଚାନ୍ଦ ସଂଗଠନର ଶୁଭ ମନାସି ସମସ୍ତଙ୍କୁ ଠାକୁରଙ୍କ ଭୋଗ ବଣ୍ଟନ କରିଥିଲେ। ଭୁବନେଶ୍ୱର ବାର୍ ଆସୋସିଏଶନର ସାଧାରଣ ସମ୍ପାଦକ ସୂର୍ଯ୍ୟ ରଞ୍ଜନ ସେନାପତିଙ୍କ ନେତୃତ୍ୱରେ ଆଇନଜୀବୀ ନିହାର ରଞ୍ଜନ ସେଠୀ, ସରୋଜ ମହାପାତ୍ର, ଦୁର୍ଗା ପ୍ରସନ୍ନ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଆଚାର୍ଯ୍ୟ, ବିଜୟ ମହାନ୍ତି, ବେଣୁଧର ପାତ୍ର, ଅକ୍ଷୟ କୁମାର ଦାସ, ଗୌରପ୍ରସାଦ ଦାସ, ସରୋଜ ପଟ୍ଟନାୟକ, ଦିଗମ୍ବର ସାମଲ, ଅମ୍ବିକା ଶିଶୁ ଗୋସ୍ୱାମୀ, ହେମନ୍ତ ପଣ୍ଡା, ଜ୍ଞାନ ରଞ୍ଜନ ବଟୁ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ସୁରେନ୍ଦ୍ର ନାଥ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

## ୩୧ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୬୪୩ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ

**ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)**

ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଶନିବାର ଏମ୍ସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏନେଇ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏଥିରେ ୧୯୬ଜଣ ଡାକ୍ତରୀ ଛାତ୍ରୀଛାତ୍ର, ୧୫୮ଜଣ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ଜଣ ସୁପର ସ୍ପେଶାଲିଟି (ଡିଏମ୍/ଏମ୍‌ସିଏଚ୍), ୨୧ଜଣ ପୋଷ୍ଟ-ଡକ୍ଟରାଲ ଫେଲୋ (ପିଡିଏଫ), ୧୧୬ଜଣ ବିଏସ୍‌ସି ନର୍ସିଂ, ୬୨ଜଣ ବିଏସ୍‌ସି ପାରାମେଡିକାଲ, ୪୧ଜଣ ଏମ୍‌ଏସ୍‌ସି ନର୍ସିଂ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତିସ୍ୱରୂପ ୧୭ଜଣ ଡାକ୍ତରୀ ଛାତ୍ରୀଛାତ୍ର, ଜଣେ ଏମ୍‌ଡି/ଏମ୍‌ଏସ୍, ଜଣେ ଡିଏମ୍/ଏମ୍‌ସିଏଚ୍, ୩ଜଣ ବିଏସ୍‌ସି ନର୍ସିଂ, ୭ଜଣ ବିଏସ୍‌ସି ପାରାମେଡିକାଲ, ଦୁଇଜଣ ଏମ୍‌ଏସ୍‌ସି ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୫୯ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଡିନ୍ ଡା. ପି.ଆର୍. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା ଏବଂ ଡା. ବିକାଶ ଭାଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ।

# ଚିକିତ୍ସା ଆଳରେ ଆୟୁଷ୍ମାନ କାର୍ଡରୁ ଟଙ୍କା ହଡ଼ପ

କଟକ,୧୨।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକର ଏକ ଘରୋଇ ହସ୍ପିଟାଲ ବିରୋଧରେ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ରୋଗୀଙ୍କ ଚିକିତ୍ସା ଆଳରେ ଆୟୁଷ୍ମାନ୍ କାର୍ଡର ଟଙ୍କା ହଡ଼ପ କରିବା ପରେ କାର୍ଡର ପୋର୍ଟାଲରେ ମୃତ ବୋଲି ଦର୍ଶାଇଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ଏପରି କି ବଞ୍ଚିଥିବା ରୋଗୀଙ୍କୁ ମୃତ ଦର୍ଶାଇ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏବେ ରୋଗୀ ଜଣକ ଅନ୍ୟ ହସ୍ପିଟାଲକୁ ଚିକିତ୍ସା ପାଇଁ ଯିବାରୁ ସେଠାରେ ଆୟୁଷ୍ମାନ୍ କାର୍ଡରେ ମୃତ ବୋଲି ଦର୍ଶାଯାଇଥିବାରୁ ଚିକିତ୍ସାରୁ ବଞ୍ଚିତ ରହିଛନ୍ତି। ଏଭଳି ଅଭିଯୋଗ କଟକ କୃଷକ ବଜାର ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ବିରୋଧରେ ଆସିଛି। ଏ ନେଇ ବିଡାନାସୀ ଥାନାରେ ରୋଗୀଙ୍କ ପରିବାରବର୍ଗ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, କଟକ ରାଣୀହାଟ ଅଞ୍ଚଳର ଚଞ୍ଚଳା ନାଟିଆ ଗତ ୨୫ ତାରିଖରେ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚଞ୍ଚଳା ମଧୁମେହ


ଘରୋଇ ହସ୍ପିଟାଲର ଭୁଲ୍ ଯୋଗୁ ଆୟୁଷ୍ମାନ କାର୍ଡ ଦ୍ୱାରା ଚିକିତ୍ସିତ ହେବାରୁ ବଞ୍ଚିତ କଟକର ଚଞ୍ଚଳା।

ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିବାରୁ ଉକ୍ତ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇଥିଲେ। ହେଲେ ତାହା ଠିକ୍ ଭାବେ ହୋଇ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଆଙ୍ଗୁଠିକୁ କାଟିଥିଲେ ଏବଂ ଗତ ୧ ତାରିଖରେ ଡିସ୍‌ଚାର୍ଜ କରିଥିଲେ। ହେଲେ ଶୁକ୍ରବାର ପୁଣି ଚଞ୍ଚଳାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲରେ ପରିବାର ଲୋକ ଭର୍ତ୍ତି କରାଇଥିଲେ। ସେଠାରେ ଆୟୁଷ୍ମାନ୍ କାର୍ଡ ଯୋଗେ ଚିକିତ୍ସା କରାଇବା ନେଇ ପଚରାଉଚରା କରିବାରୁ ଉକ୍ତ କାର୍ଡରେ ଚଞ୍ଚଳା ମୃତ ବୋଲି ପୋର୍ଟାଲରେ ଦର୍ଶାଯାଇଥିବା

- କଟକରେ ଘରୋଇ ହସ୍ପିଟାଲରେ ବଢ଼ିଚାଲିଛି ମନମାନି
- ଜୀବିତଙ୍କୁ କାର୍ଡର ପୋର୍ଟାଲରେ ମୃତ ଦର୍ଶାଇଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ
- ଚିକିତ୍ସା ସମୟରେ କାର୍ଡର ବ୍ୟବହାର ନ କରି ଅସହାୟ ପରିବାର ଲୋକ
- ଥାନାର ଦ୍ୱାରସ୍ଥ ହେଲେ ପରିବାର ଲୋକ

ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ତେବେ ଚଞ୍ଚଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଆୟୁଷ୍ମାନ୍ କାର୍ଡ ଥାଇ ମଧ୍ୟ ହାତରୁ ଟଙ୍କା ଖର୍ଚ୍ଚ କରି ତାଙ୍କର ଚିକିତ୍ସା କରାଇଛନ୍ତି ପରିବାର ଲୋକ। ଏହି ଘଟଣା ନେଇ ପରିବାର ସଦସ୍ୟ ବିଡାନାସୀ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରିଛି ପୋଲିସ। ଅନ୍ୟପଟେ କାଗଜପତ୍ରରେ ମୃତ ଘଟଣାରେ ନିଜର ଭୁଲ ଥିବା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱୀକାର କରିଥିବା ଜଣାପଡ଼ିଛି। ଏ ନେଇ ଚଞ୍ଚଳାଙ୍କ ଝିଅ କହିଛନ୍ତି, ଘରୋଇ ହସ୍ପିଟାଲର ମନମାନି ଏବେ ବଢ଼ିବାରେ ଲାଗିଛି। ଏଭଳି ଅବହେଳା କରୁଛନ୍ତି ଯେ ଆୟୁଷମାନ କାର୍ଡ ଥାଇ ମଧ୍ୟ ତାହା ଏବେ କାମରେ ଆସିନି। କାର୍ଡରୁ ଟଙ୍କା ନେଇ ପୋର୍ଟାଲରେ ରୋଗୀ ମୃତ ବୋଲି ଦର୍ଶାଇଛନ୍ତି। ଫଳରେ ଏବେ ମୋ ମା' ଗୁରୁତର ଭାବେ ଅସୁସ୍ଥ ଥିବାବେଳେ ଅନ୍ୟ ହସ୍ପିଟାଲରେ ଏହି କାର୍ଡ ଦ୍ୱାରା ଚିକିତ୍ସା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ନେଇ ସ୍ୱେଚ୍ଛାସେବୀ ତଥା ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ରକ୍ଷକ କଟକ ପ୍ରତିନିଧି ଲୋପାମୁଦ୍ରା ଷଡଙ୍ଗୀ କହିଛନ୍ତି, ଘରୋଇ ହସ୍ପିଟାଲ ଏବେ ମନମାନି କରିବା ଆରମ୍ଭ ଦେଇଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ଓ ଡାକ୍ତର ଏଭଳି ଭୁଲ କଲେ ସେମାନେ ରୋଗୀ ସେବା କିଭଳି କରୁଥିବେ ତାହା ଏବେ ବଡ ପ୍ରଶ୍ନ ପାଲଟିଛି। ପୋଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରୁଛି। ବିଡାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟ କହିଛନ୍ତି, ଘଟଣା ନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି ଏବଂ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ମିତା ମିଶ୍ର ପାଇଲେ ଗୋପାଳ ମିଶ୍ର ସମ୍ମାନ


ସ୍ମିତା ମିଶ୍ରଙ୍କୁ ଗୋପାଳ ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

କଟକ,୧୨।୭(କାର୍ତ୍ତିକ ସାହୁ)

କାୟାକଳ୍ପ ପକ୍ଷରୁ କବି ତଥା ଶିକ୍ଷାବିତ୍ ଡ. ଗୋପାଳ ଚନ୍ଦ୍ର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଶ୍ରୀରାମଚନ୍ଦ୍ର ଭବନଠାରେ ପାଳିତ ହୋଇଯାଇଛି। ଶିକ୍ଷାବିତ ତ୍ରିଲୋଚନ ରାୟଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ପ୍ରଫେସର ବିଜୟ ଶତପଥୀ, ପ୍ରଫେସର ଡ. ଚିନ୍ମୟୀ ମହାପାତ୍ର, ଆମ୍ନ ମିଶ୍ର ଅତିଥି ଭାବେ ଯୋଗଦେଇ ଡ. ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପିକା ସ୍ମିତା ପ୍ରଧାନଙ୍କୁ ଗୋପାଳ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ ଛାତ୍ରୀ ସୁହାନି, ଜ୍ୟୋତ୍ସ୍ନା, ରୂପାଲି, ସାଗରିକାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳ ମିଶ୍ରଙ୍କ ଉପରେ ପ୍ରସ୍ତୁତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଡାକ୍ତର କୌଶିକ ମିଶ୍ର ଧନ୍ୟବାଦ ଦେଇଥିଲେ। ନିହାର ବାଳା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଭାଗ୍ୟଧର ବ୍ରହ୍ମା, ମହାଶ୍ୱେତା ମିଶ୍ର, ସୋଭାନା ଶତପଥୀ, ରିତିକି ମିଶ୍ର , ଜ୍ୟୋତ୍ସ୍ନା ମିଶ୍ର, ଶୁଭେନ୍ଦୁ ମହାନ୍ତି, କିଶୋର ମହାନ୍ତି ପ୍ରମୁଖ ସାହିତ୍ୟିକ ଉପସ୍ଥିତ ଥିଲେ।

## କଟକ ସଦର ପୂଜ୍ୟପୂଜା କମିଟି ଗଠିତ

କଟକ ସଦର,୧୨।୭(ସୁଶାନ୍ତ କୁମାର ଜେନା)

କଟକ ସଦର ପୂଜ୍ୟପୂଜା କମିଟି ଗଠିତ ହୋଇଛି। କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁରସ୍ଥିତ କୋଟିଲେଇ ପୀଠରେ ଆୟୋଜିତ ବୈଠକରେ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ଯୋଗଦେଇ ଅଞ୍ଚଳରେ ଥିବା ପୂଜ୍ୟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନୁଷ୍ଠାନର ନାମ କଟକ ସଦର ପୂଜ୍ୟପୂଜା କମିଟି ବୋଲି ପ୍ରସ୍ତାବ ଦେଇଥିବା ସୁବୋଧ ବେହେରାଙ୍କ ପ୍ରସ୍ତାବକୁ ସମସ୍ତେ ଗ୍ରହଣ କରିଥିଲେ। କମିଟି ସଭାପତି ଭାବେ ପ୍ରଫୁଲ୍ଲ କୁମାର ସିଂହ, କାର୍ଯ୍ୟକାରୀ ସଭାପତି ଭାବେ ହୃଷୀକେଶ ଜେନା, ସୁମନ୍ତ ପଣ୍ଡା, ରାମଚନ୍ଦ୍ର ଗୋଛାୟତ ଓ ବିଳାସ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଭାବେ ତ୍ରିଲୋଚନ ପାତ୍ର, ସୁବୋଧ ବେହେରା, ସମର ବେହେରା ଓ ନିର୍ମଳ ଦାସଙ୍କୁ ମନୋନୀତ କରାଯାଇଛି। ସଙ୍ଗଠନ ସମ୍ପାଦକ ଅକ୍ଷୟ ଜେନା, ଅନିରୁଦ୍ଧ ରାଉଳ, ଚିତ୍ତରଞ୍ଜନ ମହାପାତ୍ର, ରଜନୀ କାନ୍ତ ସାହୁ, ପ୍ରଦୀପ୍ତ ମହାଳି, ତ୍ରିଲୋଚନ ସ୍ୱାଇଁ, ନିହାର ନନ୍ଦ, ସୀତାକାନ୍ତ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ସଂକ୍ଷେପରେ

### ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ,୧୨।୭(ଶିଳ୍ପା ପ୍ରିୟଦର୍ଶିନୀ)

ନବନିଯୁକ୍ତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କଟକ ଭାଜପାର ପ୍ରମୁଖ ନେତୃବୃନ୍ଦ ଓମ ପ୍ରକାଶ ରାୟ, ପ୍ରଦୀପ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧା, ଦୟାନିଧି ଲେଙ୍କା ଏବଂ ଦେବାଶିଷ ଘୋଷ ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଦେବାଶିଷ ମନମୋହନଙ୍କୁ ନିର୍ବାଚିତ ବିଧାୟକଙ୍କ ସଂଖ୍ୟକ ୭୮ଟି ପଦ୍ମ ଫୁଲରେ ନିର୍ମିତ ଏକ ମାଳ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଦଳକୁ ତୃଣମୂଳସ୍ତରରେ ଶକ୍ତିଶାଳୀ କରିବା ଉପରେ ଆଲୋଚନା କରାଯାଇଥିଲା। ନେତୃବୃନ୍ଦ ବୁଥସ୍ତରରେ ସକ୍ରିୟ କମିଟି ଗଠନ, ଯୁବ ଓ ମହିଳା ଏବଂ ନିର୍ବାଚନ ପୂର୍ବରୁ ମତଦାତାଙ୍କ ସହ ସଂଯୋଗ ରକ୍ଷା କରିବା ପାଇଁ ବ୍ୟାପକ ଅଭିଯାନ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ମନମୋହନ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇ ଓଡ଼ିଶାରେ ଭାଜପାକୁ ଆହୁରି ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ।

### ନାବାଳିକାଙ୍କୁ ଅପହରଣ, ଶାରୀରିକ ସମ୍ପର୍କ: ପ୍ରେମିକ ଗିରଫ

ମଇଁଳି-ଜଗତପୁର,୧୨।୭(ମାନସ ସାମଲ)

ନାବାଳିକା ପ୍ରେମିକାଙ୍କୁ ଅପହରଣ ଓ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ସ୍ଥାପନ



ଅଭିଯୋଗରେ ପ୍ରେମିକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପ୍ରେମିକ ହେଲେ ଚୌଦ୍ୱାର ଥାନା ଅଧୀନ ଶାଳଗାଁ ପଞ୍ଚାୟତ ଭୟରପୁର ଗ୍ରାମର ତପନ କୁମାର ସାମଲ (୨୩)। ପୀଡିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ମୁତାବକ, ତପନ ଟାଙ୍ଗି ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଗତ ଫେବୃଆରୀ ୧୬ରେ ତାଙ୍କୁ ଅପହରଣ କରି ନେଇଯାଇଥିଲେ। ପରେ ନାବାଳିକାଙ୍କୁ ବିବାହର ନାଟକ ରଚି ଏକ ମନ୍ଦିରରେ ସିନ୍ଦୂର ଦେଇଥିଲା। ପରେ ନାବାଳିକାର ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ କୌଶଳ କ୍ରମେ ନିଜ ପରିବାରଙ୍କୁ ଯୋଗାଯୋଗ ସେଠାରୁ ଖସି ଆସି ଗୁରୁବାର ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଟାଙ୍ଗୀ ପୋଲିସ ତପନଙ୍କୁ ଶୁକ୍ରବାର ରାତ୍ରିରେ ଶାଳଗାଁସ୍ଥିତ ଘରୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ଓସିଏ ସମ୍ମିଳନୀ କକ୍ଷରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ

**ସିଲିଂ ସହ ଜଳିଗଲା ୯ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର**

କଟକ,୧୨।୭(କାର୍ତ୍ତିକ ସାହୁ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)ର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଅଗ୍ନିକାଣ୍ଡରେ ଆନୁମାନିକ ୧୦ରୁ ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ଉକ୍ତ କୋଠାର ପ୍ରଥମ ମହଲାରେ ଥିବା ସମ୍ମିଳନୀ କକ୍ଷ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅଗ୍ନିଶମ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ଅଗ୍ନିକାଣ୍ଡକୁ ରୋକାଯାଇପାରିଛି। ଫଳରେ ତଳ ମହଲାକୁ ନିଆଁ ବ୍ୟାପିପାରିନାହିଁ।

ସୂଚନାନୁସାରେ, ଅପରାହ୍ନ ପ୍ରାୟ ୧ଟା ୪୦ ମିନିଟ୍ ସମୟରେ ନିଆଁ ଲାଗିଥିବା ନେଇ ବକ୍ସିବଜାର ଅଗ୍ନିଶମ ବାହିନୀକୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ବକ୍ସିବଜାରରୁ ୨ଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ମିଳନୀ କକ୍ଷରୁ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀମାନେ କାଚ ଝରକା ଭାଙ୍ଗି ଧୂଆଁ ନିଷ୍କାସନ


ଅଗ୍ନିଶମ ବାହିନୀ ନିଆଁକୁ ଲିଭାଉଛନ୍ତି।

କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିବାରୁ ସମ୍ମିଳନୀ କକ୍ଷରେ ଲାଗିଥିବା ୯ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ପୋଡ଼ିଯାଇଛି। ଏଥିସହ ସମ୍ମିଳନୀ କକ୍ଷର ସିଲିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଅଗ୍ନିଶମ ବାହିନୀ ପକ୍ଷରୁ ରବିବାର କ୍ଷୟକ୍ଷତିର ଆକଳନ କରାଯିବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫୁଲନଖରା,୧୨।୭(ସତ୍ୟରଞ୍ଜନ ଦାସମହାପାତ୍ର)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ କର ଗତ ଜୁନରେ ଅବସର ଗ୍ରହଣ କରିଥିବା ବେଳେ ଶନିବାର ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର-କଟକର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସହ ନିର୍ଦ୍ଦେଶକ ପ୍ରଜ୍ଞା ପରମିତା ଜେନା, ସମ୍ମାନିତ ଅତିଥି ଭାବେ ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ପଞ୍ଚବଟୀ ଉପ୍ରା କ୍ଲଷ୍ଟର ସିଆର୍‌ସିସି ସୋମନାଥ ଭୋଇ, ପଞ୍ଚବଟୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅତସୀ ମିଶ୍ର, ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, ବିଦ୍ୟାଳୟ ଆଲୁମିନା କମିଟି ସଭାପତି ପ୍ରଶାନ୍ତ କୁମାର ପରିଜା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ରାଉତରାୟ, ପ୍ରଧାନ ଶିକ୍ଷୟିତ୍ରୀ ଜାପିକା ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସର ନେବା ସମ୍ପର୍କରେ କହିଥିଲେ। ବିଦାୟୀ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ସତ୍ୟରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷାବିତ ଅଶୋକ ପୃଷ୍ଟି ମଙ୍ଗଳାଷ୍ଟକ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

## କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ପରଲୋକ

କଟକ,୧୨।୭(କାର୍ତ୍ତିକ ସାହୁ)



ଗାଡ଼ି ଗଡ଼ି ଗଡ଼ି ଯାଆ ଚାଲିଯା ଘଟଗାଁକୁ... ଭଳି କାଳଜୟୀ ସଙ୍ଗୀତରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ(୬୭)ଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ଘଟିଛି। ତାଙ୍କ ପରଲୋକ ଖବର ପାଇ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ବ୍ୟକ୍ତିମାନେ ଶେଖବଜାରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ସେ କିଛି ବର୍ଷ ହେବ ଶାରୀରିକ ଅସୁସ୍ଥତା ହେତୁ ଘରେ ଚିକିତ୍ସିତ ହେଉଥିଲେ। ୨ ବର୍ଷ ତଳୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କର ୨ ଝିଅ, ୧ ପୁଅ ଓ ନାତିନାତୁଣୀ ଅଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଯାଇଛି। ଲେ ଲବିନା ଟିକେ ପଛକୁ ଅନା..., ବାଟ ଛାଡ଼ ଆସୁଛି ଦଶରା' ବଜାର ମେଢ଼ ଆଦି ବହୁ ସୁପରିହିଟ୍ ସଙ୍ଗୀତ ତାଙ୍କୁ ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ ଭାବେ ପରିଚିତି ଆଣିଦେଇଥିଲା। ଭଜନ, ଆଧୁନିକ ଓ ସିନେମା ଗୀତରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଥିଲେ। ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ। ତାଙ୍କ ବିୟୋଗରେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦ ସଭାପତି ସୁବାସ ଦାଶ, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁଙ୍କ ସମେତ ଶୁଭଲକ୍ଷ୍ମୀ ଦାସ, ପଣ୍ଡିତ ନୀରଦ ଆର୍ଯ୍ୟ, ଗୀତା ଖୁଣ୍ଟିଆ, ଡ. ଦୀପକ ରାଜ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଗଛ ଲଗାଇ ଯତ୍ନନେବା ଜରୁରି

କଟକ,୧୨।୭(ଶିଳ୍ପା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ବନ ମହୋତ୍ସବ ମାସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ପ୍ରତିଷ୍ଠାତା କଂଗ୍ରେସ ବରିଷ୍ଠ ନେତା ଇଂ. ମହମଦ ମୋକିମ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଗଛ ଲଗାଇ ଚାରା ବଣ୍ଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରାଙ୍କ ସଭାପତିତ୍ୱରେ ପରିବେଶ ସୁରକ୍ଷା ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ବାରବାଟୀ କଟକ ବିଧାୟିକା ତଥା ଫାଉଣ୍ଡେଶନ ଟ୍ରଷ୍ଟି ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଗଛ ଲଗାଇବା ସହ ଗଛର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନଗର ବନ ସଂଗ୍ରହକ ସିଦ୍ଧାର୍ଥ ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ କଟକ ସହକାରୀ ଜିଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଗିରିବାଳା ବେହେରା, କର୍ପୋରେଟର ଭାନୁମତି ସେନାପତି ଓ ଶ୍ରମିତି ନାୟକ ଯୋଗଦେଇଥିଲେ। ଫାଉଣ୍ଡେଶନ ପକ୍ଷରୁ ପରିବେଶ ଉପରେ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ମମତା କୁମାରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ଆଇନଜୀବୀ ପ୍ରସନ୍ନ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସତ୍ୟରଞ୍ଜନ କରଙ୍କ ସଂଯୋଜନାରେ କରିଥିବାବେଳେ ଶେଷରେ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତ ଆଚାର୍ଯ୍ୟ, ମହେନ୍ଦ୍ର ନାୟକ, ଅରୋପ୍ୟ ରଞ୍ଜନ ମହାପାତ୍ର, ସତ୍ୟଶ୍ରୀ ବେହେରା, ଅନୁଜ୍ଞା ସ୍ୱାଇଁ, ମୌସୁମୀ ସିହ୍ନା, ସୁଭାଷିନୀ ବେହେରା, ମମତା ଜେନା, ନମିତା ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଫଟୋ:


ମୋକିମ ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

## ରାସ୍ତା ଉପରେ ମୃତଦେହ ରଖି ପରିବାରବର୍ଗଙ୍କ ଧାରଣା

କଟକ,୧୨।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଚିକିତ୍ସା ଅବହେଳାରୁ ଶିଶୁଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ସହ ହସ୍ପିଟାଲ, ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଶନିବାର ଏସ୍‌ସିବିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ପରିବାର ଲୋକ ପୁରୀଘାଟ ଉପର ତେଲେଙ୍ଗାବଜାର ରାସ୍ତାରେ ମୃତଦେହ ରଖି ଧାରଣା ଦେବା ସହ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ସ୍ଥାନୀୟ ପୁରୀଘାଟ ପୋଲିସ ଓ ଜୋନ-୪ ଏସିପି ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଦାବିକୁ ଲିଖିତ ଆକାରରେ ମୃତ ଶିଶୁଙ୍କ ପରିବାର ଲୋକ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତ ଶିଶୁର ବୁଢ଼ୀ ମା' ବେଲ ଦେଇ କହିଛନ୍ତି, ମେଡିକାଲରେ ଭୁଲ ଚିକିତ୍ସା କରାଇବାରୁ ଏଭଳି ସ୍ଥିତି ଉପୁଜିଛି। ନାତିଙ୍କୁ ଏସ୍‌ସିବି ନେବାକୁ କହିଥିଲେ ହେଲେ ସେଠାରେ ଆମ୍ବୁଲାନ୍ସ ଥାଇ ମଧ୍ୟ କେହି ସହଯୋଗ କଲେ ନାହିଁ। ଉକ୍ତ ମେଡିକାଲ ଓ ସେଠାକାର ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ସ୍ଥିତି ଆୟତ୍ତ କରିବା ପରେ ଜୋନ୍-୪ ଏସିପି ଅଶୋକ ଗିରି କହିଛନ୍ତି ଯେ, ଘଟଣା ସମ୍ପର୍କରେ ଦରଘାବଜାର ଥାନାରେ ଅଭିଯୋଗ କରାଯାଇଛି ଏବଂ ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୃତଦେହ ରଖି ପ୍ରତିବାଦ କରାଯାଇଥିଲା, ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ତାଙ୍କ ଦାବି ଲିଖିତ ଭାବେ ଦେଇଛନ୍ତି ଏବଂ ଏହାକୁ ଜିଲାପାଳଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।


ରାସ୍ତା ଉପରେ ମୃତଦେହ ରଖି ମୃତକଙ୍କ ସମ୍ପର୍କୀୟମାନେ ରାସ୍ତା ଅବରୋଧ କରିଛନ୍ତି।

**ଚିକିତ୍ସା ଅବହେଳାରୁ ୧୦ ବର୍ଷ ଶିଶୁର ମୃତ୍ୟୁ ଘଟଣା**

**କ୍ଷତିପୂରଣ ସହ ହସ୍ପିଟାଲ, ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ସୂଚନାଥାଉକି, ପୁରୀଘାଟ ଉପର ତେଲେଙ୍ଗାବଜାର ଅଞ୍ଚଳର ସୁକୁଟା ଦାସଙ୍କ ପୁଅ ଅନିଆ ଦାସ (୧୦)ଙ୍କୁ ଗୁରୁବାର ଡାଇରିଆ ହେବାରୁ ତାଙ୍କୁ ଶୁକ୍ରବାର ସିଟି ହସ୍ପିଟାଲ ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୪ଟାରେ ଅନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ସେତେବେଳେ ତାଙ୍କୁ ଏସ୍‌ସିବି ସ୍ଥାନାନ୍ତର କରିବା ବଦଳରେ ରାତି ୯ଟାରେ ଡାକ୍ତର ତାଙ୍କୁ ଏସ୍‌ସିବି ନେବାକୁ କହିଥିଲେ। ଏସ୍‌ସିବି ନେବା ପାଇଁ ଅନିଆଙ୍କ ପରିବାର ଲୋକ ସିଟି ହସ୍ପିଟାଲରେ ଥିବା ଦୁଇଟି ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ ହେଲେ ସେମାନେ ନେବାକୁ ମନା କରିଥିଲେ। ପରିବାର ଲୋକ ଅନିଆଙ୍କୁ ଅଟୋ ଯୋଗେ ଏସ୍‌ସିବି ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ହେଲେ ସେଠାରେ ମଧ୍ୟ ଡାକ୍ତର ସମାନ କଥା କହିଥିଲେ। ସେଠାରୁ ଅନିଆଙ୍କୁ ନେଇ ପରିବାର ଲୋକ ସିଟି ହସ୍ପିଟାଲରେ ପହଞ୍ଚିଥିଲେ। ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସା ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ସହ ହସ୍ପିଟାଲ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଖବର ପାଇ ସ୍ଥାନୀୟ ଦରଘାବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଆୟତ୍ତକୁ ଆଣିଥିଲା।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

କାକଟପୁର/ଅସ୍ତରଙ୍ଗ,୧୨।୭ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗାଈ ଆଣିବାକୁ ଯାଇଥିବାବେଳେ ଶନିବାର ଅପରାହ୍ନରେ ବ୍ରଜପାତ ଘଟିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ସାହୁବୁଦା ଅଞ୍ଚଳର କାମିନୀ ସ୍ୱାଇଁ(୬୦)। ସୂଚନାନୁସାରେ, କାମିନୀ ବର୍ଷା ପବନ ଆସିବାରୁ ନିକଟରେ ଥିବା ବିଲକୁ ଗାଈ ଆଣିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ସେଠାରେ ଟଳିପଡ଼ିଥିଲେ। ପରିବାର ଲୋକେ ନିକଟସ୍ଥ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାହେବାରୁ ମୃତଦେହ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି। ରବିବାର ପୂର୍ବାହ୍ନରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ହେବ ବୋଲି ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶାନ୍ତିଭୂଷଣ ଜେନା ସୂଚନା ଦେଇଛନ୍ତି। ଏ ନେଇ କାକଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ପୁରୀ ବାସେଳୀ ସାହି ଥାନା ଅଧୀନ ଓଡ଼ିଆ ମଠ ନିକଟ ଜଣଙ୍କ ଘରେ ପଶି କେତେଜଣ ଅସମାଜିକ ବ୍ୟକ୍ତି ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ମନ୍ଦାକିନୀ ତ୍ରିପାଠୀ (୭୫) ପରିବାର ସହ ଓଡ଼ିଆ ମଠ ନିକଟରେ ରୁହନ୍ତି। ସେହି ସାହିର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ସହ ତାଙ୍କର ଜାଗାବାଡ଼ିକୁ ନେଇ ମତାନ୍ତର ରହିଥିଲା। ଉକ୍ତ ବ୍ୟକ୍ତିଙ୍କ ନାମରେ ଜାଗା କରାଇ ଦେବାକୁ ଅଭିଯୁକ୍ତମାନେ ପୂର୍ବରୁ ଧମକ ଦେଇ ଆସୁଥିଲେ। ଶନିବାର ରାତିରେ ମନ୍ଦାକିନୀ ଘରେ ଥିବାବେଳେ ଅଭିଯୁକ୍ତମାନେ ଘରେ ପଶି ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ଦସ୍ତଖତ କରିବାକୁ ବାଧ୍ୟ କରିଥିଲେ। ହେଲେ ସେ ମନା କରିବାରୁ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମନ୍ଦାକିନୀଙ୍କ ଡାହାଣ ଗୋଡ଼ ସହ ଅନ୍ୟ ସ୍ଥାନରେ ଆଘାତ ଲାଗିଛି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ପରିବାର ଲୋକେ ବୃଦ୍ଧାଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ମାଟିରେ ମିଶିବାକୁ ବସିଛି ବନ ବିଦ୍ୟାଳୟ ସ୍ମାରକୀ

## ପଦକ୍ଷେପ ନେଉନି ପ୍ରଶାସନ, ବୁଦ୍ଧିଜୀବୀଙ୍କ ଅସନ୍ତୋଷ

ସାକ୍ଷୀଗୋପାଳ,୧୨।୭ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପୁରୀ ଜିଲା ସାକ୍ଷୀଗୋପାଳରେ ଥିବା ଐତିହାସିକ ବନ ବିଦ୍ୟାଳୟ ସ୍ମାରକୀ ଏବେ ମାଟିରେ ମିଶିବାକୁ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ସ୍ମାରକୀ ଭାବେ ପରିଚିତ ବନ ବିଦ୍ୟାଳୟ ଛାତ୍ରାବାସ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ଦୀର୍ଘଦିନ ହେଲା ଏକ ନଡ଼ିଆଗଛ ଭାଙ୍ଗି ଏହି ସ୍ମାରକୀ ଉପରେ ପଡ଼ିରହିଛି। ଛାତ୍ରାବାସ ଚାଳଛପର ନଷ୍ଟ ହୋଇଯାଇଥିବାବେଳେ କାନ୍ଥ ଭାଙ୍ଗିରୁଜି ଗଲାଣି। ନିୟମିତ ଛପର ହେଉନାହିଁ। ଚାଳଛପରରେ ଅନେକ କଣା ହୋଇ ବର୍ଷାପାଣି ଗଳୁଛି। ଫଳରେ ସ୍ମାରକୀ ଭିତରେ ପାଣି ଜମୁଛି। ଏହି ସ୍ମାରକୀ ପୁନରୁଦ୍ଧାର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ସେହି ସମୟରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ତେଣୁ ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ ଏବଂ ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ପ୍ରୟାସ କରିଥିଲେ। ୧୯୦୯ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟାରେ ବକୁଳବନ ପରିସରରେ ଗୁରୁକୁଳ ଢାଞ୍ଚାରେ ବନ ବିଦ୍ୟାଳୟ ସହ ଏକ ଛାତ୍ରାବାସ ପ୍ରତିଷ୍ଠା ହୋଇଥିଲା। ଏଠାରେ ପିଲାମାନେ ସବୁଜ ବୃକ୍ଷରାଜି ପରିବେଶ ମଧ୍ୟରେ ଖୋଲା ଆକାଶ ତଳେ ବସି ପାଠ ପଢୁଥିଲେ। ଏଥିସହ ସେମାନଙ୍କୁ ଭଲ ମଣିଷ, ଉତ୍ତମ ଚରିତ୍ର ଗଠନ ଓ ସେବା ମନୋବୃତ୍ତିର ହେବା ନେଇ ବିଶେଷ ଭାବେ ଶିକ୍ଷା ପ୍ରଦାନ କରାଯାଉଥିଲା। ଛାତ୍ରାବାସରେ ପିଲା ଓ ଶିକ୍ଷକ ରହୁଥିଲେ। ପରବର୍ତ୍ତୀ ସମୟରେ ଏହି ବନ ବିଦ୍ୟାଳୟ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଭାବେ ନାମିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମାରକୀ ଭାବେ ପୁରୁଣା ଛାତ୍ରାବାସ ରହିଛି। ଏହି ସ୍ମାରକୀ ପରିଦର୍ଶନ କରିବା ସହ ଏହାର ଇତିହାସ ସମ୍ପର୍କରେ ଜାଣିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରୁ ବହୁ ଗବେଷକ ଓ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ଏଠାକାର ପ୍ରାକୃତିକ ପରିବେଶ ଉପଭୋଗ କରିଥାନ୍ତି। ଏହି ସ୍ମାରକୀଟି ମାଟିକାନ୍ଥ ଓ ଚାଳଛପର ହୋଇଥିବାବେଳେ ଦୈର୍ଘ୍ୟ ପ୍ରାୟ ୧୫୦ରୁ ୨୦୦ ମିଟର। ସମ୍ମୁଖ ପଟେ ପ୍ରାୟ ୬ଟି ପ୍ରବେଶ ଦ୍ୱାର ଏବଂ ଭିତରେ ଅନେକ କୋଠରି ରହିଛି। ଏହି କୋଠରିଗୁଡ଼ିକରେ ଗୋପବନ୍ଧୁ ଓ ତାଙ୍କ ସହକର୍ମୀ ରହୁଥିଲେ। ଏହି ସ୍ମାରକୀ ପୁନରୁଦ୍ଧାର ତଥା ମରାମତି ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇଥିଲା। କିଛି ମାସ ହେଲା ସ୍ମାରକୀ ଉପରେ ଏକ ନଡ଼ିଆ ଗଛ ଭାଙ୍ଗିପଡ଼ିଛି। ତାହାକୁ ହଟାଯାଉ ନ ଥିବା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀମାନେ କ୍ଷୋଭ ବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ପ୍ରଣବ ପ୍ରକାଶ ମିଶ୍ର କହିଛନ୍ତି, ଏହା ପ୍ରଶାସନର ଚରମ ଅବହେଳା। ଯେଉଁ ପଞ୍ଚସଖାଙ୍କ ପାଇଁ ଓଡ଼ିଆ ଜାତି ଗର୍ବ କରୁଛି, ସେମାନଙ୍କ ଐତିହ୍ୟ ବଞ୍ଚାଇ ରଖିବା ଲାଗି ଧ୍ୟାନ ଦିଆ ନ ଯିବା ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ। ସେହିପରି ଶିକ୍ଷାବିତ୍ ସତ୍ୟବାଦୀ ଦାଶ କହିଛନ୍ତି, ସରକାର ଏହି ଐତିହ୍ୟ ସ୍ମାରକୀ ପୀଠର ସଂରକ୍ଷଣ ଓ ପୁନରୁଦ୍ଧାର ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ସ୍ଥାନୀୟ ଭାଜପା ନେତା ତ୍ରିଲୋଚନ ରଥ କହିଛନ୍ତି, ଏହି ଐତିହ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ଖୁବଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ କରାଯିବାକୁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପାଢ଼ୀ କହିଛନ୍ତି, ଏ ସମ୍ପର୍କରେ ମୋ' ନିକଟରେ କୌଣସି ସୂଚନା କିମ୍ବା ଅଭିଯୋଗ ନାହିଁ। ଖୁବ୍‌ଶୀଘ୍ର ସମ୍ପୃକ୍ତ ଐତିହ୍ୟସ୍ଥଳକୁ ଯାଇ ତଦାରଖ କରିବା ପରେ ଉପଯୁକ୍ତ ପଦକ୍ଷେପ ନେବି।


ଶୋଚନୀୟ ଅବସ୍ଥାରେ ଥିବା 'ବନ ବିଦ୍ୟାଳୟ ସ୍ମାରକୀ' ଉପରେ ନଡ଼ିଆ ଗଛ ଭାଙ୍ଗିପଡ଼ିଛି।

# କାକଟପୁର, ଅସ୍ତରଙ୍ଗରେ ଖୋଲିବ ଜେଏମ୍ଏଫ୍‌ସି କୋର୍ଟ

## ବିଚାରପତିଙ୍କ ପରିଦର୍ଶନ, ସମୀକ୍ଷା ସହ ଚାରାରୋପଣ

କାକଟପୁର/ଅସ୍ତରଙ୍ଗ,୧୨।୭ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)

ବହୁ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ପୁରୀ ଜିଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସିଭିଲ ଜେଏମ୍ଏଫ୍‌ସି କୋର୍ଟ। ଏହା ପୂର୍ବରୁ ଶନିବାର ପୂର୍ବାହ୍ନରେ ପ୍ରଶାସନିକ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର, ପୁରୀ ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ସହ ଅନ୍ୟ ପ୍ରମୁଖ ଅଧିକାରୀମାନେ ଗସ୍ତ କରି କୋର୍ଟର ବିଭିନ୍ନ ରୁମ୍ ପ୍ରସ୍ତୁତି ସମେତ ଆନୁଷଙ୍ଗିକ ବ୍ୟବସ୍ଥା ସମୀକ୍ଷା କରିବା ସହିତ କୋର୍ଟ ପରିସରରେ ଚାରା ରୋପଣ କରିଛନ୍ତି।

ଏହି ସମୟରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ନିର୍ବାହୀ ଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି, ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଅତିଥିମାନେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିର ପରିଦର୍ଶନ କରିବା ସହିତ କାକଟପୁର ଜେଏମ୍ଏଫ୍‌ସି କୋର୍ଟ ପରିଦର୍ଶନ ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ଅସ୍ତରଙ୍ଗ ଓ କାକଟପୁରରେ ୨ଟି କୋର୍ଟ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି। କୋର୍ଟ ଖୋଲିଲେ ସ୍ଥାନୀୟ ଅଞ୍ଚଳବାସୀ ଆଇନ ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମୋକଦ୍ଦମା ପାଇଁ ନିମାପଡ଼ା ଯିବାକୁ ପଡୁଥିଲା; ଯେଉଁଥିପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। କୋର୍ଟ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ଆଇନ ସେବା ପାଇପାରିବେ।


ଅସ୍ତରଙ୍ଗରେ ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ, ବିଚାରପତି କୃଷ୍ଣରାମ ମହାପାତ୍ର ଏବଂ ଅନ୍ୟମାନେ ।



ବିଶ୍ୱ କାଗଜ ଦିବସ ପାଳନ ଅବସରରେ ଶନିବାର ପୁନିତ ସାଗର ଅଭିଯାନର ଅଂଶବିଶେଷ ସ୍ୱରୂପ ପୁରୀ ଚକ୍ରତୀର୍ଥ ରୋଡ୍ ବେଳାଭୂମିରେ ସଫେଇ ଓ ସଚେତନତା କରାଯାଉଛି ।

# ବେଳାଭୂମି ସଫେଇ ସହ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା

## ବିଶ୍ୱ କାଗଜ ଦିବସ ପାଳିତ

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

ବିଶ୍ୱ କାଗଜ ଦିବସ ଉପଲକ୍ଷେ ଶନିବାର ପୁନିତ ସାଗର ଅଭିଯାନର ଅଂଶବିଶେଷ ସ୍ୱରୂପ ପୁରୀ ଚକ୍ରତୀର୍ଥ ରୋଡ୍ ବେଳାଭୂମିରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା ଏବଂ ପ୍ରଶାସନିକ ଅଧିକାରୀ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଜେ.ବି.ସିଂହଙ୍କ ତତ୍ତ୍ୱାବଧାନରେ ୬ଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସି ପୁରୀ ଦ୍ୱାରା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଆସୋସିଏଟ୍ ଏନ୍‌ସିସି ଅଫିସର କ୍ୟାପ୍‌ଟେନ ସଚ୍ଚିଦାନନ୍ଦ ସାହୁ, ପୁରୀ ଏସ୍.ଏମ୍.ଏସ୍ କଲେଜର କେୟାର ଟେକିଙ୍ଗ ଅଫିସର ରିତେଶ ମହାନ୍ତି ଏବଂ ବାଟାଲିୟନର ପି.ଆଇ କର୍ମଚାରୀ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ପୁରୀ ସହରର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟରୁ ପ୍ରାୟ ୧୭୦ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ କ୍ୟାଡେଟ୍‌ମାନେ ବେଳାଭୂମି ସଫେଇ ସହ କାଗଜ ବ୍ୟାଗ୍ ବ୍ୟବହାର କରିବା ଏବଂ ପ୍ଲାଷ୍ଟିକ ବ୍ୟାଗ୍‌ଠାରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନୁକ୍କଡ ନାଟକ ପ୍ରଦର୍ଶନ କରିଥିଲେ।

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ

■ ବଜାରରେ କୁଇଣ୍ଟାଲ ପିଛା ୧୮ଶହ ଟଙ୍କାରେ ବିକିଲେ
■ ଚାଷୀଙ୍କ ଆନ୍ଦୋଳନ ଧମକ

କୋଣାର୍କ,୧୨।୭(ଜ୍ୟୋତିରାଜ ମହାନ୍ତି)

ନୂଆ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଚାଷୀ ମନରେ ନୂଆ ଆଶା ସଞ୍ଚାର ହେଲା। ହେଲେ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଶତାଧିକ ଚାଷୀ ଚଳିତ ରବି ଫସଲର ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ ନ ପାଇ ହତାଶ ହୋଇଛନ୍ତି। କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ନ୍ୟାୟ ପାଇଁ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

ଐଶାନେଶ୍ୱର ମହାଦେବଙ୍କ ପୀଠରେ ମା' ଜାଗେଶ୍ୱରୀ ସମବାୟ ସମିତି ଅଧୀନରେ ତାଲିକାଭୁକ୍ତ ଶତାଧିକ ଚାଷୀଙ୍କ ଦ୍ୱାରା ଆୟୋଜିତ ଏକ ସମାବେଶରେ ଚାଷୀମାନେ ସମବାୟ ସମିତି ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ଏହି ସମବାୟ ସମିତି ଅଧୀନରେ ୧୩୭ ଜଣ ଚାଷୀ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେଶନ କରିଥିବା ବେଳେ ସମବାୟ ସମିତିର ସମ୍ପାଦକ କମ୍ ପରିମାଣର ବିଲ୍ ଥିବା ଚାଷୀଙ୍କ ନାମରେ ଟୋକନ କାଟି ଚଞ୍ଚକତା କରି ଧାନ ବେପାରୀଙ୍କ ଧାନକୁ କ୍ରୟ କରିଥିବା ବେଳେ ଶତାଧିକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇ ନିଜ ବର୍ଷକ ଫସଲକୁ ଆନ୍ଧ୍ର ବେପାରୀଙ୍କୁ କୁଇଣ୍ଟାଲ ପିଛା ମାତ୍ର ୧୮ଶହ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହୋଇଥିବା ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଏହି ସମିତିରୁ ଧାନବିକ୍ରି ପାଇଁ ଟୋକନ ପାଇଥିବା ୨୦ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏପରି କି ୧୦ଜଣ ଚାଷୀ ଟୋକନ୍ ପାଇ ମିଲ୍‌ରେ ୫୦୦ କୁଇଣ୍ଟାଲ ଧାନ ଦେବା ପରେ ଆଖି ସ୍କାନ ନ ହୋଇପାରିବା ଯୋଗୁ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ବାବଦ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ହତାସର ସମ୍ମୁଖୀନ ହୋଇଥିବା ଚାଷୀମାନେ ପୁରୀ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରି ଚାଷୀର ହକ୍ ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କୃଷକ ସଂଗଠନର ସଭାପତି ରବୀନ୍ଦ୍ର ସ୍ୱାଇଁ କହିଛନ୍ତି। ଏହି ସମାବେଶରେ ଚାଷୀ ଜ୍ଞାନ ରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ତନ୍ମୟ ଦାଶ, ବାନାମ୍ବର ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ସୁକାନ୍ତ ପରିଡ଼ା ଓ ବଟକୃଷ୍ଣ ପରିଡ଼ାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ସମବାୟ ସମିତିକୁ ପର୍ଯ୍ୟାୟକ୍ରମେ ୧୬୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଥିଲା। ଏ ସମ୍ପର୍କରେ ସମିତି ସମ୍ପାଦକ କୈବଲ୍ୟ ସେନାପତି କହିଛନ୍ତି, ଅମଳ ଧାନ ପରିମାଣ ଅଧିକ ଥିଲା, ଯେଉଁଥିପାଇଁ ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହେଇଛନ୍ତି।


ଐଶାନେଶ୍ୱର ମହାଦେବଙ୍କ ପୀଠରେ ଚାଷୀ ସମାବେଶ ।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra,
PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, EMD : ₹ 86,700/-, ବିଡ଼୍ ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-345/Q/25-26

# ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ

ନିମାପଡ଼ା,୧୨।୭(ବିଚିତ୍ରାନନ୍ଦ ସାହୁ)

ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍ଏଫ୍) ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ନିମାପଡ଼ା କଲେଜ ଗେଟ୍ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ଓ ନାରାବାଜି କରିଥିଲେ। ନିମାପଡ଼ା କଲେଜକୁ ସମ୍ପୂର୍ଣ୍ଣ ଭାବେ ସରକାରୀ କରାଯିବା, ଶିକ୍ଷାର ଘରୋଇକରଣ ବନ୍ଦ କରାଯିବା, ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା, ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ ଓ ରି-ଆଡ୍‌ମିଶନ ଫି'କୁ କମ୍ କରାଯିବା ଦାବି ନେଇ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଏଆଇଏସ୍ଏଫ୍ ନିମାପଡ଼ା କଲେଜ ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷା ଅମିତା ମହାନାୟକଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ରନେତା ବିଶ୍ୱଭୂଷଣ ମହାରଣା, ସ୍ୱରୂପ ବେଉରା, ସୁମନ୍ତ ମହାପାତ୍ର, କୀର୍ତ୍ତିକେତନ ନାୟକ, ଦିବ୍ୟଜ୍ୟୋତି ଦିଗ୍‌ଦର୍ଶନ, ସୋନାଲି ପ୍ରଧାନ, ରଶ୍ମିରଞ୍ଜନ ଭୋଇ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସରକାର ଓ କଲେଜ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନରତ ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।



ନିମାପଡ଼ା କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

**DISTRICT PROJECT OFFICE, SAMAGRA SHIKSHA, SUBARNAPUR**

No.1379//Dt.11.07.2025

**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson,
SS, Subarnapur

**Sd./- District Education Officer cum DPC,
Samagra Shiksha, Subarnapur**

**वरीय पुलिस अधीक्षक का कार्यालय, राँची।
सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला,
ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्श, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। – 9431706143
थाना प्रभारी जगरनाथपुर, राँची। – 9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 357176 Police (25-26)D

**पुलिस अधीक्षक का कार्यालय, गुमला
(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला।

PR.NO.357121 Police Wireless Headquarter(25-26):D

## ସୁଚିସ୍ମିତା ଜିକେସିଏମ୍ ପ୍ରଶାସନିକ ଅଧିକାରୀ

ଭୁବନେଶ୍ୱର, ୧୨।୭ (ସୌମ୍ୟରଞ୍ଜନ ରାଉତ)



ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର (ଜିକେସିଏମ୍) ଭୁବନେଶ୍ୱରର ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଚିସ୍ମିତା ନୂଆ ଦାୟିତ୍ୱକୁ ଅତିରିକ୍ତ ଭାବେ ସମ୍ଭାଳିବେ। ସୂଚନାଯୋଗ୍ୟ, ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ପଦ ଖାଲି ଥିବାରୁ ସୁଚିସ୍ମିତା ଏହାର ଦାୟିତ୍ୱର ଭାର ଗ୍ରହଣ କରିଛନ୍ତି।

# ହଜାରେ କୋଟି ଟପିଲା ଓମ୍‌ଫେଡ୍ କାରବାର

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

ଓମ୍‌ଫେଡ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବକାଳୀନ ରେକର୍ଡ ପରିମାଣର କାରବାର କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୫୫ କୋଟି ଟଙ୍କାର କାରବାର କରିଥିବା ବେଳେ ଗତ ଆର୍ଥିକ ବର୍ଷରେ ସମସ୍ତ ରେକର୍ଡକୁ ଭାଙ୍ଗି ଏହା ୧୦୨୮ କୋଟି ଟଙ୍କା ଟପିଛି। ଅର୍ଥାତ ୧୭୩ କୋଟି ଟଙ୍କାର ଅଧିକ କାରବାର କରିଛି। ଚଳିତବର୍ଷ ଏଥିରେ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଓମ୍‌ଫେଡର ସାଧାରଣ ପରିଚାଳକ (ବିତ୍ତ) ସୁରେଶ ଅଲଟିଆ କହିଛନ୍ତି।

ଆସନ୍ତା ୫ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ଗୋପାଳନ, ମଇଁଷି ପାଳନ, ବୀମାକରଣ, ମାଈ ବାଛୁରୀ ପାଳନ ଏବଂ ଘାସ ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗୋପାଳନ ଓ ଦୁଗ୍ଧ ଚାଷ ପାଇଁ ହଜାର ହଜାର ବେକାର ଯୁବତୀଯୁବକ ଏବେ ଆଗ୍ରହ ପ୍ରକାଶ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦୁଗ୍ଧ ଚାଷୀଙ୍କୁ ଜୁନ ପହିଲାରୁ ଲିଟର ପିଛା ୩ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିବାବେଳେ ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ଏହି ଅର୍ଥ ପ୍ରଦାନ କରାଯାଉଛି। ଫଳରେ ଚାଷୀମାନେ ଓମଫେଡକୁ ଅଧିକ ଦୁଗ୍ଧ ଦେବା ଆରମ୍ଭ କରିଦେଇଛନ୍ତି। ଏବେ ଦୈନିକ ହାରାହାରି ୬ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ ହେଉଛି। ପୂର୍ବରୁ ଦୈନିକ ହାରାହାରି ୫ ଲକ୍ଷ ୯୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ସହାୟତା, ଓମ୍‌ଫେଡର ମାର୍କେଟ ବିସ୍ତାର ଏବଂ ନୂତନ ଉତ୍ପାଦ ବଜାରକୁ ଆଣିବା ଦ୍ୱାରା ଏହାର କାରବାର ବହୁ ପରିମାଣରେ ବୃଦ୍ଧି ପାଇଛି। ଅରିଲୋଷ୍ଟିତ ଓମ୍‌ଫେଡ ଡେଏରୀରେ ପୂର୍ବରୁ ଆଇଓସିଏଲ୍‌ଠାରୁ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଆସି ବ୍ୟବହାର ହେଉଥିଲା। ମାତ୍ର ଗତ ବର୍ଷଠାରୁ ଗେଲ୍ ଇଣ୍ଡିଆ ଲିମିଟେଡଠାରୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ବ୍ୟବହାର କରାଯାଉଛି। ଏହାଦ୍ୱାରା ମାସକୁ ୩୦ ଲକ୍ଷରୁ ଅଧିକ ଟଙ୍କା ସଞ୍ଚୟ କରାଯାଇ ପାରୁଛି। ମାର୍କେଟିଂ ପରିଧି ବିସ୍ତାର କରିବା ସହ ବିଭିନ୍ନ ସ୍ଥାନରେ ଓମ୍‌ଫେଡର ସ୍ୱତନ୍ତ୍ର ପାର୍ଲର ଖୋଲାଯାଉଥିବା ସୂଚନା ଦିଆଯାଇଛି।

## ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ୍ ଆଣ୍ଡ୍ ଭାସ୍କୁଲାର ସର୍ଜରିର ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଏମ୍‌ସର ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ଏମ୍‌ସଠାରେ ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ ଆଣ୍ଡ୍ ଭାସ୍କୁଲାର ସର୍ଜରୀର ପ୍ରଥମ ବାର୍ଷିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ କାର୍ଡିଆକ ସର୍ଜନ, କାର୍ଡିଆକ, ଆନାସ୍ଥେସିଓଲୋଜିଷ୍ଟ, ପରଫ୍ୟୁଜନିଷ୍ଟ ଏବଂ କାର୍ଡିଆକ ନର୍ସ ପ୍ରମୁଖ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇଥିଲେ। ସଂଗଠନ ସଚିବ ଡା. ସିଦ୍ଧାର୍ଥ ସାଥିଆ ଯୋଗଦେଇ କାର୍ଡିଆକ ସର୍ଜରୀ କ୍ଷେତ୍ରରେ ଓଡ଼ିଶା କେତେଦୂର ଆଗେଇଛି ସେ ନେଇ ଆଲୋକପାତ କରିଥିଲେ। ସେହିପରି ରାଜ୍ୟରେ କାର୍ଡିଆକ୍ ସର୍ଜରୀ ବା ହୃଦ୍ ଅସ୍ତ୍ରୋପଚାର କ୍ଷେତ୍ରରେ ଲୋକମାନେ କିପରି ଉପକୃତ ହେଉଛନ୍ତି ତାହା ଆଲୋଚନା କରିଥିଲେ। ମିନିମଲି ଇନ୍‌ଭେସିଭ ହାର୍ଟ ସର୍ଜରି ସହିତ ହାର୍ଟ ଏବଂ ଫୁସଫୁସ ଟ୍ରାନ୍ସପ୍ଲାଣ୍ଟ ସର୍ଜରି, ପେଡିଆଟ୍ରିକ କାର୍ଡିଆକ ସର୍ଜରୀ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବାକୁ ପରବର୍ତ୍ତୀ ସ୍ତରକୁ ନେବା ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି।

## କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ପରଲୋକ



କଟକ, ୧୨।୭ (କାର୍ତ୍ତିକ ସାହୁ)

ଗାଡ଼ି ଗଡ଼ି ଗଡ଼ି ଯାଆ ଚାଲିଯା ଘଟଗାଁକୁ... ଭଳି କାଳଜୟୀ ସଙ୍ଗୀତରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ(୬୭)ଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ଘଟିଛି। ତାଙ୍କ ପରଲୋକ ଖବର ପାଇ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ବ୍ୟକ୍ତିମାନେ ଶେଖବଜାରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ସେ କିଛି ବର୍ଷ ହେବ ଶାରୀରିକ ଅସୁସ୍ଥତା ହେତୁ ଘରେ ଚିକିତ୍ସିତ ହେଉଥିଲେ। ୨ ବର୍ଷ ତଳୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କର ୨ ଝିଅ, ୧ ପୁଅ ଓ ନାତିନାତୁଣୀ ଅଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଯାଇଛି। ଲେ ଲବିନା ଟିକେ ପଛକୁ ଅନା..., ବାଟ ଛାଡ଼ ଆସୁଛି ଦଶରା' ବଜାର ମେଢ଼ ଆଦି ବହୁ ସୁପରିହିଟ୍ ସଙ୍ଗୀତ ତାଙ୍କୁ ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ ଭାବେ ପରିଚିତି ଆଣିଦେଇଥିଲା। ଭଜନ, ଆଧୁନିକ ଓ ସିନେମା ଗୀତରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଥିଲେ। ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ। ତାଙ୍କ ବିୟୋଗରେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦ ସଭାପତି ସୁବାସ ଦାଶ, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁଙ୍କ ସମେତ ଶୁଭଲକ୍ଷ୍ମୀ ଦାସ, ପଣ୍ଡିତ ନୀରଦ ଆର୍ଯ୍ୟ, ଗୀତା ଖୁଣ୍ଟିଆ, ଡ. ଦୀପକ ରାଜ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବଜାରରେ ଭିଡା ଭିଏକ୍ସ୨ ରେଞ୍ଜ




ଅନାବରଣ ଉତ୍ସବରେ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୧୨।୭

ହିରୋ ମୋଟୋକର୍ପର ପ୍ରମୁଖ ବ୍ରାଣ୍ଡ ତଥା 'ଭିଡା'ର ବହୁ ପ୍ରତୀକ୍ଷିତ ମଡେଲ 'ଭିଡା ଭିଏକ୍ସ୨' ରେଞ୍ଜ (ଗୋ ଏବଂ ପ୍ଲସ୍)ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜେଏମ୍‌ଜି ଅଟୋମୋବାଇଲ୍ସର ଭୁବନେଶ୍ୱରର ଖଣ୍ଡଗିରି ଶୋ'ରୁମ୍ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜେଏମ୍‌ଜି ଅଟୋମାବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସେ ପୂର୍ବରୁ ବୁକିଂ କରିଥିବା ଗ୍ରାହକଙ୍କ ଗାଡ଼ି ଡେଲିଭର କରିଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଭିଡା ଭିଏକ୍ସ୨ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ଏପରିକି ଏହି ମଡେଲ ୨ଟି ଭାରିଆଣ୍ଟ (ଗୋ ଏବଂ ପ୍ଲସ୍) ରେ ଉପଲବ୍ଧ ହେଉଥିଲାବେଳେ ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୫୯,୪୯୦ ଟଙ୍କା ରହିଛି।

ଏ ସମ୍ପର୍କରେ ଜେଏମ୍‌ଜି ଅଟୋମାବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ କହିଥିଲେ, ଭିଡାର ଏହି ନୂତନ ମଡେଲକୁ ଆମେ ଆମର ଶୋ'ରୁମ୍‌ରେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତା ପୂରଣକରିବା ସହ ଆମେ କମ୍ପାନୀର ପ୍ରମୁଖ ଓ ଦେଶର ୫ମ ଶ୍ରେଷ୍ଠ ଡିଲର ଭାବେ ପରିଗଣିତ ହେଉଛି।

## ବମ୍ବେରୁ ଆସିଥିବା ମହିଳାଙ୍କୁ ହୋଟେଲରେ ଅସଦାଚରଣ: ୩ ଗିରଫ

ବାରଙ୍ଗ, ୧୨।୭ (ଲିଙ୍ଗରାଜ ରାଉତ)

ଜଣେ ମହିଳାଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ସହ ନିଜ ପାଖରେ ରାତ୍ରିଯାପନ ପାଇଁ ବାଧ୍ୟ କରିବା ଓ ସେ ରାଜି ନ ହେବାରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଶନିବାର ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତମାଣ୍ଡୋ ଥାନା ଅଧୀନ କଳିଙ୍ଗବିହାର ଅଞ୍ଚଳର ବାସିନ୍ଦା ତଥା ରଘୁନାଥପୁରସ୍ଥିତ ଲିଓ କ୍ଲବର ମାଲିକ ରଘୁନାଥ ସାହୁ(୩୦), ଖାରବେଳନଗର ଥାନା ଅଧୀନ ମଳିକ କଲୋନୀର ଆନନ୍ଦ ସେଠୀ(୨୭), ପୁରୀ ବଳିଆପଣ୍ଡା ଥାନା ଅଧୀନସ୍ଥ ବଳିଆପଣ୍ଡାର ସ୍ୱେତା ସାଲୋନୀ(୨୧)। ଏନେଇ ପୋଲିସ ନଂ.୨୫୬/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗକାରିଣୀ ମହିଳା ବମ୍ବେଠାରେ କର୍ପୋରେଟ୍ ସଂସ୍ଥାର ଏଚ୍‌ଆର୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବାବେଳେ ସେ ଗତ ୧୧ ତାରିଖରେ ଲିଓ କ୍ଲବ ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ପାଇଁ ଭୁବନେଶ୍ୱର ଆସିଥିଲେ। ଇଭେଣ୍ଟ ପରେ ତାଙ୍କ ପାଇଁ ଉଦ୍ଦିଷ୍ଟ ହୋଟେଲ ରୁମ୍ ରଘୁନାଥଙ୍କ ନାମରେ ବୁକ୍ ଥିବା ଜାଣିବାକୁ ପାଇଥିଲେ। କିଛି ସମୟରେ ପରେ ସ୍ୱେତା ଆସି ଉକ୍ତ ମହିଳାଙ୍କୁ ରଘୁନାଥଙ୍କ ସହ ରାତ୍ରିଭୋଜନ ଲାଗି ନିମନ୍ତ୍ରଣ କରିଥିଲେ। ହେଲେ ହୋଟେଲ ରୁମ୍‌ରେ କେତେଜଣ ବ୍ୟକ୍ତି ମଦ୍ୟପାନ କରୁଥିବା ଦେଖି ସେ ସେଠାରୁ ପଳାଇ ଆସୁଥିଲେ। ଏହି ସମୟରେ ମହିଳାଙ୍କୁ ସେମାନେ ଅଟକାଇବା ସହ ସେମାନଙ୍କ ସହ ରାତ୍ରିଯାପନ ପାଇଁ କହିଥିଲେ। ହେଲେ ସେ ଏଥିରେ ରାଜି ନ ହେବାରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମହିଳା ଜଣକ କୌଶଳକରି ସେଠାରୁ ଖସିଆସି ୧୧୨କୁ ଫୋନ୍ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ସେଠାରେ ପହଞ୍ଚି ୩ ଜଣଙ୍କୁ କାବୁ କରିଥିଲା। ତଦନ୍ତବେଳେ ରଘୁନାଥ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିବା ସହ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି ମାମଲା ଥିବା ନନ୍ଦନକାନନ ଥାନା ଆଇଆଇସି ସମିତା ମିଶ୍ର କହିଛନ୍ତି।

## ଓସିଏ ସମ୍ମିଳନୀ କକ୍ଷରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ

କଟକ, ୧୨।୭ (କାର୍ତ୍ତିକ ସାହୁ)

ସିଲିଂ ସହ ଜଳିଗଲା ୯ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର



ଅଗ୍ନିଶମ ବାହିନୀ ନିଆଁକୁ ଲିଭାଉଛନ୍ତି।

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)ର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଅଗ୍ନିକାଣ୍ଡରେ ଆନୁମାନିକ ୧୦ରୁ ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ଉକ୍ତ କୋଠାର ପ୍ରଥମ ମହଲାରେ ଥିବା ସମ୍ମିଳନୀ କକ୍ଷ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅଗ୍ନିଶମ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ଅଗ୍ନିକାଣ୍ଡକୁ ରୋକାଯାଇପାରିଛି। ଫଳରେ ତଳ ମହଲାକୁ ନିଆଁ ବ୍ୟାପିପାରିନାହିଁ।

ସୂଚନାନୁସାରେ, ଅପରାହ୍ନ ପ୍ରାୟ ୧ଟା ୪୦ ମିନିଟ୍ ସମୟରେ ନିଆଁ ଲାଗିଥିବା ନେଇ ବକ୍ସିବଜାର ଅଗ୍ନିଶମ ବାହିନୀକୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ବକ୍ସିବଜାରରୁ ୨ଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ମିଳନୀ କକ୍ଷରୁ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀମାନେ କାଚ ଝରକା ଭାଙ୍ଗି ଧୂଆଁ ନିଷ୍କାସନ କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ବିଦ୍ୟୁତ୍ ସର୍ଟସର୍କିଟ କାରଣରୁ ନିଆଁ ଲାଗିଥିବାରୁ ସମ୍ମିଳନୀ କକ୍ଷରେ ଲାଗିଥିବା ୯ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ପୋଡ଼ିଯାଇଛି। ଏଥିସହ ସମ୍ମିଳନୀ କକ୍ଷର ସିଲିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଅଗ୍ନିଶମ ବାହିନୀ ପକ୍ଷରୁ ରବିବାର କ୍ଷୟକ୍ଷତିର ଆକଳନ କରାଯିବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

## ଯାଜପୁର ରୋଡ୍- ଧାମରା ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ ଦାବି

ଭୁବନେଶ୍ୱର, ୧୨।୭ (ସୌମ୍ୟରଞ୍ଜନ ରାଉତ)

ପ୍ରସ୍ତାବିତ ଯାଜପୁର କେନ୍ଦୁଝର ରୋଡ଼- ଧାମରା ନୂତନ ରେଳ ପ୍ରକଳ୍ପ(୧୦୧.୨୬ କି.ମି.)କୁ ରେଳ ବୋର୍ଡ଼ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାପରେ 'ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ' ଅଧୀନସ୍ଥ 'ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍' ଦ୍ୱାରା ଏହାର ଯାଞ୍ଚ ସରିଛି। ମାତ୍ର ଏନ୍‌ପିଜିର ଆଭିମୁଖ୍ୟ ଏହି ପ୍ରକଳ୍ପର ଚୂଡ଼ାନ୍ତ ଅନୁମୋଦନ କ୍ଷେତ୍ରରେ ଅନ୍ତରାୟ ହୋଇ ଉଭା ହୋଇଛି। ତେଣୁ ଏହି ଘଟଣାରେ କେନ୍ଦ୍ର ସରକାର, ରେଳମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ବୁଦ୍ଧମନ୍ଦିରଠାରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏହି ରେଳପଥ ପାଇଁ ବ୍ୟୟବରାଦ କରାଯିବ ବୋଲି ପୂର୍ବରୁ ରେଳମନ୍ତ୍ରୀ ଗଣମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଯଥାଶୀଘ୍ର ତାହାକୁ ପାଳନ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଯାଜପୁର ଜିଲାର ସଦର ମହକୁମା ଓ ଯାଜପୁର ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜାକ୍ଷେତ୍ର, ଆଖଣ୍ଡଳମଣି ଶୈବପୀଠ, ଧାମରାର ଧାମରାଇ ମନ୍ଦିର, ଯାଜପୁର ରୋଡ୍‌ର ବ୍ୟାସ ସରୋବର ଏବଂ ଭିତରକନିକାର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ସେହିପରି ରେଳପଥ ନିର୍ମାଣ ହେଲେ ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକା ଅଞ୍ଚଳରୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ସମେତ ନଦୀ ତଥା ସମୁଦ୍ରର ମତ୍ସ୍ୟସମ୍ପଦ ପରିବହନ ସୁବିଧାଜନକ ହେବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପରିଷଦର ସଭାପତି ନଟବର ମହାନ୍ତି, ସମ୍ପାଦକ ନୀଳମଣି କର, ସମାଜିକ କର୍ମୀ ସନ୍ତୋଷ କୁମାର ଦାସ, ପ୍ରଶାସକ ପ୍ରଦୀପ ବିଶ୍ୱାଳ, ମହେନ୍ଦ୍ର କୁମାର ମଲ୍ଲିକ, ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra,
PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, **EMD :** ₹ 86,700/-, ବିଡ଼ୁ ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-345/Q/25-26

**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला,**
**ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्ष, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। – 9431706143
थाना प्रभारी जगरनाथपुर, राँची। – 9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 357176 Police (25-26)D

## କିମ୍ସରେ ଇବିଟି ପଦ୍ଧତିରେ କର୍କଟର ସଫଳ ଚିକିତ୍ସା

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

କିମ୍ସ ଅଙ୍କୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଅତ୍ୟାଧୁନିକ ଇଲେକ୍ଟ୍ରନ ବିମ୍ ଥେରାପି (ଇବିଟି) ପଦ୍ଧତିରେ କର୍କଟ ରୋଗର ସଫଳ ଚିକିତ୍ସା କରାଯାଇଛି। କ୍ୟୁଟେନିଅସ୍ ଟି-ସେଲ୍ ଲିମ୍ଫୋମା ନାମକ କର୍କଟ ରୋଗ ସହ ଜଣେ ରୋଗୀ ସଂଗ୍ରାମ କରୁଥିଲେ। ଏହା ରୋଗୀଙ୍କ ଚର୍ମରେ କ୍ଷତ ସୃଷ୍ଟି କରି ସମଗ୍ର ଶରୀରର ଏକାଧିକ ସ୍ଥାନରେ ମାଂସ ବୃଦ୍ଧି ହୋଇ ଯନ୍ତ୍ରଣା ଦେଉଥିଲା। ରୋଗୀ ଜଣକ କିମ୍ସ କ୍ୟାନ୍ସର ସେଣ୍ଟରରେ ପହଞ୍ଚିବା ପରେ ଏକାଧିକ ନୋଡୁଲାର କ୍ଷତ ଯୋଗୁ ତାଙ୍କର ଯନ୍ତ୍ରଣା ହେବା ସହ ତରଳ ପଦାର୍ଥ ସ୍ରାବ ହେଉଥିଲା। କିମ୍ସ ବିଶେଷଜ୍ଞ ଡା. ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରିଥିଲେ। ଶେଷରେ ଆକ୍ରାନ୍ତ ସ୍ଥାନରେ ଇଲେକ୍ଟ୍ରନ ବିମ୍ ଥେରାପି ପଦ୍ଧତିରେ ଚିକିତ୍ସା ପାଇଁ ଯୋଜନା କରିଥିଲେ। ଏହି ପ୍ରକ୍ରିୟାରେ ସାଧାରଣତଃ ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରନ୍‌କୁ ନେଇ ଏକ କେନ୍ଦ୍ରୀଭୂତ ବିମ୍ ଜରିଆରେ ଆଖପାଖ ସୁସ୍ଥ ତନ୍ତୁ ଉପରେ ସର୍ବନିମ୍ନ ପ୍ରଭାବ ସହିତ ଚର୍ମରେ କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ବ୍ୟବହାର କରାଯାଏ। ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏଶନ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ। ଏବେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହି ଚିକିତ୍ସାରେ ଅନ୍ୟମାନଙ୍କ ମଧ୍ୟରେ ଡା. ମାନିକା ବର୍ମା, ଜୁନିଅର କନ୍‌ସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ, ଅବନ୍ତୀ ଭୂୟାଁ, ବିକିରଣ ସୁରକ୍ଷା ଅଧିକାରୀ ଅସିତ ପାଣିଗ୍ରାହୀ, ଜେସ୍‌ମିନ ଅହମ୍ମଦ, ବରିଷ୍ଠ ରେଡିଏଶନ ଥେରାପି ଟେକ୍ନୋଲୋଜିଷ୍ଟ କୃଷ୍ଣ ପ୍ରସାଦ ଶି, ଦିପ୍ତିମଞ୍ଜରୀ ଶା, ସୌହାର୍ଦ୍ଦ୍ୟ ସୌରଭ, କିଶୋର ବିଶ୍ୱାଳଙ୍କ ସହ ବିକିରଣ ଅଙ୍କୋଲୋଜି ବିଭାଗର ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

**DISTRICT PROJECT OFFICE,
SAMAGRA SHIKSHA, SUBARNAPUR**
No.1379//Dt.11.07.2025

**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson,
SS, Subarnapur

**Sd./- District Education Officer cum DPC,
Samagra Shiksha, Subarnapur**

**पुलिस अधीक्षक का कार्यालय, गुमला
(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला।

**PR.NO.357121 Police Wireless Headquarter(25-26):D**

**ବାଇକ୍‌କୁ ପିଟିଲା ଆମ ବସ୍**

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ମୁଖ୍ୟରାସ୍ତାର ଫୁଲପୋଖରୀ ଛକ ହମ୍ପସ ନିକଟରେ ଭାରସାମ୍ୟ ହରାଇ ଆମ ବସ୍ ଏକ ବାଇକ୍‌କୁ ଧକ୍କା ଦେଇଛି। ସୌଭାଗ୍ୟବଶତଃ ବାଇକ୍ ଚାଳକ ବର୍ତ୍ତିଯାଇଥିବାବେଳେ ବାଇକ୍‌ଟି ଭାଙ୍ଗିରୁଜି ଯାଇଛି। ଏହି ଘଟଣା ପରେ ଆମ ବସ୍‌ର ବେପରୁଆ ଗାଡ଼ି ଚାଳନାକୁ ବିରୋଧକରି ଚାପା ଉତ୍ତେଜନା ଦେଖାଦେଇଥିଲା। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

**ସଂକ୍ଷେପରେ**

## ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ)- ସାଲେପୁର ଥାନା ଅନ୍ତର୍ଗତ ଧର୍ମାଗତପୁର ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଶାଶୁ ପ୍ରେମଲତା ବେହେରା ଓ ସ୍ୱାମୀ ଉମାକାନ୍ତ ବେହେରାଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ମେ୨୨ରେ ଉମାକାନ୍ତଙ୍କ ସ୍ତ୍ରୀ ସାବିତ୍ରୀ ନାୟକ ଏକ ଘର ଭିତରେ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ତାଙ୍କ ଭାଇ ତଥା ଜଗତପୁର ଥାନା ଅଞ୍ଚଳର ରାକେଶ ନାୟକଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ଏହା ପୂର୍ବରୁ ସାବିତ୍ରୀଙ୍କୁ ତାଙ୍କ ଶାଶୁ ଘର ଲୋକେ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏନେଇ ସାବିତ୍ରୀଙ୍କୁ ହତ୍ୟା କରି ଶାଶୁ ଓ ସ୍ୱାମୀ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଭାଇ ରାକେଶ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା (ନଂ.୨୨୭/୨୫) ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

# ୩ ପର୍ଯ୍ୟାୟରେ ହେବ ଗଣେଶ ଭସାଣି

- ଅଗଷ୍ଟ ୩୧, ସେପ୍ଟେମ୍ବର ୧୪ ଓ ୨୧ରେ ଭସାଣି ତାରିଖ ଘୋଷଣା
- ସେପ୍ଟେମ୍ବର ୨୭ରେ ମହାଷଷ୍ଠୀ ପୂଜା, ଅକ୍ଟୋବର ୩ରେ ଭସାଣି
- କଟକ ମହାନଗର ଶାନ୍ତି କମିଟିର ଜରୁରୀ ବୈଠକ



ଦରଘାବଜାରସ୍ଥିତ କାର୍ଯ୍ୟାଳୟରେ କଟକ ମହାନଗର ଶାନ୍ତି କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କଟକ, ୧୨।୭(ଶିକ୍ଷା ପ୍ରିୟଦର୍ଶିନୀ) କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଜରୁରୀ ବୈଠକ ଶନିବାର ଦରଘାବଜାରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତବର୍ଷ ଗଣେଶ ପୂଜା ଓ ବିସର୍ଜନର ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୨୭ରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଯେଉଁ ମଣ୍ଡପରେ ଅନନ୍ତବ୍ରତ ବା ଦୂତିଆଘାଣ୍ଟ ପୂଜା ହୁଏ ନାହିଁ, ସେମାନେ ଅଗଷ୍ଟ ୩୧ ତାରିଖ (ରବିବାର) ମୂର୍ତ୍ତି ବିସର୍ଜନ କରିବେ। ସେହିପରି ସେପ୍ଟେମ୍ବର ୬ (ଶନିବାର) ଅନନ୍ତବ୍ରତ ପୂଜା ଅନୁଷ୍ଠିତ ହେବ ଏବଂ ରବିବାର ଗ୍ରହଣ ପଡୁଥିବାରୁ ସେପ୍ଟେମ୍ବର ୧୪ (ରବିବାର) ମୂର୍ତ୍ତି ବିସର୍ଜନ କରାଯିବ। ଏହାସହ ସେପ୍ଟେମ୍ବର ୧୫ରେ ଦୂତିଆଘାଣ୍ଟ ପୂଜା ଏବଂ ସେପ୍ଟେମ୍ବର ୨୧ (ରବିବାର) ମୂର୍ତ୍ତି ବିସର୍ଜନ କରାଯିବ ବୋଲି ଘୋଷଣା କରାଯାଇଛି। ଚଳିତବର୍ଷ ଦୁର୍ଗାପୂଜା ସେପ୍ଟେମ୍ବର ୨୭ (ଶନିବାର) ମହାଷଷ୍ଠୀରୁ ଆରମ୍ଭ ହୋଇ ଅକ୍ଟୋବର ୩ (ଶୁକ୍ରବାର) ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଦୁର୍ଗାପୂଜା ଓ ଭସାଣି ଉତ୍ସବ ସଫଳ କରିବା ପାଇଁ ଅଗଷ୍ଟ ୨୪ (ରବିବାର) ଏକ ପ୍ରସ୍ତୁତି ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଦୁର୍ଗାପୂଜା ପୂର୍ବରୁ ସହରର ବହୁବିଧ ସମସ୍ୟା ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ଶାନ୍ତି କମିଟି ଏକ ପ୍ରତିନିଧି ଦଳ ବିଭାଗୀୟ ଅଧିକାରୀଙ୍କୁ ଭେଟିବାକୁ ସ୍ଥିର କରାଯାଇଛି। ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ନରେଶ କୁମାର ସାହୁ, ଦେବାଶିଷ ରାୟ, ତାପସ ପ୍ରହରାଜ, ଧର୍ମେଶ ନାୟକ, ଦେବେନ୍ଦ୍ର କାହାଳୀ, ଶିବେନ୍ଦ୍ର ହାତୀ, ବିଜେନ ସିହ୍ନା, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାରରେ ଭିଡା ଭିଏକ୍ସ୨ ରେଞ୍ଜ

କଟକ,୧୨।୭: ହିରୋ ମୋଟୋକର୍ପର ପ୍ରମୁଖ ବ୍ରାଣ୍ଡ ତଥା 'ଭିଡା'ର ବହୁ ପ୍ରତୀକ୍ଷିତ ମଡେଲ 'ଭିଡା ଭିଏକ୍ସ୨' ରେଞ୍ଜ (ଗୋ ଏବଂ ପ୍ଲସ୍)ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହାର ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜେଏମ୍‌ଜି ଅଟୋମୋବାଇଲ୍ସର କଟକର ପ୍ରଫେସର ପଡ଼ା ଶୋ'ରୁମ୍ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସେ ପୂର୍ବରୁ ବୁକିଙ୍ଗ କରିଥିବା ଗ୍ରାହକଙ୍କ ଗାଡ଼ି ଡେଲିଭରି କରିଥିଲେ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଭିଡା ଭିଏକ୍ସ୨ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ଏପରିକି ଏହି ମଡେଲ ୨ଟି ଭାରିଆଣ୍ଟ (ଗୋ ଏବଂ ପ୍ଲସ୍) ରେ ଉପଲବ୍ଧ ହେଉଥିଲାବେଳେ ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୫୯,୪୯୦ ଟଙ୍କା ରହିଛି। ଏ ସମ୍ପର୍କରେ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ କହିଥିଲେ, ଭିଡାର ଏହି ନୂତନ ମଡେଲକୁ ଆମେ ଆମର ଶୋ'ରୁମରେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତା ପୂରଣ କରିବା ସହ ଆମେ କମ୍ପାନୀର ପ୍ରମୁଖ ଓ ଦେଶର ୫ମ ଶ୍ରେଷ୍ଠ ଡିଲର ଭାବେ ପରିଗଣିତ ହେଉଛୁ।


ଅନାବରଣ ଉତ୍ସବରେ ଜେଏମ୍‌ଜି ଅଟୋମାବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆମ୍ବୁଲାନ୍ସ ଧକ୍କାରେ ଷଣ୍ଢ ମୃତ ସ୍ଥାନୀୟ ଲୋକ କଲେ ଶେଷକୃତ୍ୟ ସମ୍ପନ୍ନ

ତିଗିରିଆ,୧୨।୭(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଶେଷଗାଁ ଶନି ମନ୍ଦିର ନିକଟ କଟକ ନରସିଂହପୁର ରାଜ୍ୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଆମ୍ବୁଲାନ୍ସ ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ଘଟିଛି। ଶନିବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ଷଣ୍ଢର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରୁ ନରସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ର ଦେଇ ୧୦୮ ଆମ୍ବୁଲାନ୍ସ ଫେରୁଥିଲା। ଶେଷଗାଁ ଶନି ମନ୍ଦିର ନିକଟ କଟକ ନରସିଂହପୁର ରାଜ୍ୟ ରାଜପଥ ଉପରେ କଳା ରଙ୍ଗର ଷଣ୍ଢଟି ଶୋଇଥିଲା। ଆମ୍ବୁଲାନ୍ସ ଚାଳକ ତାକୁ ଦେଖିନପାରି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉକ୍ତ ଷଣ୍ଢର ମୃତ୍ୟୁ ଘଟିଛି। ସୂଚନା ପାଇ ତିଗିରିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପରିବେଶର ସୁରକ୍ଷାପାଇଁ ବ୍ୟାପକ ଚାରାରୋପଣ ଜରୁରୀ

## ଖବରଦାତା ସଂଘର ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଖବରଦାତାମାନେ।

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ): ସାଲେପୁର ଆଞ୍ଚଳିକ ଖବରଦାତା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ପରିବେଶର ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ ଜରୁରୀ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ହୃଷୀକେଶ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସାଲେପୁର ବିଡିଓ ଲୋପାମୁଦ୍ରା ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରିଣୀ ମୌସୁମୀ ତରାଇ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ସାଗର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମା'ସାହେଶ୍ୱରୀ ଶ୍ରୀଜଗନ୍ନାଥ କମିଟି ପକ୍ଷରୁ ଖବରଦାତା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଚାରା ରୋପଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରୀଜଗନ୍ନାଥ କମିଟିର କର୍ମକର୍ତ୍ତା ଆଇନଜୀବୀ ବିଜୟ କେତନ ନାୟକ, ମିହିର ଜେନା, ମାନସ ରଞ୍ଜନ ସାହୁ, ସାଲେପୁର ବିକାଶ କମିଟିର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, ସହସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ଖବରଦାତା ହେମନ୍ତ କୁମାର ଭୂୟାଁ ପରିଚାଳନା କରିଥିଲେ।

## ରାମ ମନ୍ଦିରରୁ ଚୋରି

ବାଙ୍କୀ, ୧୨।୭(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ ହାଉସ ଅନ୍ତର୍ଗତ କନ୍ତପହଁରା ଗ୍ରାମର ଶ୍ରୀରାମ ମନ୍ଦିରରୁ ଶୁକ୍ରବାର ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଲୁଟ କରିନେଇଛନ୍ତି। ଘଟଣାସ୍ଥଳରେ ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳୀ ପହଞ୍ଚି ବାଙ୍କୀ ଥାନାକୁ ଖବର ଦେଇଥିଲେ। ଏନେଇ ବାଙ୍କୀ ଥାନାରେ ମନ୍ଦିର କମିଟି ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, କନ୍ତ ପହଁରା ଗ୍ରାମରେ ଥିବା ଶ୍ରୀରାମ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛଇ। ଏହାର ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଛି। ଘଣ୍ଟ, ଦୀପ, ଦାନବାକ୍ସ, ପିତଳ ହଣ୍ଡା, ଥାଳି, ଢାଳ ଆଦି ଚୋରି ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସମ୍ପର୍କରେ ମାମଲା (ନଂ ୨୩୮/୨୫) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ଭୂୟାଁ ସୂଚନା ଦେଇଛନ୍ତି।

## କାର୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ବାରଙ୍ଗ/ତ୍ରିଶୂଳିଆ,୧୨।୭(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ମହାନଦୀର ମୁଣ୍ଡଳି ବ୍ୟାରେଜ୍ ଉପରେ ବାଇକ୍ ସହ କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଆଠଗଡ଼ ଥାନା ଅଧୀନ ରାଧାପ୍ରସନ୍ନପୁର ଗ୍ରାମର ବଳିଆ ନାୟକ (୩୬)। ଏନେଇ ବାରଙ୍ଗ ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ନଂ.୩୪୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ୧୧ଟାରେ ବଳିଆ ଓ ତାଙ୍କ ସାଥୀ ମାନସ ବେଉରା(୨୫) ଏକ ବାଇକ୍ (ଓଡି ୩୩ଏଡି ୦୭୬୨) ଯୋଗେ ମୁଣ୍ଡଳି ଅଞ୍ଚଳରୁ ଘରକୁ ଫେରୁଥିଲେ। ମହାନଦୀର ମୁଣ୍ଡଳି ବ୍ୟାରେଜ୍ ଉପରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର୍(ଓଡି ୦୨ସିଭି ୩୮୧୪) ସହ ସେମାନଙ୍କ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ଆହତ ହୋଇପଡ଼ିଥିଲେ। ଖବରପାଇ ବାରଙ୍ଗ ଓ ଆଠଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବାରଙ୍ଗ ପୋଲିସ ଗାଡ଼ି ୨ଟିକୁ ଜବତ କରିବା ସହ ଗୁରୁତର ଆହତ ୨ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନା ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଳିଆଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ବ୍ୟାନର, ବୋର୍ଡ ଚୋରି ଅଭିଯୋଗ

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ): ସାଲେପୁର କଲେଜ ରୋଡ୍‌ର ସାମ୍ବାଦିକ ଭବନ ନିକଟ ଡ. ଲାଲ୍ ପାଥୋଲ୍ୟାବ୍‌ରୁ ବ୍ୟାନରୁ ବୋର୍ଡ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ହଇରାଣ କରିବା ଉଦ୍ଦେଶ୍ୟରେ ଏପରି କରିଛନ୍ତି ବୋଲି ପାଥୋଲ୍ୟାବ୍ ମାଲିକ ତଥା ଚନ୍ଦ୍ରାଦେଇପୁର ଗ୍ରାମର ସୁଜାତା ଷଡଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୁଜାତା ଏହି ପାଥୋଲାବ୍ ଜରିଆରେ ଲୋକମାନଙ୍କୁ ସେବା ଯୋଗାଇ ଦେଇଆସୁଥିଲେ। ଏପରିକି ବହୁ ଗରିବ ଲୋକଙ୍କୁ ବିନା ମୂଲ୍ୟରେ ସେବା ଯୋଗାଇଥାନ୍ତି। ଏଥିରେ କୌଣସି ଦୁର୍ବୃତ୍ତ ଈର୍ଷା ପରାୟଣ ହୋଇ ସୁଜାତାଙ୍କ ବିଜ୍ଞାପନ ବୋର୍ଡ ଓ ବ୍ୟାନର୍‌କୁ ବାରମ୍ବାର ଚିରି ନଷ୍ଟ କରିଦେଉଛନ୍ତି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ସିସିଟିଭି ଯାଞ୍ଚ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛି।

# ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



ଚକ୍ଷୁ ଚିକିତ୍ସା ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଶନିବାର ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରୋଟାରି କ୍ଲବ୍ ଅଫ୍ କଟକ ଓ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ, ସିଡିଏ କଟକ ଆନୁକୂଲ୍ୟରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଗୋପୀନାଥପୁରର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଉକ୍ତ ଶିବିରକୁ ରୋଟାରିକ କ୍ଲବ୍ ସମ୍ପାଦକ ତସ୍‌ନିମ୍ ଦୋଡ଼ିଆ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସମ୍ପାଦକ ଶୁନେଶ୍ୱର ସ୍ୱାଇଁ, ଅଜବ ପଟେଲ୍, ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାଶ, କବି ପରମାନନ୍ଦ ସ୍ୱାଇଁ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଓ ରାମଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୨୭ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ୨୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଚକ୍ଷୁ ଚିକିତ୍ସାଳୟ ତରଫରୁ ଶଶିକାନ୍ତ ଦାଶ, ପରେଶ କୁମାର ସାହୁ, ଆଏସା ଦାସ ପ୍ରମୁଖ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## ମୁଣ୍ଡଳୀ ବ୍ରିଜ୍‌ରୁ ଡେଇଁ ଯୁବକ ନିଖୋଜ

ବାରଙ୍ଗ/ତ୍ରିଶୂଳିଆ,୧୨।୭(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ଋଣଭାର ସହି ନ ପାରି ଜଣେ ଯୁବକ ବାରଙ୍ଗ ଥାନା ଅଧୀନ ମହାନଦୀ ମୁଣ୍ଡଳି ବ୍ୟାରେଜ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଗାଡ଼ି ରଖି ନଦୀକୁ ଡେଇଁ ପଡ଼ିଥିବା ଥାନାରେ ଅଭିଯୋଗ ହୋଇଛି। ବାରଙ୍ଗ ଅଗ୍ନିଶମ କର୍ମଚାରୀ ବୋଟ୍ ସାହାଯ୍ୟରେ ଶନିବାର ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ରବିବାର ପୁନର୍ବାର ଖୋଜାଖୋଜି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଯୁବକ ଜଣଙ୍କ ସେକ୍ଟର-୧୦ରେ ରହି ବତୀ ବ୍ୟବସାୟ କରୁଥିଲେ। ସେ ଖୋର୍ଦ୍ଧା ଅଞ୍ଚଳର ହେମନ୍ତ ସାହୁ (୩୮) ବୋଲି ଜଣାପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୋଲିସ ପାଟ୍ରୋଲିଂ କରିବା ସମୟରେ ମୁଣ୍ଡଳି ବ୍ୟାରେଜ ଉପରେ ଏକ ବାଇକ୍ ଥୁଆ ହୋଇଥିବା ଦେଖିଥିଲା। କିଛି ସମୟ ପର୍ଯ୍ୟନ୍ତ କେହି ନ ଆସିବାରୁ ବାଧହୋଇ ପୋଲିସ ଗାଡ଼ି ନମ୍ବରରୁ ଯାଞ୍ଚ କରି ବାଇକ୍ ଚାଳକଙ୍କ ପରିଚୟ ପାଇଥିଲା। ବାଇକ୍‌ଟି ହେମନ୍ତଙ୍କର ବୋଲି ପୋଲିସ ଜାଣିବା ପରେ ସିଡିଏ ଫେଜ୍-୨ ଥାନାକୁ ଜଣାଇଥିଲା। ତେବେ ହେମନ୍ତ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକ ସିଡିଏ ଫେଜ୍-୨ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଥିଲା। ଶନିବାର ସକାଳୁ ଅଭିଯୋଗ ଆଧାରରେ ଫେଜ୍-୨ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, **EMD :** ₹ 86,700/-, ବିଡ୍ ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଣ୍ଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-345/Q/25-26

**वरीय पुलिस अधीक्षक का कार्यालय, राँची। सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला, ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्श, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। – 9431706143
थाना प्रभारी जगरनाथपुर, राँची। – 9431706169

पुलिस उप–महानिरीक्षक–सह–वरीय पुलिस अधीक्षक, राँची।
PR 357176 Police (25-26)D

**पुलिस अधीक्षक का कार्यालय, गुमला (गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक, गुमला।
PR.NO.357121 Police Wireless Headquarter(25-26):D

# ବୃକ୍ଷ ଆମର ବହୁବିଧ ଉପକାର କରେ


ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ରାମଲିଳା ନାଟ୍ୟ ସଂସଦର ସଦସ୍ୟମାନେ।

ବାଙ୍କୀ, ୧୨।୭( ଶୁଭେନ୍ଦୁ ମହାପାତ୍ର ): ବାଙ୍କୀ ଡମପଡ଼ା ବ୍ଲକ କୁଶପଙ୍ଗୀ ଗ୍ରାମର ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସଂସଦର ୮୫ବର୍ଷ ପୂର୍ତ୍ତି ଉପଲକ୍ଷେ ବନ ବିଭାଗ ସହଯୋଗରେ କୁଶପଙ୍ଗୀଠାରେ ଶନିବାର ବିଭିନ୍ନ ପ୍ରକାରର ୬୦୦ ଚାରା ରୋପଣ କରାଯାଇଛି। ଅନୁଷ୍ଠାନର ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଏହାର ନେତୃତ୍ୱ ନେଇଥିଲେ। ବୃକ୍ଷ ହିଁ ଜୀବନ ବାର୍ତ୍ତାକୁ ଆଧାର କରି ଗ୍ରାମରେ ଜଙ୍ଗଲ ସୃଷ୍ଟି ଓ ଏହାର ସୁରକ୍ଷା କରିବାକୁ ଅନୁଷ୍ଠାନର ସଦସ୍ୟମାନେ ସଂକଳ୍ପ ନେଇଛନ୍ତି ବୋଲି ଡ.ଲେଙ୍କା ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ବିଭୁପ୍ରସାଦ ନାୟକ, ଗୋବର୍ଦ୍ଧନ ବେଉରା, କୁଳମଣି ନାୟକ, ଅମୂଲ୍ୟ ବେଉରା, ବସନ୍ତ କୁମାର ସ୍ୱାଇଁ, ସୁଧାକର ବେଉରା, ରମେଶ ଚନ୍ଦ୍ର ନାୟକ, ଦିଲ୍ଲୀପ ବେଉରା, ସନ୍ତୋଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ପ୍ରିତମ କୁମାରୀ ବିଦ୍ୟାମନ୍ଦିରରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡମପଡା ବିଇଓ କାମରାଜ ସାହୁ ଏଥିରେ ଯୋଗଦେଇ କହିଥିଲେ, ପିଲାଟିଏ ପାଳିବା ଯାହା , ଗଛଟିଏ ପାଳିବା ସେଇଆ। ବୃକ୍ଷ ଆମର ବହୁବିଧ ଉପକାର କରେ। ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଉମ୍ବରୁଧର ମନ୍ତ୍ରୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡମପଡା ବିଇଓ କାମରାଜ ସାହୁ, ସିଆର୍‌ସିସି ଦିବ୍ୟଜୋତି ପଣ୍ଡା, ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧେଶ୍ୱର ବେହେରାଙ୍କ ଉପସ୍ଥିତିରେ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗହଣରେ ଚାରାରୋପଣ କରାଯାଇଥିଲା। ଶିକ୍ଷକ ପାଇକରାୟ ଚାରା ଯୋଗାଇ ଦେଇଥିଲେ।

**DISTRICT PROJECT OFFICE, SAMAGRA SHIKSHA, SUBARNAPUR**
No.1379//Dt.11.07.2025

**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson, SS, Subarnapur

**Sd./- District Education Officer cum DPC, Samagra Shiksha, Subarnapur**

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ୩ ଗିରଫ

ବାରଙ୍ଗ, ୧୨।୭ (ଲିଙ୍ଗରାଜ ରାଉତ)

ଜଣେ ମହିଳାଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ସହ ନିଜ ପାଖରେ ରାତ୍ରିଯାପନ ପାଇଁ ବାଧ କରିବା ଓ ସେ ରାଜି ନ ହେବାରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତମାଣ୍ଡୋ ଥାନା ଅଧୀନ କଳିଙ୍ଗବିହାର ଅଞ୍ଚଳର ବାସିନ୍ଦା ତଥା ରଘୁନାଥପୁରସ୍ଥିତ ଲିଓ କ୍ଲବର ମାଲିକ ରଘୁନାଥ ସାହୁ(୩୦), ଖାରବେଳନଗର ଥାନା ଅଧୀନ ମଲିକ କଲୋନୀର ଆନନ୍ଦ ସେଠୀ(୨୭), ପୁରୀ ବଳିଆପଣ୍ଡା ଥାନା ଅଧୀନସ୍ଥ ବଳିଆପଣ୍ଡାର ଶ୍ୱେତା ସାଲୋନୀ(୨୧)। ପ୍ରକାଶ ଯେ, ସମ୍ପୃକ୍ତ ମହିଳା ଜଣଙ୍କ ଏକ କମ୍ପାନୀରେ ଏଚ୍ଆର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଗତ ୧୧ ତାରିଖରେ ଲିଓ କ୍ଲବ ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ପାଇଁ ଭୁବନେଶ୍ୱର ଆସିଥିଲେ। ଇଭେଣ୍ଟ ପରେ ତାଙ୍କ ପାଇଁ ଉଦ୍ଦିଷ୍ଟ ହୋଟେଲ ରୁମ୍ ରଘୁନାଥଙ୍କ ନାମରେ ବୁକ୍ ଥିବା ଜାଣିବାକୁ ପାଇଥିଲେ। କିଛି ସମୟରେ ପରେ ମହିଳା ଜଣଙ୍କୁ ରଘୁନାଥଙ୍କ ସହ ରାତ୍ରିଭୋଜନ ଲାଗି ନିମନ୍ତ୍ରଣ କରିଥିଲେ। ହୋଟେଲ ରୁମ୍‌ରେ କେତେଜଣ ବ୍ୟକ୍ତି ମଦ୍ୟପାନ କରୁଥିବା ଦେଖି ସେ ସେଠାରୁ ପଳାଇ ଆସୁଥିଲେ। ଏହି ସମୟରେ ମହିଳାଙ୍କୁ ସେମାନେ ଅଟକାଇବା ସହ ସେମାନଙ୍କ ସହ ରାତ୍ରିଯାପନ ପାଇଁ କହିଥିଲେ। ହେଲେ କୌଶଳକ୍ରମେ ସେଠାରୁ ସେ ଖସିଆସି ଥାନାରେ ଅଭିଯୋଗ କରିଥିଲେ।

### ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ ଆଣ୍ଡ୍ ଭାସ୍କୁଲାର ସର୍ଜରିର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ଏମ୍‌ସଠାରେ ଓଡ଼ିଶା ସୋସାଇଟି ଅଫ୍ କାର୍ଡିଓଥୋରାସିକ ଆଣ୍ଡ୍ ଭାସ୍କୁଲାର ସର୍ଜରୀର ପ୍ରଥମ ବାର୍ଷିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ କାର୍ଡିଆକ ସର୍ଜନ, କାର୍ଡିଆକ, ଆନାସ୍ଥେସିଓଲୋଜିଷ୍ଟ, ପରଫ୍ୟୁଜନିଷ୍ଟ ଏବଂ କାର୍ଡିଆକ ନର୍ସ ପ୍ରମୁଖ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇଥିଲେ। ସଂଗଠନ ସଚିବ ଡା. ସିଦ୍ଧାର୍ଥ ସାଥିଆ ଯୋଗଦେଇ କାର୍ଡିଆକ ସର୍ଜରୀ କ୍ଷେତ୍ରରେ ଓଡ଼ିଶା କେତେଦୂର ଆଗେଇଛି ସେ ନେଇ ଆଲୋକପାତ କରିଥିଲେ।

# ବୋଲଗଡ଼ ଷ୍ଟେଶନରେ ମିଳୁନି ମୌଳିକ ସୁବିଧା

ବୋଲଗଡ଼, ୧୨।୭ (ଦେବବ୍ରତ ହୋତା)

ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥରେ ଅବସ୍ଥିତ ବୋଲଗଡ଼ ଷ୍ଟେଶନଠାରେ ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା। ପାନୀୟଜଳ, ଶୌଚାଳୟ ଏବଂ ଆଲୋକୀକରଣ ଅଭାବରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୫୭ନମ୍ବର ଜାତୀୟ ରାଜପଥର ବୋଲଗଡ଼ଠାରୁ ପ୍ରାୟ ୧କି.ମି. ଦୂରରେ ଥିବା ଏହି ଷ୍ଟେଶନକୁ ଯିବା ପାଇଁ ଥିବା ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ବର୍ଷାରେ ଧୋଇ ମେଟାଲ ବାହାରିଯିବାରୁ ରାସ୍ତାରେ ଖାଲଖମା ହେବା ସହ ପାଣି ଜମି ରହୁଛି। ଫଳରେ ଯାତ୍ରୀମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ରାସ୍ତାଟି ନିକାଞ୍ଚନ ହୋଇଥିବା ବେଳେ ପର୍ଯ୍ୟାପ୍ତ ଆଲୋକୀକରଣ ଅଭାବରୁ ରାତିରେ ଫେରୁଥିବା ଯାତ୍ରୀମାନେ ଯିବାକୁ ଭୟ କରୁଛନ୍ତି। ଯାତ୍ରୀଙ୍କ ପାନୀୟଜଳ ଆବଶ୍ୟକତା ପୂରଣ ପାଇଁ ଏଠାରେ




ଥିବା ନଳକୂପରୁ ଲୌହଗୁଣ୍ଡଯୁକ୍ତ ପାଣି ବାହାରୁଥିବାରୁ ପାନୀୟ ଉପଯୋଗୀ ହେଉନାହିଁ। ଯାତ୍ରୀଙ୍କ ପାଇଁ ଶୌଚାଳୟ ନ ଥିବାରୁ ହଇରାଣ ହେଉଛନ୍ତି। ଷ୍ଟେଶନଟି ସମ୍ପୂର୍ଣ୍ଣ ଆବଦ୍ଧ ହୋଇ ନ ଥିବାରୁ କୁକୁର ଏବଂ ଗୋରୁ ଅବାଧରେ ପ୍ରବେଶ କରୁଛନ୍ତି। ଯାତ୍ରୀଙ୍କ ଅପେକ୍ଷାସ୍ଥଳ ପାଇଁ ନିର୍ମିତ ଆଜ୍‌ବେଷ୍ଟସ୍ ସେଡ୍‌ରୁ ପାଣି ଗଳୁଥିବା ବେଳେ ଫ୍ୟାନ୍‌ର ବ୍ୟବସ୍ଥା କରାଯାଇନାହିଁ।

### ଯାତ୍ରୀଙ୍କ ଅସନ୍ତୋଷ

ଷ୍ଟେଶନ ପ୍ରବେଶ ପଥରେ ଥିବା ଆଲୋକ ବ୍ୟବସ୍ଥା ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। କିଛିଦିନ ପୂର୍ବେ ବୋଲଗଡ଼ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ଜଟଣୀଠାରେ ଏଡିଆର୍‌ଏମ୍ ଏ.କେ.ବେହେରାଙ୍କୁ ସାକ୍ଷାତକରି ବୋଲଗଡ଼ ଷ୍ଟେଶନର ବହୁ କାର୍ଯ୍ୟ ଷ୍ଟେଶନ ଗୃହ, ବିଶ୍ରାମଗୃହ, ଆଲୋକ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ରାସ୍ତା, ଶୌଚାଳୟ, ଷ୍ଟେଶନ ମାଷ୍ଟର ନିଯୁକ୍ତି, କମ୍ପ୍ୟୁଟରାଇଜଡ୍ ଟିକେଟ ବୁକିଂ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ମୁଣ୍ଡଳୀ ବ୍ରିଜ୍‌ରୁ ମହାନଦୀକୁ ଡେଇଁ ଯୁବକ ନିଖୋଜ

ବାରଙ୍ଗ/ତ୍ରିଶୂଳିଆ, ୧୨।୭ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଋଣଭାର ସହି ନ ପାରି ଜଣେ ଯୁବକ ବାରଙ୍ଗ ଥାନା ଅଧୀନ ମୁଣ୍ଡଳି ବ୍ୟାରେଜ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଗାଡ଼ି ରଖି ମହାନଦୀକୁ ଡେଇଁପଡ଼ିଥିବା ଥାନାରେ ଅଭିଯୋଗ ହୋଇଛି। ବାରଙ୍ଗ ଅଗ୍ନିଶମ କର୍ମଚାରୀ ବୋଟ୍ ସାହାଯ୍ୟରେ ଶନିବାର ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ରବିବାର ପୁନର୍ବାର ଖୋଜାଖୋଜି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଯୁବକ ଜଣଙ୍କ ସେକ୍ଟର-୧୦ରେ ରହି ବତୀ ବ୍ୟବସାୟ କରୁଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ହେମନ୍ତ କୁମାର ସାହୁ (୩୮) ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୋଲିସ ପାଟ୍ରୋଲିଂ କରିବା ସମୟରେ ମୁଣ୍ଡଳି ବ୍ୟାରେଜ ଉପରେ ଏକ ବାଇକ୍ (ଓଡି ୦୫ଏଏକ୍ସ ୩୬୦୩) ଥୁଆ ହୋଇଥିବା ଦେଖିଥିଲା।

### ବାଇକ୍ ଜବତ

କିଛି ସମୟ ପର୍ଯ୍ୟନ୍ତ କେହି ନ ଆସିବାରୁ ବାଧହୋଇ ପୋଲିସ ଗାଡ଼ି ନମ୍ବରରୁ ଯାଞ୍ଚ କରି ବାଇକ୍ ଚାଳକଙ୍କ ପରିଚୟ ପାଇଥିଲା। ବାଇକ୍‌ଟି ହେମନ୍ତଙ୍କର ବୋଲି ପୋଲିସ ଜାଣିବା ପରେ ସିଡିଏ ଫେଜ୍-୨ ଥାନାକୁ ଜଣାଇଥିଲା। ତେବେ ହେମନ୍ତ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକ ସିଡିଏ ଫେଜ୍-୨ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଥିଲା। ଶନିବାର ସକାଳୁ ଅଭିଯୋଗ ଆଧାରରେ ଫେଜ୍-୨ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ହେମନ୍ତ ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରୁଥିବାବେଳେ କିସ୍ତି ଶୁଝି ନ ପାରିବାରୁ ବ୍ୟାଙ୍କ କର୍ମଚାରୀ ଆସି ତାଙ୍କୁ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ଲଜ୍ଜା ସହି ନ ପାରି ସେ ମୁଣ୍ଡଳି ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରୁଥିବା ନେଇ ତାଙ୍କ ସ୍ତ୍ରୀଙ୍କୁ ଏକ ଭଏସ୍ ରେକର୍ଡିଂ ପଠାଇଥିବା ଜଣାପଡ଼ିଛି।

# ଯାଜପୁର ରୋଡ୍- ଧାମରା ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ ଦାବି

ଭୁବନେଶ୍ୱର, ୧୨।୭ (ସୌମ୍ୟରଞ୍ଜନ ରାଉତ)

ପ୍ରସ୍ତାବିତ ଯାଜପୁର କେଉଁଝର ରୋଡ଼-ଧାମରା ନୂତନ ରେଳ ପ୍ରକଳ୍ପ(୧୦୧.୨୬ କି.ମି.)କୁ ରେଳ ବୋର୍ଡ଼ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାପରେ 'ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ' ଅଧୀନସ୍ଥ 'ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍' ଦ୍ୱାରା ଏହାର ଯାଞ୍ଚ ସରିଛି। ମାତ୍ର ଏନ୍‌ପିଜିର ଆଭିମୁଖ୍ୟ ଏହି ପ୍ରକଳ୍ପର ଚୂଡ଼ାନ୍ତ ଅନୁମୋଦନ କ୍ଷେତ୍ରରେ ଅନ୍ତରାୟ ହୋଇ ଉଭା ହୋଇଛି। ତେଣୁ ଏହି ଘଟଣାରେ କେନ୍ଦ୍ର ସରକାର, ରେଳମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ବୁଦ୍ଧମନ୍ଦିରଠାରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏହି ରେଳପଥ ପାଇଁ ବ୍ୟୟବରାଦ କରାଯିବ ବୋଲି ପୂର୍ବରୁ ରେଳମନ୍ତ୍ରୀ ଗଣମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଯଥାଶୀଘ୍ର ତାହାକୁ ପାଳନ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଯାଜପୁର ଜିଲାର ସଦର ମହକୁମା ଓ ଯାଜପୁର ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜାକ୍ଷେତ୍ର, ଆଖଣ୍ଡଳମଣି ଶୈବପୀଠ, ଧାମରାର ଧାମରାଇ ମନ୍ଦିର, ଯାଜପୁର ରୋଡ୍‌ର ବ୍ୟାସ ସରୋବର ଏବଂ ଭିତରକନିକାର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ସେହିପରି ରେଳପଥ ନିର୍ମାଣ ହେଲେ ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକା ଅଞ୍ଚଳରୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ସମେତ ନଦୀ ତଥା ସମୁଦ୍ରର ମତ୍ସ୍ୟସମ୍ପଦ ପରିବହନ ସୁବିଧାଜନକ ହେବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପରିଷଦର ସଭାପତି ନଟବର ମହାନ୍ତି, ସମ୍ପାଦକ ନୀଳମଣି କର, ସମାଜିକ କର୍ମୀ ସନ୍ତୋଷ କୁମାର ଦାସ, ପ୍ରଶାସକ ପ୍ରଦୀପ ବିଶ୍ୱାଳ, ମହେନ୍ଦ୍ର କୁମାର ମଲ୍ଲିକ, ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଟାଙ୍ଗୀ, ୧୨।୭ (ରଘୁନାଥ ସାହୁ)

ଚାନ୍ଦପୁର ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପରିଚାଳନା କମିଟି ଉପଦେଷ୍ଟା ବିଜୟ କୁମାର ରାଉତ, ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ଧଳ, ଶିକ୍ଷକ କୁଳମଣି ବେହେରା ପ୍ରମୁଖ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ଚାରା ରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ମହାନ୍ତି, ଭାରତୀ ବିଶ୍ୱାଳ, କ୍ରିଷ୍ଣା ପରିଡ଼ା, ରିନାବାଳା ସାହୁ, ସୁମିତ୍ରା ମହାରଣା, ରୀତିକ୍ରିଷ୍ଣା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ନିକଟ ମା' ଡୋମଣୀ ମନ୍ଦିର ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର କଲୋନି ପ୍ରାଥମିକ ବିଦ୍ୟାଳୟରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ମାତା ଶୈଳବାଳା ମହାପାତ୍ରଙ୍କ ନାମରେ ଗୋଟିଏ ଚାରା ରୋପଣ କରିଥିଲେ। ଏହି ଅବସରରେ ଏକ ଜନସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଗ୍ରାମ ପରିକ୍ରମା କରିଥିଲା।




ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶତାକ୍ଷୀ ମହିଳା ସଂଗଠନର ସଦସ୍ୟା ଏବଂ ଅନ୍ୟମାନେ।

ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ୩୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯିବ। ଏଥିରେ ଅଭିଭାବକ, ଜନପ୍ରତିନିଧି, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପରିଚାଳନା କମିଟି ସଦସ୍ୟ, ବନ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକସାମିଲହେବେବୋଲିମହାପାତ୍ରକହିଛନ୍ତି।

**ଯାଁଳା, (ବୁଲା ବାରିକ):** ରାଜଧାନୀ ଉପକଣ୍ଠ କଳିଙ୍ଗନଗର-୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନରେ ଚାରାରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ପରିବେଶବିତ୍, ଓଡ଼ିଶା ଜୈବ ବିବିଧତା ବୋର୍ଡର ବିଶେଷଜ୍ଞ ସଦସ୍ୟ ଏବଂ ଏଭର୍ ଗ୍ରୀନ୍ ଫୋରମର ପ୍ରତିଷ୍ଠାତା ସଭାପତି ଡ. ପ୍ରକାଶ ଚନ୍ଦ୍ର ଜେନା ଓ ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟ ଭୁବନେଶ୍ୱର ଉପବନ ସହାୟକ ଅମିତା ଦାଶ ଯୋଗ ଦେଇଥିଲେ। ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଆସୁଥିବା ଆହ୍ୱାନକୁ ବ୍ୟାପକ ଭାବରେ ବୃକ୍ଷରୋପଣ କରି ସାମ୍ନା କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଥିଲା। ଶତାକ୍ଷୀର ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)

### ୩୧ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୬୪୩ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ

ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ସୋମବାର ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଶନିବାର ଏମ୍ସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏନେଇ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏଥିରେ ୧୯୬ଜଣ ଡାକ୍ତରୀ ଛାତ୍ରୀଛାତ୍ର, ୧୫୮ଜଣ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ଜଣ ସୁପର ସ୍ପେଶାଲିଟି (ଡିଏମ୍/ଏମ୍‌ସିଏଚ୍), ୨୧ଜଣ ପୋଷ୍ଟ-ଡକ୍ଟରାଲ ଫେଲୋ (ପିଡିଏଫ), ୧୧୬ଜଣ ବିଏସ୍‌ସି ନର୍ସିଂ, ୬୨ଜଣ ବିଏସ୍‌ସି ପାରାମେଡିକାଲ, ୪୧ଜଣ ଏମ୍‌ଏସ୍‌ସି ନର୍ସିଂ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତିସ୍ୱରୂପ ୧୭ଜଣ ଡାକ୍ତରୀ ଛାତ୍ରୀଛାତ୍ର, ଜଣେ ଏମ୍‌ଡି/ଏମ୍‌ଏସ୍, ଜଣେ ଡିଏମ୍/ଏମ୍‌ସିଏଚ୍, ୩ଜଣ ବିଏସ୍‌ସି ନର୍ସିଂ, ୭ଜଣ ବିଏସ୍‌ସି ପାରାମେଡିକାଲ, ଦୁଇଜଣ ଏମ୍‌ଏସ୍‌ସି ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୫୯ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଡିନ୍ ଡା. ପି.ଆର୍. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା ଏବଂ ଡା. ବିକାଶ ଭାଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ।

# ଗାଳିଗୁଲଜ, ମାଡ଼ ମାରିବା ଅଭିଯୋଗରେ ୩ ଗିରଫ

ବାଲିଅନ୍ତା, ୧୨।୭ (ନୀଳମାଧବ ସାହୁ): ଜଣେ ଯୁବକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ପାହାଳ ଥାନା ପୋଲିସ ୩ ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପାହାଳ ଥାନା ଅଞ୍ଚଳର ପପୁ ବେହେରା(୨୫) ଓ ବିକ୍ରମ କୁମାର ଭୋଇ(୩୦) ଏବଂ ବାଲିଅନ୍ତା ଥାନା ଅଞ୍ଚଳର ବିକାଶ ଜେନା(୨୩)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପାହାଳ ଥାନା ଅଧୀନ ହଂସପାଳ ତ୍ରିନାଥ ମନ୍ଦିର ନିକଟ ଏକ ଗ୍ରୋସରି ଦୋକାନ ନିକଟରେ ପପୁ, ବିକ୍ରମ ଓ ବିକାଶ ଓ ତାଙ୍କ ଅନ୍ୟ ସହଯୋଗୀ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ନହରକଣ୍ଟା ଗ୍ରାମର ଅମିୟ କୁମାର ଜେନା ଉକ୍ତ ଦୋକାନକୁ ଯାଇଥିବାବେଳେ ସେଠାରେ ବିଶୃଙ୍ଖଳା ସୃଷ୍ଟି ନ କରିବାକୁ ସେମାନଙ୍କୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାରୁ ଅମିୟ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପପୁ ତାଙ୍କ ମୁଣ୍ଡକୁ ଏକ ଥଣ୍ଡାପାଣି ବୋତଲରେ ଆକ୍ରମଣ କରିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଓ ତାଙ୍କ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବାରୁ ବିଶୃଙ୍ଖଳାସୃଷ୍ଟିକାରୀ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାରୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ।


**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra,
PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, EMD : ₹ 86,700/-, ବିଡ୍ ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଣ୍ଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-345/Q/25-26



**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला,**
**ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्ष, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। – 9431706143
थाना प्रभारी जगरनाथपुर, राँची। – 9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 357176 Police (25-26)D



**पुलिस अधीक्षक का कार्यालय, गुमला**
**(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है। इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला।

**PR.NO.357121 Police Wireless Headquarter(25-26):D**


# ହଜାରେ କୋଟି ଟପିଲା ଓମ୍‌ଫେଡ୍ କାରବାର

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

ଓମ୍‌ଫେଡ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବକାଳୀନ ରେକର୍ଡ ପରିମାଣର କାରବାର କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୫୫ କୋଟି ଟଙ୍କାର କାରବାର କରିଥିବା ବେଳେ ଗତ ଆର୍ଥିକ ବର୍ଷରେ ସମସ୍ତ ରେକର୍ଡକୁ ଭାଙ୍ଗି ଏହା ୧୦୨୮ କୋଟି ଟଙ୍କା ଟପିଛି। ଅର୍ଥାତ ୧୭୩ କୋଟି ଟଙ୍କାର ଅଧିକ କାରବାର କରିଛି। ଚଳିତବର୍ଷ ଏଥିରେ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଓମ୍‌ଫେଡର ସାଧାରଣ ପରିଚାଳକ (ବିଓ) ସୁରେଶ ଅଲଟିଆ କହିଛନ୍ତି। ଆସନ୍ତା ୫ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ଗୋପାଳନ, ମଇଁଷି ପାଳନ, ବୀମାକରଣ, ମାଈ ବାଛୁରୀ ପାଳନ ଏବଂ ଘାସ ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ଗୋପାଳକଙ୍କୁ୭୧ କୋଟିରୁଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗୋପାଳନ ଓ ଦୁଗ୍ଧ ଚାଷ ପାଇଁ ହଜାର ହଜାର ବେକାର ଯୁବତୀଯୁବକ ଏବେ ଆଗ୍ରହ ପ୍ରକାଶ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଦୁଗ୍ଧ ଚାଷୀଙ୍କୁ ଜୁନ ପହିଲାରୁ ଲିଟଲ ପିଛା ୩ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିବାବେଳେ ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ଏହି ଅର୍ଥ ପ୍ରଦାନ କରାଯାଉଛି। ଫଳରେ ଚାଷୀମାନେ ଓମଫେଡକୁ ଅଧିକ ଦୁଗ୍ଧ ଦେବା ଆରମ୍ଭ କରିଦେଇଛନ୍ତି। ଏବେ ଦୈନିକ ହାରାହାରି ୬ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ ହେଉଛି। ପୂର୍ବରୁ ଦୈନିକ ହାରାହାରି ୫ ଲକ୍ଷ ୯୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ସହାୟତା, ଓମ୍‌ଫେଡର ମାର୍କେଟ ବିସ୍ତାର ଏବଂ ନୂତନ ଉତ୍ପାଦ ବଜାରକୁ ଆଣିବା ଦ୍ୱାରା ଏହାର କାରବାର ବହୁ ପରିମାଣରେ ବୃଦ୍ଧି ପାଇଛି। ଅରିଲୋସ୍ଥିତ ଓମ୍‌ଫେଡ ଡେରୀରେ ପୂର୍ବରୁ ଆଇଓସିଏଲ୍‌ଠାରୁ ଏଲପିଜି ଗ୍ୟାସ ସିଲିଣ୍ଡର ଆସି ବ୍ୟବହାର ହେଉଥିଲା। ମାତ୍ର ଗତ ବର୍ଷଠାରୁ ଗେଲ୍ ଇଣ୍ଡିଆ ଲିମିଟେଡଠାରୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ବ୍ୟବହାର କରାଯାଉଛି। ଏହାଦ୍ୱାରା ମାସକୁ ୩୦ ଲକ୍ଷରୁ ଅଧିକ ଟଙ୍କା ସଞ୍ଚୟ କରାଯାଇ ପାରୁଛି। ମାର୍କେଟିଂ ପରିଧି ବିସ୍ତାର କରିବା ସହ ବିଭିନ୍ନ ସ୍ଥାନରେ ଓମ୍‌ଫେଡର ସ୍ୱତନ୍ତ୍ର ପାର୍ଲର ଖୋଲାଯାଉଥିବା ସୂଚନା ଦିଆଯାଇଛି।


**DISTRICT PROJECT OFFICE, SAMAGRA SHIKSHA, SUBARNAPUR**
No.1379//Dt.11.07.2025

**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson,
SS, Subarnapur

**Sd./- District Education Officer cum DPC,**
**Samagra Shiksha, Subarnapur**

# ‘ଏକାକୀ ନୁହେଁ, ଏକତ୍ର କାମକଲେ ସଫଳତା ମିଳିଥାଏ’

## ଲୟୋଲା ସ୍କୁଲରେ ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ



କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨ା୭(ଅନୁରାଧା ମହାରଣା)

ଲୟୋଲା ସ୍କୁଲର ରଜତ ଜୟନ୍ତୀ ଅବସରରେ ଶନିବାର ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ (ଏମ୍‌ୟୁଏନ୍) ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ମାନିତ ଅତିଥି ଭାବେ ରେକ୍ଟର ଫାଦର ଏ. ଏଜାକୁନେଲ ଏସ୍‌ଜେ, ପ୍ରିନ୍ସିପାଲ ଫାଦର ଏ. ଅମଲାଦୋସ ଏସ୍‌ଜେ, ଭାଇସ୍ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ, ଲୟୋଲା ଏମ୍‌ୟୁଏନ୍‌ର ସେକ୍ରେଟାରୀ ଜେନେରାଲ ଅନ୍ୱେଷା ପ୍ରିୟଦର୍ଶିନୀ ପ୍ରଧାନ, ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ଯୋଗଦେଇ ଏମ୍‌ୟୁଏନ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଆଦ୍ୟାଶା କହିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଓ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏହା ଶୈକ୍ଷିକ ପ୍ରତିଯୋଗିତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବାସ୍ତବ ଜୀବନରେ ଏକାକୀ ନୁହେଁ, ଏକତ୍ର କାମ କରିବା ଦ୍ୱାରା ସଫଳତା ମିଳିଥାଏ। ଆଦ୍ୟାଶା ତାଙ୍କ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେ କହିଲେ, ଜ୍ଞାନ ହେଉଛି ଶକ୍ତି। ଆମେ କେଉଁ କାର୍ଯ୍ୟ ପ୍ରତି ଉତ୍ସାହିତ ତାହା ଖୋଜିବା ପରିବର୍ତ୍ତେ ଆମେ ବିଭିନ୍ନ ଦିଗରେ କାର୍ଯ୍ୟ କରିବା ଦରକାର। ଏହାଦ୍ୱାରା ଆମକୁ କୌଣସି ଦାୟିତ୍ୱକୁ ଚାପ ପରି ମନେ ହେବ ନାହିଁ ବରଂ ଆମେ ତାହାକୁ ଉପଭୋଗ କରିଥାଉ। ଯେତେବେଳେ ଆପଣ ଆଗ୍ରହର ସହିତ ସକ୍ରିୟ ଭାବେ ଜଡ଼ିତ ହୁଅନ୍ତି, ଚାପ ଦୂର ହୋଇଯାଏ। ଏହା ହିଁ ପ୍ରକୃତ ବିକାଶ ଓ ସଫଳତାର ଆରମ୍ଭ ବୋଲି ଆଦ୍ୟାଶା କହିଥିଲେ।

ଏ. ଅମଲାଦୋସ ଏସ୍‌ଜେ କହିଲେ, ଏହି ଏମ୍‌ୟୁଏନ୍ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ, ଚିନ୍ତନଶକ୍ତି, ଗଭୀର ଅନ୍ତର୍ଦୃଷ୍ଟି ଓ ସାର୍ବଜନିକ କଥାବାର୍ତ୍ତା କ୍ଷମତା ବୃଦ୍ଧି କରିଛି। ଏହା ସେମାନଙ୍କୁ ବିଶ୍ୱସ୍ତରର ସମସ୍ୟାଗୁଡ଼ିକୁ ବୁଝିବା, ଶ୍ରେଣୀକକ୍ଷର ଜ୍ଞାନକୁ ବ୍ୟବହାର କରିବା, ଅନୁସନ୍ଧାନ କ୍ଷମତା, ବୈଜ୍ଞାନିକ ଭାବନା ଓ ଦଳରେ କାମ କରିବା ଦକ୍ଷତା ଉନ୍ନତ କରିବାର ସୁଯୋଗ ଦେଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୯ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୧୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୟୁଏନ୍‌ଜିଏ, ଡିଆଇଏସ୍‌ଇସି, ୟୁଏନ୍‌ଏଚ୍ଆରସି, ଏଆଇପିପିଏମ୍ ଓ ଆଇପିସି ଆଦି ଉପସମିତି ଗଠନ କରି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ଲୟୋଲା ବିଦ୍ୟାଳୟର ସଙ୍ଗୀତ ଦଳ ଦ୍ୱାରା ସୁନ୍ଦର ସଙ୍ଗୀତ ଏବଂ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଲୟୋଲା ଏମ୍‌ୟୁଏନ୍‌ର ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟ ପ୍ରେସିଡେଣ୍ଟ ଅବଧୂତ ଆନନ୍ଦ ବିଶି ଉଦ୍‌ବୋଧନ ଦେଇଥିଲେ।



ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

## ବିଜୟ ନାୟକ ପାଇବେ ସାରଳା ସମ୍ମାନ

କଟକ,୧୨ା୭(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସାଧକ ବିଜୟ ନାୟକଙ୍କୁ ଚଳିତ ବର୍ଷର ସମ୍ମାନଜନକ ସାରଳା ସମ୍ମାନ ପାଇଁ ମନୋନୀତ କରାଯାଇଛି। ଆସନ୍ତା ୧୫ ତାରିଖରେ କଟକସ୍ଥିତ ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ତାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ଇଂ. ପ୍ରଭାକର ସ୍ୱାଇଁ ଓ ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଏ ନେଇ ଶନିବାର ଜଣାଇଛନ୍ତି।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଝାଡ଼ାବାନ୍ତି

### ୪୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଅସୁସ୍ଥ, ୨୫ ଏସ୍‌ସିବିରେ ଭର୍ତ୍ତି

କଟକ,୧୨ା୭(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବିଶ୍ୱବିଦ୍ୟାଳୟ ତତ୍ପର ହୋଇଉଠିଥିବା ବେଳେ ଶନିବାର ୪୦ରୁ ଊର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ରାତି ୧୦ଟା ସୁଦ୍ଧା ୨୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ଜଣଙ୍କୁ ଡାଇରିଆ ୱାର୍ଡରେ ଏବଂ ୭ଜଣଙ୍କୁ ଜରୁରିକାଳୀନ ୱାର୍ଡରେ ଚିକିତ୍ସା କରାଯାଉଛି। ଏସ୍‌ସିବି ମେଡିକାଲରେ ବିଧାୟକ ସୌଭିକ ବିଶ୍ୱାଳ, ଇଂ. ପ୍ରକାଶ ସେଠୀ, ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରି ସେମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

ସୂଚନାନୁସାରେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନିୟୁ ପିଜି ହଷ୍ଟେଲ ଏବଂ ଧର୍ମପଦ ହଷ୍ଟେଲର ଅନ୍ତେବାସୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ରାତିରେ ଅନ୍ତେବାସୀମାନେ ଖାଇ ଶୋଇଥିଲେ। ଶନିବାର ସକାଳୁ କେତେଜଣ ଅନ୍ତେବାସୀଙ୍କ ଦେହ ଖରାପ ହୋଇଥିଲା। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ମଧ୍ୟାହ୍ନ ଖାଦ୍ୟ ଖାଇବା ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ସେତେବେଳେ ପ୍ରାୟ ୧୦ଜଣ ଆକ୍ରାନ୍ତ ହୋଇଥିବାବେଳେ ଅପରାହ୍ନରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରେ ପହଞ୍ଚିଥିଲା। ତେବେ ଦୂଷିତ ପାନୀୟ ଜଳ ଏବଂ ଖାଦ୍ୟ ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଅନ୍ତେବାସୀମାନେ କହିଛନ୍ତି। ପିଇବା ପାଣି ନେଇ ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ହଷ୍ଟେଲ ଅନ୍ତେବାସୀ ମଧ୍ୟ ସମାନ ପାଣି ବ୍ୟବହାର କରୁଛନ୍ତି। ତେଣୁ ଆଗକୁ ଅଧିକ ସଂଖ୍ୟକ ଅନ୍ତେବାସୀ ଅସୁସ୍ଥ ହେବା ଆଶଙ୍କା ଦେଖାଦେଇଛି।



ଏସ୍‌ସିବି ମେଡିକାଲରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

# ଶ୍ରାବଣରେ ପରିବା ଦରରେ ନିଆଁ



ଶ୍ରାବଣ ମାସ ଆରମ୍ଭରୁ ପରିବା ଦରରେ ଲାଗିଛି ନିଆଁ। ରାତି ପାହିଲେ ଖାଉଟିଙ୍କୁ ଘାରୁଛି ପରିବା ଚିନ୍ତା। ଆକାଶଛୁଆ ଦର ସାଧାରଣ ଲୋକଙ୍କ ହାଣ୍ଡିଶାଳକୁ ପ୍ରଭାବିତ କରୁଥିବାବେଳେ ଲୋକଙ୍କ ଖାଦ୍ୟ ମେନ୍ୟୁ ବି ବଦଳିଗଲାଣି। ହୋଟେଲ ଓ ଘର ରୋଷେଇରୁ କଞ୍ଚା ପରିବା ଉଭାନ ହେଉଥିବାବେଳେ ଅନେକେ ଆଳୁ, ଡାଲି କିମ୍ବା ଆମିଷରେ ଚଳାଇ ନେଲେଣି। ହେଲେ ନିରାମିଷାସୀ ଓ ଜଳଲାଗି ବ୍ରତଧାରୀଙ୍କ ଖାଇବା ଚିନ୍ତା ବଢ଼ିଗଲାଣି। କାରଣ ମାର୍କେଟକୁ ଗଲେ ପକେଟ ଖାଲି ହୋଇଯାଇଥିଲେ ବି ବ୍ୟାଗ୍ ଫୁଲ ହେଉନି। ଆଳୁ, ପିଆଜକୁ ଛାଡିଦେଲେ କଞ୍ଚା ପରିବା ଛୁଇଁବାକୁ ଡର ଲାଗୁଛି। ଭୁବନେଶ୍ୱର ମୁଖ୍ୟ ପରିବା ବଜାର କୁହାଯାଉଥିବା ୧ନଂ. ହାଟରେ ବାଇଗଣ ଦର ଏବେ ୮୦ରୁ ୧୦୦ଟଙ୍କା ରହିଥିବାବେଳେ ଟମାଟୋ କିଲୋ ୪୦, ଜହ୍ନି ୫୦ଟଙ୍କା, ଭେଣ୍ଡି ୫୦, କୁନ୍ଦୁରି ୪୦, ସଜନା ଛୁଇଁ ୬୦, ସାରୁ ୫୦, କଲରା ୬୦, ଛଚିନ୍ଦ୍ରା କିଲୋ ୬୦ ଟଙ୍କା ରହିଛି। ଖୁଚୁରା ବେପାରୀମାନେ ୧ନଂ ହାଟରୁ ପରିବା କିଣି ପାଇକାରୀ ଦରରେ ଆଉ ୧୦ରୁ ୨୦ ଟଙ୍କା ଚଢା ଦରରେ ବିକ୍ରି କରୁଛନ୍ତି। ସେହିପରି କଟକ ଛତ୍ରବଜାରରେ ମଧ ସମାନ ଦର ରହିଛି। ଆହୁରି ମାସେ ଏଭଳି ସ୍ଥିତି ଲାଗି ରହିବ ବୋଲି ପରିବା ବ୍ୟବସାୟୀ ସଂଘ ଆଶଙ୍କା କରୁଛି, ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ କ’ଣ ପାଇଁ ପରିବାର ବଜାରରେ ନିଆଁ ଲାଗିଛି ତାହାକୁ ନେଇ ‘ଧରିତ୍ରୀ’ର ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ- ବନ୍ଦନା ସେଠୀ, ଭୁବନେଶ୍ୱର

### ବର୍ଷା ପାଇଁ ବଜାରକୁ ପରିବା ଆସିପାରୁ ନାହିଁ



ଲଗାଣ ବର୍ଷା ଯୋଗୁ ପରିବା ନଷ୍ଟ ହୋଇଯାଇଛି। ସ୍ଥାନୀୟ, ବାହାର ରାଜ୍ୟରେ ଏହି ସମାନ ଅସୁବିଧା ଦେଖାଦେଇଛି। ପୁଣି ବର୍ଷା ପାଇଁ ଲୋକାଲ୍ ପରିବା ମାର୍କେଟକୁ ଆସିପାରୁ ନାହିଁ। ଶ୍ରାବଣ ମାସରେ ପରିବା ଚାହିଦା ଅଧିକ ରହୁଥିବାରୁ ଓ ସେହି ଅନୁପାତରେ ପରିବା ବଜାରକୁ ଆସୁ ନ ଥିବାରୁ ଦର ଉଚ୍ଚା ରହୁଛି। ସ୍ଥାନୀୟ ପରିବା ଅମଳ ହେବା ପରେ ଦର କମିପାରେ। କିଛିଦିନ ପରେ ଅନୁଗୋଳ ଓ ରାଇକିଆରୁ ଫୁଲକୋବି ବଜାରକୁ ଆସିଲେ ଦର ଆଉଟିକେ କମିଯିବ।

**–ହୃଷିକେଶ ଓଝା, ସମ୍ପାଦକ, ରାଜଧାନୀ ହାଟ ବ୍ୟବସାୟୀ ସଂଘ।**

### ପରିବା ଦର ଶୁଣିଲେ ଡର ଲାଗୁଛି



ଶ୍ରାବଣ ମାସରେ ଘରେ ଆମିଷ ପଶେନି। ତେଣୁ ମାସଯାକ କେବଳ ପନିପରିବା, ଡାଲି ଉପରେ ନିର୍ଭର କରିଥାଉ। ହେଲେ ଏବେ ବଜାରରେ ପରିବାର ଦର ଶୁଣିଲେ ଡର ଲାଗୁଛି। ରାତି ପାହିଲେ ରୋଷେଇ କ’ଣ କରିବି ସେଇ ଚିନ୍ତା କରିବାକୁ ପଡୁଛି। ଏମିତି ସ୍ଥିତି ଲାଗି ରହିଲେ ପରିବାର ଚଳେଇବା କଷ୍ଟକର ହୋଇପଡିବ।

**–ଜୁଲି ସାହୁ, ଗୃହିଣୀ, ଭୁବନେଶ୍ୱର**

### ନିରାମିଷ ବାରିରେ ରୋଷେଇ ଚିନ୍ତା



ବଜାରକୁ ୫୦୦ ଟଙ୍କା ଧରି ଗଲେ ବି ବ୍ୟାଗ୍ ଫୁଲ୍ ହଉନି। ଆଳୁ, ପିଆଜକୁ ଛାଡିଦେଲେ ଆଉ କୋଉଥିରେ ହାତ ମାରି ହଉନି। ଆମିଷ ବାରିରେ ଯାହା ଯେମିତି ଚଳି ଯାଉଛି, ହେଲେ ନିରାମିଷ ବାରିରେ ରୋଷେଇ ଚିନ୍ତା ଘାରୁଛି। ପରିବାର ଦରକୁ ଦେଖି ଡାଲ୍ମା ତରକାରୀ କରି ହଉନି କି ଡାଲି, ଆଳୁ ଭର୍ତାରେ ପାଟିକୁ ଭାତ ରୁଚୁନି।

**–ବିଶ୍ୱନାଥ ବେହେରା, କର୍ମଜୀବୀ, ଭୁବନେଶ୍ୱର**

### ରାଜ୍ୟ ସରକାର ପନିପରିବା ଦର ନିୟନ୍ତ୍ରଣ କରନ୍ତୁ



ଅଚ୍ଛେଦିନ୍ ଆସିବ କହି କହି ଭାଜପା ସରକାର ସାଧାରଣଲୋକଙ୍କ ଜୀବନକୁ ଦୁର୍ବିସହ କରି ସାରିଲେଣି। ଦରଦାମ୍‌ରେ ଜମାରୁ ନିୟନ୍ତ୍ରଣ ଆସିପାରୁ ନାହିଁ। ପରିବା ଦର ଯେଉଁଭଳି ଭାବେ ଦିନକୁ ଦିନ ବଢୁଛି ସେଥିରେ ଭଲ ତରକାରିଟେ ବି ହୋଇପାରୁନି। ରାଜ୍ୟ ସରକାର ଅତି କମ୍‌ରେ ପନିପରିବା ଦରକୁ ନିୟନ୍ତ୍ରଣ କରିବା ଆବଶ୍ୟକ।

**–ମାମି ନାୟକ, ଗୃହିଣୀ, ଭୁବନେଶ୍ୱର**

### ଡାଲି, ମଟର ତରକାରିରେ କାମ ଚଳଉଛୁ



ସକାଳ ପାହିଲେ ରୋଷେଇ ଚିନ୍ତା ଘାରୁଛି। ଆମିଷ ବାରିକୁ ଛାଡିଦେଲେ କେବଳ ଡାଲି, ସୋୟାବଡ଼ି, ମଟର ତରକାରିରେ କାମ ଚଳେଇବାକୁ ପଡୁଛି। ମୋତେ ବାଇଗଣ ଭର୍ତା ବହୁତ ଭଲଲାଗେ। ମାତ୍ର ୮୦/୯୦ଟଙ୍କା ଦେଇ ବାଇଗଣ କିଣିବାକୁ ଡର ଲାଗୁଛି। ପରିବା ନାଁରେ ମୁଁ ଘରକୁ ଏବେ କେବଳ ଆଳୁ, ପିଆଜ ନେଇକି ଆସୁଛି।

**–ମୁନା ସାହୁ, ବ୍ୟବସାୟୀ, ଭୁବନେଶ୍ୱର**

### ପରିବାର ଚଳାଇବା କଷ୍ଟକର ହେଲାଣି



ବର୍ତ୍ତମାନର ବର୍ଦ୍ଧିତ ପରିବା ଦର ପକେଟକୁ ଭାରି ବାଧୁଛି। ନିଅଣ୍ଟିଆ ବଜେଟ୍‌ରେ ପରିବାର ଚଳାଇବା କେତେ ଯେ କଷ୍ଟ ତାହା ରୋଜଗାର କରୁଥିବା ଲୋକଙ୍କୁ ଜଣା। ହଠାତ୍ ପରିବା ଦର ଏତେ ବଢ଼ିଯିବାରୁ ଘରକୁ ପରିବା ଆଣିବା କମିଯାଇଛି। କଷ୍ଟେମଷ୍ଟେ ଚଳେଇବାକୁ ପଡୁଛି। ଏ ଦିଗରେ ସରକାର କିଛି କରିବା ଦରକାର।

**–ପୂର୍ଣ୍ଣଚନ୍ଦ୍ର ସାହୁ, ଖାଉଟି, ପିଠାପୁର, କଟକ**

### ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧୁରିଯିବ



ଚାଷୀଟିଏ ସବୁବେଳେ କ୍ଷତି ସହୁଛି। ମୁଣ୍ଡର ଝାଳ ତୁଣ୍ଡରେ ମାରି କ୍ଷେତରେ ପରିଶ୍ରମ କରୁଥିବା ଆମ ଭଳି ଲୋକଙ୍କୁ ଉତ୍ପାଦିତ ସାମଗ୍ରୀର ପ୍ରକୃତ ଦର ମିଳିପାରୁନି। ଏହିଭଳି ଦରଦାମ ଟିକେ ଉଚ୍ଚା ରହିଲେ ଚାଷୀଟି କ୍ଷେତରେ ଯେଉଁ ସାର ମସଲା ଦେଉଛି ତା’ର କେତେକାଂଶରେ ଆର୍ଥିକ ସ୍ଥିତି ସୁଧୁରିଯିବ। ଏଭଳି ଦରଦାମ ସରକାରୀ ଚାକିରିଆଙ୍କୁ ପ୍ରଭାବିତ କରିବନି।

**–ବସନ୍ତ ଜେନା, ଚାଷୀ, ଅନ୍ଧୋଟି, ହରିଅନ୍ତା, କଟକ।**

### ଦର ନିୟନ୍ତ୍ରଣ ପାଇଁ ସରକାର ପଦକ୍ଷେପ ନିଅନ୍ତୁ

ଗତ କିଛିଦିନ ହେବ ପରିବା ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ଆମ ଭଳି ସାଧାରଣ ଗ୍ରାହକଙ୍କୁ ବେଶ୍ ବାଧୁଛି। ଦୁଇଦିନ ତଳେ ଯେଉଁ ଦାମ୍ ଦେଇ ପରିବା କିଣିଥିଲି, ଆଜି ତା’ଠାରୁ ଦର ଅଧିକ ରହିଛି। ତେଣୁ କମ୍ ପରିମାଣର ପରିବା ଘରକୁ ନେଉଛି। ପରିବା ଦର ନିୟନ୍ତ୍ରଣ ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ।

**–ଲିପନ କୁମାର ପୃଷ୍ଟି, ଗ୍ରାହକ, ପୁରୀ ସହର**

### ଗାଡ଼ି ବନ୍ଦ, ବର୍ଷା ଯୋଗୁ ଦର ବଢ଼ିଛି

ଡ୍ରାଇଭର ମହାସଂଘର ବନ୍ଦ ଡାକରା କାରଣରୁ ରାଜ୍ୟରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ପର୍ଯ୍ୟାପ୍ତ ପରିମାଣର ପରିବା ଆସି ବଜାରରେ ପହଞ୍ଚିପାରୁନାହିଁ। ସେହିପରି ପ୍ରବଳ ବର୍ଷା ଯୋଗୁ ପରିବା ଚାଷ ପ୍ରଭାବିତ ହୋଇଛି। ଫଳରେ ପନିପରିବା ମୂଲ୍ୟ ବୃଦ୍ଧି ପାଇଛି। ତେବେ ଗାଡ଼ି ଚଳାଚଳ ଆରମ୍ଭ କରିଥିବାରୁ ପରିବା ମୂଲ୍ୟ କମିବ ବୋଲି ଆଶା କରାଯାଉଛି।

**– ପ୍ରଶାନ୍ତ ସାହୁ, ପରିବା ବ୍ୟବସାୟୀ, ପୁରୀ**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ବଳରାମ



@ ମାନସ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡେଲାଙ୍ଗରେ ବାର୍ଡ ଫ୍ଲୁ ରିପୋର୍ଟ ପଜିଟିଭ୍

### ପ୍ରଥମ ଦିନରେ ଗୋଟିଏ ଫାର୍ମରୁ ମରାଗଲା ୩ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା

ଡେଲାଙ୍ଗ,୧୨ା୭ (ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ଡେଲାଙ୍ଗ ବ୍ଲକର ବିଭିନ୍ନ କୁକୁଡ଼ା ଫାର୍ମରେ ଏବେ ବାର୍ଡ ଫ୍ଲୁ ବ୍ୟାପିଛି। ପୂର୍ବରୁ ୩ଟି ଫାର୍ମରୁ ସଂଗୃହୀତ ସ୍ୱାବ୍ ଓ ରକ୍ତରୁ ବାର୍ଡ ଫ୍ଲୁ ଜୀବାଣୁ ଚିହ୍ନଟ ରିପୋର୍ଟ ଭୋପାଳସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାରରୁ ଆସିବା ପରେ ଡେଲାଙ୍ଗ ବ୍ଲକ ବେନୁପଡ଼ା ଗ୍ରାମର ଅମିୟ ରାୟଙ୍କ ଫାର୍ମରୁ ଶନିବାର ୩୩୧୬ କୁକୁଡ଼ାଙ୍କୁ ମାରି ମାଟିରେ ପୋତାଯାଇଥିବା ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବଡ଼ଆଙ୍କୁଲା ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ ଫାର୍ମର ସମସ୍ତ କୁକୁଡ଼ା ରିପୋର୍ଟ ଆସିବା ପୂର୍ବରୁ ମରାଯାଇଥିବାରୁ ମୃତ କୁକୁଡ଼ାଙ୍କୁ ମାଟିରେ ପୋତି ଦିଆଯିବା ସହ ବେନୁପଡ଼ା ଓ ବଡ଼ଆଙ୍କୁଲା ଦୁଇ ଫାର୍ମକୁ ବୈଷୟିକ ପଦ୍ଧତିରେ ବିଶୋଧନ କରାଯାଇଛି।

ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା କୁକୁଡ଼ା ଫାର୍ମର ୧ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ସମସ୍ତ ଫାର୍ମର କୁକୁଡ଼ାଙ୍କୁ ମାରି ପୋତାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ବେହେରା ସୂଚନା ଦେବାସହ ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା କୁକୁଡା ଫାର୍ମକୁ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ପ୍ରକାଶ କରିଥିଲେ।



ଏହି ଅଞ୍ଚଳରୁ କୁକୁଡ଼ା ବାହାରକୁ ଯିବନି ଓ ବାହାରୁ ଆସିବ ନାହିଁ ବୋଲି ଡା. ବେହେରା ସଚେତନ କରାଇଛନ୍ତି। କୁକୁଡ଼ା ମାରିବା ପାଇଁ ଗଠିତ ୫ଟି ର୍‍ୟାପିଡ୍ ରେସପନ୍ସ ଟିମ୍‌ରେ ଜିଲାର ଡେଲାଙ୍ଗ, କଣାସ, ପିପିଲି, ସତ୍ୟବାଦୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ପ୍ରାଣୀଧନ ଚିକିତ୍ସକ ଓ କର୍ମଚାରୀଙ୍କୁ ସାମିଲ କରାଯାଇଛି। ଜିଲା ଅତିରିକ୍ତ ପ୍ରାଣୀଧନ ଅଧିକାରୀ ଡା. ସତ୍ୟବ୍ରତ ଦାଶ, ଡେଲାଙ୍ଗ ପ୍ରାଣୀଧନ ଅଧିକାରୀ ଡା. ପ୍ରୀତିତୋଷ ମହାପାତ୍ର, ଡା. ସୋମନାଥ ଦାଶ ପ୍ରମୁଖ କୁକୁଡ଼ାମରା ଅଭିଯାନକୁ ତ୍ୱରାନ୍ୱିତ କରୁଛନ୍ତି। ରବିବାର ଅନ୍ୟ ଫାର୍ମରୁ କୁକୁଡ଼ା ମରାଯିବ ବୋଲି ଡେଲାଙ୍ଗ ପ୍ରାଣୀଧନ ଅଧିକାରୀ ଡା. ମହାପାତ୍ର ସୂଚନା ଦେଇଛନ୍ତି।



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଆହତ ଛାତ୍ର।

**ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ପରେ...**



ଏଫ୍‌ଏମ୍ କଲେଜ ପରିସରରେ ମୁତୟନ ପୋଲିସ ଫୋର୍ସ।



କଲେଜ ପରିସରରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

# ମାନବିକତା ଭୁଲିଗଲେ କଲେଜ କର୍ମଚାରୀ

ବାଲେଶ୍ୱର,୧୨।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ଶନିବାର ଅଧ୍ୟକ୍ଷଙ୍କ ଅଫିସ ସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ ଓ କର୍ମଚାରୀ ସେ ନିଆଁରେ ଜଳି ଯାଉଥିବା ଦେଖି ମଧ୍ୟ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନ ଥିଲେ। ସମସ୍ତେ ଚୁପ୍‌ଚାପ୍ ଠିଆ ହୋଇ ରହିଥିଲେ ବୋଲି ସେଠାରେ ଉପସ୍ଥିତ ଛାତ୍ରୀଛାତ୍ର କହିଛନ୍ତି। ଏଭଳି ପରିସ୍ଥିତିରେ କଲେଜ କର୍ମଚାରୀ ମାନବିକତା ଭୁଲିଗଲେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଏଭଳି ଦଣ୍ଡ ମିଳୁ, ଯେପରି ଘଟଣାର ପୁନରାବୃତ୍ତି ନ ହେବ: ପୀଡ଼ିତାଙ୍କ ବାପା

ବାଲେଶ୍ୱର, ୧୨।୭(ବାଞ୍ଛାନିଧି ଦେ): ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ପରେ ଏଫଏମ୍ କଲେଜ ପ୍ରିନ୍ସିପାଲ ଓ ଏଚଓଡିଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଛାତ୍ରୀଙ୍କ ବାପା। ସେ କହିଛନ୍ତି, 'ମୋ' ଝିଅକୁ ପ୍ରିନ୍ସିପାଲ ମାନସିକ ନିର୍ଯାତନା ଦେଇଛନ୍ତି। ପ୍ରିନ୍ସିପାଲ କହିଥିଲେ, ସବୁ ଭୁଲ୍ ଝିଅର, ଏଚ୍‌ଓଡିଙ୍କର କିଛି ଭୁଲ୍ ନାହିଁ। ଅଭିଯୋଗ ଉଠାଇ ନେବାକୁ ଝିଅକୁ ବାଧ୍ୟ କରାଯାଇଥିଲା। ଏପରିକି କଲେଜରୁ ବହିଷ୍କାର କରିଦେବାକୁ ଧମକ ଦିଆଯାଇଥିଲା। ଏଚ୍‌ଓଡି ମଧ୍ୟ ଝିଅର ଚରିତ୍ରକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କ ବିରୋଧରେ ଗଲେ ୬ ବର୍ଷ ଯାଏ ବ୍ୟାକ ଲାଗିବ ବୋଲି କହିଥିଲେ। ସେଇଥିପାଇଁ ଝିଅ ଆତ୍ମାହୁତି ଉଦ୍ୟମ କଲା ବୋଲି ବାପା ଅଭିଯୋଗ କରିଛନ୍ତି। ସରକାର ଦୋଷୀଙ୍କୁ ଏଭଳି ଦଣ୍ଡ ଦିଅନ୍ତୁ, ଯେଭଳି ଘଟଣାର ପୁନରାବୃତ୍ତି ନ ହେବ ବୋଲି ତାଙ୍କ ବାପା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

## 'କଲେଜ କିଛି ଆକ୍ସନ ନେଲାନି, ଶେଷରେ ସେ ନିଜକୁ ଜାଳିଦେଲେ'

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ସହପାଠୀ କଶିଷ୍ ଦାସ କହିଛନ୍ତି, କଲେଜରେ ଯୋଗଦେବା ପରେ କ୍ଲାସରେ ବିଭିନ୍ନ ଇସ୍ୟୁ ହେଉଥିବା ନେଇ ସେ ମୋତେ କହିଥିଲେ। କିନ୍ତୁ ମୁଁ ଏହାକୁ ଗୁରୁତ୍ୱର ସହ ନେଇ ପଚାରି ନ ଥିଲି। ଏଚ୍‌ଓଡିଙ୍କ ପକ୍ଷରୁ ନିର୍ଯାତନା ବଢିବା ପରେ ସେ ଅଫିସ୍‌କୁ ବହୁବାର ଆସିଥିଲେ। କିନ୍ତୁ କିଛି ନିଷ୍ପତ୍ତି ହୋଇ ନ ଥିଲା। କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଆମେ ସମସ୍ତେ ଏବିଭିପି ପିଲା ତାଙ୍କ ପାଇଁ ଫାଇଟ୍ କରିବାକୁ ଆସିଥିଲୁ। ଏହାପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଧ୍ୟକ୍ଷ କିଛି ସମୟ ମାଗିଥିଲେ। ଆଜି ଆମର ପରୀକ୍ଷା ଥିଲା ସକାଳ ୮ଟା ୩୦ରୁ ୧୦ଟା ୩୦। ସେ ପ୍ରିନ୍ସିପାଲଙ୍କ ଅଫିସ୍ ଆସିବେ ବୋଲି ଆମେମାନେ ପରୀକ୍ଷା ସରିବା ପରେ ୨ଘଣ୍ଟା ଅପେକ୍ଷା କରିଥିଲୁ। ମାତ୍ର ସେ ଚାହୁଁଥିଲେ ନିଜେ ପ୍ରିନ୍ସିପାଲଙ୍କ ସହ ଏକା କଥା ହେବା ପାଇଁ। ସବୁ ନର୍ମାଲ ଥିବା ଦେଖି ଆମେ ଘରକୁ ପଳାଇ ଯାଇଥିଲୁ। ପରେ ଜାଣିଲୁ କି ଏହି ଘଟଣାରେ ଏଯାବତ୍ କୌଣସି ଆକ୍ସନ ନିଆଯାଇନାହିଁ। ବାରମ୍ବାର ଅଫିସ୍‌କୁ ଆସି ଫେରିବା ପରେ ମାନସିକ ଭାରସାମ୍ୟ ହରାଇ ସେ ନିଜକୁ ଜାଳି ଦେଇଛନ୍ତି ବୋଲି କହିଛନ୍ତି।

## ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ୧୨ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିବା ଜଣାପଡ଼ିଛି। ଏହି ଘଟଣାରେ ଅଭିଯୁକ୍ତ ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସବୁ ଦିଗରୁ ତଦନ୍ତ ଚାଲିଛି, ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଇଣ୍ଟରନାଲ୍ କମିଟି କ'ଣ ନିଷ୍ପତ୍ତି ନେଇଥିଲା ସେନେଇ ତର୍ଜମା ଚାଲିଛି। ଯାହାର ବି ତ୍ରୁଟି ସାମ୍ନାକୁ ଆସିବ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ରାଜପ୍ରସାଦ କହିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କଲେଜ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟ ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ରୀ ଜଣକ ଜୁଲାଇ ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଧ୍ୟାପକ ତାଙ୍କଠାରୁ କିଭଳି ଶାରୀରିକ ସୁଖ ଚାହୁଁଥିଲା ତାହା ମଧ୍ୟ ସେ ଦର୍ଶାଇଥିଲେ। ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନ ନେବାରୁ ପରେ ଥାନା ଏବଂ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ ; ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର କଥା ଏମ୍‌ପି ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲୁକା ଭାବେ ନେବା ଯୋଗୁ ଶନିବାର ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଥିବାବେଳେ ସରକାର ମଧ୍ୟ ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଥିଲେ। ଇପ୍ସିତା କହିଛନ୍ତି, ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣବଳାତ୍କାର କରାଗଲା। ଏହି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ଲିଭି ନ ଥିଲାବେଳେ ଫକୀର ମୋହନ କଲେଜରେ ଏହି ଘଟଣା ରାଜ୍ୟର ମହିଳା ସମାଜକୁ ମର୍ମାହତ କରିଛି । ଯେ ପର୍ଯ୍ୟନ୍ତ ପୀଡ଼ିତ ଛାତ୍ରୀଙ୍କୁ ନ୍ୟାୟ ମିଳିନାହିଁ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଇପ୍ସିତା କହିଛନ୍ତି। ଏହି ଅବସରରେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଏମ୍‌ସ ଗସ୍ତକରି ପୀଡ଼ିତାଙ୍କ ଭାଇଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେଡିର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ଥିଲେ।



ଏମ୍‌ସ ପରିସରରେ ବିଜେଡି ନେତୃବୃନ୍ଦ।

## ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଚିକିତ୍ସା ଲାଗି ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏମ୍‌ସ ନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇଛି। ଶନିବାର ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ ଏନେଇ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ପୀଡ଼ିତାଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି,ସରକାର ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବେ। ଯେପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି ତାଙ୍କର ଉତ୍ତମ ଚିକିତ୍ସା କରାଯିବ। ଏହା ସହିତ, ପୀଡ଼ିତାଙ୍କ ପରିବାର ସଦସ୍ୟମାନେ ଭୁବନେଶ୍ୱର ଏମ୍‌ସ ନିକଟସ୍ଥ ଏକ ଧର୍ମଶାଳାରେ ରହୁଥିବାରୁ ସେମାନଙ୍କ ରହଣି ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ ବୋଲି ଯୁଗ୍ମସଚିବ ପତ୍ରରେ ଦର୍ଶାଇଛନ୍ତି।

**ଏମ୍‌ସ ନିର୍ଦ୍ଦେଶକଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି**

# ସରକାରଙ୍କ ଅସଲ ମୁଖା ଖୋଲିଛି: କାଡାମ

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛି। ନାରୀମାନଙ୍କୁ ସୁରକ୍ଷା ଦେବାପାଇଁ କଂଗ୍ରେସ ବିଧାନସଭାରେ ହାଉସ୍ କମିଟି ଗଠନ ଦାବି କରିଥିଲା। ସରକାର ସେତେବେଳେ ଏହାକୁ ହାଲୁକା ଭାବେ ନେଇ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ କଲେ। ଏବେ ପ୍ରତିଦିନ ଯେଉଁ ଘଟଣା ଘଟୁଛି ସେଥିରୁ ରାଜ୍ୟ ସରକାରଙ୍କ ଅସଲ ଭାବମୂର୍ତ୍ତି ସ୍ପଷ୍ଟ ହେଉଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ଶନିବାର ସନ୍ଧ୍ୟାରେ ଏମ୍‌ସରେ ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ଅବସରରେ କାଡାମ କହିଛନ୍ତି, ରାଜ୍ୟ ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ।



କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋସ

ଯେଉଁଥିପାଇଁ ପ୍ରତିଦିନ ଏଭଳି ଘଟଣାମାନ ଘଟି ଚାଲିଛି। ଯଦି ସେତେବେଳେ କଂଗ୍ରେସ ଦାବିକୁ ଗ୍ରହଣ କରି ହାଉସ୍ କମିଟି ଗଠନ କରାଯାଇଥାନ୍ତା ତେବେ ଛାତ୍ରୀ ସବୁଠାରୁ ନିରାଶ ନ ହୋଇ ଏଭଳି ଚରମପନ୍ଥା ବାଛି ନ ଥା'ନ୍ତା। ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଆମେ ଛାତ୍ରୀ ଏବଂ ତାଙ୍କ ମାତାପିତାଙ୍କୁ ଭେଟିଛୁ। ଛାତ୍ରୀଙ୍କ ପ୍ରାୟ ୯୫ ପ୍ରତିଶତ ଶରୀର ପୋଡ଼ି ଯାଇଛି। ସେ ୨୦ଦିନ ପୂର୍ବରୁ ଏନେଇ ଅଭିଯୋଗ କରୁଥିବାବେଳେ ଚଳିତମାସ ୧ରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଛାତ୍ରୀଙ୍କ ଗୁହାରିକୁ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ, ପୋଲିସ ପ୍ରଶାସନ, ସ୍ଥାନୀୟ ଏମ୍‌ପି ଶୁଣିଲେ ନାହିଁ। ଉକ୍ତ ଘଟଣାରେ ତୁରନ୍ତ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ମଧ୍ୟ ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## 'ମନ୍ତ୍ରୀ ଇସ୍ତଫା ଦିଅନ୍ତୁ'

ଭୁବନେଶ୍ୱର,୧୨।୭(ରବିନାରାୟଣ ଜେନା)

ଓଡ଼ିଶାରେ ନାରୀମାନେ ଅସୁରକ୍ଷିତ ଥିବା କଥା ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ସମାବେଶରେ କହିବାର କେଇଘଣ୍ଟା ନ ପୂରୁଣୁ ବାଲେଶ୍ୱରର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଲୋକଲୋଚନକୁ ଆସିଛି। ଜଣେ ଛାତ୍ରୀ ନ୍ୟାୟ ପାଇଁ ସବୁଆଡୁ ବିଫଳ ହେବା ପରେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ କହିଛନ୍ତି, ଅଧ୍ୟାପକଙ୍କ ଦ୍ୱାରା ଲୋଡ଼ାଯାଇଥିବା ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ, କିନ୍ତୁ ଛାତ୍ରୀଙ୍କୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନ ଥିଲେ ବୋଲି ଭକ୍ତ କହିଛନ୍ତି।

## ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟସଚେତକ

ଭୁବନେଶ୍ୱର,୧୨।୭(ରବିନାରାୟଣ ଜେନା)

ପାତ୍ରପଡ଼ାସ୍ଥିତ ଏମ୍‌ସ ବର୍ଣ୍ଣ ୱାର୍ଡରେ ଚିକିତ୍ସିତ ହେଉଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବାଲେଶ୍ୱର ବିଧାୟକ ମାନସ ଦତ୍ତ ଏବଂ ଅନ୍ୟ ବିଧାୟକମାନେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ପୀଡ଼ିତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇ ଦିଆଯିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛୁ। ସେହିପରି ବିଧାୟକ ମାନସ ଦତ୍ତ କହିଛନ୍ତି ଯେ, ଛାତ୍ରୀଙ୍କ ପରିବାରଙ୍କୁ ଭେଟିଛୁ। ଉକ୍ତ ଘଟଣାକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଛାତ୍ରୀଙ୍କ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ହେଲେ ବିରୋଧୀମାନେ ଖାଲି ଜ୍ୱର ବାଉଳାରେ ତାଟିଆ କାମୁଡିବା ଭଳି ହେଉଛନ୍ତି। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାପାଇଁ କେତେବେଳେ କ'ଣ ସେମାନେ କହୁଛନ୍ତି ତାହା ସେମାନଙ୍କୁ ହିଁ ଜଣା ବୋଲି ବିଧାୟକ ଦତ୍ତ କହିଛନ୍ତି।



ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

**ପ୍ରଥମ ପୃଷ୍ଠାରୁ...**

## ନ୍ୟାୟ ମିଳିଲାନି, ଛାତ୍ରୀଙ୍କ ...

ହୋଇ ଛାତ୍ରୀଜଣକ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଚ୍‌ଓଡିଙ୍କ ବିରୋଧରେ ଅଧ୍ୟକ୍ଷଙ୍କଠାରେ ଅଭିଯୋଗ କରିବା ପରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦିନକ ପରେ ହିଁ ଅଧ୍ୟାପକ ଜଣକ ନିଜ ସହକର୍ମୀ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇ ସମ୍ପୃକ୍ତ ଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଏବିଭିପି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପାଇଁ ଦାବି କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କଲେଜ ଅଧ୍ୟକ୍ଷ ଓ ଏସ୍‌ପିଙ୍କ ସହ କଥା ହୋଇଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ ବୋଲି ଦାବି କରି ଶନିବାର ଛାତ୍ରୀଛାତ୍ର କଲେଜ ପରିସରରେ ଧାରଣାରେ ବସିଥିଲେ। ତେବେ ଧାରଣା ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଘୋଷ ଉକ୍ତ ଛାତ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। ହେଲେ ସେଠାରୁ ଫେରିବା ପରେ ଛାତ୍ରୀଜଣକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଛାତ୍ରୀଜଣକ ନିଆଁରେ ଜଳି ଯାଉଥିବା ଦେଖି ମଧ୍ୟ ମହାବିଦ୍ୟାଳୟର କର୍ମଚାରୀ ମାନବିକତା ଦେଖାଇ ନ ଥିଲେ। ଛାତ୍ର ଜ୍ୟୋତିପ୍ରକାଶ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ସେତେବେଳକୁ ଛାତ୍ରୀ ଜଣକ ପ୍ରାୟ ୯୦% ପୋଡ଼ି ଯାଇଥିଲେ। ତୁରନ୍ତ ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ କଲେଜ ପରିସରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରିନ୍ସିପାଲଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତ ଏଚ୍‌ଓଡି ସାହୁଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।

ଏ ସମ୍ପର୍କରେ ଅଧ୍ୟକ୍ଷ ଘୋଷ କହିଛନ୍ତି, ଘଟଣାକୁ ନେଇ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଏକ କମିଟି ଗଠନ କରାଯାଇ ଛାତ୍ରୀଙ୍କ ଅଭିଯୋଗ ମୁତାବକ ତଦନ୍ତ କରାଯାଇଥିଲା। ଧାରଣା ସ୍ଥଳରୁ ଛାତ୍ରୀଙ୍କୁ ଡାକି ଅଫିସ୍‌ରେ ଆଲୋଚନା କରିଥିଲୁ। ଅଫିସ୍‌ରୁ ବାହାରି ମାନସିକ ଭାରସାମ୍ୟ ହରାଇ ସେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଛାତ୍ରୀଙ୍କ ଭାଇ କହିଛନ୍ତି, ଅଧ୍ୟାପକ ସମୀର ସାହୁ ବାରମ୍ବାର ତାଙ୍କ ଭଉଣୀଙ୍କୁ ଫେବର ଦେବା ପାଇଁ କହୁଥିଲେ। କ୍ଲାସ୍‌ରେ ଅନୁପସ୍ଥିତ ରହୁଥିବାରୁ ପରୀକ୍ଷାରେ ଫେଲ୍ କରିଦେବେ ବୋଲି କହିଥିଲେ। ଏପରିକି ସେ ଥିବା ପର୍ଯ୍ୟନ୍ତ ତାଙ୍କୁ କୌଣସି ମତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏନେଇ ସେ ପୂର୍ବରୁ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ଲାଭ ହେଲା ନାହିଁ। ଭଉଣୀର ଯଦି କୌଣସି ପ୍ରକାର ଅଘଟଣ ଘଟେ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ। ସହପାଠୀ ସୁଶ୍ରୀ ଭୂୟାଁ କହିଛନ୍ତି, ସମ୍ପୃକ୍ତ ଅଧ୍ୟାପକ ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରିଥାନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ମାନସିକ ନିର୍ଯାତନା ଦେଇଥାନ୍ତି। ମୋ ସହପାଠୀଙ୍କ ଉପରେ ଖରାପ ନଜର ରଖି ଗତ ୬ମାସ ଧରି ହଇରାଣ ହରକତ କରୁଥିଲେ। ସେ ଅତିଷ୍ଠ ହୋଇ ସାଙ୍ଗମାନଙ୍କୁ ଜଣାଇବା ସହ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟାୟ ନ ମିଳିବାରୁ ପୁଣି ଧାରଣାରେ ବସିଥିଲୁ।

## ତଦନ୍ତ ପାଇଁ ୩ ଜଣିଆ ...

କଲେ ସେନେଇ ତଦନ୍ତ କରିବ। କମିଟିର ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। କଡ଼ା ପ୍ରତିକ୍ରିୟା ରଖି ସେ ଆହୁରି କହିଛନ୍ତି, ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଉକ୍ତ ଘଟଣାରେ ବିଭାଗ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇ ପୀଡ଼ିତ ଛାତ୍ରୀଙ୍କୁ କିଭଳି ତ୍ୱରିତ୍ ଚିକିତ୍ସା ମିଳିପାରିବ ସେଥିପ୍ରତି ମୁଖ୍ୟମନ୍ତ୍ରୀଙ୍କ ସହିତ କଥାହୋଇ ପଦକ୍ଷେପ ଗ୍ରହଣ କରାଯିବ। ଏହି ଘଟଣାରେ ଛାତ୍ରୀ ଜଣକ ପୂର୍ବରୁ ରିପୋର୍ଟ କରିଥିଲେ ହେଁ କାହିଁକି ସରକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ତାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ପ୍ରିନ୍ସିପାଲ ଦିଲୀପ କୁମାର ଘୋଷ ଏବଂ ଅଧ୍ୟାପକ ସମୀର କୁମାର ସାହୁଙ୍କୁ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେଥିରେ ବିଭାଗୀୟ ଯୁଗ୍ମସଚିବ ଦର୍ଶାଇଛନ୍ତି, ଉକ୍ତ ଘଟଣାର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ସମୀର କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି ମାମଲାର ତଦନ୍ତଭାର ନେଇଥିବା ପ୍ରିନ୍ସିପାଲ ତଦନ୍ତରେ ବିଫଳ ହୋଇଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ୧ ତାରିଖରେ ସମ୍ପୃକ୍ତ ଅଧ୍ୟାପକଙ୍କ ନାଁରେ ପୀଡ଼ିତ ଛାତ୍ରୀ ଅଭିଯୋଗ ଆଣିଥିଲେ। ଅଧ୍ୟାପକଙ୍କ ଖରାପ ଉଦ୍ଦେଶ୍ୟ ଥିବା ଅଭିଯୋଗରେ ଦର୍ଶାଇଥିଲେ। ହେଲେ ମହାବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ବାଛିଥିଲେ।

# ଭାଜପାକୁ ଘାରିଲାଣି ରାହୁଲ ଡର: ଭକ୍ତ





ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)

ଭାଜପାର ଯେଉଁ ନେତୃବୃନ୍ଦମାନେ ଲୋକ ସଭାର ବିରୋଧୀଦଳ ନେତା ତଥା କଂଗ୍ରେସର ଜନପ୍ରିୟ ନେତା ରାହୁଲ ଗାନ୍ଧୀଙ୍କୁ ବ୍ୟଙ୍ଗ କରୁଥିଲେ ଏବେ ସେମାନଙ୍କ ହୃତ୍‌କମ୍ପନ ଆରମ୍ଭ ହେଲାଣି, ଯେଉଁଥିପାଇଁ ନିକଟରେ ସଂସଦରେ ଜାତି ଜନଗଣନାକୁ ସ୍ୱୀକୃତି ମିଳିଥିବାବେଳେ ଶୁକ୍ରବାର ବରମୁଣ୍ଡାରେ ସମ୍ବିଧାନ ବଞ୍ଚାଅ ସମାବେଶ ସଫଳତା ରାଜ୍ୟ ଭାଜପା ନେତାଙ୍କ ଚେତା ହଜାଇ ଦେଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ସମ୍ବିଧାନ ବଞ୍ଚାଅ ମହାସମାବେଶର ଅଭୁତପୂର୍ବ ସଫଳତାରେ ଭାଜପା-ବିଜେଡି ଚକିତ ହୋଇଯାଇଛନ୍ତି। ବରମୁଣ୍ଡା ପଡ଼ିଆ ଭିତରେ ଯେତିକି ଲୋକ ଥିଲେ ବାହାରେ ମଧ୍ୟ ସେତିକି ଲୋକ ରାହୁଲଙ୍କୁ ଦେଖିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷାରତ ଥିଲେ। ଏହା ରାହୁଲଙ୍କ ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରମୁଖଙ୍କ ନେତୃତ୍ୱାଧୀନ କଂଗ୍ରେସ ସପକ୍ଷରେ ଅନ୍ତଃସ୍ରୋତକୁ ଦର୍ଶାଉଛି ।

ଏହି ଅବସରରେ ଭକ୍ତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିକ୍ରିୟାର କଡ଼ା ଜବାବ ରଖିଥିଲେ। ସେ କହିଥିଲେ, ରାଷ୍ଟ୍ରପତିଙ୍କ ବିଷୟରେ ଏଆଇସିସି ଅଧ୍ୟକ୍ଷ ଅଶାଳୀନ ଟିପ୍ପଣୀ ଦେଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅଭିଯୋଗ ଅମୂଳକ। ସେହିପରି ରାହୁଲ ଗାନ୍ଧୀଙ୍କୁ 'ସାମନ୍ତବାଦୀ' ଆଖ୍ୟା ଦେବାକୁ ନେଇ ଧର୍ମେନ୍ଦ୍ରଙ୍କୁ ଭକ୍ତ ପାଲଟା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, 'ଯିଏ ଦେଶର ବଡ଼ବଡ଼ ପୁଞ୍ଜିପତିଙ୍କ ବିରୋଧରେ ଲଢୁଛନ୍ତି ସିଏ ସାମନ୍ତବାଦୀ, ଆଉ ଯେଉଁମାନେ ମଧ୍ୟଯୁଗୀୟ ବିଚାରର ଅଧିକାରୀ ସେମାନେ କିପରି ଏପରି ଆକ୍ଷେପ କରିପାରିବେ ?''

ଏହି ଅବସରରେ ଭକ୍ତ ଡ୍ରାଇଭର ମହାସଂଘକୁ କୃତଜ୍ଞତା ଜଣାଇ କହିଥିଲେ, କେବଳ ମହାସମାବେଶ ପାଇଁ ହିଁ ମହାସଂଘ ଧର୍ମଘଟକୁ କୋହଳ କରିବା ଯୋଗୁ ଭାଜପା ଓ ସରକାରଙ୍କ ଚକ୍ରାନ୍ତ ଭଣ୍ଡୁର ହୋଇଥିଲା। ସେହିପରି ମହାସମାବେଶର ସୁପରିଚାଳନା ପାଇଁ ନିୟୋଜିତ ପୋଲିସ ପ୍ରଶାସନ ଓ ସହଯୋଗୀ ସରକାରୀ ସଂସ୍ଥାର ନିୟୋଜିତ ଅଧିକାରୀ ଏବଂ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଉପସଭାପତି ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ସିଏସ୍ ରାଜନ୍ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

**ଦିଲ୍ଲୀରେ କୋଠା ଭୁଶୁଡ଼ି ୬ ମୃତ**

ଉତ୍ତର-ପୂର୍ବ ଦିଲ୍ଲୀର ୱେଲ୍‌କମ୍ ଏରିଆରେ ଶନିବାର ସକାଳେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିପଡ଼ିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୨ ବର୍ଷର ଶିଶୁକନ୍ୟା ରହିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଜେପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଏବେ ମଧ୍ୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଏବଂ ପୋଲିସ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି।

# ୧ ସେକେଣ୍ଡରେ ଉଭୟ ଇଞ୍ଜିନକୁ ଇନ୍ଧନ କଟ୍‌ଅଫ୍ ହୋଇଥିଲା



## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଏଏଆଇବି ରିପୋର୍ଟ

ନୂଆଦିଲ୍ଲୀ,୧୨।୭(ପି.ଟି/ରଏଟର୍ସ)

୨୦୨୫ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ୧୭୧ (ବୋଇଂ ୭୮୭ ଡ୍ରିମ୍‌ଲାଇନର୍) ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ତେବେ କିଛି ସେକେଣ୍ଡ ପରେ ବିମାନର ଉଭୟ ଇଞ୍ଜିନକୁ ତୈଳ ଯୋଗାଣ ହଠାତ୍ ବନ୍ଦ ହୋଇଯିବାରୁ ଉଡ଼ାଣର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର ପାଇଲଟ ଦ୍ୱୟ ଥ୍ରଷ୍ଟକୁ ଜରୁରୀ ସମୟରେ ରିଷ୍ଟୋର କରି ନ ପାରିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ସଦ୍ୟ ପ୍ରକାଶିତ ଏ ସମ୍ପର୍କିତ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଦୁର୍ଘଟଣାର ମାସକ ପରେ ଭାରତ ସରକାରଙ୍କ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନ ଏୟାର ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ପକ୍ଷରୁ ପ୍ରକାଶ କରାଯାଇଥିବା ୧୫ ପୃଷ୍ଠା ସମ୍ବଳିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମାନ ଉଡ଼ାଣ କରିବା ମାତ୍ରେ ଉଭୟ ଇଞ୍ଜିନରେ ତାହା ଗତିଶୀଳ ହେବା ପାଇଁ ଆବଶ୍ୟକ ଥ୍ରଷ୍ଟ ଶେଷ ହୋଇଯାଇଥିଲା। ଫଳରେ ବିମାନଟି ଏକ ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଥିଲା। ଏଥିରେ ବିମାନର ୨୪୨ ଏବଂ ତଳେ ଥିବା ଅନ୍ୟ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବର୍ତ୍ତିଯାଇଥିଲେ। ଦଶନ୍ଧି ମଧ୍ୟରେ ଏହା ଥିଲା ସବୁଠୁ ଘାତକ ବିମାନ ଦୁର୍ଘଟଣା। ଏଏଆଇବି ରିପୋର୍ଟରେ ଦର୍ଶାଯାଇଛି ଯେ କକ୍‌ପିଟ୍ ଭଏସ୍ ରେକର୍ଡିଂରୁ ଜଣାପଡ଼ିଛି, ଜଣେ ପାଇଲଟ୍ ଅନ୍ୟ ପାଇଲଟ୍‌ଙ୍କୁ ଫୁଏଲ୍ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ପାଇଲଟ୍ ଜଣକ କଟ୍‌ଅଫ୍ କରିନାହାନ୍ତି ବୋଲି ଉତ୍ତର ଦେଇଥିଲେ।



ବିମାନର ଫୁଏଲ୍ ସୁଇଚ୍।

ତେବେ ଫୁଏଲ୍ କିପରି ଭାବେ କଟ୍‌ଅଫ୍ ହୋଇଯାଇଥିଲା, ସେନେଇ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଏଥିରେ କେବଳ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ଏକ ସୀମିତ ଚିତ୍ର ପ୍ରଦାନ କରାଯାଇଛି। ସାଧାରଣତଃ ଏକ ବିମାନ ଏୟାରପୋର୍ଟ ଗେଟ୍‌ରେ ପହଞ୍ଚିବା ପରେ ଏବଂ ଇଞ୍ଜିନରେ ନିଆଁ ଲାଗିବା ଭଳି କେତେକ ନିର୍ଦ୍ଦିଷ୍ଟ ଜରୁରୀ ସ୍ଥିତିରେ ଇନ୍ଧନ ଯୋଗାଣ ବନ୍ଦ କରିବା ପାଇଁ କଟ୍‌ଅଫ୍‌କୁ ଫ୍ଲିପ୍ କରାଯାଇଥାଏ। ତେବେ ବିମାନଟି ଉଡ଼ାଣ କରୁଥିବାବେଳେ ସେଥିରେ ଏମର୍ଜେନ୍ସି ସ୍ଥିତି ଉପୁଜିଥିଲା କି ନାହିଁ ତାହା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଇତିମଧ୍ୟରେ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ନିୟନ୍ତ୍ରକଙ୍କ ସମେତ ସମସ୍ତ ପକ୍ଷଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ କରୁଛି। ଏଏଆଇବି ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହ ତଦନ୍ତରେ ସହଯୋଗ ଜାରି ରହିବ।

### ପାଇଲଟ୍ ଜାଣିଶୁଣି ଦୁର୍ଘଟଣା ଘଟାଇଥାଇପାରନ୍ତି: ବିଶେଷଜ୍ଞ

ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ପାଇଲଟ୍‌ଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ଫୁଏଲ୍ ସୁଇଚ୍ କଟ୍‌ଅଫ୍ ମୋଡ୍‌କୁ ସ୍ୱତଃ ଚାଲିଯାଇ ନ ଥାଏ। ଏହା ପାଇଲଟ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ମାନବକୃତ ତ୍ରୁଟି ହୋଇଥାଇପାରେ ବୋଲି ବିମାନ ଚଳାଚଳ ସୁରକ୍ଷା ବିଶେଷଜ୍ଞ କ୍ୟାପ୍‌ଟେନ ମୋହନ ରଙ୍ଗନାଥନ୍ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି।

### ନିଷ୍କର୍ଷ ନ ବାହାର କରିବାକୁ କେନ୍ଦ୍ରର ପରାମର୍ଶ

ଜୁନ୍ ୧୨ରେ ୨୬୦ ଜଣଙ୍କ ଜୀବନ ଯାଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେଣୁ ଚୂଡ଼ାନ୍ତ ରିପୋର୍ଟ ନ ଆସିବା ଯାଏ ଜନସାଧାରଣ ଓ ଗଣମାଧ୍ୟମ ଏଥିରୁ କୌଣସି ନିଷ୍କର୍ଷ ନ ବାହାର କରିବାକୁ ଶନିବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ପରାମର୍ଶ ଦେଇଛନ୍ତି। ନାଇଡୁ ଏହି ତଦନ୍ତକୁ ଆହ୍ୱାନପୂର୍ଣ୍ଣ ବୋଲି ଅଭିହିତ କରିବା ସହ କହିଛନ୍ତି, ଏଥିରେ ଅନେକ ବୈଷୟିକ ପ୍ରସଙ୍ଗ ରହିଛି। ତେଣୁ ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ଦେବା ଅନୁଚିତ। ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଚାଲିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଯାହାକିଛି କୁହାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

### ଫ୍ଲାଇଟ୍ ଡିଜାଷ୍ଟର ଟାଇମ୍‌ଲାଇନ୍

**୧୧.୧୭:** ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ଭିଟି-ଏଏନ୍‌ବି ନୂଆଦିଲ୍ଲୀରୁ ଅହମଦାବାଦ ବିମାନବନ୍ଦରରେ ପହଞ୍ଚିଥିଲା, ଏଆଇ୪୨୩ ରୂପେ ଉଡ଼ାଣ ଆରମ୍ଭ କରିଥିଲା।

**୧୩.୧୩.୦୦:** ଏୟାରକ୍ରାଫ୍ଟ ପୁଶ୍‌ବ୍ୟାକ୍ ଓ ଷ୍ଟାର୍ଟଅପ୍ ପାଇଁ ଅନୁରୋଧ କରିଥିଲା।

**୧୩.୧୩.୧୩:** ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପୁଶ୍‌ବ୍ୟାକ୍ ପାଇଁ ଅନୁମତି ଦେଇଥିଲା।

**୧୩.୧୬.୫୯:** ଏଟିସି ଷ୍ଟାର୍ଟଅପ୍ ପାଇଁ ଅନୁମତି ଦେଲା।

**୧୩.୧୮.୩୮:** ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ବେ'୩୪ରୁ ଉଡ଼ାଣ ଆରମ୍ଭ କଲା।

**୧୩.୧୯.୧୨:** ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ରନ୍‌ୱେ'ରେ ଗଡ଼ିବା ଆବଶ୍ୟକ କି ବୋଲି ଏଟିସି ଜାଣିବାକୁ ଚାହିଁଲା। ରନ୍‌ୱେ ୨୩ରେ ପୂରା ଗଡ଼ିବା ଆବଶ୍ୟକ ବୋଲି ଏୟାରକ୍ରାଫ୍ଟ ପକ୍ଷରୁ ସ୍ପଷ୍ଟ କରାଗଲା।

**୧୩.୨୫.୧୫:** ଏୟାରକ୍ରାଫ୍ଟ ଟ୍ୟାକ୍ସି କ୍ଲିୟରାନ୍ସ ପାଇଁ ଅନୁରୋଧ କଲା, ଯାହାକୁ ଏଟିସି ଅନୁମତି ଦେଲା।

**୧୩.୨୬.୦୦:** ରନ୍‌ୱେ ୨୩ରେ ଏୟାରକ୍ରାଫ୍ଟ ଟ୍ୟାକ୍ସିଗୁଡ଼ିକୁ ଘୁଞ୍ଚାଇ ଟେକ୍‌ଅଫ୍ ପାଇଁ ଧାଡ଼ିରେ ରଖାଗଲା।

**୧୩.୩୨.୦୩:** ଏୟାରକ୍ରାଫ୍ଟକୁ ଗ୍ରାଉଣ୍ଡରୁ ଟାୱାର କଣ୍ଟ୍ରୋଲକୁ ସ୍ଥାନାନ୍ତର କରାଗଲା।

**୧୩.୩୩.୪୫:** ଏୟାରକ୍ରାଫ୍ଟକୁ ରନ୍‌ୱେ ୨୩ରୁ ଉଡ଼ାଣ ପାଇଁ ଲାଇନ୍‌ଅପ୍ ହେବାକୁ ନିର୍ଦ୍ଦେଶ ଦିଆଗଲା।

**୧୩.୩୭.୩୭:** ଏଟିସି ଏୟାରକ୍ରାଫ୍ଟକୁ ଉଡ଼ାଣ ଅନୁମତି ଦେବା ପରେ ଏହା ଟେକ୍‌ଅପ୍ କଲା।

**୧୩.୩୮.୩୯:** ଟେକ୍‌ଅପ୍ ରୋଲ୍ ଆରମ୍ଭ ହେଲା।

**୧୩.୩୮.୩୯:** ରନ୍‌ୱେରୁ ଏୟାରକ୍ରାଫ୍ଟ ଉଡ଼ାଣ କଲା।

**୧୩.୩୮.୪୨:** ସର୍ବାଧିକ ୧୮୦ ନଟ୍ସ ସ୍ପିଡ୍‌ରେ ପହଞ୍ଚିଲା।
ତତ୍‌କ୍ଷଣାତ୍ ବିମାନର ଉଭୟ ଇଞ୍ଜିନ୍ ୧ ଓ ଇଞ୍ଜିନ୍ ୨ ପାଇଁ ଉଦ୍ଦିଷ୍ଟ ଫୁଏଲ୍ ସୁଇଚ୍ ମାତ୍ର ୧ ସେକେଣ୍ଡ ମଧ୍ୟରେ ରନ୍ ମୋଡ୍‌ରୁ କଟ୍‌ଅଫ୍ ପୋଜିଶନ୍‌କୁ ଚାଲିଯାଇଥିଲା। ଇନ୍ଧନ ଯୋଗାଣ ହୋଇ ନ ପାରିବାରୁ ଦୁଇଟି ଯାକ ଇଞ୍ଜିନ ସ୍ଲୋ ହେବାରେ ଲାଗିଲା।
ପ୍ରାରମ୍ଭିକ ଉଡ଼ାଣ ବେଳେ ଲଗାଯାଇଥିବା ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି)କୁ ଏହା ପରେ ହଟାଇ ଦିଆଯାଇଥିଲା।
ଜଣେ ପାଇଲଟ ଅନ୍ୟ ଜଣେ ପାଇଲଟଙ୍କୁ ଫୁଏଲ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଜଣକ କହିଥିଲେ, ସେ ସେପରି କରିନାହାନ୍ତି।

**୧୩.୩୮.୪୭:** ଉଭୟ ଇଞ୍ଜିନ୍ ଏନ୍୧ ଏବଂ ଏନ୍୨ ସର୍ବନିମ୍ନ ଆଇଡିଲ ସ୍ପିଡ୍‌ରୁ ତଳକୁ ଖସିଯାଇଥିଲା। ଆର୍‌ଏଟିର ପମ୍ପ୍ ହାଇଡ୍ରଲିକ୍ ପାୱାର ଯୋଗାଣ ଆରମ୍ଭ କଲା।

**୧୩.୩୮.୫୨:** ଇଞ୍ଜିନ୍ ଏନ୍୧ ଫୁଏଲ କଟ୍‌ଅଫ୍ ସୁଇଚ୍ ରନ୍‌ରୁ କଟ୍‌ଅଫ୍ ହୋଇଗଲା।

**୧୩.୩୮.୫୬:** ଇଞ୍ଜିନ୍ ଏନ୍୨ର ଫୁଏଲ୍ କଟ୍‌ଅଫ୍ ସୁଇଚ୍ ମଧ୍ୟ କଟ୍‌ଅଫ୍ ହୋଇଗଲା।

**୧୩.୩୯.୦୫:** ଦୁଇ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ 'ମେ'ଡେ, ମେ'ଡେ, ମେ'ଡେ' ଡିଷ୍ଟ୍ରେସ୍ କଲ୍ ଦେଲେ।

**୧୩.୩୯.୧୧:** ଏୟାରକ୍ରାଫ୍ଟର ଡେଟା ରେକର୍ଡିଂ ବନ୍ଦ ହୋଇଗଲା।

**୧୩.୪୪.୪୪:** ଅଗ୍ନିଶମ ବାହିନୀ ବିମାନବନ୍ଦର ପରିସରରୁ ଉଦ୍ଧାର ଓ ନିଆଁ ଲିଭାଇବା ପାଇଁ ବାହାରିଲେ।

### କ୍ୟାପ୍‌ଟେନ ସୁମିତ୍ ସଭରୱାଲ



ମୁମ୍ବାଇର ୫୬ ବର୍ଷୀୟ ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ୍ କ୍ୟାପ୍‌ଟେନ ସୁମିତ୍ ସଭରୱାଲଙ୍କ ପାଇଲଟ୍ ଲାଇସେନ୍ସ ୨୦୨୬ ମେ' ୧୪ ପର୍ଯ୍ୟନ୍ତ ବୈଧ ଥିଲା। ତାଙ୍କର ୧୫,୬୩୮ ଘଣ୍ଟାର ଉଡ଼ାଣ ଅନୁଭୂତି ରହିଥିଲା। ସେଥିରୁ ସେ ୮,୫୯୬ ଘଣ୍ଟା ବୋଇଂ ୭୮୭ ଉଡ଼ାଣ କରିଥିଲେ।

### ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେର



୩୨ ବର୍ଷୀୟ ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେରଙ୍କ ନିକଟରେ ଥିବା କମର୍ସିଆଲ ପାଇଲଟ୍ ଲାଇସେନ୍ସ ୨୦୨୦ରେ ଜାରି ହୋଇଥିଲା। ଏହାର ଅବଧି ୨୦୨୫ ସେପ୍ଟେମ୍ବର ୨୬ରେ ଶେଷ ହୋଇଥାଆନ୍ତା। କୁନ୍ଦେରଙ୍କ ୩,୪୦୩ ଘଣ୍ଟାର ଉଡ଼ାଣ ଅନୁଭୂତି ଥିବାବେଳେ ସେ ୧,୧୨୮ ଘଣ୍ଟା ବୋଇଂ ଉଡ଼ାଣ କରିଥିଲେ। ପିଲାଟି ଦିନରୁ ପାଇଲଟ୍ ହେବାକୁ ସ୍ୱପ୍ନ ଦେଖୁଥିବା କୁନ୍ଦେର ୨୦୧୭ରେ ଏୟାର ଇଣ୍ଡିଆରେ ଯୋଗଦେଇଥିଲେ।

## ସୋନାଲି ମିଶ୍ରା ପ୍ରଥମ ମହିଳା ଆର୍‌ପିଏଫ୍ ଡିଜି



ନୂଆଦିଲ୍ଲୀ, ୧୨।୭

ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନାଲି ମିଶ୍ରାଙ୍କୁ ରେଲ୍‌ୱେ ପ୍ରୋଟେକ୍ଟଶନ ଫୋର୍ସ (ଆର୍‌ପିଏଫ୍)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ୧୯୯୩ ବ୍ୟାଚ୍ ଏମ୍‌ପି କ୍ୟାଡରର ସୋନାଲି ପ୍ରଥମ ମହିଳା ଭାବେ ଏହି ପଦ ସମ୍ଭାଳିବେ। ୨୦୨୬ ଅକ୍ଟୋବର ୩୧ରେ ଅବସର ନେବା ପର୍ଯ୍ୟନ୍ତ ସୋନାଲି ଆର୍‌ପିଏଫ୍ ଡିଜି ଭାବେ କାର୍ଯ୍ୟ କରିବେ। ସେ ସମ୍ପ୍ରତି ଆର୍‌ପିଏଫ୍ ଡିଜି ଥିବା ମନୋଜ ଯାଦବଙ୍କ ସ୍ଥାନ ନେବେ। ସୋନାଲି ମଧ୍ୟପ୍ରଦେଶ ପୋଲିସର ଅତିରିକ୍ତ ମହାନିର୍ଦ୍ଦେଶକ (ସିଲେକ୍ସନ) ଅଛନ୍ତି।

## ଆଇଆଇଏମ୍-ସିରେ ଛାତ୍ରୀଙ୍କୁ ନିଶାଦେଇ ବଳାତ୍କାର

**ବଳାତ୍କାର ଅଭିଯୋଗକୁ ବାପାଙ୍କ ଖଣ୍ଡନ**

କୋଲକାତା,୧୨।୭

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (କଲିକତା)ରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ହରିଦେବପୁର ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଯୁବତୀ ଜଣକ କୋଲକାତାର ଜଣାଶୁଣା ବିଜ୍‌ନେସ ସ୍କୁଲ ଆଇଆଇଏମ୍-ସିରେ ପଢ଼ନ୍ତି। ଜଣେ ଛାତ୍ର ଶୁକ୍ରବାର ତାଙ୍କୁ କ୍ୟାମ୍ପସ୍ ପରିସରସ୍ଥିତ ବଏଜ୍ ହଷ୍ଟେଲକୁ କାଉନ୍‌ସେଲିଂ ସେସନ୍ ପାଇଁ ଡାକିଥିଲେ। ସେଠାରେ ତାଙ୍କୁ ନିଶାଯୁକ୍ତ ପାନୀୟ ଦେଇଥିଲେ। ଛାତ୍ରୀ ତାକୁ ପିଇବା ପରେ ସଂଜ୍ଞାହୀନ ହୋଇଯାଇଥିଲେ। ସଂଜ୍ଞା ଫେରିବା ପରେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅନୁଭବ କରିଥିଲେ। ଏପରି କି ଏହି ବିଷୟରେ ପ୍ରଘଟ କଲେ କିମ୍ବା ଥାନାକୁ ଗଲେ ପରିଣାମ ଭୋଗିବେ ବୋଲି ଛାତ୍ରୀଙ୍କୁ ଅଭିଯୁକ୍ତ ଧମକ ଦେଇଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଥିବାବେଳେ ଶନିବାର ପୋଲିସ ତାଙ୍କୁ ଗିରଫ କରିଛି। କୋଲକାତାର ଏକ ଲ' କଲେଜରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣାର ପ୍ରାୟ ୨ ସପ୍ତାହ ପରେ ଏହି ଘଟଣା ସାମ୍ନାକୁ ଆସିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ିପଡ଼ିଥିବା ଦର୍ଶାଇ ବିରୋଧୀ କଂଗ୍ରେସ ଏବଂ ସିପିଆଇଏମ୍ ତୃଣମୂଳ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଇଆଇଏମ୍-ସି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାହାରେ ୨ ଦଳର ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶୁକ୍ରବାର ରାତି ୯.୩୪ରେ ତାଙ୍କ ପାଖକୁ ଫୋନ୍ କଲ୍ ଯାଇଥିଲା। ତାଙ୍କ ଝିଅ ଅଟୋରୁ ଖସି ସଂଜ୍ଞା ହରାଇଛନ୍ତି। ତେଣୁ ଝିଅଙ୍କୁ ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେବେ ବଳାତ୍କାରର ଶିକାର ହୋଇନାହାନ୍ତି ବୋଲି ଝିଅ ତାଙ୍କୁ କହିଥିବା ପୀଡ଼ିତାଙ୍କ ବାପା ପ୍ରକାଶ କରିଛନ୍ତି।




## ବିଚିତ୍ର ଚ୍ୟାଲେଞ୍ଜକୁ ସାମ୍ନା କରୁଛି ଦେଶର ଆଇନ ବ୍ୟବସ୍ଥା: ସିଜେଆଇ



ସିଜେଆଇ ବି.ଆର୍. ଗବଇ

ହାଇଦ୍ରାବାଦ,୧୨।୭

ଭାରତୀୟ ଆଇନ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରୁଛି। ଏଥିଯୋଗୁ ବିଭିନ୍ନ ସମୟରେ ବିଚାର ପ୍ରକ୍ରିୟା ଅନେକ ଦଶନ୍ଧି ଧରି ବିଳମ୍ବିତ ହେଉଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ କହିଛନ୍ତି। ହାଇଦ୍ରାବାଦସ୍ଥିତ ନଲସାର ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ସିଜେଆଇ କହିଛନ୍ତି, ଆମ ଦେଶ ଓ ଆଇନ ବ୍ୟବସ୍ଥା ବିଚିତ୍ର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛି। ଅନେକ ମାମଲାରେ ବିଚାରାଧୀନ କଏଦୀ ଜେଲରେ ବହୁ ବର୍ଷ ଦଣ୍ଡ ଭୋଗିବା ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି। ଆମର ସର୍ବୋତ୍ତମ ମେଧାବୀମାନେ ଏହି ସମସ୍ୟାର ସମାଧାନ ଦିଗରେ ଆମକୁ ସାହାଯ୍ୟ କରିପାରିବେ। ଏଥିସହ ସିଜେଆଇ ଛାତ୍ରୀଛାତ୍ରମାନଙ୍କୁ ସ୍କୋଲାଶିପ୍ ଉପରେ ଅଧ୍ୟୟନ ପାଇଁ ବିଦେଶ ଯିବାକୁ ପରାମର୍ଶ ଦେଇଛନ୍ତି। ପରିବାର ଉପରେ ଆର୍ଥିକ ଚାପ ନ ପକାଇବାକୁ ସେ ବିଦ୍ୟାର୍ଥୀମାନଙ୍କୁ କହିଛନ୍ତି।

## କାନାଡା କପିଲଙ୍କ ଖେଳପଡ଼ିଆ ନୁହେଁ: ପନ୍ନୁ



ଚଣ୍ଡିଗଡ଼,୧୨।୭

ବ୍ରିଟିଶ୍ କଲମ୍ବିଆ ସରେସ୍ଥିତ କମେଡିଆନ୍ କପିଲ ଶର୍ମାଙ୍କ କାଫେକୁ ଗୁରୁବାର ଖଲିସ୍ତାନୀମାନେ ଗୁଳି କରିବା ପରେ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତ୍‌ପନ୍ତ ସିଂ ପନ୍ନୁ କପିଲଙ୍କୁ ଧମକ ଦେଇ କହିଛନ୍ତି, କାନାଡା ତୁମ ଖେଳପଡ଼ିଆ ନୁହେଁ। ତୁମ ବ୍ଲଡ୍ ମନି ହିନ୍ଦୁସ୍ଥାନକୁ ଫେରାଇନିଅ। କାନାଡା ତୁମକୁ ଛନ୍ଦ ବ୍ୟବସାୟ ଆଳରେ ହିଂସ୍ର ହିନ୍ଦୁତ୍ୱ ବିଚାରଧାରାକୁ ଅନୁମତି ଦେବନାହିଁ।

## ଇୟୁ, ମେକ୍ସିକୋକୁ ୩୦% 'ଟ୍ରମ୍ପ୍ ଟାରିଫ୍'

ବ୍ରିଜ୍‌ୱାଟର,୧୨।୭

ୟୁରୋପୀୟ ସଂଘ (ଇୟୁ) ଏବଂ ମେକ୍ସିକୋ ଉପରେ ୩୦% ଆମଦାନୀ ଶୁଳ୍କ କଷିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଘୋଷଣା କରିଛନ୍ତି। ଆମେରିକାର ସବୁଠୁ ବଡ଼ ୨ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଉପରେ ଅଗଷ୍ଟ ୧ରୁ ଏହି ଟାରିଫ୍ ଲାଗୁ ହେବ ବୋଲି ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି।

ମେକ୍ସିକୋ ନେତାଙ୍କ ନିକଟକୁ ଟ୍ରମ୍ପ୍ ଏକ ଚିଠି ଲେଖିଛନ୍ତି। ମେକ୍ସିକୋ ଆମେରିକାକୁ ପ୍ରବାସୀଙ୍କ ଅନୁପ୍ରବେଶ ଓ ଫେଣ୍ଟାନିଲ ରପ୍ତାନିର ସ୍ରୋତକୁ ରୋକିବାରେ ସହାୟକ ହୋଇଛି। କିନ୍ତୁ ନର୍ଥ ଆମେରିକାକୁ 'ନାର୍କୋ ଟ୍ରାଫିକିଂ ଗ୍ରାଉଣ୍ଡ' ବା ନିଶାଦ୍ରବ୍ୟ ଚାଲାଣର ଚରାଭୂଇଁ ପାଲଟିବାରୁ ରୋକିବା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହିଁ ବୋଲି ଟ୍ରମ୍ପ୍ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଇୟୁକୁ ପଠାଇଥିବା ଚିଠିରେ ଟ୍ରମ୍ପ୍ ଲେଖିଛନ୍ତି, ୟୁଏସ୍ ବାଣିଜ୍ୟିକ ନିଅଣ୍ଟ ଆମେରିକା ପାଇଁ ଏକ ଜାତୀୟ ବିପଦ। ଇୟୁ ସହିତ ଆମର ଅନେକ ବର୍ଷର ବାଣିଜ୍ୟିକ ସମ୍ପର୍କ ରହିଛି। ତେବେ ଦୁର୍ଭାଗ୍ୟବଶତଃ ଏହା ପାରସ୍ପରିକ ନୁହେଁ। ଟ୍ରମ୍ପ୍‌ଙ୍କ ଏହି ଚିଠି ପରେ ଆସନ୍ତା ୧ ତାରିଖରୁ ୨୭ ରାଷ୍ଟ୍ର ବିଶିଷ୍ଟ ଇୟୁ ଉପରେ ୩୦ ପ୍ରତିଶତର ନୂଆ ଟାରିଫ୍ ଲାଗୁହେବ। ଏହାବାଦ୍ ସେ ଅନ୍ୟ ୨୪ ଦେଶର ସାମଗ୍ରୀ ଉପରେ ବର୍ଦ୍ଧିତ ଆମଦାନୀ ଶୁଳ୍କ ଲଗାଇସାରିଛନ୍ତି।

## କୁନୋ ପାର୍କରେ ମାଈ ଚିତାର ମୃତ୍ୟୁ

ଭୋପାଳ, ୧୨।୭

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଭାରତ ସରକାରଙ୍କ ପ୍ରୋଜେକ୍ଟ ଚିତାକୁ ଝଟ୍‌କା ଲାଗିଛି। ନାମିବ୍ୟାରୁ ଆସିଥିବା ୮ ବର୍ଷୀୟ ମାଈ ଚିତା 'ନାଭା'ର ଶନିବାର ମୃତ୍ୟୁ ହୋଇଯାଇଛି। ସପ୍ତାହ ତଳେ ସଫ୍ଟ ରିଲିଜ୍ ବୋମାରେ ଶିକାର ପ୍ରୟାସ ବେଳେ ନାଭା ଆହତ ହୋଇଥିଲା। ଏହାର ଆଗ ଏବଂ ପଛ ଗୋଡ଼ରେ ଆଘାତ ଲାଗିଥିବାରୁ ଚିକିତ୍ସିତ ହେଉଥିଲା। ଶିକାର ପ୍ରୟାସ ସମୟରେ ନାଭା ଦ୍ରୁତ ଗତିରେ ଦୌଡୁଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ କହିଛି। ଏବେ ଉକ୍ତ ପାର୍କରେ ୨୬ ଚିତା ରହିଛନ୍ତି। ସେଥିରୁ ୧୬ ଚିତା ଜଙ୍ଗଲରେ ରହୁଛନ୍ତି।

## ୭ ଦିନିଆ ରିହାବିଲିଟେଶନରେ ରହିବେ ଶୁଭାଂଶୁ

ୱାଶିଂଟନ୍/ନୂଆଦିଲ୍ଲୀ, ୧୨।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନ ରହିବା ପରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆସନ୍ତା ୧୫ ତାରିଖ ଭାରତୀୟ ସମୟ ଅପରାହ୍ନ ୩ଟାରେ ଆକ୍ସିଓମ-୪ ମିଶନର ନିଜର ୩ ସାଥୀ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍‌ନାନ୍‌ସ୍କି ଏବଂ ଟିବୋର କାପୁଙ୍କ ସହ ଆମେରିକାର କାଲିଫର୍ନିଆ ଉପକୂଳରେ ଅବତରଣ କରିବେ। ନାସା ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମିଶନର ୪ କ୍ରିଉ ସଦସ୍ୟ ଆସନ୍ତା ୧୪ ତାରିଖ ଭାରତୀୟ ସମୟ ଅପରାହ୍ନ ୪.୩୫ରେ ଆଇଏସ୍‌ଏସ୍ ଛାଡ଼ିବେ। ଅବତରଣ ପରେ ୪ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁଙ୍କୁ ତାଲିମ ଦିଆଯିବ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଇସ୍ରୋର ଫ୍ଲାଇଟ ସର୍ଜନଙ୍କ ପକ୍ଷରୁ ଲଗାତର ଭାବେ ଶୁଭାଂଶୁଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଫିଟନେସ୍‌ର ନିରନ୍ତର ଯାଞ୍ଚ କରାଯାଉଛି। ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଏବଂ ତାଙ୍କ ମନୋବଳ ମଧ୍ୟ ଉଚ୍ଚ ରହିଥିବା ଇସ୍ରୋ କହିଛି।



**୧୫ରେ କାଲିଫର୍ନିଆ ଉପକୂଳରେ ଅବତରଣ କରିବେ**

# କୋଲକାତା ଟିଟିଏଫ୍‌ରେ ଚମକିଲା ଉତ୍ତରାଖଣ୍ଡ ପର୍ଯ୍ୟଟନ

ଭୁବନେଶ୍ୱର, ୧୨।୭(ଅନୁରାଧା ମହାରଣା)




କୋଲକାତାରେ ଆୟୋଜିତ ଟ୍ରାଭେଲ ଆଣ୍ଡ ଟୁରିଜମ୍ ଫେୟାର (ଟିଟିଏଫ୍)ରେ ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ପରିଷଦ ଅଂଶଗ୍ରହଣକରି ରାଜ୍ୟର ସାଂସ୍କୃତିକ ଓ ପ୍ରାକୃତିକ ବୈଚିତ୍ର୍ୟକୁ ପ୍ରଦର୍ଶନ କରିଛି। ଶନିବାର ଉଦ୍‌ଯାପନ ହେବାକୁ ଥିବା ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡର ଧାର୍ମିକ, ସାଂସ୍କୃତିକ, ସାହସିକ ଏବଂ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବ୍ୟାପକ ପ୍ରଚାର କରାଯାଇଛି। ଭାରତର ସର୍ବବୃହତ୍ ଟ୍ରାଭେଲ ଫେୟାର ନେଟ୍‌ୱର୍କ ଟିଟିଏଫ୍‌ର ଏହି ସଂସ୍କରଣ ବିଜ୍‌ନେସ୍-ଟୁ-ବିଜ୍‌ନେସ୍ (ବିଟୁବି) ଆଧାରରେ ଆୟୋଜିତ ହୋଇଛି। ଏଥିରେ ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକରୁ ପ୍ରଦର୍ଶକ ଏବଂ କ୍ରେତାମାନେ ଅଂଶଗ୍ରହଣ କରିଛନ୍ତି। ଉତ୍ତରାଖଣ୍ଡ ମଣ୍ଡପରେ ଚାରିଧାମ ଯାତ୍ରା, ମାନସଖଣ୍ଡ ଏକ୍ସପ୍ରେସ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରାଯ ।ଇଥିଲା। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ଓ ସୁବିଧାଗୁଡ଼ିକ ବିଷୟରେ ମଧ୍ୟ ଆଗନ୍ତୁକଙ୍କୁ ଅବଗତ କରାଯାଇଥିଲା। ଏଥିରେ ରାଜସ୍ଥାନ, ଗୋଆ, ଉତ୍ତର ପ୍ରଦେଶ, ଛତିଶଗଡ଼, ପଞ୍ଜାବ, ଓ ଜମ୍ମୁ-କଶ୍ମୀର, ତାମିଲନାଡୁ ଓ ଦିଲ୍ଲୀ ଆଦି ରାଜ୍ୟ ସହ ପ୍ରାୟ ୨୫ ହୋଟେଲ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ। ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ପରିଷଦର ଉପନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଟିମ୍ ଟ୍ରାଭେଲ ଏଜେଣ୍ଟ, ମିଡିଆ ପ୍ରତିନିଧି ଏବଂ ନିବେଶକଙ୍କୁ ରାଜ୍ୟର ପର୍ଯ୍ୟଟନ ସମ୍ଭାବନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଆୟୋଜନ ଉତ୍ତରାଖଣ୍ଡର ପର୍ଯ୍ୟଟନ ଛବିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁଦୃଢ଼ କରିବା ସହ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଏବଂ ପର୍ଯ୍ୟଟନ ଆଧାରିତ ରୋଜଗାର ସୃଷ୍ଟିରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ପ୍ରାଇମ୍ ଡେର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୭

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ୩ ଦିନିଆ ଶପିଂ ଫେଷ୍ଟିଭାଲ୍ 'ପ୍ରାଇମ୍ ଡେ-୨୦୨୫'ର ଶୁଭାରମ୍ଭ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ବିଶେଷକରି ଏହାର ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଏହି ଶପିଂ ଫେଷ୍ଟିଭାଲ୍ ଆରମ୍ଭ ହୋଇଛି। ଉକ୍ତ ଫେଷ୍ଟିଭାଲ ୨୦୨୫ ଜୁଲାଇ ୧୨ ରାତି ୧୨:୦୦ ଘଟିକାରୁ ୧୪ ଜୁଲାଇ ରାତି ୧୧:୫୯ ପର୍ଯ୍ୟନ୍ତ ଉପଲବ୍ଧ। ସେହିପରି ପ୍ରାଇମ୍ ସଦସ୍ୟମାନେ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ ଏବଂ ଉପକରଣ, ଫ୍ୟାଶନ୍, ସୌନ୍ଦର୍ଯ୍ୟ ଉତ୍ପାଦ, ଘର ଏବଂ ରୋଷେଇ ଘରର ଆବଶ୍ୟକ ସାମଗ୍ରୀ, ଗ୍ରୋସେରି ଏବଂ ଅନ୍ୟାନ୍ୟ ବର୍ଗ ସହ ୪୦୦ରୁ ଅଧିକ ଶ୍ରେଷ୍ଠ ଭାରତୀୟ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ବହୁ ହଜାର ନୂତନ ଉତ୍ପାଦର ପ୍ରାରମ୍ଭିକ ପ୍ରବେଶ ପାଇବେ।

# ଓଡ଼ିଶାରେ ଇନ୍ଦ୍ରିୟାର ପ୍ରଥମ ଷ୍ଟୋର

ଭୁବନେଶ୍ୱର, ୧୨।୭




ଆଦିତ୍ୟ ବିର୍ଲା ଜୁଏଲେରି 'ଇନ୍ଦ୍ରିୟା' ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଏହି ଷ୍ଟୋର ଶନିବାର ଉଦ୍‌ଘାଟନ କରାଯାଇଛି। ନୂତନ ଷ୍ଟୋରରେ ୫,୦୦୦ ରୁ ଅଧିକ ସ୍ୱତନ୍ତ୍ର ଡିଜାଇନ୍‌ର ଏବଂ ୨୦,୦୦୦ରୁ ସୂକ୍ଷ୍ମ କାରିଗରୀକୁ ପ୍ରତିଫଳିତ କରୁଥିବା ଗହଣା ଉପଲବ୍ଧ ହୋଇଛି। ବ୍ରାଣ୍ଡର ନୂତନ କଲେକ୍ସନ୍ ଆସମାନିୟତ ଷ୍ଟୋର ମୁଖ୍ୟ ଆକର୍ଷଣ ରହିଛି। ଭାରତବର୍ଷରେ ଏହି ଷ୍ଟୋରକୁ ମିଶାଇ ୨୭ଟି ଷ୍ଟୋର ରହିଥିବାବେଳେ ଆସନ୍ତା ୧୮ ମାସ ମଧ୍ୟରେ ଏହି ସଂଖ୍ୟା ୧୦୦ରେ ପହଞ୍ଚାଇବାକୁ ଯୋଜନା କରାଯାଉଥିବା ଅନୁଷ୍ଠାନର ଚିଫ୍ ମାର୍କେଟିଂ ଅଫିସର ଶାନ୍ତିସ୍ୱରୂପ ପଣ୍ଡା ସୂଚନା ଦେଇଛନ୍ତି। ରିଟେଲ ଆଣ୍ଡ୍ ମର୍ଚ୍ଚାଟାଇଜିଂ ହେଡ୍ ଅନନ୍ତ ନାରାୟଣ ହରିହରନ ଷ୍ଟୋରରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ସ୍ୱତନ୍ତ୍ର ଅଫର ସମ୍ପର୍କରେ ସୂଚନା ଦେଇଥିଲେ। ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଅଳଙ୍କାରର ସୌନ୍ଦର୍ଯ୍ୟ କେବଳ ଏହାର ଡିଜାଇନରେ ନୁହେଁ, ବରଂ ଏହା ଦ୍ୱାରା ଧାରଣ କରାଯାଇଥିବା ବ୍ୟକ୍ତିଗତ ଅର୍ଥରେ ରହିଛି।

# ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ପକ୍ଷରୁ ଶକ୍ତି ସମ୍ମାନ

ଭୁବନେଶ୍ୱର, ୧୨।୭

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଇଣ୍ଡିଆନ ୱମେନ ନେଟ୍‌ୱର୍କ (ସିଆଇଆଇ ଆଇଡବ୍ଲ୍ୟୁଏନ୍)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶକ୍ତି ସମ୍ମାନ-୨୦୨୫'ର ୩ୟ ସଂସ୍କରଣ ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ତାଙ୍କ ଉପସ୍ଥିତି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଓ ସ୍ୱୀକୃତି ଦିଗରେ ସଫଳତାକୁ ଆହୁରି ପ୍ରୋତ୍ସାହିତ କରିଛି। ଏହି କାର୍ଯ୍ୟକ୍ରମର ଅନ୍ୟତମ ବହୁ ପ୍ରତୀକ୍ଷିତ ଅଂଶ ଥିଲା 'ଶକ୍ତି ସମ୍ମାନ ୨୦୨୫', ଏକ ସମ୍ବର୍ଦ୍ଧନା ସମାରୋହ ଯାହା ସମାଜ ଓ ଶିଳ୍ପ ପ୍ରତି ଚମତ୍କାର ଯୋଗଦାନ ଦେଇଥିବା ମହିଳାମାନଙ୍କୁ ସମ୍ମାନିତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ନିଜର ସ୍ୱତନ୍ତ୍ର ଅଭିଭାଷଣ ମାଧ୍ୟମରେ ସମାବେଶୀ ବିକାଶ ପାଇଁ ଏକାଭିମୁଖତା, ଯୋଜନା ଓ ସମ୍ବଳ ବିକାଶ କ୍ଷେତ୍ରରେ ରାଜ୍ୟର ପ୍ରୟାସଗୁଡ଼ିକୁ ଆଲୋକିତ କରିଥିଲେ। ସିଆଇଆଇ ଆଇଡବ୍ଲ୍ୟୁଏନ୍‌ର ଅଧ୍ୟକ୍ଷା ଜୁବିନା ଅଲୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନେତୃତ୍ୱ ମାଧ୍ୟମରେ ସଶକ୍ତୀକରଣ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ତାଙ୍କର ଅଭିଭାଷଣ ବ୍ୟକ୍ତ କରିବା ପରେ ସାଇ ବାୟୋକେୟାର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମୋନାଲିସା ପଣ୍ଡା ଏବଂ ସିଆଇଆଇ ନର୍ଥ ଓଡିଶା ଜୋନାଲ କାଉନ୍‌ସିଲର ଉପାଧ୍ୟକ୍ଷ ସୁଦ୍ଧି ରଞ୍ଜନ ମିଶ୍ର ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପର ବରିଷ୍ଠ ବ୍ୟକ୍ତିବିଶେଷ, ସରକାରୀ ପ୍ରତିନିଧି ଓ ସଫଳ ମହିଳା ଉଦ୍ୟୋଗୀମାନେ ଯୋଗଦେଇଥିଲେ। ଅପରପକ୍ଷରେ ଶକ୍ତିରୁ ସମୃଦ୍ଧି କାର୍ଯ୍ୟକ୍ରମ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ମହିଳାମାନଙ୍କୁ ସ୍ୱୀକୃତି ଓ ସହଯୋଗ ପ୍ରଦାନ କରୁଥିବା ଏବଂ ସଶକ୍ତ କରୁଥିବା ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ପାଇଁ ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପରିଶେଷରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ଜି. ସୁରେଶ ଧନ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

# କେୟାର ରିବାଇଣ୍ଡ୍ ୨.୦ ଉଦ୍‌ଯାପିତ




ସମ୍ମିଳନୀରେ ଚିକିତ୍ସକମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୧୨।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କେୟାର ହସ୍ପିଟାଲ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳା 'କେୟାର ରିବାଇଣ୍ଡ୍ ୨.୦' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର କେୟାର ହସ୍ପିଟାଲ ଏବଂ ଦି ବିଲିୟନ ନୀ ପ୍ରୋଜେକ୍ଟ ଆଣ୍ଡ ହେଲ୍‌ଥ ଆଣ୍ଡ ହାରମନୀ ଟ୍ରଷ୍ଟର ମିଳିତ ସହଯୋଗରେ ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଇଣ୍ଡିଆନ ଆସୋସିଏଶନ ଅଫ୍ ଫିଜିଓଥେରାପି ଆଣ୍ଡ ହେଲ୍‌ଥ ଆଣ୍ଡ ହାରମନୀ ଟ୍ରଷ୍ଟ ଏଥିରେ ଜ୍ଞାନ ସହଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। କେୟାର ରିବାଇଣ୍ଡ୨.୦ର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶୀର୍ଷ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ଏକ ମଞ୍ଚରେ ଏକତ୍ରିତକରି ଉତ୍ପ୍ରେରକ ଚର୍ଚ୍ଚା ଓ ଜ୍ଞାନ ବିନିମୟ ଆଧାରରେ ଭବିଷ୍ୟତର ସୁସ୍ଥ ସ୍ୱାସ୍ଥ୍ୟ ପରିବେଶ ଗଠନ କରିବା। କେୟାର ରିବାଇଣ୍ଡ୍ ୨.୦ ର ଉଦ୍ଦେଶ୍ୟ ଥିଲା ସାରା ଓଡ଼ିଶାର ଉଚ୍ଚପଦସ୍ଥ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବା ବିଶେଷଜ୍ଞଙ୍କ ପାଇଁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ ହେବା ଏବଂ ଅନ୍ତର୍ଦୃଷ୍ଟି ଆଦାନ ପ୍ରଦାନ କରିବା, ଯାହା ଚିକିତ୍ସା ସେବାର ଭବିଷ୍ୟତ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଏବଂ ସୂଚିତ ପରିବେଶରେ ଯୋଗଦାନ ବୋଲି କୁହାଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବେଳେ ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କେୟାର ହସ୍ପିଟାଲର ଅର୍ଥୋପେଡିକ୍ ବିଶେଷଜ୍ଞ ଡା. ସନ୍ଦୀପ ସିଂହ, ଜୋନାଲ ମୁଖ୍ୟ ପରିଚାଳନା ଅଧିକାରୀ କିସଲେ ଆନନ୍ଦ, ଏଭିପି ମାର୍କେଟିଂ ଏବଂ ବ୍ୟବସାୟ ବିକାଶ ଲୋକନାଥ ଦାଶଙ୍କ ସମେତ ବରିଷ୍ଠ ଡାକ୍ତର ଏବଂ ଚିକିତ୍ସା ବୃତ୍ତିଗତ ପ୍ରମୁଖ ଯୋଗଦେଇଥିଲେ।

ଏ ନେଇ କେୟାର ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଏବଂ ରୋବୋଟିକ୍ ସର୍ଜରି ଏବଂ କ୍ରୀଡ଼ା ଆଘାତର ମୁଖ୍ୟ ପରାମର୍ଶଦାତା ଡା. ସନ୍ଦୀପ ସିଂହ ଏକ ଚିନ୍ତନାତ୍ମକ ବିଶେଷ ଅଭିଭାଷଣ ପ୍ରଦାନ କରିଥିଲେ।

# ଟିପିସିଓଡିଏଲ୍‌ର ଭ୍ରାମ୍ୟମାଣ ଚିକିତ୍ସାଳୟ

ଭୁବନେଶ୍ୱର, ୧୨।୭

ଟି ପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଭ୍ରାମ୍ୟମାଣ ଚିକିତ୍ସାଳୟ (ମୋବାଇଲ ହେଲ୍‌ଥ ଡିସ୍‌ପେନ୍‌ସାରି ବା ଏମ୍‌ଏଚ୍‌ଡି) ଚଳିତ ରଥଯାତ୍ରା ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷ କମ୍ପାନୀର ସିଏସ୍‌ଆର୍ ପ୍ରୟାସ 'ଆରୋଗ୍ୟ' ଅଧୀନରେ ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିଭଳି ଏମ୍‌ଏଚ୍‌ଡି ଜରିଆରେ ସମାଜ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ପୁରୀ ରଥଯାତ୍ରାରେ ଏହି ସେବାର ଆରମ୍ଭ ହୋଇଥିଲା। ବଡ଼ଦାଣ୍ଡରେ ରଥ ଗଡ଼ିବା ସମୟରୁ ଟିପିସିଓଡିଏଲ୍‌ର ଏମ୍‌ଏଚ୍‌ଡିଗୁଡ଼ିକ ବହୁ ହଜାର ଶ୍ରଦ୍ଧାଳୁଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ସେହିପରି ଶାରଧାବାଲିସ୍ଥିତ ଟିପିସିଓଡିଏଲ୍ କଣ୍ଟ୍ରୋଲ୍ ରୁମ୍, ସମୁଦ୍ର କୂଳର ପଲ୍ଲିଶ୍ରୀ ମେଳା ଏବଂ ପୁରୀ ରେଲଷ୍ଟେଶନ୍ ଭଳି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଭ୍ରାମ୍ୟମାଣ ଡିସପେନସାରିଗୁଡ଼ିକୁ ନିୟୋଜିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ପୁରୀ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ସମୟରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ କମ୍ପାନୀର ଏହି ଏମ୍‌ଏଚ୍‌ଡି ଚିକିତ୍ସା ସେବା ପ୍ରଦାନ କରିଥିଲା। ପ୍ରତ୍ୟେକ ଏମ୍‌ଏଚ୍‌ଡିରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କର ଏକ ଯୋଗ୍ୟ ଦଳ ଥିଲେ। ସେମାନେ ଫାଷ୍ଟଏଡ୍, ରକ୍ତଚାପ ପରୀକ୍ଷା, ସ୍ୱାସ୍ଥ୍ୟ ପରାମର୍ଶ, ମାଗଣା ଔଷଧ ଏବଂ ଓଆର୍‌ଏସ୍ ପ୍ୟାକେଟ୍ ବିତରଣ କରିବା ଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଏହି ସେବାଗୁଡ଼ିକ ଲକ୍ଷାଧିକ ଭକ୍ତଙ୍କ ଭିଡ଼ରେ ଗୁଳୁଗୁଳି ଏବଂ ଛୋଟ ଧରଣର ଅସୁସ୍ଥତାର ସମ୍ମୁଖୀନ ହେଉଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ରଥଯାତ୍ରା ସମୟରେ ଆମ ଭ୍ରାମ୍ୟମାଣ ଚିକିତ୍ସାଳୟ ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଏହା ମାଧ୍ୟମରେ ଆମେ ଭକ୍ତମାନଙ୍କୁ ସେବା ପ୍ରଦାନ କରିବା ଆମର ମାନବିକତା ପ୍ରଦର୍ଶନ କରିଥିଲୁ। ଏହା ଆମର ଏକ ନମ୍ର ପ୍ରୟାସ ଥିଲା। ପ୍ରତ୍ୟକ୍ଷ ଭାବେ ସମୟୋପଯୋଗୀ ଚିକିତ୍ସା ସେବା ଏବଂ ସହାୟତା ପ୍ରଦାନ କରି ଆବଶ୍ୟକତା ସମୟରେ ସମାଜ ସହ ରହିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

## ଅପରାଧ

# ଶୋଇଥିବା ମହିଳାଙ୍କୁ ଗଳାକାଟି ହତ୍ୟା

ଲାଞ୍ଜିଗଡ଼/ଭବାନୀପାଟଣା, ୧୨।୭ (ରମେଶ ଚନ୍ଦ୍ର ନାୟକ/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମୂଷିଗୁଡ଼ା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ରାତିରେ ଶୋଇଥିବା ଅବସ୍ଥାରେ ବିଧବା ଜନନୀ ହରିଜନ (୬୧)ଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସୂଚନାନୁସାରେ ଜନନୀଙ୍କ ଘର ଲାଞ୍ଜିଗଡ଼ ବ୍ଲକ ଲାଖବାହଲି ପଞ୍ଚାୟତ ତାଳବର ଗାଁରେ। ତାଙ୍କ ପରିବାର ୧୦ବର୍ଷ ହେବ ଭବାନୀପାଟଣା ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ମୂଷିଗୁଡା ଗାଁରେ ରହି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଜନନୀଙ୍କ ସ୍ୱାମୀ ମଙ୍ଗଳୀ ହରିଜନଙ୍କ ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ୩ ଝିଅ ବାହା ହୋଇ ନିଜ ଗାଁ ତାଳବରଠାରେ ରହୁଛନ୍ତି। ଜନନୀଙ୍କ ସହିତ ତାଙ୍କ ସମ୍ପର୍କୀୟ ମହିଳା ସୁଦାମା ହରିଜନ (୪୦)ମଧ୍ୟ ମୂଷିଗୁଡ଼ାରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଜଣ ମହିଳା ଘରେ ଶୋଇଥିବା ବେଳେ ସେହି ଗାଁର ଜଣେ ଯୁବକ ଜନନୀଙ୍କ ଗଳା କାଟି ହତ୍ୟା କରିଥିବା ପରିବାରଠାରୁ ସୂଚନା ମିଳିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଶନିବାର ସକାଳେ ପରିବାର ଲୋକଙ୍କଠାରୁ ଖବର ପାଇ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ପରିବାର ଲୋକେ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରୁଛନ୍ତି। ଏ ନେଇ ବିଏନ୍‌ଏସ୍ ଦଫା ୧୦୩(୧) ଅନୁଯାୟୀ ହତ୍ୟା ମାମଲା (ନଂ.୩୨୪/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସୋମ୍ୟରଞ୍ଜନ ପଧାନଙ୍କଠାରୁ ପ୍ରକାଶ।

# ଚାକିରି କରାଇଦେବାକୁ କହି ଯୁବତୀଙ୍କୁ ବିକ୍ରି ଅଭିଯୋଗ, ଦମ୍ପତି ଗିରଫ

କୋରାପୁଟ, ୧୨।୭(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚାକିରି କରାଇ ଦେବାକୁ କହି କୋଲକାତାର ଜୈନିକ ଯୁବତୀଙ୍କୁ ବିକ୍ରି କରିବାକୁ ନେଉଥିବା ଦମ୍ପତିଙ୍କୁ ଟାଉନ ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ କୋରାପୁଟ ପୂଜାରିପୁଟ ଅଞ୍ଚଳ ବିଶ୍ୱାଳ କଲୋନୀର ଅରୁଣ କୁମାର ସାହୁ(୫୨) ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ବେହେରା(୪୫)। ସୂଚନା ଅନୁଯାୟୀ, ଅରୁଣ କୋଲକାତାର ସୋମା ଘୋଷ(୩୬)ଙ୍କୁ ଫୋନ୍ କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚାକିରି କରାଇ ଦେବାକୁ କହି କୋରାପୁଟକୁ ଡକାଇଥିଲେ। ଏଠାରେ ରହିବା ପାଇଁ ଲଗେଜ ନେଇ ଆସିବାକୁ ମଧ୍ୟ କହିଥିଲେ। ଏହା ପରେ ସୋମା ସମସ୍ତ ପ୍ରସ୍ତୁତି ସହ ୨ ଦିନ ପୂର୍ବରୁ କୋରାପୁଟ ଆସି ଅରୁଣଙ୍କ ବାସଭବନରେ ରହିଥିଲେ। ଶୁକ୍ରବାର ରାତିରେ ଅରୁଣ ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ଯୁବତୀଙ୍କୁ କୌଣସି ଏକ ବ୍ୟକ୍ତିଙ୍କୁ ବିକ୍ରି କରିବାକୁ ଏକ ବାଇକ ଯୋଗେ ନେଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ସୋମା ପାଟି କରିଥିଲେ। ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଉଭୟ ଦମ୍ପତିଙ୍କୁ ଥାନାକୁ ଆଣିଥିଲେ। ଯୁବତୀଙ୍କ ଅଭିଯୋଗ ପରେ ଟାଉନ ଥାନାରେ ୧୪୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। କୋରାପୁଟ ଟାଉନ ଥାନାର ସବ ଇନିସପେକ୍ଟର ଏଲ୍.ବୈଦ୍ୟ ମାମଲାର ତଦନ୍ତ କରୁଛନ୍ତି।

# ମାଓବାଦୀଙ୍କ ନାଁରେ ୫୦ ଲକ୍ଷ ଚାନ୍ଦା ମାଗି ୨ ଗିରଫ

ରାୟଗଡ଼ା/ଚିଙ୍କିରି, ୧୨।୭(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ନିୟମଗିରି ମାଓବାଦୀଙ୍କ ନାଁରେ ଧମକ ଦେଇ ୫୦ ଲକ୍ଷ ଚାନ୍ଦା ମାଗିବା ଅଭିଯୋଗରେ ୨ ଯୁବକଙ୍କୁ ରାୟଗଡା ଜିଲା ଦୋରାଗୁଡ଼ା ପୋଲିସ ଶନିବାର ଗିରଫ କରିବା ସହ ଅନ୍ୟ ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଛି। ଗିରଫ ଦୁଇଜଣ ହେଲେ କୁପାଖାଲ ଗ୍ରାମର ବିନୋଦ ବାଗ ଓ ମାଳିଗୁଡ଼ାର ନରେଶ ନାଏକ। ଅନ୍ୟଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଦାରାଗୁଡ଼ା ଥାନା ଅର୍ନ୍ତଗତ ହାତୀମୁଣ୍ଡା ଚିଙ୍କିରି ଗ୍ରାମର ଚନ୍ଦ୍ରଶେଖର ବିଶୋଇଙ୍କୁ ୩ ଜଣ ନିୟମଗିରି ଅଞ୍ଚଳର ମାଓବାଦୀ ପରିଚୟ ଦେଇ ଚିଠି ଓ ଫୋନ୍ କରି ୫୦ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ। ଏ ନେଇ ଚନ୍ଦ୍ରଶେଖର ଦୋରାଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି କିରଣବାଳା ସାମଲ ନଂ. ୮୮/୨୫ରେ ମାମଲା ରୁଜୁକରି ତଦନ୍ତ କରିଥିଲେ। ତଦନ୍ତରୁ ବିନୋଦ ଓ ନରେଶଙ୍କ ସହିତ ଜଣେ ନାବାଳକ ସାମିଲ ଥିବା ଜଣାପଡ଼ିବା ପରେ ପୋଲିସ ୩ ଜଣଙ୍କୁ ଧରିଥିଲା।

# ଖଣିଜ ବୋଝେଇ ଟ୍ରେଲର ଜବତ, ଜଣେ ଗିରଫ

## ପୁଣି ଗଚ୍ଛିତ ଲୁହାପଥର ଚୋରି

ଯୋଡ଼ା, ୧୨।୭(ମାନସ ମହାନ୍ତି)



ଜବତ ଟ୍ରେଲର।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଗୁଣ୍ଡ ଲୁହାପଥର ପୁଣି ଚୋରା ହୋଇଛି। ଖଣିଜ ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରି ଏକ ଟ୍ରେଲର ଜବତ କରିଛି। ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉକ୍ତ ଟ୍ରେଲରରେ ପ୍ରାୟ ୩୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଖଣିଜ ଡିପୋରୁ ଟ୍ରେଲର (ନଂ. ୟୁପି ୮୨ ଏଟି ୪୮୬୦)ଯୋଗେ ଲୁହାପଥର ଚୋରାଚାଲାଣ ନିମନ୍ତେ ବୋଝେଇ ହେଉଥିଲେ। ସ୍ଥାନୀୟ ଲୋକ ଜାଣିବା ପରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଖଣିଜ ଚୋରା ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଟ୍ରେଲର ଜବତ କରି ଥାନାକୁ ଆଣିଥିଲା। ଡ୍ରାଇଭରଙ୍କୁ ପଚରାଉଚରା କରାଯାଉଥିବା ବେଳେ ଜବତ ଖଣିଜର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ନୟାଗଡ଼ ରେଳ ସାଇଡିଂ ନିକଟସ୍ଥ ବିଭିନ୍ନ ବ୍ୟକ୍ତିଗତ ପ୍ଲଟ୍‌ରେ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଥିଲା। ଏହାର କେହି ଦାବିଦାର ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରିଥିଲା। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ହୋଇପଡ଼ିରହିଛି। ଚୋରା ଖଣିଜ ବ୍ୟବସାୟୀ ମେଶିନ ଲଗାଇ ଟ୍ରକ ଯୋଗେ ଖଣି ବୋହି ନେଉଛନ୍ତି। ପୋଲିସ ପୂର୍ବରୁ ନୟାଗଡ଼ ରେଳ ସାଇଡିଂ ନିକଟରେ ଚଢ଼ାଉ କରି ଗାଡ଼ି, ମେଶିନ ଓ ଖଣିଜ ଚୋରା ବ୍ୟବସାୟୀଙ୍କୁ ଗିରଫ କରିଛି। ଖଣି ବିଭାଗ ଜବତ କରି ଅତୀତରେ ରଖିଥିବା ଲୁହାପଥରକୁ କାହିଁକି ଖଣି ନିଗମକୁ ହସ୍ତାନ୍ତର କରୁନାହିଁ ଏବଂ ନିଗମ ଏହାକୁ କାହିଁକି ନିଲାମ କରୁନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଯେହେତୁ ପୋଲିସ ଧରିଛି, ପୋଲିସ ଏ ନେଇ ମାମଲା ରୁଜୁ କରିବ।

# ସରକାରୀ ଅଧିକାରୀ ପରିଚୟ ଦେଇ ୨ଲକ୍ଷ ଟଙ୍କା ଠକେଇ

ବଲାଙ୍ଗୀର, ୧୨।୭ (ବୀରେନ୍ଦ୍ର କୁମାର ଝାଙ୍କର)

ନିଜକୁ ସରକାରୀ ଅଧିକାରୀ ଭାବେ ପରିଚୟ ଦେଇ ଅଭିନବ ଉପାୟରେ ବିଭିନ୍ନ ଜିଲାର ଅବସରପ୍ରାପ୍ତ ସରକାରୀ ଶିକ୍ଷକ ଓ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବଲାଙ୍ଗୀର ସାଇବର ଥାନା ପୋଲିସ ମୟୂରଭଞ୍ଜ ଜିଲାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା ବଡସାହି ଥାନା ଭଣ୍ଡାରୀକୁଳ ଗାଁର ରାଜେନ୍ଦ୍ର ବିନ୍ଧାଣୀ (୩୦)। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ପଥର୍ଲା ଗାଁର ଜଣେ ସରକାରୀ ଶିକ୍ଷକଙ୍କୁ ମୋବାଇଲ ଫୋନ୍‌ରେ ଅଭିଯୁକ୍ତ ଜଣକ ନିଜକୁ ଟ୍ରେଜେରି ଅଫିସର ଭାବେ ପରିଚୟ ଦେଇ ଟିଡିଏସ୍ ଟଙ୍କା ଜମା ନ କଲେ ତାଙ୍କ ପେନ୍‌ସନ ବନ୍ଦ ହୋଇଯିବ ବୋଲି କହିଥିଲେ। ଏଭଳି ଏକ ଅପ୍ରତ୍ୟାଶିତ ଫୋନ୍ କଲ୍ ପାଇ ଶିକ୍ଷକ ଜଣକ ଡରି ଯାଇଥିଲେ ଏବଂ ଟିଡିଏସ୍ ଟଙ୍କା ଜମା କରିବାକୁ ରାଜି ହୋଇଯାଇଥିଲେ। ଶିକ୍ଷକ ଜଣକ ତାଙ୍କର ଏବଂ ତାଙ୍କ ସ୍ତ୍ରୀଙ୍କ ଫୋନ ପେ' ଆକାଉଣ୍ଟରୁ ୟୁପିଆଇ ଜରିଆରେ ୫ଟି ଟ୍ରାଞ୍ଜାକଶନରେ ୧ ଲକ୍ଷ ୯୮ ହଜାର ୯୬୮ ଟଙ୍କା ଦେଇଥିଲେ। ପରେ ଶିକ୍ଷକ ଜଣକ ଲୁଟ୍‌ର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ।

# ପରକୀୟା ପ୍ରୀତି ଲୁଚାଇବା ପାଇଁ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍ ଚୋରାଇଲେ

ନୂଆଦିଲ୍ଲୀ, ୧୨।୭

ଦିଲ୍ଲୀ ପୋଲିସ ଶନିବାର ଏକ ରୋଚକପୂର୍ଣ୍ଣ ଫୋନ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଜଣେ ମହିଳା ତାଙ୍କ ପରକୀୟା ପ୍ରୀତି ସମ୍ପର୍କିତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ଭଡ଼ାରେ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍‌କୁ ଚୋରି କରାଇଥିଲେ। ପ୍ରାୟ ୭୦ ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଯାଞ୍ଚ କରିବା ପରେ ପୋଲିସ ଏହି ମାମଲାର ପର୍ଦ୍ଦାଫାଶ କରିଛି।

ଦକ୍ଷିଣ ଦିଲ୍ଲୀର ଡିସିପି ଅଙ୍କିତ ଚୌହାନ କହିଛନ୍ତି, ଗତ ୧୯ ତାରିଖରେ ସ୍ଥାନୀୟ ସୁଲତାନପୁରସ୍ଥିତ ଓଲ୍ଡ ୟୁକେ ପେଷ୍ଟ ଫ୍ୟାକ୍ଟ୍ରି ନିକଟରେ ସ୍କୁଟରରେ ୨ ଜଣ ଆସି ଜଣେ ବ୍ୟକ୍ତିଙ୍କ ଫୋନ୍ ଛଡ଼ାଇ ନେଇଥିଲେ। ଫୋନ୍ ଚୋରିକୁ ନେଇ ବ୍ୟକ୍ତି ଜଣକ ନିଜ ଭାଗ୍ୟକୁ ଦାୟୀ କରିବା ସହ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି କ୍ୟାମେରାରୁ ଅଭିଯୁକ୍ତ ବ୍ଲ୍ୟୁ ଟି ଶାର୍ଟ ପିନ୍ଧିଥିବା ଜଣାପଡ଼ିଥିଲା। ସ୍କୁଟରର ନମ୍ବରରୁ ପୋଲିସ ଅଭିଯୁକ୍ତ ଅଙ୍କିତ ଗେହଲଟଙ୍କ ନିକଟରେ ପହଞ୍ଚିଥିଲା। ପୋଲିସ ତାଙ୍କୁ ରାଜସ୍ଥାନର ବାର୍‌ମେରରୁ ଗିରଫ କରିଥିଲା। ପଚରାଉଚରା ସମୟରେ ଅଙ୍କିତ ଚୋରି ପଛର କଥା ବଖାଣିଥିଲେ। ଏହି ଚୋରି ପାଇଁ ଅଭିଯୋଗକାରୀଙ୍କ ସ୍ତ୍ରୀ ତାଙ୍କୁ ଭଡ଼ାରେ ନେଇଥିବା ଅଙ୍କିତ କହିଥିଲେ। ପ୍ରେମିକଙ୍କ ସହ ମହିଳାଙ୍କର ଥିବା ଅନ୍ତରଙ୍ଗ ଫଟୋକୁ ତାଙ୍କ ସ୍ୱାମୀ ନିଜ ଫୋନ୍‌ରେ ସେଭ୍ କରି ରଖିଥିବା ନେଇ ସେ ଜାଣିବାକୁ ପାଇଥିଲେ। ସେ ଉକ୍ତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ମହିଳା ଜଣକ ଅଙ୍କିତଙ୍କୁ ଟଙ୍କା ଦେଇ ତାଙ୍କ ସ୍ୱାମୀଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ, ଅଫିସ୍ ସମୟ ଏବଂ ଅଫିସ୍‌ରୁ ଘରର ରୁଟ୍ ସମ୍ପର୍କରେ ଜଣାଇଥିଲେ। ପୋଲିସ ଅଙ୍କିତଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଫୋନ୍‌କୁ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ବ୍ୟକ୍ତି ଜଣକ ତଙ୍କ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ କିଛିଦିନ ତଳେ ଜାଣିବାକୁ ପାଇଥିଲେ। ତେଣୁ ସ୍ତ୍ରୀ ଶୋଇଥିବା ସମୟରେ ତାଙ୍କ ଫୋନ୍‌ରେ ପ୍ରେମିକଙ୍କ ସହ ଥିବା ଅନ୍ତରଙ୍ଗ ଫଟୋଗୁଡ଼ିକୁ ବ୍ୟକ୍ତି ଜଣକ ନିଜ ଫୋନ୍‌କୁ ନେଇଯାଇଥିଲେ। ଯେତେବେଳେ ମହିଳା ଜଣକ ଏ ବିଷୟରେ ଜାଣିଲେ, ପ୍ରେମିକଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଲୋକଲୋଚନକୁ ଆସିବା ଆଶଙ୍କା କରି ସେ ଭୟଭୀତ ହୋଇଯାଇଥିଲେ ଏବଂ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତ ମହିଳାଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ ବ୍ରୋଞ୍ଜ



ଓଡ଼ିଶାର ପଦକ ବିଜେତା ପାରା ଆଥ୍‌ଲେଟ୍।

### ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୨।୭ (ବିଜୟ ରଣା)**

ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ୧୧ଟି ପଦକ ମିଳିଛି। ଜୟନ୍ତୀ ବେହେରା ମହିଳା ଟି-୪୭ କାଟେଗୋରି ୧୦୦ ଓ ୨୦୦ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଟି-୪୭ ୪୦୦ ମିଟରରେ ରୌପ୍ୟ ପାଇଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଏଫ୍-୫୫ ଜାଭେଲଲିନ୍‌ରେ ସ୍ୱର୍ଣ୍ଣ ଏବଂ ଏଫ୍-୫୫ ଶଟ୍‌ପୁଟରେ ରୌପ୍ୟ ହାସଲ କରିଛନ୍ତି। ସେହିପରି ଓଡ଼ିଶାର ଜାନକୀ ଓରାମ ମହିଳା ଟି-୧୨ କାଟେଗୋରୀ ୧୦୦ମିଟର ଦୌଡ଼ରେ ରୌପ୍ୟ ଏବଂ ୨୦୦ମିଟରରେ ବ୍ରୋଞ୍ଜ ହାସଲ କରିଥିଲେ। ସାହିଲ କିରୋ ତାଙ୍କର ଗାଇଡ୍ ରନର ଥିଲେ। ସେ ଟି୨୦ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କମଳାକାନ୍ତ ନାୟକ ପୁରୁଷ ଏଫ୍ ୫୪/୫୫ କାଟେଗୋରୀ ଜାଭେଲିନ୍‌ରେ ରୌପ୍ୟ ଜିତିଥିବା ବେଳେ ୮୦୦ମିଟରରେ ରୌପ୍ୟ ଏବଂ ୪୦୦ ମିଟରରେ ବ୍ରୋଞ୍ଜ ପାଇଥିଲେ।

### ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟର ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର,୧୨।୭ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ 'ସଟଲ'ରେ ଆୟୋଜିତ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି। ମିକ୍ସଡ ଡବଲ୍ସ ବିଭାଗର ପ୍ରି-କ୍ୱାର୍ଟର ଲାଇନ ଅପ୍ ଚୂଡ଼ାନ୍ତ ହୋଇଯାଇଅଛି।

ଏଥିରେ ଓଡ଼ିଶା ଯୋଡ଼ି ତନ୍ମୟ ସାହୁ ଓ ହର୍ଷିତା ରାଉତ ତାଙ୍କ ତାମିଲନାଡୁ ପ୍ରତିଦ୍ୱନ୍ଦ୍ୱୀ ହରିଭାରତି ବି. ଓ ଧନ୍ୟା ଏନ୍‌ଙ୍କଠାରୁ ୨୧-୧୮, ୧୭-୨୧ ଓ ୧୯-୨୧ରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଉତ୍ତରପ୍ରଦେଶ ଯୋଡ଼ି ଧ୍ରୁବ ରାୱତ ଓ ମନୀଷା କେ. ଆନ୍ଧ୍ର-କେରଳ ଯୋଡ଼ି ଭି.ଭି. ଓ ଏନ୍. ଓଏସିସ୍‌ଙ୍କୁ ୨୧-୧୬, ୨୨-୨୪ ଓ ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସିଡ କର୍ଣ୍ଣାଟକର ଆସିଥ ସୂର୍ଯ୍ୟା ଓ ଅମୃଥା ପି. ଏବଂ ପଞ୍ଚମ ସିଡ୍ ମହାରାଷ୍ଟ୍ର-ଦିଲ୍ଲୀ ଯୋଡ଼ି ନିତିନ କୁମାର ରୀତିକା ଥାକ୍‌ରେ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପ୍ରଥମ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଷାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଛନ୍ତି।



ମହିଳା ଡବଲ୍ସ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିଥିବା ଦୁଇ ଖେଳାଳି।

ପୁରୁଷ ସିଙ୍ଗଲ୍ସରେ ପ୍ରଥମ ସିଡ କର୍ଣ୍ଣାଟକର ରଘୁନାଥ ଏମ୍., ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଲ ଧର୍ମମେର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଥିବା ବେଳେ ଅଣ ସିଡେଡ୍ ଖେଳାଳି କର୍ଣ୍ଣାଟକର ହେମନ୍ତ ଏମ୍. ଜି. ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୧୩-୨୧, ୨୧-୧୭ ଓ ୨୧-୮ରେ ହରାଇ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି।

ମହିଳା ଡବଲ୍ସରେ ପ୍ରଥମ ସିଡ୍ କର୍ଣ୍ଣାଟକର ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟ, ଦ୍ୱିତୀୟ ସିଡ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଏସ୍. ଦୀପ୍ତା, ତୃତୀୟ ସିଡ୍ କର୍ଣ୍ଣାଟକ-ଉତ୍ତର ପ୍ରଦେଶର ଅମୃଥା ପି. ଓ ସୋନାଲି ସିଂ, ଚତୁର୍ଥ ସିଡ ମହାରାଷ୍ଟ୍ରର ଅନଘା କାରଣ୍ଡିକାର ଓ ସିୟା ସିଂ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ସେମାନଙ୍କ ସ୍ଥାନ ସୁରକ୍ଷିତ ରଖିଛନ୍ତି।

# ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୭ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫ମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଚାମ୍ପିୟନଶିପ୍‌ର ଫାଇନାଲ ପର୍ଯ୍ୟାୟର ବାଳିକା ବିଭାଗରେ ଲାଠିକଟା ଏଚ୍‌ଟିସି ଚାମ୍ପିୟନ ହୋଇଛି। ଦଳ ବାଳିକା ବିଭାଗ ଗ୍ରାଣ୍ଡ ଫିନାଲେରେ ଗୁରୁଣ୍ଡିଆ ଏଚ୍‌ଟିସିକୁ ୧ (୨)-(୧) ୧ରେ ପରାସ୍ତ କରିଛି। ଶନିବାର ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ବାମ୍‌ରା ଏଚ୍‌ଟିସି ୧-୦ ଗୋଲ୍‌ରେ ବାରଗାଁଓ ଏଚ୍‌ଟିସିକୁ ହରାଇ ଦେଇଛି। ଏଥିରେ ପରାଜିତ ଦଳର ମନୀଷା କିଷାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନଶିପ୍‌ର ବାଳିକା ବିଭାଗରେ ଲାଠିକଟା ଏଫ୍‌ସି ଚାମ୍ପିୟନ ହୋଇଥିବା ବେଳେ ଗୁରୁଣ୍ଡିଆ ପ୍ରଥମ ରନର ଅପ୍ ଏବଂ ବାମ୍‌ରା ଦ୍ୱିତୀୟ ରନରଅପ୍ ହୋଇଥିଲା। ବାଳକ କାଟେଗୋରିରେ କୁଆରାମୁଣ୍ଡା ଏଚ୍‌ଟିସି ଚାମ୍ପିୟନ ହୋଇଥିବା ବେଳେ, ନୂଆଗାଁଓ ଏଚଟିସି ପ୍ରଥମ ରନରଅପ୍ ଏବଂ ସାଉନାମାରା ଏଚ୍‌ଟିସି ଦ୍ୱିତୀୟ ରନରଅପ୍ ହୋଇଛି।





ଟ୍ରଫି ସହ ବାଳିକା ଚାମ୍ପିୟନ ଲାଠିକଟା ଏଚ୍‌ଟିସି ଦଳର ଖେଳାଳି ଓ ଅନ୍ୟମାନେ।

### କ୍ଲବ୍ ବିଶ୍ୱକପ୍ ଫାଇନାଲ

# ରେଫରି ଦାୟିତ୍ୱରେ ଅଲିରେଜା



**ଇଷ୍ଟ ରଥରଫୋର୍ଡ(ୟୁଏସ୍‌ଏ), ୧୨।୭(ଏପି)**

ଅଷ୍ଟ୍ରେଲିଆର ଅଲିରେଜା ଫାଘାନି ରବିବାର ଚେଲ୍‌ସୀ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ୍ ମଧ୍ୟରେ ଖେଳାଯିବାକୁଥିବା କ୍ଲବ ବିଶ୍ୱକପ୍ ଫାଇନାଲରେ ରେଫରି ଦାୟିତ୍ୱ ତୁଲାଇବେ। ୪୭ ବର୍ଷୀୟ ଫାଘାନିଙ୍କ ଜନ୍ମସ୍ଥାନ ହେଉଛି ଇରାନରେ। ପୂର୍ବରୁ ସେ ୨୦୧୬ ଅଲିମ୍ପିକ୍ସ ପୁରୁଷ ଫୁଟ୍‌ବଲ ଜର୍ମାନୀ ବିପକ୍ଷରେ ବ୍ରାଜିଲର ପେନାଲ୍ଟି କିକ୍ ବିଜୟ ଫାଇନାଲ ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ। ସେ ଚଳିତ ବର୍ଷ ମାୟାମି ଓ ଅଲ୍ ଆଲି, ବୋକା ଜୁନିୟର୍ସ ବିପକ୍ଷ ବେୟର୍ନ ମ୍ୟୁନିକ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଏବଂ ପାମିରାସ ବିପକ୍ଷରେ ଚେଲ୍‌ସୀର କ୍ୱାର୍ଟରଫାଇନାଲ ବିଜୟ ମ୍ୟାଚ୍‌ରେ ସଫଳତାର ସହିତ ରେଫରି ଦାୟିତ୍ୱ ତୁଲାଇଛନ୍ତି। ସେ ଆହୁରି ମଧ୍ୟ ୨୦୧୮ ଓ ୨୦୨୨ ବିଶ୍ୱକପ୍‌ରେ ରେଫରି ଭାବେ କାର୍ଯ୍ୟ କରିଛନ୍ତି।

# ଜ୍ୟୋତି ସୁରେଖାଙ୍କୁ ହ୍ୟାଟ୍ରିକ୍ ପଦକ

### ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪

**ମାଡ୍ରିଡ୍, ୧୨।୭(ପି.ଟି.)**

ଜ୍ୟୋତି ସୁରେଖା ଭେନମ୍ ଏଠାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪ ଟିମ୍ ଇଭେଣ୍ଟରେ ୨ ରୌପ୍ୟ ଏବଂ କୋଟିଏ ବ୍ରୋଞ୍ଜ ସହ ହ୍ୟାଟ୍ରିକ ପଦକ ହାସଲ କରିଛନ୍ତି। ପ୍ରଥମେ ସେ ଭାରତର ମହିଳା କମ୍ପାଉଣ୍ଡ ଦଳ ସହ ରୌପ୍ୟ ପଦକ ଲାଭକରି ଥିଲେ। ମିକ୍ସଡ ଟିମ୍ ଇଭେଣ୍ଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ବ୍ରିଟେନର ଇଲା ଗିବ୍‌ସନଙ୍କଠାରୁ ୧୪୭-୧୪୮ରେ ଅଳ୍ପକେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ଟିମ୍ ଇଭେଣ୍ଟରେ ସଙ୍କଟଜନକ ପରିସ୍ଥିତିରେ ଭାରତ ପୁଣି ବିଫଳ ହୋଇଥିବା ଶନିବାରର ଏହି ଫଳାଫଳ ସୂଚିତ କରୁଛି। ଜ୍ୟୋତି ସୁରେଖା ଭେନମ୍, ପରଣିତ କୌର ଏବଂ ୧୬ ବର୍ଷୀୟା ନବାଗତ ପ୍ରତୀକ୍ଷା ପ୍ରଦୀପଙ୍କୁ ନେଇ ଭାରତୀୟ ଦଳ ମୋଟ ୨୧୧୬ ପଏଣ୍ଟ ସହ କ୍ୱାଲିଫିକେଶନ ରାଉଣ୍ଡର ଶୀର୍ଷରେ ରହିଥିଲା। ତେଣୁ ଦଳଠାରୁ ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ମାତ୍ର ଦଳ ଫାଇନାଲରେ ହୁଆଙ୍ଗ ଆଇ-ଜୋ, ଚେନ୍ ୟି ହୁଆନ୍ ଓ ଚିଉ ୟୁ-ଏରଙ୍କୁ ନେଇ ଚାଇନିଜ୍ ତାଇପେ ଦଳଠାରୁ ୨୨୫-୨୨୭ରେ ହାରିଯାଇଥିଲା। ସେ ରିଷଭ ଯାଦବଙ୍କୁ ସାଥୀକରି ୧୦ମ ସିଡ୍ ଏଲ୍ ସାଲଭାଡର ଯୋଡ଼ି ପାଓଲା କୋରାଡୋ ଓ ଡଗ୍‌ଲାସ ଭ୍ଲାଦିମିର ନୋଲାସ୍କୋଙ୍କୁ ୧୫୬-୧୫୩ରେ ପରାଜିତକରି ମିକ୍ସଡ ଟିମ୍ ବ୍ରୋଞ୍ଜ ପ୍ଲେ-ଅଫ୍ ଜିତିଛନ୍ତି।

# ଜୋଟାଙ୍କ ଜର୍ସି ନମ୍ବରକୁ ବାଦ୍‌ଦେଲା ଲିଭରପୁଲ୍

**ଲିଭରପୁଲ୍,୧୨।୭(ଏପି)**

ଗତ ସପ୍ତାହରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡିଏଗୋ ଜୋଟା ପିନ୍ଧୁଥିବା ନଂ.୨୦ ଜର୍ସିକୁ ଲିଭରପୁଲ ପକ୍ଷରୁ ଗୁରୁବାର ରିଟାୟର କରାଯାଇଛି। ୨୮ ବର୍ଷୀୟ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲ୍‌ଭା(୨୫) ସ୍ପେନ୍‌ର ଉତ୍ତର ପଶ୍ଚିମ ସହର ଜମୋରାରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ୨୦ ନମ୍ବର ଜର୍ସିକୁ ଜୋଟା ଗର୍ବର ସହ ପିନ୍ଧୁଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଆମେ ଅନେକ ସ୍ମରଣୀୟ ବିଜୟ ହାସଲକରିଛୁ। ଜୋଟା ସର୍ବଦା ଲିଭରପୁଲ ଫୁଟ୍‌ବଲ କ୍ଲବର ନଂ.୨୦ ହୋଇ ରହିବେ ବୋଲି କ୍ଲବ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। କ୍ଲବର ସିଇଓ ମାଇକେଲ ଏଡ୍‌ୱାର୍ଡ୍ସ କହିଛନ୍ତି, ଜୋଟାଙ୍କ ପରିବାର ସହ ପରାମର୍ଶ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏକ କ୍ଲବ ଭାବେ ଆମେ ସମର୍ଥକଙ୍କ ଭାବାବେଗ ବୁଝିପାରୁଛୁ। ଆମେ ବି ସମାନ ଅନୁଭବ କରୁଛୁ। ମୋ ମତରେ ଲିଭରପୁଲ ଫୁଟ୍‌ବଲ କ୍ଲବ ଇତିହାସରେ କୌଣସି ଖେଳାଳିଙ୍କୁ ଏଭଳି ସମ୍ମାନ ଦିଆଯାଇନାହିଁ। ଜୋଟାଙ୍କ ଲାଗି ଗତ ସିଜନ କ୍ୟାରିୟରର ସବୁଠୁ ସଫଳ ସିଜନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଲିଭରପୁଲ ରେକର୍ଡ ସମକକ୍ଷ ୨୦ତମ ପ୍ରିମିୟର ଲିଗ୍ ଓ ପର୍ତ୍ତୁଗାଲ ସହ ୟୁଇଫା ନେଶନ୍ସ ଲିଗ୍ ଜିତିଥିଲା। ମୋଟ ଉପରେ ସେ ଲିଭରପୁଲ ପାଇଁ ୧୮୨ ମ୍ୟାଚ୍ ଖେଳି ୬୫ ଗୋଲ କରିଥିଲେ।


# Classified Everyday
**0674-2580101, 9692975378**



MATRIMONIAL

## BRIDE WANTED

Govt. Civil Contractor କୁମୁଟି ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



REAL ESTATE

## SALE

**Bhubaneswar Sum Hospital-2,** ତ୍ରିନାଥବଜାର ନିକଟରେ ଘରବାରି ପ୍ଲଟ୍ **1350sqft.** ଏବଂ **Cuttack Sri Sri University,** ତ୍ରିଶୁଳିଆରେ **1900sqft.**ରେ ଉପଲବ୍ଧ। **Whatsapp: 9437011506, 6371462496.** D-1257

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

**B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M.** D-76474

**3 BHK ready to move flat for sale at Sundarpada. Price-60 Lakhs. Contact- 7606024182.** D-1273

**Buy Or Sale Property: 8984071303 Wanted Yellow Zone Gharabari Land on Outright Basis, minimum 30' Road around Bhubaneswar for Simplex/ Duplex/ Apartment Projects for our Clients. Only Land Owner can Contact.** D-1258

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

## AFFIDAVIT

Manasi Patra, aged about 33+ years, W/o- Late Pandaba Patra, At/P.O.- Khandahata, Via- Tora, Dist.- Bargarh, PIN- 768040, Odisha declare by this affidavit No.- C.F. No.- 787, dated- 23.06.2025. That now onwards I shall be known as Manabhangi Naik for all future purpose. D-1269

By virtue of an affidavit sworn before the Executive Magistrate, Belpada, No.-110, date- 11.07.2025, I, Nilakantha Nag, R/o. At- Chacherbeng, P.O.- Sarmuhan, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Sania Nag to Sandhya Nag. Henceforth, she shall be known as Sandhya Nag for all future purposes.
Nilakantha Nag D-1270

By virtue of an affidavit sworn before the Executive Magistrate, Thuamul Rampur, dated 18.06.2025, I, Parama Naik, R/o. At- Jamguda, P.O./P.S.- Th. Rampur, District.- Kalahandi, PIN- 766037, Odisha declare that I have changed the name of my son from Pratarajan Naik to Praptaranjan Naik. Henceforth, he shall be known as Praptaranjan Naik for all purposes.
Parama Naik D-1271

By virtue of an affidavit sworn before the Exec- utive Magistrate, Keonj- har, No.- 013, dated- 13.03.2025, I, Pradeep Kumar Biswal, S/o-Sanatan Biswal, resident of Village/ P.O.- Udayapur, P.S.- Patna, Dist.- Keonjhar, Odisha-758045 State that, in Aadhaar Card of my son his name is wrongly mentioned as Sahim Biswal instead of Swastik Biswal. Hence, Sahim Biswal and Swastik Biswal is one and same person. D-1276

I, Pramod Kumar Mohanty, S/o- Kapila Charan Mohanty, Resident of plot No.- 327/A-65, At-Kantilo, P.O.-Kuha, Sunderpada, Bhubaneswar, Odisha declare by this affidavit No.- 65, dated- 20.01.2025. That now onwards I shall be known as Pramod Mohanty for all future purposes. D-76472

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, BHUBANESWAR, dated- 23.05.2025, I, LAXMIBALA SAHOO, Address: AT/P.O.- GOHIRIAPADA, P.S.- FATEGARH, DIST.- NAYAGARH, ODISHA, PIN-752077 declare that I have changed my name from TUNI SAHOO to LAXMIBALA SAHOO. Henceforth, I shall be known as LAXMIBALA SAHOO for all purposes.
Laxmibala Sahoo
(New Name) D-1275

I, Karim Nassar, S/o- Kasamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 73AA110707, dated- 11.07.2025 and affidavit No.- 72AA112158, dated- 12.07.2025. That now onwards I shall be known as Karim Kassamali Nassar for all future purposes. D-1267

I, Laila Karim, W/o- Karim Kassamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.-Cuttack-753003, Odisha declare by this affidavit No.- 73AA110708, dated- 11.07.2025. That now onwards I shall be known as Laila Karim Nassar for all future purposes. D-1266

## LEGAL NOTICE

ମାନ୍ୟବର, ଦେୱାନୀ ଅଦାଲତ
ବରିଷ୍ଠ ବିଭାଗ, ବୌଦ୍ଧ
ସିଭିଲ୍ ସୁଟ୍ ନଂ. -୮୬/୨୦୨୪
ସ୍ୱର୍ଣ୍ଣଲତା ସାହୁ ....ବାଦୀ
ବନାମ
ମୁରଲୀଧର ପ୍ରଧାନ ....ପ୍ରତିବାଦୀ

ଏତଦ୍ୱାରା ଏସ୍. କେ. ସଫିଉଲ୍ଲ, ପିତା: ଏସ୍. କେ. ମାନନ, ସା: କଳାଖଣ୍ଡି (ଚାରିଛକ), ପୋଷ୍ଟ: ଝଡ଼ ରାଜିଙ୍ଗ, ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ, ବର୍ତ୍ତମାନ ସା/ପୋଷ୍ଟ: କେରଙ୍ଗ, ଥାନା/ଜିଲ୍ଲା- ଖୋର୍ଦ୍ଧାଙ୍କୁ ଜଣାଇ ଦିଆଯାଉଛି କି ସ୍ୱର୍ଣ୍ଣଲତା ସାହୁ ତୁମ୍ଭ ନାମରେ ଉପରୋକ୍ତ ମକଦ୍ଦମା ଦାଏର କରିଛନ୍ତି। ଉକ୍ତ ମକଦ୍ଦମା ତା08.08.2025ରିଖ 10.30AM ଘଟିକା ସମୟରେ ଆପଣ ନିଜେ କିମ୍ବା ଓକିଲଙ୍କ ଜରିଆରେ ହାଜର ହୋଇ ନିଜ ପକ୍ଷ ରଖିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଅଦାଲତ ଆଇନ ଅନୁଯାୟୀ ଉପରୋକ୍ତ ମକଦ୍ଦମା ବିଚାର କରିବାକୁ ବାଧ ହେବ।
ତା୦୮।୦୭।୨୦୨୫
ବୌଦ୍ଧ
ସ୍ୱା./- ବରିଷ୍ଠ ଦେୱାନୀ ଅଦାଲତ, ବୌଦ୍ଧ
ଧ-୧୨୬୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ସ୍ମାର୍ଟ ୱାଚ୍







**ରିଷ୍ଟ ୱାଚ୍ ବା ହାତଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ସଉକ। ସମୟ ଦେଖିବା ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ସେମାନେ ବିଭିନ୍ନ ଡିଜାଇନ୍‌ର ୱାଚ୍ ବ୍ୟବହାର କରିଥା'ନ୍ତି। ବର୍ତ୍ତମାନ ଏହାର ଫଙ୍କ୍‌ଶନ କେବଳ ସମୟ ଦେଖିବାରେ ସୀମିତ ନାହିଁ, ବରଂ ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ପାଇଁ ସ୍ମାର୍ଟ ୱାଚ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି....**



ଦିନଥିଲା, ହାତରେ ଘଣ୍ଟା ନ ପିନ୍ଧିଲେ ଅନେକେ ବାହାରକୁ ଯାଉ ନ ଥିଲେ। ବିଶେଷକରି ପରୀକ୍ଷାର୍ଥୀଙ୍କର ଏହା ସବୁଠୁ ଜରୁରୀ। କାରଣ ସମୟ ଜାଣିବା ଲାଗି ଏହାହିଁ ଥିଲା ଏକମାତ୍ର ବିକଳ୍ପ। ଯଦିଓ ମୋବାଇଲ୍ ଫୋନ୍ ଆସିବା ପରେ ଏହାର ବ୍ୟବହାର କିଛି ମାତ୍ରରେ କମିଥିଲା, ହେଲେ ବର୍ତ୍ତମାନ କେବଳ ସମୟ ଜାଣିବା ଲାଗି ନୁହେଁ, ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ସହିତ ବିଭିନ୍ନ ନାମୀଦାମୀ କମ୍ପାନୀର ସ୍ମାର୍ଟ ୱାଚ୍ ମାର୍କେଟ୍‌ରେ ଉପଲବ୍ଧ। ମେଟାଲିକ୍ ଚେନ୍‌ଠୁ ଆରମ୍ଭ କରି ଡିଫରେଣ୍ଟ ଡିଫରେଣ୍ଟ କଲରର ଲେଦର ଏବଂ ପ୍ଲାଷ୍ଟିକ୍ ବ୍ୟାଣ୍ଡ ଥିବା ତଥା ଡିଜିଟାଲ ଅପରେଟେଡ୍ ସ୍ମାର୍ଟ ୱାଚ୍ ଏବେ ପାଲଟିଛି ଯୁବପିଢ଼ିଙ୍କର ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଗ୍ଲୋବାଲ ସ୍ମାର୍ଟ ୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ବର୍ଷରେ ସମୁଦାୟ ହାତଘଣ୍ଟାର ପ୍ରାୟ ୪୦%ରୁ ଊର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମ୍ଫୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍ ଇତ୍ୟାଦି।

**ମଲ୍ଟିପୁଲ୍ ଫାସିଲିଟି କରିଛି ଲୋକପ୍ରିୟ:** ହାତରେ କେବଳ ଘଣ୍ଟାଟିଏ ବାନ୍ଧି ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଖୁବ୍ ସହଜରେ ଜାଣିପାରିବା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକ ଯୁବପିଢ଼ିଙ୍କ ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ତେଣୁ ଜିମ୍ ଯାଉଥିବା କିମ୍ବା ଜଗିଂ, ରନିଂ, ସାଇକ୍ଲିଂ କରୁଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟ ୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟ ୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଏଥିରେ ଉପଲବ୍ଧ।



**ଫୋନ୍‌ର ଛୋଟ ରୂପ:** ଏଥିରେ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିବା ଅପ୍ସନଠୁ ଆରମ୍ଭ କରି ଆଲାର୍ମ ସେଟ୍ କରିବା, ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିବା, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ଦେଖି ଫୋନ୍ ନ ଧରି ଏଥିରୁ ହିଁ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିବାର ଅପ୍ସନ ରହିଛି। କେବଳ ଏତିକି ନୁହେଁ, ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। ଏମିତିକି କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍‌ଡ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶ୍‌ଲେସ୍ ଶପିଂର ବି ଫାଇଦା ଉଠାଇ ପାରିବେ।

**ଖୋଜିବ ଚୋରି ହୋଇଥିବା ଫୋନ୍:** ହଠାତ୍ ଫୋନ୍ ହଜିଗଲେ ଯେକେହି ବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ କଥା। ହେଲେ ଯଦି ଆପଣ ସ୍ମାର୍ଟ ୱାଚ୍ ବ୍ୟବହାର କରୁଛନ୍ତି, ତେବେ ସେଥିରେ ରହିଛି 'ଫାଇଣ୍ଡ ଫୋନ୍' ନାମକ ଏକ ଆପ୍ଲିକେଶନ୍। ନିଜ ସ୍ମାର୍ଟ ୱାଚ୍‌କୁ ଫୋନ୍ ସହିତ କନେକ୍ଟ କରିଥିଲେ ଏହାଦ୍ୱାରା ଫୋନ୍‌କୁ ଟ୍ରାକ୍ କରି ସହଜରେ ଖୋଜିପାରିବେ ଏବଂ ଆବଶ୍ୟକ ସ୍ଥଳେ ସିମ୍ ଓ ଫୋନ୍ ବ୍ଲକ୍ ମଧ୍ୟ କରିପାରିବେ।

**ଚାର୍ଜେବଲ୍ ଏହି ୱାଚ୍:** ସାଧାରଣତଃ ରିଷ୍ଟ ୱାଚ୍‌ଗୁଡ଼ିକ ତୁଳନାରେ ଏଥିରେ ଫଙ୍କ୍‌ଶନ୍ ଅଧିକ ଥିବାରୁ ଚାର୍ଜ ମଧ୍ୟ ଅଧିକ ଖର୍ଚ୍ଚ ହୋଇଥାଏ। କିନ୍ତୁ ସବୁଠୁ ବଡ଼ କଥା ହେଉଛି, ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାର ଡିମାଣ୍ଡ ଖୁବ୍ ଅଧିକ।

**ୱାଟରପ୍ରୁଫ୍:** ଅଧିକାଂଶ ସ୍ମାର୍ଟୱାଚ୍ ୱାଟରପ୍ରୁଫ୍। ତେଣୁ ଏହାକୁ ରେନି ଡେ'ରେ ପିନ୍ଧିବାରେ କୌଣସି ଅସୁବିଧା ନାହିଁ। ତା'ଛଡା ସ୍ୱିମରମାନେ ଏହାକୁ ପିନ୍ଧି ସ୍ୱିମିଂ ବି କରିପାରୁଛନ୍ତି।

**ରାତିରେ ବି ଦେଖିବା ସହଜ:** ସ୍ମାର୍ଟ ୱାଚ୍ ଗୁଡ଼ିକର ଆଉ ଏକ ସ୍ପେଶାଲ ଫିଚର ହେଉଛି ଲାଇଟ୍। ତେଣୁ ରାତି ଅନ୍ଧାରରେ ବି ସମୟ ଜାଣି ନ ପାରିବା ହେଉ ଅବା କିଏ କଲ୍ କରୁଛି ନ ଦେଖାଯିବାର ଟେନ୍‌ଶନ୍ ନାହିଁ। ତା'ଛଡା ଏଥିରେ ୱାଲ୍‌ପେପର୍ ସେଟିଂ କରି ନିଜ ହେଉ କିମ୍ବା ପସନ୍ଦର ଫଟୋ ବି ରଖିହେବ। ତେବେ ଏଭଳି ବିଭିନ୍ନ ଫିଚର ପାଇଁ ଏହା ଲୋକପ୍ରିୟ ହୋଇପାରିଛି।





# ହାତଲେଖା ଦିଏ ବ୍ୟକ୍ତିତ୍ୱର ପରିଚୟ

**ଲେଖିବାର ଶୈଳୀ ଏବଂ ହସ୍ତାକ୍ଷର ସମସ୍ତଙ୍କର ଭିନ୍ନ ଭିନ୍ନ ହୋଇଥାଏ। ତେବେ ଏକ ଗବେଷଣା ମୁତାବକ ହାତଲେଖାରୁ ମଧ୍ୟ ଜଣଙ୍କର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ ...**



➔ ଗବେଷଣାରୁ ଜଣାପଡ଼ିଛି ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।

➔ ଯେଉଁମାନଙ୍କ ଅକ୍ଷର ଛୋଟ ଛୋଟ, ସେମାନେ ସାଧାରଣତଃ ଅନ୍ତର୍ମୁଖୀ ସ୍ୱଭାବର ହୋଇଥିବା ବେଳେ ବଡ଼ ଅକ୍ଷର ଲେଖୁଥିବା ବ୍ୟକ୍ତି ବହିର୍ମୁଖୀ ହୋଇଥାନ୍ତି।

➔ ଅନେକେ ଜାକି ଜାକି ଲେଖିବାକୁ ଭଲପାଆନ୍ତି। ଅର୍ଥାତ୍ ସେମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ। ତେବେ ଏଭଳି ମଣିଷ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆଜାଦ୍ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।

➔ ସ୍ୱଷ୍ଟ ଦସ୍ତଖତ କରୁଥିବା ବ୍ୟକ୍ତିମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ୱଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନପ୍ରିୟ ହୋଇଥା'ନ୍ତି।

➔ ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି।



ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ୍ୟ ହୋଇଥା'ନ୍ତି।

➔ ଖୁବ୍‌ଶୀଘ୍ର ଏବଂ ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।

➔ କଲମକୁ ଅଳ୍ପ ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

## ଏ ସପ୍ତାହର ପ୍ରଶ୍ନ

୧- .................... ପକ୍ଷରୁ ଫାଇନାନ୍ସିଆଲ୍ ଫ୍ରଡ୍ ରିସ୍କ ଇଣ୍ଡିକେଟର ଆରମ୍ଭ କରାଯାଇଛି ?
୨- ବୁକାପାଟ୍‌ନା ଚିଙ୍କାରା ୱାଇଲ୍ଡଲାଇଫ୍ ସାଙ୍କୁଆରୀ ....... ରାଜ୍ୟରେ ଅବସ୍ଥିତ ?
୩- ୱାଣ୍ଡାନ୍ ମଡ୍ ଭଲ୍‌କାନୋ ............ ଠାରେ ଅବସ୍ଥିତ ?
୪- ତିରୁଚେନ୍ଦୁର ସୁବ୍ରମଣ୍ୟ ସ୍ୱାମୀ ମନ୍ଦିର ........... ରାଜ୍ୟରେ ଅବସ୍ଥିତ ?
୫- ଭାରତରତ୍ନ ସର୍ବପ୍ରଥମେ ........... ମସିହାରେ ପ୍ରଦାନ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଗାଜିଆବାଦ
୨ ମିନିଷ୍ଟ୍ରି ଅଫ୍ ଏକ୍ସଟର୍ନାଲ୍ ଆଫାୟାର୍ସ
୩ କର୍ନାଟକ
୪ ଦ୍ୱାରକା ଏକ୍ସପ୍ରେସ୍ ୱେ
୫ ଜମ୍ମୁ

## ଉତ୍ତରଦାତା


ପ୍ରକାଶ ପ୍ରଧାନ, ଢେଙ୍କାନାଳ


ରବୀନ୍ଦ୍ର କୁମାର ତ୍ରିପାଠୀ, ଭଦ୍ରକ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀରେ ସର୍ବାଧିକ ସଂଖ୍ୟକ ପକ୍ଷୀ



୧- ଡୋମେଷ୍ଟିକ୍ ଚିକେନ୍ .................................... ୩୦ ବିଲିୟନ
୨- ରେଡ୍-ବିଲ୍ଡ କ୍ୱିଲିଆ .................................... ୧.୫ ବିଲିୟନ
୩- ମୌର୍ନିଂ ଡୋଭ୍ .................................... ୪୫୭ ମିଲିୟନ
୪- ଆମେରିକାନ୍ ରବିନ୍ .................................... ୩୧୦ ମିଲିୟନ
୫- କମନ୍ ଫିଜାଣ୍ଟ .................................... ୧୬୦-୨୨୦ ମିଲିୟନ
୬- ରେଡ୍-ୱିଙ୍ଗ୍‌ଡ ବ୍ଲାକ୍‌ବାର୍ଡ .................................... ୨୧୦ ମିଲିୟନ
୭- ଚିପିଂ ସ୍ପାରୋ .................................... ୨୦୦ ମିଲିୟନ
୮- କମନ୍ ଷ୍ଟାର୍ଲିଂ .................................... ୧୦୦-୧୯୯ ମିଲିୟନ
୯- କମନ୍ ସ୍ୱିଫ୍ଟ .................................... ୯୫-୧୬୪ ମିଲିୟନ
୧୦- ୟେଲୋ-ରମ୍ପ୍‌ଡ ୱାର୍‌ବ୍ଲର୍ .................................... ୧୩୦ ମିଲିୟନ

## ହେଲ୍‌ଥ ଆଲର୍ଟ

# ହାନିକାରକ ପ୍ୟାକେଟ୍ ଫ୍ରୁଟ୍‌ଜୁସ୍

**ଫ୍ରୁଟ୍‌ଜୁସ୍ ପିଇବା ଅନେକଙ୍କୁ ଖୁବ୍ ପସନ୍ଦ। ହେଲେ ଫଳ ଆଣି କାଟି, ଗ୍ରାଇଣ୍ଡ କରି ଜୁସ୍ ପ୍ରସ୍ତୁତ କରି ପିଇବା ଭଳି ଲମ୍ବା କାମ ଅପେକ୍ଷା ଶର୍ଟ ଉପାୟରେ ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଜୁସ୍ ପିଇଦେବା ଅଧିକ ସହଜ ବୋଲି ଅନେକେ ବିଶେଷକରି ଯୁବପିଢ଼ି ଭାବନ୍ତି। ହେଲେ ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ...**



❖ ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ।

❖ ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌ରେ ମିଶାଯାଉଥିବା ଆର୍ଟିଫିସିଆଲ୍ କଲର୍ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।

❖ ଫ୍ରୁଟ୍‌ଜୁସ୍‌ରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।



❖ ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ଦେଖାଯାଏ।

ଶର୍କରାର ମାତ୍ରା ଅଧିକ ଥିବାରୁ ଓଜନ ବୃଦ୍ଧି ଏବଂ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

❖ ପ୍ୟାକେଟ୍ ଜୁସ୍‌କୁ ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବାକୁ ସେଥିରେ ବିଭିନ୍ନ କେମିକାଲ୍ ସହିତ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା ବଢ଼ିଥାଏ।

❖ ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଟଟକା ଫଳ ଖାଇବା ଶରୀର ପାଇଁ ହିତକର। ଜୀବନ ଯେତେ ବ୍ୟସ୍ତବହୁଳ ହୋଇ ଥାଉନା କାହିଁକି, ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ବଦଳରେ ଘରେ ପ୍ରସ୍ତୁତ ଫ୍ରୁଟ୍‌ଜୁସ୍ ପିଇବା ସବୁଠୁ ଭଲ।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୩ ଜୁଲାଇ, ୨୦୨୫ | Bhubaneswar, Sunday, 13 July, 2025




# ତୃତୀୟ ଟେଷ୍ଟ: ରାହୁଲଙ୍କ ଶତକ

**ଲର୍ଡ୍ସ,୧୨।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ତୃତୀୟ ଦିନ ଶେଷ ସୁଦ୍ଧା ବରାବର ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ଲୋକେଶ ରାହୁଲଙ୍କ ଶତକ ପରେ ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ବଳରେ ଭାରତୀୟ ଦଳ ମଧ୍ୟ ସମାନ ସ୍କୋରରେ ଅଲ୍‌ଆଉଟ୍ ହୋଇଯାଇଛି। ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ତୃତୀୟ ଦିନ ଶେଷ ସୁଦ୍ଧା ବିନା ଉଇକେଟରେ ୨ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜ୍ୟାକ କ୍ରଲି ୨ ଓ ବେନ୍ ଡକେଟ ବିନା ରନ୍‌ରେ ଅପରାଜିତ ରହିଛନ୍ତି।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୫/୩ରୁ ବ୍ୟାଟିଂ ଆରମ୍ଭ କରି ବଳକା ୭ ଉଇକେଟରେ ୨୪୨ ରନ୍ ଯୋଡ଼ିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରାହୁଲ ଓ ରିଷଭ ପନ୍ତ ଆରମ୍ଭରୁ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ସେଟ୍ ହେବା ପରେ ଦୁହେଁ ଆଟାକିଂ ବ୍ୟାଟିଂ କରିଥିଲେ। ପ୍ରଥମ ସେଶନର ଅନ୍ତିମ ବଲରେ ପନ୍ତ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ପନ୍ତ ୮ ଚୌକା ଓ ୨ ଛକା ସହିତ ୭୪ ରନ୍ କରି ଆଉଟ୍ ହୋଇଥିଲେ। ସେ ରାହୁଲଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୧୪୧ ରନ୍ ଯୋଡ଼ିଥିଲେ। ଦ୍ୱିତୀୟ ସେଶନରେ ରାହୁଲ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ସେ ୧୩ ଚୌକା ସହ ୧୦୦ ରନ୍ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଦଶମ ଓ ଇଂଲଣ୍ଡରେ ଚତୁର୍ଥ ଶତକ ଥିଲା। ଐତିହାସିକ ଲର୍ଡ୍ସ ଭେନ୍ୟୁରେ ଏହା ତାଙ୍କର ଦ୍ୱିତୀୟ ଶତକ ଥିଲା। ଦୀଲିପ ଭେଙ୍ଗସରକରଙ୍କ ପରେ ରାହୁଲ ଦ୍ୱିତୀୟ ଭାରତୀୟ ଭାବେ ଏଭଳି ସଫଳତା ପାଇଛନ୍ତି। ଏହାପରେ ଜାଡେଜା ଓ ନୀତିଶ କୁମାର ରେଡ୍ଡୀ ଷଷ୍ଠ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। ରେଡ୍ଡୀ ୩୦ ରନ୍ କରି ଆଉଟ୍ ହୋଇଥିଲେ। ରେଡ୍ଡୀ ଆଉଟ୍ ହେବା ପରେ ଜାଡେଜାଙ୍କ ସହ ୱାଶିଂଟନ ମିଶି ସପ୍ତମ ଉଇକେଟରେ ୫୦ ରନ୍ ଯୋଡ଼ିଥିଲେ। ଜାଡେଜା ୮ ଚୌକା ଓ ୧ ଛକା ସହିତ ୭୨ ରନ୍ କରି ଆଉଟ୍ ହୋଇଥିଲେ। ଆକାଶ ଦୀପ ୭ ଓ ଯଶପ୍ରୀତ ବୁମରା ବିନା ରନ୍‌ରେ ଆଉଟ୍ ହୋଇଥିବା ବେଳେ ୱାଶିଂଟନ (୨୩) ଅନ୍ତିମ ବ୍ୟାଟର ଭାବେ ପାଭିଲିଅନ ଫେରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱକ୍ସ ୩ ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର ଓ ଷ୍ଟୋକ୍ସ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।


ଶତକ ହାସଲ ପରେ ଉଲ୍ଲସିତ ଲୋକେଶ ରାହୁଲ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/ ଅଲ୍‌ଆଉଟ୍। ଭାରତ ପ୍ରଥମ ଇନିଂସ: ୩୮୭/ ଅଲ୍‌ଆଉଟ୍ (ଲୋକେଶ ରାହୁଲ-୧୦୦, ରିଷଭ ପନ୍ତ-୭୪, ରବୀନ୍ଦ୍ର ଜାଡେଜା-୭୨, ନୀତିଶ କୁମାର ରେଡ୍ଡୀ-୩୦, କ୍ରିସ୍ ୱକ୍ସ-୩/୭୪, ଜୋଫ୍ରା ଆର୍ଚ୍ଚର-୨/୫୨, ବେନ୍ ଷ୍ଟୋକ୍ସ-୨/୬୩)।

## କ୍ୟାଶ-ଗ୍ଲାସପୁଲ ପୁରୁଷ ଡବଲ୍ସ ଚାମ୍ପିୟନ

**ଲଣ୍ଡନ,୧୨।୭**

ପଞ୍ଚମ ସିଡ୍ ବ୍ରିଟେନର ଜୁଲିଆନ କ୍ୟାଶ ଓ ଲୟଡ ଗ୍ଲାସପୁଲ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ଉଭୟ ଖେଳାଳିଙ୍କ ଲାଗି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। କ୍ୟାଶଙ୍କ ଲାଗି ଅଷ୍ଟମ ଟାଇଟଲ ହୋଇଥିବା ବେଳେ ଗ୍ଲାସପୁଲଙ୍କର ଏହା ଦଶମ ଟ୍ରଫି। ଗତ ୮୯ ବର୍ଷରେ ପ୍ରଥମ ବ୍ରିଟିଶ ଯୋଡ଼ି ଭାବେ କ୍ୟାଶ ଓ ଗ୍ଲାସପୁଲ ୱିମ୍ବଲଡନରେ ପୁରୁଷ ଡବଲ୍ସ ଟ୍ରଫି ଉଠାଇଛନ୍ତି। ଅନ୍ତିମ ଥର ୧୯୩୬ରେ ବ୍ରିଟେନର ପ୍ୟାଟ ହଗ୍ସ ଓ ରେମଣ୍ଡ ଟକି ପୁରୁଷ ଡବଲ୍ସ ଟାଇଟଲ ଜିତିଥିଲେ। ଶନିବାର ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ କ୍ୟାଶ ଓ ଗ୍ଲାସପୁଲଙ୍କ ଯୋଡ଼ି ୬-୨, ୭-୬ (୭/୩) ସିଧାସଳଖ ସେଟ୍‌ରେ ଅଣସିଡ୍ ଯୋଡ଼ି ନେଦରଲାଣ୍ଡ୍ସର ଡେଭିଡ୍ ପେଲ ଓ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ହରାଇଛନ୍ତି। ବ୍ରିଟିଶ ଯୋଡ଼ି ପ୍ରଥମ ସେଟ୍‌କୁ ମାତ୍ର ୨୭ ମିନିଟ୍ ମଧ୍ୟରେ ଜିତି ନେଇଥିଲା। ଦ୍ୱିତୀୟ ସେଟ୍‌ରେ ଉଭୟ ଯୋଡ଼ି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

# ସ୍ୱିଟେକଙ୍କୁ ପ୍ରଥମ ୱିମ୍ବଲଡନ ଟାଇଟଲ

**ଲଣ୍ଡନ,୧୨।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଅଷ୍ଟମ ସିଡ୍ ଇଗା ସ୍ୱିଟେକ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଷଷ୍ଠ ଗ୍ରାଣ୍ଡସ୍ଲାମ ଓ ପ୍ରଥମ ୱିମ୍ବଲଡନ ଟାଇଟଲ। ସେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ୱିମ୍ବଲଡନ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି। ଏହି ବିଜୟ ସହ ସ୍ୱିଟେକ ୨୦୨୨ଠାରୁ ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସେମିଫାଇନାଲରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କାଙ୍କୁ ଚକିତ କରିଥିବା ୨୩ ବର୍ଷୀୟା ଆମାଣ୍ଡା ଆନିସିମୋଭା ରନରଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଟେକ ୬-୦, ୬-୦ ସିଧାସଳଖ ସେଟ୍‌ରେ ୧୩ତମ ସିଡ୍ ଆନିସିମୋଭାଙ୍କୁ ହରାଇଛନ୍ତି। ମ୍ୟାଚ୍ ଆରମ୍ଭରୁ ସ୍ୱିଟେକ ପୂରା ପ୍ରଭାବ ବିସ୍ତାର କରି ଖେଳିଥିଲେ। ଏପରିକି ସେ ପ୍ରତିପକ୍ଷ ଖେଳାଳିଙ୍କୁ ଗୋଟିଏ ହେଲେ ଗେମ୍ ଜିତିବାକୁ ଦେଇନଥିଲେ। ଏହି ଏକତରଫା ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୫୭ ମିନିଟ୍ ଲାଗିଥିଲା। ୧୯୧୧ରୁ ଖେଳାଯାଉଥିବା ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଏଭଳି ଏକତରଫା ବିଜୟ ପୂର୍ବରୁ କୌଣସି ଖେଳାଳି ହାସଲ କରି ନଥିଲେ।


ଟ୍ରଫି ସହ ଇଗା ସ୍ୱିଟେକ।

**୧୯ ବର୍ଷରୁ କମ୍ ପ୍ରଥମ ଟେଷ୍ଟ**

## ମାହାତ୍ରେଙ୍କ ଶତକ: ଭାରତ ୪୫୦/୭

**ବେକେନ୍‌ହାମ୍ (ଇଂଲଣ୍ଡ), ୧୨।୭**

ଅଧିନାୟକ ଆୟୁଷ ମାହାତ୍ରେଙ୍କ ଶତକ ସହାୟତାରେ ଭାରତର ୧୯ବର୍ଷରୁ କମ୍ କ୍ରିକେଟ ଦଳ ଇଂଲଣ୍ଡ ବିପକ୍ଷ ପ୍ରଥମ ୟୁଥ୍ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୭ଉଇକେଟ ବିନିମୟରେ ୪୫୦ରନ୍ କରିଛି। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ରନ୍ କରିପାରିଥିଲେ। ଦିନିକିଆରେ ସଂଘର୍ଷ ଚଳାଇଥିବା ମାହାତ୍ରେ ୟୁଥ୍ ଟେଷ୍ଟରେ ତାଙ୍କ ପ୍ରଥମ ପଦାର୍ପଣରେ ୧୧୫ ବଲ୍‌ରେ ୧୪ ଚୌକା ଓ ଦୁଇ ଛକା ସହ ୧୦୨ ରନ୍ କରିଥିଲେ। ସେ ଓ ବିହାନ ମାଲହୋତ୍ରା (୬୭) ଦ୍ୱିତୀୟ ଉଇକେଟରେ ୧୭୩ରନ୍ ଯୋଗ କରିଥିଲେ। ପରେ ଅଭିଜ୍ଞ କୁଣ୍ଡୁ (୯୫ ବଲ୍‌ରୁ ୯୦ରନ୍) ଓ ରାହୁଲ କୁମାର (୮୧ ବଲ୍‌ରୁ ୮୫) ୫ ଉଇକେଟରେ ୧୭୯ ରନ୍ ଯୋଗ କରିବାରୁ ଦଳର ସ୍କୋର ୪୦୦ ଅତିକ୍ରମ କରିଥିଲା। ଏହି ମ୍ୟାଚ୍‌ରେ ଇଂଲଣ୍ଡ ତରଫରୁ ପୂର୍ବତନ ଖେଳାଳି ମାଇକେଲ ଭନ୍‌ଙ୍କ ପୁତ୍ର ୧୭ ବଲ୍‌ରେ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

# ଦେବାଶିଷ ଚାମ୍ପିୟନ



ଦେବାଶିଷ ସାହୁ

**ଭୁବନେଶ୍ୱର,୧୨।୭(ଅନାଦି କର):** ଓଡ଼ିଶାର ଟେନିସ୍ ଖେଳାଳି ଦେବାଶିଷ ସାହୁ ଏଆଇଟିଏ ଓ ଓଟିଏ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ଟେନିସ୍ କୋର୍ଟରେ ଖେଳାଯାଇଥିବା ଏଆଇଟିଏ ମେନ୍ସ ୧ ଲକ୍ଷ କାଟେଗୋରି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୬-୪, ୬-୨ ସିଧାସଳଖ ସେଟ୍‌ରେ ମହାରାଷ୍ଟ୍ରର ଅନୁରାଗ ରେଡ୍ଡୀଙ୍କୁ ହରାଇଛନ୍ତି। ଦେବାଶିଷ ତାଙ୍କ ସଫଳତା ଲାଗି ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, କିଟ୍ ୟୁନିଭରସିଟ୍ ଟେନିସ ଏକାଡେମୀ କୋଚ୍ ଟଡ୍, ଗଗନେନ୍ଦୁ ଦାଶ ଓ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେବାଶିଷ ଆଗାମୀ ଦିନରେ ଆଇଟିଏଫ୍ ପୁରୁଷ ସର୍କିଟରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

# ଫ୍ରାନ୍ସକୁ ହରାଇଲା ଭାରତ 'ଏ'

**ଇଣ୍ଡୋଭେନ୍(ନେଦରଲାଣ୍ଡ୍ସ), ୧୨।୭(ପି.ଟି.):** ଭାରତ ଏ' ହକି ଦଳ ୟୁରୋପିଆନ୍ ଟୁର୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ହକି କ୍ଲବ ଓରାଞ୍ଜେ ରୁଡ୍‌ଠାରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଦଳ ୩-୨ ଗୋଲ୍‌ରେ ଫ୍ରାନ୍ସକୁ ହରାଇଦେଇଛି। ଭାରତ ତରଫରୁ ଫରୱାର୍ଡ ଆଦିତ୍ୟ ଅର୍ଜୁନ ଲାଲ୍‌ଗେ ଡବଲ ଗୋଲ୍‌ସ୍କୋର କରିଥିବା ବେଳେ ବବି ସିଂ ଧାମି ଗୋଟିଏ ଗୋଲ୍ ଦେଇଥିଲେ। ଲାଲ୍‌ଗେଙ୍କ ପ୍ରଥମଟି ଫିଲ୍ଡଗୋଲ୍ ଥିଲା। ଦ୍ୱିତୀୟଟି ପେନାଲ୍ଟି କର୍ନରକୁ କନ୍‌ଭର୍ଟ କରିଦେଇଥିଲେ। ବବିଙ୍କର ମଧ୍ୟ ଫିଲ୍ଡଗୋଲ୍ ଥିଲା। ଫ୍ରାନ୍ସ ପକ୍ଷରୁ କ୍ଲିମେଣ୍ଟ ୨ଟିଯାକ ଗୋଲ୍ ସ୍କୋର କରିଥିଲେ। ଭାରତ ଏ' ରବିବାର ପୁନର୍ବାର ଫ୍ରାନ୍ସ ସହ ମୁକାବିଲା କରିବ। ୟୁରୋପ ଟୁର୍‌ରେ ଥିବା ଦଳକୁ ଆହୁରି ୫ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଭାରତ ଏ' ପୂର୍ବରୁ ଆୟର୍ଲାଣ୍ଡକୁ ୨ଥର ଏବଂ ଫ୍ରାନ୍ସକୁ ଥରେ ପରାସ୍ତ କରିସାରିଛି। ଫ୍ରାନ୍ସ ବିପକ୍ଷ ରିଭର୍ସ ମ୍ୟାଚ୍ ବ୍ୟତୀତ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଦୁଇଟି ଏବଂ ଇଂଲଣ୍ଡ ଓ ବେଲ୍‌ଜିୟମ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଟି୨୦ ବିଶ୍ୱକପ୍ ଖେଳିବ ଇଟାଲୀ

**ନୂଆଦିଲ୍ଲୀ,୧୨।୭:** ଆସନ୍ତା ବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଇଟାଲୀ ଯୋଗ୍ୟତା ହାସଲ କରିଛି। ଶୁକ୍ରବାର ହେଗ୍‌ଠାରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଲାଗି ଖେଳାଯାଇଥିବା ୟୁରୋପ ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ନେଦରଲାଣ୍ଡ୍ସଠାରୁ ଇଟାଲୀ ପରାସ୍ତ ହୋଇଛି। ହେଲେ ନେଟ୍ ରନ୍‌ରେଟ୍ ଯଥେଷ୍ଟ ଭଲ ଥିବାରୁ ଦଳ ପ୍ରଥମଥର ପାଇଁ କ୍ରିକେଟ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ଖେଳାଯିବ। ପୂର୍ବରୁ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଟାଲୀ ୨୦ ଓଭରରେ ୭ ଉଇକେଟରେ ୧୩୪ ରନ୍ କରିଥିଲା। ଯୋଗ୍ୟତା ହାସଲ କରିବା ପାଇଁ ପ୍ରତିପକ୍ଷ ନେଦରଲାଣ୍ଡ୍ସକୁ ଅତିକମ୍ ୧୪ ଓଭର ପର୍ଯ୍ୟନ୍ତ ଖେଳାଇବାର ଥିଲା। କିନ୍ତୁ ନେଦରଲାଣ୍ଡ୍ସ ୧୭ତମ ଓଭରରେ ମ୍ୟାଚ୍ ଜିତିଥିଲା। ୨୦୨୬ ଟି୨୦ ବିଶ୍ୱକପ୍ ଲାଗି ଏପର୍ଯ୍ୟନ୍ତ ୧୫ଟି ଦଳ ଯୋଗ୍ୟତା ହାସଲ କରିସାରିଛନ୍ତି। ଏହି ତାଲିକାରେ ଆୟୋଜକ ଭାରତ ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, କାନାଡା, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଦେଶ ରହିଛନ୍ତି। ଇଷ୍ଟ ଏସିଆ ଓ ପାସିଫିକ୍ (ଇଏପି)ରୁ ୩ ଓ ଆଫ୍ରିକା କ୍ୱାଲିଫାୟରରୁ ୨ ଦଳ ବିଶ୍ୱକପ୍ ଲାଗି ଟିକେଟ୍ ହାସଲ କରିବେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ